# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୪/୨୦୨୪ (୨୦ ପୃଷ୍ଠା) | Bhubaneswar, Wednesday, February 14/2024 | Page 20 | ₹ 7.00

୫୦ଶ ଭାଗ ୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 82 | ମୂଲ୍ୟ ₹୭/-



## Aakashians Conquer JEE (Main) 2024

SESSION-1

Aakash

Perfect Score! #300/300

100 Percentile

RISHI S SHUKLA
TWO YEAR CLASSROOM PROGRAM

99.99 Percentile
100 Percentile in Physics & Chemistry
SRI RAM A
TWO YEAR CLASSROOM PROGRAM

99.99 Percentile
100 Percentile in Physics
VISWANATH K S
FOUR YEAR CLASSROOM PROGRAM

*129 100 PERCENTILERS (PHY. OR CHEM. OR MATHS)

847 99+ PERCENTILES

3565 95+ PERCENTILES

*INCLUDES STUDENTS FROM CLASSROOM, DISTANCE & DIGITAL COURSES

Still Counting

OUR TOP PERFORMERS FROM CLASSROOM PROGRAM

Scan the QR code to check all the results & watch what our toppers have to say.

- Priyanshu Kumar, 4 Year Classroom — 99.99 Percentile
- Hardik Aggarwal, 2 Year Classroom — 99.99 Percentile, 100 Percentile in Maths
- Sanvi Jain, 4 Year Classroom — 99.99 Percentile, 100 Percentile in Chemistry
- Soukarya Bhattacharya, 4 Year Classroom — 99.99 Percentile, 100 Percentile in Physics
- Rithvik Perumalla, 2 Year Classroom — 99.98 Percentile
- Akshat Banzal, 4 Year Classroom — 99.98 Percentile, 100 Percentile in Physics
- Raaj, 4 Year Classroom — 99.98 Percentile, 100 Percentile in Chemistry
- Amritansha Sinha, 4 Year Classroom — 99.98 Percentile, 100 Percentile in Maths
- Archisman Dhar, 4 Year Classroom — 99.98 Percentile, 100 Percentile in Chemistry & Physics
- Krishna Sai Shishir Vuppala, 4 Year Classroom — 99.98 Percentile, 100 Percentile in Maths
- Rohan Ramprakash Shukla, 2 Year Classroom — 99.97 Percentile, 100 Percentile in Maths
- Anish Daruka, 1 Year Classroom — 99.97 Percentile
- Poorvansh Tiwari, 4 Year Classroom — 99.97 Percentile
- Sreeja Srinivasan, 4 Year Classroom — 99.97 Percentile
- Zaman Husain, 4 Year Classroom — 99.97 Percentile, 100 Percentile in Physics
- Murikinati Sai D Teja Reddy, 2 Year Classroom — 99.97 Percentile
- Swayam Prakash Pani, 4 Year Classroom — 99.97 Percentile, 100 Percentile in Chemistry & Physics
- Rudra Vedant Vuppuluri, 4 Year Classroom — 99.97 Percentile
- Sreeram M A, 2 Year Classroom — 99.96 Percentile, 100 Percentile in Physics
- Mridul Garg, 2 Year Classroom — 99.96 Percentile

and many more...

TOPPERS OF Aakash ODISHA CLASSROOM PROGRAM

- Swayam Prakash Pani, 4 Year Classroom — 99.97 Percentile, 100 Percentile in Chemistry & Physics
- Debasish Panda, 2 Year Classroom — 99.95 Percentile, 100 Percentile in Physics
- Keshaw Ranjan, 2 Year Classroom — 99.91 Percentile
- Yash Kumar Sao, 1 Year Classroom — 99.89 Percentile
- Anuj Subudhi, 2 Year Classroom — 99.86 Percentile
- Ashutosh Nayak, 4 Year Classroom — 99.85 Percentile
- Shreyansh Vikas Mishra, 2 Year Classroom — 99.82 Percentile
- Ayush Ayushman, 2 Year Classroom — 99.77 Percentile, 100 Percentile in Physics

and many more...

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.
#As per student response sheet and NTA answer key.

## Start Now with Aakash

### ADMISSIONS OPEN

NEET, JEE, Foundation (Class 8-10)

Take the free online Instant Admission Cum Scholarship Test (iACST).

Get Upto 90% Total Scholarship

SCAN TO ENROLL

T&C APPLY*

- 35+ YEARS OF ACADEMIC EXCELLENCE
- ACTIVITY BASED LEARNING, EXPERIMENT BASED VIDEOS AND MORE
- 300+ BRANCHES ACROSS INDIA
- WORKSHOPS & FOCUSED MODULES
- 1,22,000+ AAKASHIANS QUALIFIED NEET & JEE IN 2023
- NEET/JEE CHALLENGER: PREVIOUS YEARS' PAPERS, DETAILED INSIGHTS
- TECHNOLOGY ENABLED LEARNING
- KNOW YOUR NCERT: TOOL FOR IN-DEPTH UNDERSTANDING OF NCERT

Features are available for selected courses. Visit aakash.ac.in/prospectus to download prospectus.

*T&C APPLY

Admissions also open for Crash Course for JEE / NEET 2024. Apply now for Early Bird Benefits##.

### CALL YOUR NEAREST BRANCH

- Bhubaneswar (Bhoumanagar) 8800852494, 7008005000
- Bhubaneswar (Chandrasekharpur) 8800874104, 7008005000
- Cuttack (Link Road) 8800849243, 7008005000
- Baleswar Branch 8800538720, 7008005000
- Berhampur Branch 8800502470, 7008005000
- Sambalpur Branch 8448693770, 7008005000

SCAN FOR NEAREST BRANCH

CALL (TOLL-FREE): 1800-102-2727 | VISIT: aakash.ac.in

Aakash BYJU'S

ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୪/୨୦୨୪ | Bhubaneswar, Wednesday, February 14/2024

DSPL-652

ଆମ ଓଡ଼ିଶା ନବୀନ ଓଡ଼ିଶା | ଓଡ଼ିଶା ସରକାର | 5T



## ଗଞ୍ଜାମ ଜିଲ୍ଲା

# ବିକାଶର ନୂତନ ଧାରା

- ଜଳସେଚନ, ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ସେତୁ, କୋଠାବାଡି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ସହରାଞ୍ଚଳ ବିକାଶ ଏବଂ ବିଦ୍ୟୁତ ଶକ୍ତି ଯୋଗାଣ କ୍ଷେତ୍ରରେ **୩୯୫୨ କୋଟି ଟଙ୍କାର** ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ ।
- ଗୋପାଳପୁରରେ **୨୭ ହଜାର କୋଟି ଟଙ୍କା** ନିବେଶରେ ଏ.ସି.ଏମ୍.ଇ (ACME Group) ଦ୍ୱାରା ୧.୧୦ ଏମ୍.ଏମ୍.ଟି.ପି.ଏ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ପ୍ରତିଷ୍ଠା ସହିତ ୩୭୦୦ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ।
- ଗୋପାଳପୁରରେ **୮ ହଜାର କୋଟି ଟଙ୍କା** ନିବେଶରେ 'ଆଭାଡା' (AVAADA) ଗ୍ରୀନ୍ ଏଚ୍-୨ ପ୍ରାଇଭେଟ୍ ଲିମିଟେଡ ଦ୍ୱାରା ୦.୫ ଏମ୍.ଟି.ପି.ଏ ଗ୍ରୀନ୍ ହାଇଡ୍ରୋଜେନ୍ /ଆମୋନିଆ ପ୍ଲାଣ୍ଟ ପ୍ରତିଷ୍ଠା ସହିତ ୧୫୦୦ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ।
- ଗୋପାଳପୁର ବନ୍ଦର ଏବଂ ଟାଟା ଷ୍ଟିଲ୍ ଏସ୍.ଇ.ଜେଡ୍, ଗୋପାଳପୁର ମଧ୍ୟରେ **୧୨୮.୮୮ କୋଟି ଟଙ୍କା** ବ୍ୟୟରେ 'ୟୁଟିଲିଟି କରିଡର' ନିର୍ମାଣ ।

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ**

**ଶେରଗଡ଼ ॥ ଶୀତଳାପଲ୍ଲୀ**
**୧୪ ଫେବୃଆରୀ ୨୦୨୪**

## ପରବର୍ତ୍ତୀ ପର୍ଯ୍ୟାୟର ବିକାଶ
## ଅତୁଳନୀୟ ରୂପାନ୍ତରଣ









OIPR-15001/13/0351/2324

ଗଞ୍ଜାମ ଜିଲ୍ଲା ପ୍ରଶାସନ ॥ ସୂଚନା ଓ ଲୋକସମ୍ପର୍କ ବିଭାଗ

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୪/୨୦୨୪ | Bhubaneswar, Wednesday, February 14/2024



DSPL-649

ODISHA NEW OPPORTUNITIES | 5T | ଆମ ଓଡ଼ିଶା ନବୀନ ଓଡ଼ିଶା



"ଶିଳ୍ପାୟନ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା ଆମର ଲକ୍ଷ୍ୟ । ଏହି ସବୁ ନୂତନ ଶିଳ୍ପ ହେବା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ ଏବଂ ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ଏକ ଶିଳ୍ପ ଶକ୍ତି ଭାବେ ଗଢି ଉଠିବ"

(Naveen Patnaik)
Chief Minister, Odisha




## ରାଜ୍ୟରେ ବୃହତ ଗ୍ରୀନ ହାଇଡ୍ରୋଜେନ୍ ଏବଂ ଗ୍ରୀନ ଆମୋନିଆ ପ୍ରକଳ୍ପ
## ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶିଳାନ୍ୟାସ
## ୧୪ ଫେବୃଆରୀ ୨୦୨୪ | ଗୋପାଳପୁର, ଗଞ୍ଜାମ

**ACME CLEANTECH SOLUTIONS PRIVATE LIMITED**

୨୭,୦୦୦ କୋଟି ଟଙ୍କାର ପୁଞ୍ଜି ନିବେଶ | ୪,୦୦୦ ଯୁବ ପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ

**AVAADA GREEN H2 PRIVATE LIMITED**

୮,୦୦୦ କୋଟି ଟଙ୍କାର ପୁଞ୍ଜି ନିବେଶ | ୧,୫୦୦ ଯୁବ ପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ

**COME. JOIN THE JUGGERNAUT.**

Email us at: info@investodisha.org
For any queries or inquiries give a missed call on: 01732351348
Please visit http://www.investodisha.gov.in/
Follow us on @investInOdisha /InvestOdisha

Scarecrow M&CSaatchi/2024/Feb

OIPR-14005/13/0046/2024

**ଆଜିର ମନ୍ତବ୍ୟ**
"ଆନ୍ଦୋଳନରତ କୃଷକମାନେ ନିଜ ସମସ୍ୟା ନେଇ ସରକାରଙ୍କ ସହ ଆଲୋଚନା କଲେ ସୁଫଳ ମିଳିବ। ହିଂସା ଓ ଭଙ୍ଗାରୁଜା ସମାଧାନର ପନ୍ଥା ନୁହେଁ।
– ଅନୁରାଗ ଠାକୁର, ସୂଚନା ଓ ପ୍ରସାରଣ ମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ୟୁନିଟ୍-୮, ସମୟ: ସକାଳ ୬ଟା। ସ୍ଥାନ: ଧର୍ମ ବିହାର, ଖଣ୍ଡଗିରି, ସମୟ: ସକାଳ ୭ଟା। ସ୍ଥାନ: ବାଲିଆପଟା (ରସୁଲଗଡ଼)ଓ ଜୟଦେବ ବିହାର, ସମୟ: ସକାଳ ୮ଟା। ସ୍ଥାନ: ଖାରବେଳ ନଗର ଓ ନୀଳାଦ୍ରି ବିହାର, ସମୟ: ସକାଳ ୯ଟା ୩୦।
- ବସନ୍ତ ପର୍ବ ଉତ୍ସବ ପାଳନ ଓ ଶ୍ରୀରାମ ସେବା ସଂସ୍ଥାନ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ, ସ୍ଥାନ: ପଞ୍ଚସଖା ଭବନ, ଶୈଳଶ୍ରୀ ବିହାର, ସମୟ: ସକାଳ ୮ଟା ୩୦।
- ସରସ୍ୱତୀ ପୂଜା, ସ୍ଥାନ: ବଡ଼ଗଡ଼ ବ୍ରିଟ୍ କଲୋନୀ ମୁଖ୍ୟରାସ୍ତା ପାଣିଟାଙ୍କି ସମ୍ମୁଖ, ସମୟ: ସକାଳ ୯ଟା ୩୦।
- ୧୦ମ ଅନ୍ତର୍ଜାତୀୟ ରେଡିଓ ମେଳା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଏଏସିସିଆଇ ବିଜନେସ୍ ସମିଟ୍ ଆଣ୍ଡ ଏକ୍ସପୋ ଗ୍ରୀନ କନକ୍ଲେଭ୍, ସ୍ଥାନ: ମେ ଫେୟାର ଲାଗୁନ, ସମୟ: ପୂର୍ବାହ୍ନ ୧୧ଟା।
- ସାଇ ୟୁଥ୍ କ୍ଲବ ପକ୍ଷରୁ ସରସ୍ୱତୀ ପୂଜା, ସ୍ଥାନ: ମଧୁସୂଦନ ନଗର, ୟୁନିଟ୍-୪, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ବିନାୟକ ୟୁଥ୍ ଆସୋସିଏଶନ ପକ୍ଷରୁ ସରସ୍ୱତୀ ପୂଜା, ସ୍ଥାନ: ଆସୋସିଏଶନ ପରିସର, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- . ସ୍ୱସ୍ତିକ୍ ଷ୍ଟୁଡିଓର ଗ୍ରାଣ୍ଡ ଓପନିଂ, ସ୍ଥାନ: ବଡ଼ଟାଙ୍ଗୀ, ସମୟ: ମଧ୍ୟାହ୍ନ ୧୨ଟା।
- ସାହିତ୍ୟ ପତ୍ରିକା 'ଝରଣା'ର ଉନ୍ମୋଚନ ଉତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ଅପରାହ୍ନ ୫ଟା ୩୦।
- 'କଥା'ର ୩୭ତମ ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ମାତୃ – ପିତୃ ପୂଜନ ଦିବସ ପାଳନ, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ

- ଭଗବତୀ ବିଦ୍ୟା ନିକେତନରେ ସରସ୍ୱତୀ ପୂଜା, ସ୍ଥାନ: ଅଠରନଳା, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଯୁକ୍ତ ୨ ମାଧ୍ୟମିକ ବିଦ୍ୟାଳୟରେ ସରସ୍ୱତୀ ପୂଜା, ସ୍ଥାନ: ଘୋଡ଼ା ବଜାର, ସମୟ: ସକାଳ ୯ଟା। ସ୍ଥାନ: ହରଚଣ୍ଡୀ ସାହି, ସମୟ: ସକାଳ ୯ଟା। ସ୍ଥାନ: ମଧୁବନ, ସମୟ: ସକାଳ ୯ଟା ୩୦।
- ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ସନ୍ ଫ୍ଲାୱାର ସ୍କୁଲ, ସମୟ: ସକାଳ ୯ଟା ୩୦।
- ବଡ଼ଦାଣ୍ଡ ସେବା ପକ୍ଷରୁ ଶହୀଦ ଦିବସପାଳନ, ସ୍ଥାନ: ମରିଚୀ କୋଟ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ନବମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ସର୍ବଭାରତୀୟ ଆମନ୍ତ୍ରିତ ଫୁଟବଲ ଟୁର୍ଣ୍ଣାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ନିମାପଡ଼ାସ୍ଥିତ ବାରବାଟୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ହୋଲି ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୭ଟା।
- ବୈଦ୍ୟନାଥ ଦେବଙ୍କ ପୀଠରେ ୩୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ବଡ଼ାଶ, ସମୟ: ଅପରାହ୍ନ ୪ଟା।
- କଣାସ ବଡ଼ମଠ ରାଧାକାନ୍ତ ଦେବଙ୍କ ପୀଠରେ ଯଜ୍ଞ ଆରମ୍ଭ, ସ୍ଥାନ: ପୀଠ ପରିସର, ସମୟ: ଅପରାହ୍ନ ୪ଟା।

## କଟକ

- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସରସ୍ୱତୀ ପୂଜା ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ, ସ୍ଥାନ: ସାହିତ୍ୟ ସମାଜ ପରିସର, ସମୟ: ସକାଳ ୮ଟା ୩୦।
- ବାଲୁବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ହାତୀପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।
- ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ସରସ୍ୱତୀ ପୂଜା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଦ୍ୱିତୀୟ ବାବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ, ସ୍ଥାନ: ତିଗିରିଆ ଜେମାଦେଇପୁର ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମହାନଦୀ ବନ୍ଧ ରାସ୍ତାର ଶିଳାନ୍ୟାସ, ସ୍ଥାନ: କିଶୋର ନଗର, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା

- ସିଗ୍ମା ପବ୍ଲିକ ସ୍କୁଲରେ ସରସ୍ୱତୀ ପୂଜା, ସ୍ଥାନ: ବିଡିଏ କଲୋନୀ ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ବିଦ୍ୟାମନ୍ଦିର ପରିସର, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଜିଲା ପ୍ରେସ କ୍ଲବ କାର୍ଯ୍ୟାଳୟରେ ସରସ୍ୱତୀ ପୂଜା, ସ୍ଥାନ: ଟିଏମ୍‌ସି ରୋଡସ୍ଥିତ କାର୍ଯ୍ୟାଳୟ ପରିସର, ଖୋର୍ଦ୍ଧା, ସମୟ: ସକାଳ ୯ଟା।
- ମା'ବଘେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍, ସ୍ଥାନ: ଦେଉଳଟାଙ୍ଗୀ, ଖୋର୍ଦ୍ଧା,ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମା'ସରସ୍ୱତୀଙ୍କ ୩୮ତମ ପୂଜା, ସ୍ଥାନ: ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ବିଦ୍ୟାମନ୍ଦିର ପରିସର, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ଜଟଣୀ ହାଟବଜାରସ୍ଥିତ ଶିଶୁମନ୍ଦିର ପରିସର, ସମୟ: ସକାଳ ୯ଟା।
- କ୍ଷେତ୍ରବାସୀ ସରକାରୀ ସ୍କୁଲରେ ସରସ୍ୱତୀ ପୂଜା, ସ୍ଥାନ: ନିରାକାରପୁର, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ଆର୍ଯ୍ୟବିହାର, ନିରାକାରପୁର, ସମୟ: ପୂର୍ବାହ୍ନ ୧୧ଟା।
- ଡିଏଭି ସ୍କୁଲରେ ସରସ୍ୱତୀ ପୂଜା, ସ୍ଥାନ: ଡିଏଭି ସ୍କୁଲ ପରିସର, ନିରାକାରପୁର,ସମୟ: ପୂର୍ବାହ୍ନ ୧୧ଟା।
- ଷ୍ଟେଟ ବ୍ରିଗେଡ଼ିଆର ସ୍କୁଲରେ ସରସ୍ୱତୀ ପୂଜା, ସ୍ଥାନ: ସ୍କୁଲ ପରିସର, ବୋଡ଼ଙ୍ଗାରାପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- କୋଲୁହାପାଟଣା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୋଲୁହାପାଟଣା, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ନାଗେଶ୍ୱର ମହାଦେବଙ୍କ ମହାରୁଦ୍ର ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ପାତ୍ରପଡ଼ା, ଜଗନ୍ନାଥପୁର (ଜଟଣୀ), ସମୟ : ଅପରାହ୍ନ ୫ଟା ୩୦।
- ସାମାଜିକକର୍ମୀ ରତ୍ନମଣୀ ଦେବୀଙ୍କ ଚତୁର୍ଥ ବାର୍ଷିକ ସ୍ମୃତିଚାରଣ ସଭା ଓ ପ୍ରତିଭା ସମ୍ମାନ ଉତ୍ସବ, ସ୍ଥାନ: ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ବରିଷ୍ଠ ନାଗରିକ ସେବା ସଂଘ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବିଦ୍ୟାଦାତ୍ରୀ ସରସ୍ୱତୀ ଦେବୀଙ୍କ ପୂଜନ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ସିମୁଳିଆ ଦୈନିକ ପରିବା ମାର୍କେଟ ପକ୍ଷରୁ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା, ସ୍ଥାନ: ସିମୁଳିଆହାଟ, ମଧୁପୁରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ଏଭିଏମ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଖଇରା ଆଦର୍ଶ ଶିକ୍ଷା ମନ୍ଦିର ମାତୃପିତୃ ସମ୍ମିଳନୀ ଓ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ଆଳଦା, ଖଇରା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମୟୂରଭଞ୍ଜ

- ସରସ୍ୱତୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାବିଧି, ସ୍ଥାନ:ଉଦଳା, ସମୟ:ସକାଳ ୭ଟା।

## ଭଦ୍ରକ

- 'ବଞ୍ଚି ଆସିଥିବା ବିଶ୍ୱାସ' ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଈଶାଣପୁର ମଠ, ଗୁଆମାଳ, ତିହିଡ଼ି, ସମୟ: ଅପରାହ୍ନ ୩ଟା।
- ଝୋଟି ପ୍ରତିଯୋଗିତା ଓ ମାତୃ ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତିହିଡ଼ି, ସମୟ: ଅପରାହ୍ନ ୩ଟା।
- କଳ୍ପତରୁ ଶିକ୍ଷା ସେବାଶ୍ରମର ସାମ୍ବତ୍ସରିକ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ସେବାଶ୍ରମ ପରିସର, ବଂଶୀପାଟଣା, ବାସୁଦେବପୁର, ସମୟ: ପ୍ରାତଃ ୫ଟା।
- ନବରାତ୍ର ନାମ ମହାଯଜ୍ଞ ସଂକୀର୍ତ୍ତନ ଉତ୍ସବ, ସ୍ଥାନ: ମା' ସର୍ବମଙ୍ଗଳା ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୬ଟା।

## କେନ୍ଦୁଝର

- ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କେନ୍ଦୁଝରର ନୂତନ ଶାଖା ବୈଭବ ବାଟିକା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନିଉ କଲୋନୀ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ବଂଶଧାରା ବସନ୍ତ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଗୁଣପୁର ବାଘୁଆ ଦେଉଳ ପଛପଟ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ମୁଖ୍ୟମନ୍ତ୍ରୀ ମକା ମିଶନ ଅଧୀନ କୃଷି ଉତ୍ପାଦନକାରୀ ସଂଗଠନର ବାର୍ଷିକ ଅଧିବେଶନ ଓ କୃଷି ମେଳା, ସ୍ଥାନ: ଉମରକୋଟ ଆରଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଚିକଲପଦରସ୍ଥିତ ଦଣ୍ଡକାରଣ୍ୟ ଆଦର୍ଶ ବିଦ୍ୟାଳୟରେ ମାତୃପିତୃ ପୂଜନ ଉତ୍ସବ, ସ୍ଥାନ: ଚିକଲପଦର, ସମୟ: ପୂର୍ବାହ୍ନ ୧୧ଟା.୩୦।

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସମ୍ବଲପୁର ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ବିର୍ସା ମଇଦାନ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟରେ ମୋ ଫେଷ୍ଟ କାର୍ଯ୍ୟକ୍ରମ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପୋଲିସର ଜନସମ୍ପର୍କ ଶିବିର, ସ୍ଥାନ: ଲାଠୋର ଥାନା ବୁଢାଛାପର ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଟିଟିଲାଗଡ ନାଗରିକ ମଞ୍ଚ ତରଫରୁ ରକ୍ତଦାନ ଶିବିର, ସ୍ଥାନ: ମହାବୀର ପଞ୍ଚାୟତି ଧର୍ମଶାଳା, ସମୟ: ସକାଳ ୯ଟା।

## ରାଉରକେଲା

- ସୂର୍ଯ୍ୟକାନ୍ତ ମେମୋରିଆଲ କ୍ରିକେଟ ମ୍ୟାଚ, ସ୍ଥାନ: ଡିଏଭି ପଡିଆ, ସମୟ: ସକାଳ ୯ଟା।
- ଧନଞ୍ଜୟ ଜୟନ୍ତୀ, ସ୍ଥାନ: ସିଭିଲ ଟାଉନଶିପ, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍ଗୀତ ଶିଳ୍ପୀ ସମାଜର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୨୦, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତା ସମାବେଶ, ସ୍ଥାନ: ସେକ୍ଟର ୨୧, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ଅଟୋମେଟିକ୍ ଡିଲରଶିପ୍ ଷ୍ଟୋର ଉଦ୍‌ଘାଟନ, ସ୍ଥାନ: କୋଣାର୍କ ଟକିଜ, ସମୟ: ଅପରାହ୍ନ ୩ଟା।
- ଅନ୍ତର୍ଜାତୀୟ ମହିଳା ହକି ପ୍ରୋ-ଲିଗ ମ୍ୟାଚ, ସ୍ଥାନ: ଅନ୍ତର୍ଜାତୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ଛେଣ୍ଡ, ସମୟ: ଅପରାହ୍ନ ୫ଟା ୩୦।

## ବରଗଡ଼

- ସଙ୍କଳ୍ପ ପରିବାରର ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ସମୟ: ସକାଳ ୮ଟା ୩୦।
- ଶ୍ରୀନୃସିଂହ ଓ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ରକ୍ଷିପାଲି ଜଡ଼ା, ସମୟ: ପୂର୍ବାହ୍ନ ୧୧ଟା ୧୪।
- ନବନିର୍ମିତ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସ: ଦେବତାଙ୍କ ପ୍ରାଣ ପ୍ରତିଷ୍ଠା. ସ୍ଥାନ: ଅତାବିରା ବ୍ଲକ ଲାରସରା ପଞ୍ଚାୟତ କର୍ମାଟିକ୍ରା, ସମୟ: ସକାଳ ୯ଟାରୁ ଆରମ୍ଭ।

## କଳାହାଣ୍ଡି

- ଗୋଟୋମୁଣ୍ଡା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ପଞ୍ଚାୟତ ରେଙ୍ଗାଲି ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ରିଷିଡ଼ା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ବାପୁଜୀ ମିନିଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ଶା କାର୍ଯ୍ୟକ୍ରମ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ଗ୍ରାମପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ:କୋମନା ବ୍ଲକ ପଲସିପାଣି, ସିଲଭା ଓ କୁରେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

## ବୌଦ୍ଧ

- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହରଭଙ୍ଗା ବ୍ଲକର ଶଙ୍କୁଲୋଇ ପଞ୍ଚାୟତ ସମ୍ମୁଖ ହାଟପଡ଼ିଆ ଏବଂ ଲୁଣିବାହାଲ ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- କୋ – ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ବୁଢାରାଜା ଯୁବ ସଂଗଠନ ପକ୍ଷରୁ ୧୨ତମ ରକ୍ତଦାନ ଶିବିର, ସ୍ଥାନ : ସୋନପୁର ବୁଢାରାଜା ଛକ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୀରମହାରାଜପୁର ବ୍ଲକର ଚମ୍ପାପୁର ଗ୍ରାମ, ସମୟ: ସକାଳ ୭ ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଭାଲୁଡୁଙ୍ଗୁରୀ ଖେଳପଡିଆ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ପୂଜା ପାଳନ, ସ୍ଥାନ: ଅମରପାଲି ହାଇସ୍କୁଲ,ସମୟ: ସକାଳ ୯ଟା।
- ଶିଶୁ ମହୋତ୍ସବ 'ମହକ', ସ୍ଥାନ: ବହଲପଦର ଗ୍ରାମ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୬ ଟା।
- ପାତାଳୀ ମହୋତ୍ସବ ପଞ୍ଚମ ଦିବସର ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର, ସମୟ: ଅପରାହ୍ନ ୫ ଟା।
- ଛପନ ପ୍ରହରୀ ନାମଯଜ୍ଞର ପଞ୍ଚମ ଦିବସ, ସ୍ଥାନ: ପାତାଳୀ ଶ୍ରୀକ୍ଷେତ୍ର, କୋଟସମଲାଇ, ସମୟ: ସକାଳ ୬ଟା।
- କେନ୍ଦୁପତ୍ର ଗୋଛାକଟା ପାଇଁ ପୂଜା, ସ୍ଥାନ: ଅମରପାଲିସ୍ଥିତ କେନ୍ଦୁପତ୍ର କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ : ପୂର୍ବାହ୍ନ ୧୦ ଟା।
- ଫ୍ଲଡ ଲାଇଟ ସାରକିଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଉଲୁଣ୍ଡା ବ୍ଲକ ଗୁରପଙ୍ଗା ଖେଳପଡିଆ, ସମୟ : ସନ୍ଧ୍ୟା ୭ ଟାରୁ ଆରମ୍ଭ।
- ଅଷ୍ଟପ୍ରହରୀ ନାମଯଜ୍ଞ ଅଧିବାସ, ସ୍ଥାନ: ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ହରିଜନପଡ଼ା, ସମୟ: ସକାଳ ୭ ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଯାତ୍ରା, ସ୍ଥାନ: ବିନିକା ପାପକ୍ଷୟ ଘାଟ, ସମୟ : ସକାଳ ୭ଟା।
- ଜନଔଷଧି କେନ୍ଦ୍ରର ଶୁଭାରମ୍ଭ , ସ୍ଥାନ: ରାଜାଜିମାର୍ଗ, ବିନିକା, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ସରସ୍ୱତୀ ପୂଜା ପାଳନ, ସ୍ଥାନ:ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ଗ୍ରାମ ବାର୍ଷିକ ଉତ୍ସବ, ସରସ୍ୱତୀ ପୂଜା, ସ୍ଥାନ: ବଡଗୁଣ୍ଡରୀ ପଞ୍ଚାୟତ ଯୋରାଡଙ୍ଗା, ସମୟ: ମଧ୍ୟାହ୍ନ ୧୨ଟା
- ସରସ୍ୱତୀ ପୂଜା ପାଳନ, ସ୍ଥାନ:ନବକୃଷ୍ଣ ଚୌଧୁରୀ ବିଇଡି କଲେଜ, ସମୟ: ସକାଳ ୮ଟା ୩୦।
- ସରସ୍ୱତୀ ପୂଜା ପାଳନ, ସ୍ଥାନ: ଗାନ୍ଧୀମାର୍ଗ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ଲକ୍ଷ୍ମୀନାରାୟଣ ପାଠାଗାର,ସମୟ: ସକାଳ ୮ଟା ୩୦।
- କଂଗ୍ରେସ ପକ୍ଷରୁ ବିଜେଡି ଓ ଭାଜପା ବିବାହ ଆୟୋଜନ, ସ୍ଥାନ: ଅନୁଗୋଳ ପୌରପାଳିକା ଛକ, ସମୟ: ପୂର୍ବାହ୍ନ ୧୧ ଘଣ୍ଟିକା।

## ଗଞ୍ଜାମ

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ, ସ୍ଥାନ: ଶୀତଳାପଲୀ,ବ୍ରହ୍ମପୁର, ସମୟ: ମଧ୍ୟାହ୍ନ ୧୨ଟା ୨୫।
- କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ, ସ୍ଥାନ: ଭଞ୍ଜନଗର ବ୍ଲକ କୁଲାଡ/ ଭଞ୍ଜନଗରସ୍ଥିତ ଭଞ୍ଜ ସାହିତ୍ୟ ପରିଷଦ, ସମୟ: ଅପରାହ୍ନ ୪ଟା/ସନ୍ଧ୍ୟା ୬ଟା।
- ହରେକୃଷ୍ଣ ପ୍ରଧାନ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ, ସ୍ଥାନ : ଭଞ୍ଜନଗର ବ୍ଲକ ମୁଜାଗଡ, ସମୟ : ଅପରାହ୍ନ ୪ ଟା।
- ଚବିଶି ପ୍ରହର ଅଖଣ୍ଡ ନାମଯଜ୍ଞ ଓ ଅନ୍ନଯଜ୍ଞ, ସ୍ଥାନ:ମୋଟାବାଡି, ବୁଗୁଡ଼ା, ସମୟ:ସକାଳ ୮ଟା।
- ମା ବୁଢୀ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ବକ୍ସିପଲ୍ଲୀ (ବୁଗୁଡା ବ୍ଲକ), ସମୟ:ସକାଳ ୮ଟା।

## କନ୍ଧମାଳ

- ଜିଲାସ୍ତରୀୟ ଜନଜାତି ସଂସ୍କୃତି ଓ ଖେଳକୁଦ ପର୍ବ ଉଦ୍‌ଯାପନୀ ଦିବସ, ସ୍ଥାନ :ଫୁଲବାଣୀ କରୋନେସନ ପଡିଆ, ସମୟ:ସନ୍ଧ୍ୟା ୬ଟା।
- ଟିମ ହ୍ୟୁମାନିଟି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ :ରକ୍ତ ଭଣ୍ଡାର ପରିସର, ସମୟ: ସକାଳ ୯ଟା ୩୦।
- ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଫୁଲବାଣୀ ମାଦିକୁନ୍ଦା ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ବିଶ୍ୱଶାନ୍ତି ମହାଯଜ୍ଞ, ହନୁମାନ ଚାଳିଶା ପଠନ, ସ୍ଥାନ: ବାବା ବିଶ୍ୱନାଥ ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ,କରଣ ସାହି ବଡ଼ ମଠ, ସମୟ:ପୂର୍ବାହ୍ନ ୧୦ଟା।
- ଭାଗବତ ସପ୍ତାହର ଦ୍ୱିତୀୟ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ରାଧାନାଥ କଲୋନୀ, ସମୟ: ପୂର୍ବାହ୍ନ ୯ଟା।
- ଶ୍ରୀ ସୃଜନର ତୃତୀୟ ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ନୟାଗଡ଼ ନିଉ ଜନତା ହଲ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶ୍ରୀବଳଦେବଜୀଉଙ୍କ କାଞ୍ଚି କାବେରୀ ବେଶ, ସ୍ଥାନ: ଇଚ୍ଛାପୁର, ସମୟ: ସକାଳ ୭ଟା।
- ମା' କ୍ଷେତ୍ରପାଳିନୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ, ସ୍ଥାନ: ମେଳଣ ପଡିଆ, ହରିଅଙ୍କ, ଡେରାବିଶ, ସମୟ: ସକାଳ ୮ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କଂସାର ବଡଦାଣ୍ଡୁଆ, ବଳିପାଳ ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ମା' ସରସ୍ୱତୀଙ୍କ ପୂଜନୋତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସୁକିନ୍ଦା କ୍ରୋମାଇଟ ମାଇନ୍ସ, ସମୟ: ପୂର୍ବାହ୍ନ ୮ଟା।
- ମା' ସରସ୍ୱତୀ ଦେବୀଙ୍କ ପୂଜନୋତ୍ସବ, ସ୍ଥାନ: କାଳିଆପାଣି ଉଚ୍ଚ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ମା' ସରସ୍ୱତୀଙ୍କ ପୂଜନୋତ୍ସବ, ସ୍ଥାନ: ଯାଜପୁର ରୋଡ ମୁଣ୍ଡୋମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ଆଦିବାସୀଙ୍କ ମା' ଗରିଆ ପୂଜା କାଳସୀ ଡ୍ୟାମ୍ବ, ସ୍ଥାନ:ବଇରକୁଣ୍ଡ, ସମୟ:ପୂର୍ବାହ୍ନ ୧୧ଟା
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ,ସ୍ଥାନ: ଝରାପାଲ୍ଲୀ ପଞ୍ଚାୟତ, ସମୟ: ମଧ୍ୟାହ୍ନ ୧୨ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦରକାର ନାହିଁ ସରକାରକୁ,
ରାଜି ନାହିଁ ମୋର ବୁଢ଼ା ବରକୁ।**

ବର ଓ କନ୍ୟାଙ୍କ ଭିତରେ ବୟସର ତାରତମ୍ୟ ଯେତେ କମ୍ ହୋଇଥାଏ ସେମାନଙ୍କ ମଧ୍ୟରେ ସମ୍ପର୍କ, ବିଶ୍ୱାସ ଓ ବୁଝାମଣା ସେତେ ଅଧିକ ଦୃଢ଼ ହୋଇଥାଏ। ଅର୍ଥ ଥିଲେ ଯେ ସବୁ ସୁଖ ସମ୍ପଦ ମିଳିଯିବ ତାହା ନୁହେଁ, ମନ ସହ ମନର ମିଳନ ହେବା ମଧ୍ୟ ଜରୁରୀ ହୋଇଥାଏ। ଏପରିସ୍ଥିତିରେ ବୟସାଧିକ ବ୍ୟକ୍ତିଙ୍କ ସହ ବିବାହ କରିବା ନେଇ କନ୍ୟା ଜଣକ ଅନିଚ୍ଛା ପ୍ରକାଶ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୂର ଲୋକ ପୁର ଖାଏ,
ପାଖ ଲୋକ ବାସନା ନ ପାଏ।**

ଯେଉଁ ବ୍ୟକ୍ତି ଦୂରରେ ରହିଥାଏ, କଦବା କ୍ୱଚିତ୍ ଘରକୁ ଆସିଥାଏ ସେହି ବ୍ୟକ୍ତି ଭଲ ଚର୍ଚ୍ଚା ପାଇଥାଏ। ପରନ୍ତୁ ଯିଏ ଆଖପାଖରେ ରହିଥାଏ, ବରାବର ଯିବା ଆସିବା କରୁଥାଏ ସେହି ବ୍ୟକ୍ତି ସେତେଟା ଆଦର ସମ୍ମାନ ପାଇ ନ ଥାଏ। ସାନ୍ନିଧ୍ୟ ହେତୁ ଅଭ୍ୟର୍ଥନାରେ ଅବହେଳା। ଅତି ଗୋଡ଼ ଘୋଷରା ହେଲେ ସମ୍ମାନହାନି ଘଟିବା ଆଶଙ୍କା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସୋନପୁର-ବୌଦ୍ଧ ରେଳ ସେକ୍ସନ ପ୍ରକଳ୍ପ ନିରୀକ୍ଷଣ କଲେ ମହାପ୍ରବନ୍ଧକ

**ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସୋନପୁର ଏବଂ ବୌଦ୍ଧ ମଧ୍ୟରେ ନିର୍ମାଣାଧୀନ ରେଳ ଲାଇନ ସେକ୍ସନକୁ ନିରୀକ୍ଷଣ କରିଛନ୍ତି। ଏହି ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କ ସହିତ ସମ୍ବଲପୁର ରେଳ ମଣ୍ଡଳର ଅଧିକାରୀମାନେ ଉପସ୍ଥିତ ଥିଲେ। ଶର୍ମା ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରି ଧାର୍ଯ୍ୟ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜନକୈନ୍ଦ୍ରିକ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପଶ୍ଚିମ ଓ ଉପକୂଳ ଓଡିଶାକୁ ସଂଯୋଗ କରିବା ସହିତ ଦୁର୍ଗମ ଅଞ୍ଚଳ ଜିଲାଗୁଡ଼ିକୁ ମଧ୍ୟ ସେବା ଯୋଗାଇବ। ମୋଟ ୩୦୧ କି.ମି.ର ଏହି ପ୍ରକଳ୍ପର ଏପର୍ଯ୍ୟନ୍ତ ୧୫୨.୮୦୫ କି.ମି. ରେଳ ଲାଇନ କାର୍ଯ୍ୟ ଶେଷ ହେବା ସହ ଯାତ୍ରୀଙ୍କୁ ରେଳ ସେବା ପ୍ରଦାନ କରାଯାଇଛି। ଶୀଘ୍ର ଏହି ପ୍ରକଳ୍ପକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀରରୁ ଚାଲିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କି.ମି. ଏବଂ ବାଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କି.ମି. କାର୍ଯ୍ୟ ଶେଷ ହୋଇସାରିଛି। ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୩ କି.ମି. ଦୀର୍ଘ ନୂତନ ରେଳପଥର କାର୍ଯ୍ୟ ଦ୍ରୁତଗତିରେ ଚାଲୁରହିଥିବାବେଳେ ଆସନ୍ତା ଦୁଇମାସ ମଧ୍ୟରେ ଶେଷ କରାଯିବାକୁ ସମୟ ଧାର୍ଯ୍ୟ କରାଯାଇଛି। ଅବଶିଷ୍ଟ ରେଳପଥ ନିର୍ମାଣ କାର୍ଯ୍ୟ ଅର୍ଥାତ୍ ଦଶପଲ୍ଲାଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ୭୫ କି.ମି.ର ନିର୍ମାଣ କାର୍ଯ୍ୟ ଡିସେମ୍ବର ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପୂର୍ବତଟ ରେଳପଥର ଯୋଜନା ରହିଥିବା ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ରାଶ୍ୟାଧିପ ଉଚ୍ଚସ୍ଥ ହେତୁ କର୍ମକ୍ଷେତ୍ରରେ ନୈରାଶ୍ୟ ଦୂରେଇଯାଇ ପ୍ରତିଷ୍ଠା ଲାଭ କରିବେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କାମରେ ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ରହିବେ।

**ବୃଷ** – ଠିକ୍ ବିଚାର ଓ ସମୟୋପଯୋଗୀ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଅନ୍ୟମାନଙ୍କ ଉପରେ ବିରକ୍ତ ହେବା ଦ୍ୱାରା ସମସ୍ୟା କମିବା ବଦଳରେ ବୃଦ୍ଧି ପାଇବ। ପରୋକ୍ଷ ଶତ୍ରୁତା ଦୈନିକ ଜୀବନଚର୍ଯ୍ୟାକୁ କେତେକାଂଶରେ ପ୍ରଭାବିତ କରିପାରେ।

**ମିଥୁନ** – ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ଉଦ୍ୟମକୁ ସାକାର କରିପାରିବେ ନାହିଁ। ଛୋଟ କଥାକୁ ନେଇ ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ବ୍ୟବସାୟିକ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବା କଷ୍ଟକର ହୋଇପାରେ।

**କର୍କଟ** – କର୍ମଭାବରେ ଚତୁଃଗ୍ରହ ଯୋଗ ସୃଷ୍ଟି ହେଉଥିବାରୁ ଅସମ୍ଭବ ସମ୍ଭବ ହେବ। ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରିପାରିବା କାରଣରୁ ଟେନସନ୍ କମିଯିବ। ସମସ୍ୟା ସମାଧାନ ହେବାରେ କୌଣସି ପଦସ୍ଥ ବ୍ୟକ୍ତି ସାହାଯ୍ୟ କରିପାରନ୍ତି। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** – ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବାରେ ସାହାଯ୍ୟ କରିବ। ବନ୍ଧୁଗହଣରେ ଆଲୋଚନା କାଳରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ଏଜେନ୍‌ସିପ୍, କଳା,ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପ୍ରିୟଜନଙ୍କ ସହ ବିବାଦ କାରଣରୁ ଭାଙ୍ଗି ପଡନ୍ତୁ ନାହିଁ।

**କନ୍ୟା** – ପାରିବାରିକ କ୍ଷେତ୍ରରେ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ, କୁଟୀରଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି। ଉପର ଅଧିକାରୀମାନେ ଆପଣଙ୍କ ସହଯୋଗ ଆଶା କରିପାରନ୍ତି।

**ତୁଳା** – କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରି ଆନନ୍ଦ ଅନୁଭବ କରିପାରନ୍ତି। ଭଲ ସମ୍ପର୍କ ରହିଥିବା ସହକର୍ମୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ପରିବାରରେ ପିଲାଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବା କାରଣରୁ ମନେ ମନେ ବିରକ୍ତ ହୋଇପାରନ୍ତି। କଳା, ସାହିତ୍ୟ, ସଂସ୍କୃତି ପ୍ରତି ଆଗ୍ରହୀ ହୋଇପାରନ୍ତି।

**ବିଛା** – ବୃହସ୍ପତି ଷଷ୍ଠଭାବରେ ରହିଥିବାରୁ ପୂର୍ବରୁ ଯାହା ଆଶା କରୁଥିଲେ ତାହାର ବିପରୀତ ଫଳ ମନରେ ନୈରାଶ୍ୟ ସୃଷ୍ଟି କରିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ ଚର୍ଚ୍ଚା ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନସନ୍ ବଢ଼ିପାରେ।

**ଧନୁ** – ଅପ୍ରିୟସତ୍ୟ ପ୍ରକାଶ କରି ବନ୍ଧୁ ଗହଣରେ ବିବାଦୀୟ ହୋଇପାରନ୍ତି। ବନ୍ଧୁମାନଙ୍କ ପରାମର୍ଶରେ ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ସମୟ ବିନିଯୋଗ କରିବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** – ପରିବାରର ପରିସ୍ଥିତିକୁ ଆଖି ଅଗରେ ରଖି ଧାର କରଜ କରି କାମ ତୁଲାଇବେ। ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କଥା ଚିନ୍ତା କରି ପାଖ ମାଡିବେ ନାହିଁ। ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସୁଫଳ ପାଇବେ।

**କୁମ୍ଭ** – ସମସ୍ୟା ମଧ୍ୟରେ ସଂଘର୍ଷ କରି ଦୀର୍ଘ ଦିନର ଆଶାକୁ ପୂରଣ କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ନିକଟରୁ ଅର୍ଥ ପାଇବା ସଙ୍ଗକୁ ଅଧାପନ୍ତରିଆ କାର୍ଯ୍ୟଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି କମିବା ବଦଳରେ ବଢ଼ିଯିବ। ଶତ୍ରୁତା କେତେକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ମନରେ ଜାଗତ ହୋଇପାରେ।

**ମୀନ** – ଦୀର୍ଘଦିନଧରି ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ବନ୍ଧୁମାନଙ୍କ ମଧ୍ୟରେ ବୁଝାମଣା ସମ୍ପର୍କରେ ଉନ୍ନତି ହେତୁ ବିବାଦୀୟ ସ୍ଥିତି ଦୂର ହେବ। ପରିବାରରେ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ।

ଆଜି ଫେବୃଆରୀ ୧୪ ତାରିଖ, ମାଘମାସ ଶୁକ୍ଳପକ୍ଷର ଶ୍ରୀପଞ୍ଚମୀ ବୁଧବାର, ସରସ୍ୱତୀ ପୂଜା, ଭାଲେଣ୍ଟାଇନ୍ସ ଦିବସ, ରାଶିନକ୍ଷତ୍ର-ଦିବା ଘ.୧୦.୪୪ମି. ପର୍ଯ୍ୟନ୍ତ ରେବତୀ/ମୀନ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ. ୦୬.୨୦ମି. ଗତେ ଘ.୦୭.୫୧ମି. ମଧ୍ୟେ, ଘ.୧୦.୩୫ମି. ଗତେ ଘ.୧୧.୩୮ମି. ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୧୨.୦୦ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୪/୨୦୨୪ | Bhubaneswar, Wednesday, February 14/2024 | ପୃଷ୍ଠା-୧







# ଆନ୍ଦୋଳନକାରୀଙ୍କୁ ଲାଠିମାଡ଼

## ଏମ୍‌ଏସ୍‌ପି ଦାବି: ଦିଲ୍ଲୀ ସୀମାରେ ଚାଷୀ

**ଚଣ୍ଡିଗଡ଼/ନୂଆଦିଲ୍ଲୀ,୧୩।୨**

ନିଜ ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ନିଶ୍ଚିତ କରିବା ସକାଶେ ଆଇନ ପ୍ରଣୟନ ଦାବିରେ କୃଷକମାନେ ପ୍ରାୟ ୨୭ ମାସ ପରେ ମଙ୍ଗଳବାର ଦିଲ୍ଲୀ ସୀମାରେ ପୁଣି ଏକତ୍ରିତ ହୋଇଛନ୍ତି। ୨୬ କୃଷକ ସଙ୍ଗଠନ ପକ୍ଷରୁ 'ଦିଲ୍ଲୀ ଚଲୋ' ଆହ୍ୱାନ ଦିଆଯାଇଥିବାରୁ ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ମଧ୍ୟ ପ୍ରଦେଶର ଅନେକ ହଜାର ଚାଷୀ ଜାତୀୟ ରାଜଧାନୀ ଭିତରକୁ ପ୍ରବେଶ ଉଦ୍ୟମ କରିଛନ୍ତି। ସେମାନଙ୍କ ଉପରେ ପୋଲିସ ପ୍ରଶାସନ ପାଣି ବର୍ଷା ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। କୁରୁକ୍ଷେତ୍ର ସମେତ କେତେକ ସ୍ଥାନରେ ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଲାଠିମାଡ଼ କରିଛି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ☞ପୃଷ୍ଠା-୧୨



'ଦିଲ୍ଲୀ ଚଲୋ' ଶୋଭାଯାତ୍ରା ବେଳେ ପଞ୍ଜାବ-ହରିୟାଣାର ସମ୍ଭୁ ସୀମାରେ ମଙ୍ଗଳବାର କଂକ୍ରିଟ୍ ବ୍ୟାରିକେଡ୍‌କୁ ଭାଙ୍ଗିଦେଇଛନ୍ତି ଆନ୍ଦୋଳନକାରୀ କୃଷକ। (ଫଟୋ: ପିଟି)

## ରବର ବୁଲେଟ୍ ମାଡ଼ରେ ଖବରଦାତା ଆହତ

**ନୂଆଦିଲ୍ଲୀ,୧୩।୨**

କୃଷକ ଆନ୍ଦୋଳନ ବେଳେ ପଞ୍ଜାବ-ହରିୟାଣା ଶମ୍ଭୁ ସୀମାରେ ମଙ୍ଗଳବାର ରବର ବୁଲେଟ୍ ମାଡ଼ରେ 'ଆଜ୍‌ତକ୍'ର ଜଣେ ଖବରଦାତା ଆହତ ହୋଇଛନ୍ତି। ସମ୍ଭୁ ସୀମାରେ ଅରାଜକ ସ୍ଥିତି ଉପୁଜିଥିବାବେଳେ ଖବରଦାତା ସତ୍ୟେନ୍ଦ୍ର ଚୌହାନ ରିପୋର୍ଟ ସଂଗ୍ରହ କରୁଥିଲେ। ପୋଲିସ ପକ୍ଷରୁ ବିକ୍ଷୋଭକାରୀଙ୍କ ଉପରେ ଡ୍ରୋନ୍‌ରୁ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଥିଲା। ଏତିକିବେଳେ ସତ୍ୟେନ୍ଦ୍ରଙ୍କ ଦେହରେ ଏକ ରବର ବୁଲେଟ୍ ବାଜିଥିଲା। ଲାଇଭ୍ ରିପୋର୍ଟିଂ କରୁଥିବା ସତ୍ୟେନ୍ଦ୍ର ଚିତ୍କାର କରିଥିଲେ, ମୋ ଦେହରେ ଗୁଳି ବାଜିଛି। ଆହତ ଅବସ୍ଥାରେ ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଘରୋଇ ଉପଭୋକ୍ତାଙ୍କ ପାଇଁ ବିଜୁଳି ଖୁସି

### ୟୁନିଟ୍ ପିଛା ୧୦ ପଇସା କମିଲା ବିଦ୍ୟୁତ୍ ଦର

- **ବିପିଏଲ୍ ଉପଭୋକ୍ତା ପାଇଁ ୩୦ ୟୁନିଟ୍ ଦର ୧୦ ଟଙ୍କା ହ୍ରାସ**
- **ଇ-ବିଲ୍ ନେଲେ ମିଳିବ ୧୦ ଟଙ୍କା ରିହାତି**
- **ଇ.ଭି. ଚାର୍ଜ ୟୁନିଟ୍ ପିଛା ୫୦ ପଇସା କମିଲା**

**ଭୁବନେଶ୍ୱର,୧୩।୨(ଅନିଲ ଦାସ)**

ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ଖୁସି ଖବର। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କୌଣସି ବିଦ୍ୟୁତ୍ ଶୁଳ୍କ ବଢ଼ିବ ନାହିଁ। ଅନ୍ୟପକ୍ଷରେ ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଘରୋଇ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ୍ ଦର ହ୍ରାସ କରିଛନ୍ତି। ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ପ୍ରତ୍ୟେକ ୟୁନିଟ୍ ପିଛା ୧୦ ପଇସା ହ୍ରାସ ହୋଇଛି। ଘରୋଇ ବ୍ୟତୀତ ଅନ୍ୟ ସମସ୍ତ ବର୍ଗର ଉପଭୋକ୍ତାଙ୍କ ବିଦ୍ୟୁତ୍ ଦର ଅପରିବର୍ତ୍ତିତ ରହିବ। ଦାରିଦ୍ର୍ୟ ସୀମାରେଖା ତଳେ(ବିପିଏଲ) ଥିବା ଉପଭୋକ୍ତାଙ୍କୁ ମାସିକ ୩୦ ୟୁନିଟ୍ ପିଛା ୮୦ ଟଙ୍କା ଲେଖାଏ ଦେବାକୁ ପଡୁଥିଲା। ସେଥିରେ ୧୦ ଟଙ୍କା ହ୍ରାସ କରାଯାଇଛି। ଅର୍ଥାତ୍ ଏବେ ବିପିଏଲ୍ ଉପଭୋକ୍ତାଙ୍କୁ ୮୦ ଟଙ୍କା ବଦଳରେ ୭୦ ଟଙ୍କା ଦେବାକୁ ପଡ଼ିବ। ଏହାଦ୍ୱାରା ଗରିବ ବିଦ୍ୟୁତ୍ ଉପଭୋକ୍ତାମାନେ ବିଶେଷ ଉପକୃତ ହେବେ। ଯେଉଁ ଉପଭୋକ୍ତାମାନେ କାଗଜ ବିଲ୍ ବଦଳରେ ଇ-ବିଲ୍ ନେବେ ସେମାନଙ୍କୁ ପ୍ରତ୍ୟେକ ବିଲ୍‌ରେ ୧୦ ଟଙ୍କା ଲେଖାଏ ରିହାତି ଦିଆଯିବ। ଏହାଛଡ଼ା ବୈଦ୍ୟୁତିକ ଯାନ ଚାର୍ଜ ପାଇଁ ଥିବା ଦରରେ ହ୍ରାସ କରାଯାଇଛି। ଏଥିପାଇଁ ପୂର୍ବରୁ ୟୁନିଟ୍ ପିଛା ୫ ଟଙ୍କା ୫୦ ପଇସା ଥିବାବେଳେ ଏବେ ଏହାକୁ ୫ ଟଙ୍କାକୁ କମାଇ ଦିଆଯାଇଛି। ସେହିପରି ଗ୍ରୀନ୍ ଏନର୍ଜି ଶୁଳ୍କକୁ ୟୁନିଟ୍ ପିଛା ୨୫ ପଇସା ବଦଳରେ ୨୦ ପଇସାକୁ ହ୍ରାସ କରାଯାଇଛି।

ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇଥିବା ଗ୍ରାହକଙ୍କୁ ଆଗରୁ ୨% ରିବେଟ୍ ଦିଆଯାଉଥିଲା। ଏବେ ୨ ବଦଳରେ ୪% ରିବେଟ୍ ଦେବା ପାଇଁ ଆୟୋଗ ଘୋଷଣା କରିଛନ୍ତି। ସେହିପରି ଶୀତଳଭଣ୍ଡାର ପାଇଁ ଯୋଗାଇ ଦିଆଯାଉଥିବା ବିଦ୍ୟୁତ୍ ଶୁଳ୍କରେ ମଧ୍ୟ ହ୍ରାସ କରାଯାଇଛି। ପୂର୍ବରୁ ଶୀତଳଭଣ୍ଡାରଗୁଡ଼ିକୁ ୟୁନିଟ୍ ପିଛା ୪ ଟଙ୍କା ୬୦ ପଇସା ଦେବାକୁ ପଡୁଥିଲା। ସେଥିରେ ୧.୬୦ ପଇସା ହ୍ରାସ କରାଯାଇଛି। ଏଣିକି ଶୀତଳଭଣ୍ଡାରଗୁଡ଼ିକ ୟୁନିଟ୍ ପିଛା ୩ ଟଙ୍କା ଦେବେ ବୋଲି ଆୟୋଗ ଘୋଷଣା କରିଛନ୍ତି। ବୃହତ୍ ଉଠା ଜଳସେଚନ ଉପଭୋକ୍ତାଙ୍କୁ ୟୁନିଟ୍ ପିଛା ୨ ଟଙ୍କା ଲେଖାଏ ରିହାତି ଦିଆଯାଇଛି। ଏହି ରିହାତି ପରେ ୟୁନିଟ୍ ପିଛା ସେମାନଙ୍କୁ ୩ ଟଙ୍କା ୮୦ ପଇସା ଲେଖା ଦେବାକୁ ପଡ଼ିବ। ସେହିପରି ଗ୍ରାମାଞ୍ଚଳ(ଏଲ୍‌ଟି) ଉପଭୋକ୍ତ ନିର୍ଦ୍ଧାରିତ ☞ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

**ସୁରକ୍ଷାରେ ଲାଭ**

# ମମତା ଯୋଜନାରେ ମିଳିବ ୨ଗୁଣ ଟଙ୍କା

### ୫,୦୦୦ରୁ ୧୦,୦୦୦ ଟଙ୍କା ହେଲା

**ଭୁବନେଶ୍ୱର,୧୩।୨(ଅନିଲ ଦାସ)**

ରାଜ୍ୟ ସରକାର ମମତା ଯୋଜନା ସହାୟତା ରାଶି ୨ ଗୁଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହି ଘୋଷଣା କରିଛନ୍ତି। ବର୍ତ୍ତମାନ ମମତା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ୨ଟି କିସ୍ତିରେ ୫ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ମୁଖ୍ୟମନ୍ତ୍ରୀଙ୍କ ନୂଆ ନିଷ୍ପତ୍ତି ଅନୁଯାୟୀ ଗର୍ଭବତୀ ମହିଳାମାନଙ୍କୁ ୧୦ ହଜାର ଟଙ୍କା ସହାୟତା ମିଳିବ। ପିଛିଲା ଭାବେ ୨୦୨୩ ଅଗଷ୍ଟରୁ ସମସ୍ତ ଯୋଗ୍ୟ ☞ପୃଷ୍ଠା-୯

# ଆନ୍ଦୋଳନରେ ଶିକ୍ଷକ, ପରୀକ୍ଷା ପରିଚାଳନା ବାଧାପ୍ରାପ୍ତ ଆଶଙ୍କା

### ୧୬ରେ ଯୁକ୍ତ୨, ୨୦ରେ ମାଟ୍ରିକ ପରୀକ୍ଷା

**ଭୁବନେଶ୍ୱର, ୧୩।୨ (ଅସମାପିକା ସାହୁ)**

ଆସିଲାଣି ପରୀକ୍ଷା ଋତୁ। କିନ୍ତୁ ଆନ୍ଦୋଳନରେ ଶିକ୍ଷକ। ଦାବି ପୂରଣ ନ ହେଲେ ପରୀକ୍ଷା ପରିଚାଳନାକୁ ନେଇ ଦୃଢ଼ ପଦକ୍ଷେପ ନେଇପାରନ୍ତି ଶିକ୍ଷକ। ତେଣୁ ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ସରକାର ଦାବି ପୂରଣ କରନ୍ତୁ ବୋଲି ଶିକ୍ଷକମାନେ ଚେତାବନୀ ଦେଇଛନ୍ତି। ଏ ପରିସ୍ଥିତିରେ ଆସନ୍ତା ମାଟ୍ରିକ, ଯୁକ୍ତ୨ ପରୀକ୍ଷା ପରିଚାଳନାରେ ଗୁରୁତର ସମସ୍ୟା ଉପୁଜିପାରେ ବୋଲି ଆଶଙ୍କା ଦେଖାଗଲାଣି।

ଆସନ୍ତା ୨୦ତାରିଖରୁ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ପ୍ରାୟ ୬ଲକ୍ଷ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ତେବେ ପରୀକ୍ଷା ସମୟ ପାଖେଇ ଆସୁଥିଲେ ମଧ୍ୟ ଶିକ୍ଷକଙ୍କ ଚେତାବନୀକୁ ନେଇ ଚିନ୍ତା ବଢ଼ିଛି। ଗତ ୭ ତାରିଖରୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ମାଧ୍ୟମିକ ଶିକ୍ଷକମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନରେ ବସିଛନ୍ତି। ରାଜ୍ୟରେ ଥିବା ୩,୫୦୦ ହାଇସ୍କୁଲର ପ୍ରାୟ ୩୫ହଜାର ଶିକ୍ଷକ ଏଥିରେ ସାମିଲ ହୋଇଛନ୍ତି। ଏଥିମଧ୍ୟରେ ୨,୬୦୮ନୂତନ ଅନୁଦାନପ୍ରାପ୍ତ, ୬୦୮ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍କୁଲର ଶିକ୍ଷକ ଥିବାବେଳେ ବାକିସବୁ ସ୍କୁଲଗୁଡ଼ିକ ୩୦ବର୍ଷ ହେଲା କାର୍ଯ୍ୟ କରୁଥିଲେ ମଧ୍ୟ ଅନୁଦାନ ପାଇନାହାନ୍ତି। ☞ପୃଷ୍ଠା-୧୨


SIKSHA 'O' ANUSANDHAN

**Empowering students for a brighter future**

LAW PROGRAMMES OFFERED
- BA LLB (H) - Integrated Law
- BBA LLB (H) - Integrated Law
- LLB (H) - 3 Years Law
- LLM

APPROVAL & RECOGNITIONS
- Approved by UGC & BCI
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 08th Best in Law Category
- 15th Best in University Category

To apply for admission through CLAT 2024, Please visit: www.admission.soa.ac.in


# ସତ୍ୟେନ୍ଦୁ କର ରାଜ୍ୟ ଟପ୍ପର

### ଜେଇଇ ମେନ୍ (ସେସନ-୧) ପରୀକ୍ଷା ଫଳ ପ୍ରକାଶ



ସତ୍ୟେନ୍ଦୁ କର

**ଭୁବନେଶ୍ୱର,୧୩।୨ (ଅସମାପିକା ସାହୁ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ ମେନ୍ (ସେସନ-୧) ୨୦୨୪ ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ଦେଶର ୨୩ଜଣ ଛାତ୍ର ୧୦୦ ପର୍ସେଣ୍ଟାଇଲ ସ୍କୋର୍ ରଖିଥିବାବେଳେ ଗୁଜରାଟର ଦ୍ୱୀଜା ଧର୍ମେଶକୁମାର ପଟେଲ ୯୯.୯୯ ପର୍ସେଣ୍ଟାଇଲ ସ୍କୋର ରଖି ଛାତ୍ରୀଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି। ତେବେ ଏଥିରେ ଓଡ଼ିଶାର ସତ୍ୟେନ୍ଦୁ କର ୯୯.୯୮ ପର୍ସେଣ୍ଟାଇଲ ସ୍କୋର୍ ରଖି ☞ପୃଷ୍ଠା-୧୨




“ ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତ ଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

-ସରସ୍ୱତୀ ପୂଜା, ଶ୍ରୀପଞ୍ଚମୀ ଓ ବସନ୍ତୋତ୍ସବ

# ସୁରକ୍ଷାରେ ଲାଭ

ଜୈବମଣ୍ଡଳ ଉପରେ ଜୀବନ ତିଷ୍ଠି ରହିଛି। ଏହାର କ୍ଷତି ହେଲେ ସାରା ଜୀବଜଗତ ଧ୍ୱଂସାଭିମୁଖୀ ହେବ ବୋଲି ଗବେଷକମାନେ ସତର୍କ କରିଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜୈବବିବିଧତା (ବାୟୋ ଡାଇଭର୍ସିଟି) ସୁରକ୍ଷା ପାଇଁ ସାରା ବିଶ୍ୱରେ ତତ୍ପରତା ପ୍ରକାଶ ପାଇଛି। ଭାରତରେ ମଧ୍ୟ ଏହାର ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କରେ ଆଲୋଚନା ମାତ୍ର ଏବେ ଆରମ୍ଭ ହୋଇଛି। ସଂରକ୍ଷିତ ଜଙ୍ଗଲକୁ ବାଦ୍‌ଦେଲେ ଭାରତରେ ମୋଟ ୩୭ ବାୟୋଡାଇଭର୍ସିଟି ହେରିଟେଜ୍ ସାଇଟ୍ (ଜୈବବିବିଧତା ଐତିହ୍ୟ ସ୍ଥଳ) ଅଛି। ଏଥିମଧ୍ୟରେ କର୍ଣ୍ଣାଟକ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ତ୍ରିପୁରା ଆଗରେ ଥିବାବେଳେ ଓଡ଼ିଶାରେ ଜୈବବିବିଧତା ସୁରକ୍ଷା ପ୍ରତି ଗୁରୁତ୍ୱ ବୃଦ୍ଧିପାଉଛି। ଏହି କ୍ରମରେ ସରକାର କୋରାପୁଟ ଜିଲା ଗୁପ୍ତେଶ୍ୱର ଜଙ୍ଗଲକୁ ବାୟୋଡାଇଭର୍ସିଟି ହେରିଟେଜ୍ ସାଇଟ୍ (ବିଏଚ୍‌ଏସ୍) ଭାବେ ଘୋଷଣା କରିଛନ୍ତି। ଫଳରେ ରାଜ୍ୟରେ ବିଏଚ୍‌ଏସ୍ ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ ଗନ୍ଧମାର୍ଦ୍ଦନ ପାହାଡ଼(ବଲାଙ୍ଗୀର ଓ ବରଗଡ଼), ମଣ୍ଡାସାରୁ ପାହାଡ଼ (କନ୍ଧମାଳ), ମହେନ୍ଦ୍ରଗିରି(ଗଜପତି)କୁ ବିଏଚ୍‌ଏସ୍ ଭାବେ ଘୋଷଣା କରାଯାଇଥିଲା। ତେବେ ୩୫୦ ହେକ୍ଟର ବ୍ୟାପୀ ଗୁପ୍ତେଶ୍ୱର ଜଙ୍ଗଲ ଭଳି ଜୈବ ସମୃଦ୍ଧ ଅଞ୍ଚଳକୁ ବାୟୋଡାଇଭର୍ସିଟି ହେରିଟେଜ୍ ସାଇଟ ଘୋଷଣା କରାଯିବା ସ୍ୱାଗତଯୋଗ୍ୟ। କିନ୍ତୁ ଜୀବ ଓ ଉଦ୍ଭିଦଗୁଡ଼ିକର ସୁରକ୍ଷାର ବାସ୍ତବତାକୁ ଦେଖିଲେ ପ୍ରଶ୍ନବାଚୀ ସୃଷ୍ଟିହୁଏ। ସଂରକ୍ଷିତ ଜଙ୍ଗଲ ହେଉ କିମ୍ବା ବିଏଚ୍‌ଏସ୍‌ଗୁଡ଼ିକରେ ଶିକାରୀ, ଚୋରା ବେପାରୀଙ୍କ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅଣାଯାଇପାରିନାହିଁ। ଓଡ଼ିଶାରେ ସବୁ ଖବରକାଗଜକୁ ଦେଖିଲେ ସବୁଦିନ ବାଘ ଓ ହରିଣ ଛାଲ ଜବତ ହେବା, ହାତୀ ମୃତ୍ୟୁହେବା, ମୂଲ୍ୟବାନ୍ କାଠ ଚୋରି ଖବର ଦେଖବାକୁ ମିଳୁଛି। ବାସ୍ତବରେ ବନ୍ୟପ୍ରାଣୀ କିମ୍ବା ଗଛ ଭଳି ଜୈବଭଣ୍ଡାରର ସୁରକ୍ଷାରେ ସ୍ଥାନୀୟ ନାଗରିକଙ୍କ ପାଇଁ ସୁଯୋଗ ରହିଛି। ଯଦି ସେଠାକାର ବାସିନ୍ଦାଙ୍କୁ ହାତୀ ସୁରକ୍ଷା କରିବାରେ ସୁଯୋଗ ଦିଅନ୍ତେ, ଯଥା ହାତୀକୁ ମାରିବା ଲାଗି ବୋମା ଖଞ୍ଜିଥିବା ବ୍ୟକ୍ତି ଓ ଶିକାରୀ କିମ୍ବା ଗଛ କାଟୁଥିବା ବ୍ୟକ୍ତିଙ୍କୁ ଧରାଇଦେବା ଲାଗି ଲୋକଙ୍କୁ ଆକର୍ଷଣୀୟ ଆର୍ଥିକ ପୁରସ୍କାର ମିଳନ୍ତା ତେବେ ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ଲାଭ ମିଳିପାରନ୍ତା। ଏଥିରେ କିଛି ଚୋରି ହୋଇପାରେ କିନ୍ତୁ ଶିକାରୀ ଭୟରେ ମହତ କାର୍ଯ୍ୟରୁ ଦୂରେଇଯିବା ଉଚିତ ନୁହେଁ। ଶୁଣିବା କଥା ଯେ, ପୂର୍ବରୁ ମାଓବାଦୀମାନେ ପ୍ରାୟ ତାଙ୍କର ଚଳପ୍ରଚଳ ଗ୍ରାମଗୁଡ଼ିକରେ ନିଜର ସହଯୋଗୀ ରଖୁଥିଲେ, ଯେଉଁମାନଙ୍କୁ ଅର୍ଥ ମିଳୁଥିଲା। ସେହି ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ପୋଲିସର ଯାତାୟାତ ସମ୍ପର୍କରେ ଜାଣିବା ସହିତ ପୋଲିସକୁ କିଏ ଖବର ଦେଉଛି ତାହା ଜାଣିପାରୁଥିଲେ। ସେହି ବ୍ୟବସ୍ଥାରେ ମାଓବାଦୀମାନେ ଦୀର୍ଘକାଳ ଧରି ବଳବାନ ସରକାରଙ୍କୁ ଆଣ୍ଠେଇ ଦେବାରେ ସଫଳ ହୋଇଥିଲେ। ଏଥିରୁ ଶିକ୍ଷା ନେଇ ସରକାର ଜଙ୍ଗଲ ଏବଂ ଜୈବବିବିଧତାକୁ ସୁରକ୍ଷିତ ରଖିପାରନ୍ତେ। ଖବରଦାତାଙ୍କ ନାମ ଗୋପନ ରଖି ଶିକାରୀଙ୍କୁ ଧରିବା ସହିତ ପଶୁପକ୍ଷୀଙ୍କୁ ସୁରକ୍ଷା ଦେଇପାରନ୍ତେ। ଯଦି ଗ୍ରାମବାସୀ କୌଣସି ଶିକାରୀଙ୍କୁ ଧରାଇଦେବେ ସେଥିପାଇଁ ଆର୍ଥିକ ପୁରସ୍କାର ତତ୍‌କ୍ଷଣାତ ଦିଆଯାଇପାରନ୍ତା, ଯେଉଁଥିରେ ସବୁ ପରିବାର, କେହି ବାଦ୍ ନ ପଡ଼ି ଲାଭବାନ୍ ହୋଇପାରନ୍ତେ। ଏହା କଷ୍ଟକର କାର୍ଯ୍ୟ ନୁହେଁ। କିନ୍ତୁ ଏଭଳି ଯୋଜନା କାର୍ଯ୍ୟକାରୀ କରାଇବା ପାଇଁ ସମ୍ପୃକ୍ତ ସରକାରୀ ଅଫିସରଙ୍କର ଆନ୍ତରିକତାର ଆବଶ୍ୟକତା ରହିଛି।

ସଂରକ୍ଷିତ ଜଙ୍ଗଲ ଓ ଜୈବବିବିଧତା ଐତିହ୍ୟ ସ୍ଥଳରେ ପ୍ରଦୂଷଣ ସବୁଠୁ ବଡ଼ ସମସ୍ୟା ଭାବେ ଉଭାହୋଇଛି। ଜଙ୍ଗଲ ନିକଟରେ ଥିବା ଶିଳ୍ପାଞ୍ଚଳ କିମ୍ବା ଜଙ୍ଗଲ ଭିତରେ ଥିବା ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ବ୍ୟାପକ ପ୍ଲାଷ୍ଟିକ ଭଳି ପ୍ରଦୂଷଣ ବିଷୟ କେହି ବି ଚିନ୍ତା କରୁନାହାନ୍ତି। ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରାଯାଇଥିଲେ ମଧ୍ୟ ଆଇନକୁ କଡ଼ାକଡି କରାଯାଉନାହିଁ। ବେପରୁଆ ଖଣି ଖନନ ଜାରି ରହିଛ। ଓଡ଼ିଶାରେ ଜଙ୍ଗଲ ନିଆଁ ଯୋଗୁ ଜୈବବିବିଧତାର ବ୍ୟାପକ କ୍ଷତି ଘଟୁଛି। ଉଲ୍ଲେଖନୀୟ ଯେ,ଗତ ୨ବର୍ଷ ହେଲା ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସବୁଠୁ ବେଶି ଜଙ୍ଗଲରେ ନିଆଁ ଲାଗିଛି। ଏପରିକି ସମୃଦ୍ଧ ଜୈବମଣ୍ଡଳ ଶିମିଳିପାଳ ଓ ଔଷଧୀୟ ବୃକ୍ଷର ଭଣ୍ଡାର ଗନ୍ଧମାର୍ଦ୍ଦନ ମଧ୍ୟ ଅଗ୍ନିର କୋପ ଦେଖିଲାଣି। ଜୈବବିବିଧତାର ସୁରକ୍ଷା ପାଇଁ ପ୍ରଥମେ ମନୁଷ୍ୟକୃତ ବାଧାଗୁଡ଼ିକ ଦୂରକରିବାକୁ ହେବ। ଏଥିପାଇଁ ପରିବେଶ ଉପଯୋଗୀ ନିବେଶ ଓ ଇକୋ ଟୁରିଜମ୍‌ର ପାଇଁ ସ୍ୱତନ୍ତ୍ର ନୀତି ଓ ସଂସ୍ଥାଗତ ସୁଧାର ସହ ଅଧିକ ବ୍ୟୟବରାଦ କରାଯିବା ଦରକାର। ଚାଇନାଠାରୁ ଆରମ୍ଭକରି ଆଫ୍ରିକୀୟ ଦେଶ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଜୈବବିବିଧତାକୁ ରକ୍ଷା କରିବା ପାଇଁ ସରକାରୀ ସ୍ତରରେ ସାଧାରଣ ନାଗରିକଙ୍କୁ ସମ୍ପୃକ୍ତ କରାଯାଉଛି। ଭାରତରେ ଏହା କରିବାକୁ ହେଲେ ଆର୍ଥିକ ଲାଭ ଦର୍ଶାଇବା ଅତ୍ୟନ୍ତ ଆବଶ୍ୟକ। ସ୍ଥାନୀୟ ନାଗରିକଙ୍କୁ ଯେତେ ଅଧିକ ଜୈବବିବିଧତା ଏବଂ ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ସମ୍ପୃକ୍ତ କରିବା ସହିତ ଅର୍ଥ ଦିଆଯାଇପାରିବ ସେଥିରେ ଲାଭ ଆଖିଦୃଶିଆ ହୋଇପାରିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | |
| | | | 3 | | 1 | | | |
| | 3 | | | | 4 | 2 | 5 | |
| | | | | | | | 6 | 8 |
| 7 | | 3 | 9 | | | | | |
| | 9 | 5 | | | | | 7 | |
| 6 | | | 4 | | | | | |
| 2 | 4 | | | 9 | 8 | | | 7 |
| | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 8 | 5 | 1 | 3 | 6 | 4 | 9 |
| 5 | 3 | 4 | 6 | 9 | 2 | 7 | 1 | 8 |
| 9 | 6 | 1 | 7 | 4 | 8 | 2 | 5 | 3 |
| 6 | 7 | 9 | 3 | 2 | 4 | 1 | 8 | 5 |
| 4 | 5 | 2 | 1 | 8 | 7 | 3 | 9 | 6 |
| 8 | 1 | 3 | 9 | 5 | 6 | 4 | 2 | 7 |
| 2 | 8 | 7 | 4 | 3 | 5 | 9 | 6 | 1 |
| 1 | 4 | 6 | 8 | 7 | 9 | 5 | 3 | 2 |
| 3 | 9 | 5 | 2 | 6 | 1 | 8 | 7 | 4 |

ଗତକାଲିର ଉତ୍ତର

# ନ୍ୟାୟପାଳିକା ନିର୍ଦ୍ଦେଶକୁ ନ ମାନିଲେ



ଅକ୍ଷୟ କୁମାର ମିଶ୍ର

ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ନ୍ୟାୟପାଳିକା ହେଉଛି ତୃତୀୟ ସ୍ତମ୍ଭ; ମାତ୍ର ସବୁଠାରୁ ନିର୍ଭରଯୋଗ୍ୟ ସ୍ତମ୍ଭ। ପ୍ରଥମ ଦୁଇଟି ଅନୁଷ୍ଠାନ ଯଥା- ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ଯେତେବେଳେ ମଣିଷକୁ ସାମ୍ବିଧାନିକ ନ୍ୟାୟ ଦେଇପାରେ ନାହିଁ ସେତେବେଳେ ସେ ନ୍ୟାୟାଳୟର ଆଶ୍ରୟ ନିଏ। ନ୍ୟାୟପାଳିକାର ନିର୍ଦ୍ଦେଶକୁ ବ୍ୟବସ୍ଥାପିକା ସମ୍ମାନ ଦେବା ଏବଂ କାର୍ଯ୍ୟପାଳିକା କାର୍ଯ୍ୟକାରୀ କରିବା ସୁସ୍ଥ ଗଣତନ୍ତ୍ରର ପରିଚାୟକ। ଏହାର ସାମାନ୍ୟତମ ବ୍ୟତିକ୍ରମ ଗଣତନ୍ତ୍ରକୁ ଦୁର୍ବଳ କରିଦିଏ। ହେଲେ ସମ୍ପ୍ରତି ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ହାତ ଛନ୍ଦାଛନ୍ଦି ହୋଇ ବାଟ ଚାଲୁଛନ୍ତି ନ୍ୟାୟପାଳିକାର ନିର୍ଦ୍ଦେଶକୁ ବାଟବଣା କରିବା ପାଇଁ। ଫଳରେ ବର୍ଷ ବର୍ଷ ଧରି ନିଜର ଅଧିକାର ପାଇବା ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେଉଥିବା ଲୋକମାନେ ସେଇଠି ଘାଣ୍ଟି ଚକଟି ହୁଅନ୍ତି। ଏହି ଦୀର୍ଘ ଲଢ଼େଇ ଭିତରେ ଏମିତି ବି ଘଟେ ନିଜ ଜୀବଦ୍ଦଶାରେ ବହୁ ଲୋକ ନ୍ୟାୟ ପାଇବାରୁ ବଞ୍ଚିତ ହୁଅନ୍ତି। କେସ୍ ଦରଜ ହେବାର ଜଟିଳ ପ୍ରକ୍ରିୟା, ରାୟ ଶୁଣାଣି ହେବା ପୂର୍ବରୁ ଆଇନରେ ଥିବା ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ବିଚାରପତିଙ୍କ ଅଭାବ ଯୋଗୁ ଗୋଟିଏ ମକଦ୍ଦମା ଦୀର୍ଘ ବର୍ଷ ଧରି ଚାଲେ। ଫଳରେ ହଜାର ହଜାର କେସ୍ ଫଇସଲା ନ ହୋଇ ପଡ଼ିରହୁଛି। ତଳକୋର୍ଟ ଯାହା ନିର୍ଦ୍ଦେଶ ଦେଉଛନ୍ତି ସରକାର ତାକୁ ଆଦୌ ଗ୍ରହଣ କରୁନାହାନ୍ତି। ଉଚ୍ଚ ନ୍ୟାୟାଳୟକୁ ଯାଉଛନ୍ତି। ସେଠାରେ ବିଫଳ ହେଲେ ଡିଭିଜନ ବେଞ୍ଚ, ସେଠାରୁ ସର୍ବୋଚ୍ଚ ନ୍ୟାୟାଳୟକୁ ଯାଉଛନ୍ତି। ଏମିତି ପାହାଚ ପରେ ପାହାଚ ଚଢ଼ି ଅନ୍ତିମ ଲକ୍ଷ୍ୟରେ ଉପନୀତ ହେବା ସାଧାରଣ ଲୋକଟି ପାଇଁ କେତେ କଷ୍ଟକର ତାହା ସମସ୍ତେ ଜାଣନ୍ତି। ସୁପ୍ରିମକୋର୍ଟରେ ଗୋଟିଏ କେସ୍‌କୁ ଚଳାଇ ରଖିବା ଅତ୍ୟନ୍ତ ଖର୍ଚ୍ଚ ବହୁଳ। ସରକାରଙ୍କ ପାଇଁ ହୁଏତ ଏହା ବଡ଼କଥା ହୋଇ ନ ପାରେ। କିନ୍ତୁ ଯେଉଁ ଅର୍ଥ ଅଯଥାରେ ବ୍ୟୟ ହୁଏ ତାହା ସାଧାରଣ ଜନତାଙ୍କ ଟିକସ ପଇସା। ଲୋକଙ୍କୁ ସେମାନଙ୍କର ଅଧିକାରରୁ ବଞ୍ଚିତ କରିବା ପାଇଁ ସେମାନେ ଦେଇଥିବା ଟିକସ ଅର୍ଥକୁ ବ୍ୟୟ କରିବା ଗୋଟିଏ ଜନମଙ୍ଗଳ ରାଷ୍ଟ୍ର ଚରିତ୍ରର ପରିପନ୍ଥୀ।

ଯଦିଓ ସବୁ ବର୍ଗର ଲୋକଙ୍କ ପାଇଁ ସରକାର ଏହି ରାସ୍ତା ଧରିଛନ୍ତି, କିନ୍ତୁ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଏହା କଡ଼ାକଡ଼ି ଲାଗୁ କରିଛନ୍ତି। କିଛି ଲୋକ ଆଶ୍ଚର୍ଯ୍ୟପ୍ରକଟ କରି କହିପାରନ୍ତି ସରକାରୀ କର୍ମଚାରୀ ହେଉଛନ୍ତି କାର୍ଯ୍ୟପାଳିକାର ଏକ ଅଂଶ। ଏମାନଙ୍କ କ୍ଷେତ୍ରରେ ସରକାର ସହାନୁଭୂତିଶୀଳ ନ ହୋଇ ଏମିତି କେମିତି କରୁଛନ୍ତି ? ସାଧାରଣତଃ ଏହି ନିଷ୍ପତ୍ତି ଉପର ସ୍ତରରେ ହୁଏ। ଫଳରେ ତଳସ୍ତରର କର୍ମଚାରୀମାନେ ହନ୍ତସନ୍ତ ହୁଅନ୍ତି। ବିଶେଷକରି ଶିକ୍ଷା ବିଭାଗରେ ଏହା ଅଧିକ। ଅନୁଦାନ, ପଦୋନ୍ନତି, ପିଛିଲା ଦରମା, ପେନ୍‌ସନ୍, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା ସୁଯୋଗ ଇତ୍ୟାଦି ଅଧିକାରକୁ ହାସଲ କରିବା ପାଇଁ ଏହି ବିଭାଗର କର୍ମଚାରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଚାରାଳୟକୁ ଧାଇଁ ଧାଇଁ ନୟାନ୍ତ ହେଉଛନ୍ତି। ଜଣେ ଅଭିଜ୍ଞ ତଥା ଅନୁଭବୀ ଶିକ୍ଷକଙ୍କଠାରୁ ପ୍ରକାଶ ସରକାର ଯେଉଁ ନିୟମ ନିଜେ ଗଢ଼ିଛନ୍ତି ସେଗୁଡ଼ିକୁ ନିଜେ ଭାଙ୍ଗୁଛନ୍ତି। ଫାଇଲ ଚାଷ ହେଉଛି। ବାରମ୍ବାର ଅଫିସକୁ ଧାଇଁବାକୁ ପଡୁଛି। ବାଧହୋଇ ରାଜରାସ୍ତାକୁ ଆସି ପ୍ରତିବାଦ କରିବାକୁ ପଡୁଛି। ତା'ପରେ ବି ଯେତେବେଳେ ହେଉ ନାହିଁ ନ୍ୟାୟାଳୟ ବ୍ୟତୀତ ତା'ପାଖରେ ଆଉ କିଛି ରାସ୍ତା ହିଁ ନାହିଁ। ଆଇନ ତା' ସପକ୍ଷରେ ଗଲା ପରେ ବି ସରକାର ମାନୁ ନାହାନ୍ତି। ଅନେକ ଉଦାହରଣ ଥିଲେ ମଧ୍ୟ ସବୁ ବିଷୟକୁ ଏଠାରେ ଉପସ୍ଥାପନ କରିବା ସମ୍ଭବ ନୁହେଁ।

ଜଣେ ସରକାରୀ କର୍ମଚାରୀ ପାଇଁ ପେନ୍‌ସନ୍ ହେଉଛି ବାର୍ଦ୍ଧକ୍ୟ ବୟସର ସାହାରା। ଏହା କାହାର ଦୟା କିମ୍ବା ଅନୁକମ୍ପା ନୁହେଁ। ଏହା ତା'ର ଅଧିକାର। ତିରିଶ ବର୍ଷ ଅଥବା ତା'ଠାରୁ ଅଧିକ ସମୟ ଧରି ଦେଶ କିମ୍ବା ରାଜ୍ୟ ପାଇଁ ସେବା କରି ଷାଠିଏ ବର୍ଷ ବୟସରେ ଅବସର ଗ୍ରହଣ କଲା ପରେ ଯଦି ତା'ପାଇଁ ପେନସନ୍‌ର ବ୍ୟବସ୍ଥା ନ ରହେ ତେବେ ଜୀବନର ଅବଶିଷ୍ଟ ସମୟ ଦୁଃଖ ଯନ୍ତ୍ରଣାରେ ଯେ ଭରି ଉଠିବ ଏଥିରେ ସନ୍ଦେହ ନାହିଁ। ବ୍ୟବସ୍ଥାପିକା ସଭାର ସଦସ୍ୟ ଓ ସଦସ୍ୟାଗଣ ମାତ୍ର ପାଞ୍ଚ ବର୍ଷ ନିମନ୍ତେ ଦେଶର ସେବା କରିବାକୁ ଆସି ନିଜ ପାଇଁ ପେନସନ୍ ପାଇବାର ପକ୍କା ବ୍ୟବସ୍ଥା କରିଥିବା ବେଳେ ସରକାରୀ କର୍ମଚାରୀଙ୍କ ପାଇଁ ଥିବା ପେନ୍‌ସନ୍ ନିୟମକୁ ଉଚ୍ଛେଦ କରିବା ପରିତାପର ବିଷୟ। ୨୦୦୪ରେ କେନ୍ଦ୍ର ସରକାର ପୁରୁଣା ପେନ୍‌ସନ୍ ବ୍ୟବସ୍ଥାକୁ ଉଠାଇ ଜାତୀୟ ପେନ୍‌ସନ୍ ସ୍କିମ୍ ପ୍ରଚଳନ କଲେ। ଆମ ରାଜ୍ୟ ସରକାର ମଧ୍ୟ କାଳବିଳମ୍ବ ନ କରି ଏହି ପଥର ଅନୁଗାମୀ ହେଲେ। କର୍ମଚାରୀଙ୍କ କହିବା କଥା ହେଲା ଏହି ସ୍କିମ୍ ଅନୁଯାୟୀ ଯାହା ପେନ୍‌ସନ୍ ମିଳିବ ତାହା ଏତେ ନଗଣ୍ୟ ଯେ ବାର୍ଦ୍ଧକ୍ୟ ଅବସ୍ଥାରେ ଔଷଧ ଖର୍ଚ୍ଚ ପାଇଁ ମଧ୍ୟ ଏହା ନିଅଣ୍ଟ ହେବ। ସମଗ୍ର ଦେଶରେ ଏହା ବିରୋଧରେ ଆନ୍ଦୋଳନ ଚାଲିଛି। କିନ୍ତୁ ଆମ ରାଜ୍ୟରେ ଏହା ବ୍ୟତୀତ ଆଉ ଏକ ଅଭାବନୀୟ ଦୁଃଖଦାୟକ ଦୃଶ୍ୟ ଦେଖିବାକୁ ମିଳୁଛି , ଯେଉଁ ଦୃଶ୍ୟ ବୋଧହୁଏ ଅନ୍ୟ କେଉଁଠି ଦୃଶ୍ୟମାନ ନୁହେଁ। ସରକାରୀ ନିୟମରେ ନିଯୁକ୍ତି, ସରକାରୀ ନିୟମ ଅନୁସାରେ ଦାୟିତ୍ୱ ନିର୍ବାହ, ସରକାରୀ ନିୟମ ଅନୁସାରେ ଅବସର ଗ୍ରହଣ, ମାତ୍ର ସରକାରୀ ନିୟମରେ ଥିବା ଅବସରକାଳୀନ ସୁବିଧାରୁ ବଞ୍ଚିତ। ବାର୍ଦ୍ଧକ୍ୟ ଯୋଗୁ ଉଭୟ ଶାରୀରିକ ଓ ମାନସିକ ଭାବେ ଅସମର୍ଥ ଘୋଷଣା କରି ଯେତେବେଳେ ସେବା ନିବୃତ୍ତ କରାଯାଉଛି ସେତେବେଳେ ପେନସନ୍ ବ୍ୟତିରେକେ ସେ ବଞ୍ଚିବ କେମିତି ତାହା ନଭାବିବା ହଡ଼ା ବଳଦକୁ କଂସେଇ ହାତକୁ ଟେକିଦେବା ସହିତ ସମାନ। ଶିକ୍ଷକତା ଭଳି ସମ୍ମାନଜନକ ବୃତ୍ତିକୁ ଆପଣେଇ ନେଇ ଏକଦା ଗର୍ବ ଅନୁଭବ କରୁଥିବା ଶିକ୍ଷକ ଅଧ୍ୟାପକଙ୍କ ଏ ହେଉଛି ଦୟନୀୟ ଆତ୍ମକାହାଣୀ।



୨୦୦୪ରେ ବ୍ଲକ୍ ଗ୍ରାଣ୍ଟ ଭଳି ଏକ ଅଶୁଭ ଧୂମକେତୁ ଆମ ରାଜ୍ୟର ଶିକ୍ଷା ଆକାଶରେ ଆବିର୍ଭାବ ଫଳରେ ମହାବିଦ୍ୟାଳୟ ଓ ବିଦ୍ୟାଳୟ ସ୍ତରରେ ଏକ ବୃହତ୍ ଅଂଶର ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କ ମନରେ ଗଭୀର କ୍ଷତ ସୃଷ୍ଟି ହେଲା। ପୁଣି କୌଣସି ପେନସନ୍ ସ୍କିମ୍‌ରେ ଅନ୍ତର୍ଭୁକ୍ତ ନ କରି ଶୂନ୍ୟ ପେନସନ୍‌ରେ ଏମାନଙ୍କୁ ବିଦାୟ ଦେବା କଟା ଘା'ରେ ଚୂନ ଲଗାଇବା ସଦୃଶ। ନିକଟରେ ଉଚ୍ଚ ନ୍ୟାୟାଳୟ ପୁଣି ଏକ ଐତିହାସିକ ରାୟ ଶୁଣାଇ କହିଛନ୍ତି ପେନସନ୍ ବାବଦରେ ୧୯୮୧ ରୁଲ୍ ଅନୁଯାୟୀ ୨୦୦୪ ପୂର୍ବରୁ ନିଯୁକ୍ତ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ପୁରୁଣା ଏବଂ ୨୦୦୪ ପରେ ନିଯୁକ୍ତି ପାଇଥିଲେ ନୂତନ ପେନସନ୍ ଦେବାକୁ ସରକାର ବାଧ୍ୟ। କିନ୍ତୁ ବିଡ଼ମ୍ବନା ହେଉଛି ସରକାରଙ୍କ ତରଫରୁ କୁହାଗଲାଣି 'ଏ ରାୟକୁ ଆମେ କ'ଣ ମାନିବୁ ?' ଏଥିପାଇଁ ସରକାର ଉପର କୋର୍ଟକୁ ଯିବାକୁ ସଜବାଜ ହେଲେଣି। ସମସ୍ତ କଳ ବଳ କୌଶଳ ଖଟାଇ ହାଇକୋର୍ଟର ଏହି ରାୟ ବିରୋଧରେ ଲଢ଼ିବେ ବୋଲି ପ୍ରସ୍ତୁତ ହେଲେଣି।

କୌଣସି ରାୟ ବିରୋଧରେ ଉପର କୋର୍ଟକୁ ଯିବାର ଅଧିକାର ସରକାରଙ୍କର ନାହିଁ ବୋଲି କୁହାଯାଇ ପାରିବ ନାହିଁ। କିନ୍ତୁ ସର୍ବୋଚ୍ଚ କୋର୍ଟର ନିର୍ଦ୍ଦେଶ ଅନୁଯାୟୀ ଜଣକୁ ନ୍ୟାୟ ଦେଇସାରିବା ପରେ ଅନ୍ୟମାନଙ୍କୁ ଏଥିରୁ ବଞ୍ଚିତ କରିବା ପାଇଁ ବାରମ୍ବାର କୋର୍ଟକୁ ଯାଇ ନ୍ୟାୟ ପ୍ରଦାନରେ ବିଳମ୍ବ କରିବାର ମସୁଧା କରିବା ଏକ ନୈତିକ କାର୍ଯ୍ୟ ନୁହେଁ ବୋଲି ସମସ୍ତେ କହିବେ। ପୁନଶ୍ଚ ସର୍ବୋଚ୍ଚ ନ୍ୟାୟାଳୟରେ ହାରିବା ପରେ ସେହି ରାୟକୁ ଅନ୍ୟମାନଙ୍କ କ୍ଷେତ୍ରରେ ମଧ୍ୟ ପ୍ରୟୋଗ ନ କରିବା ଏକ ସାମ୍ବିଧାନିକ ଅନ୍ୟାୟ। ପେନସନ୍ ଦେବା କ୍ଷେତ୍ରରେ ସରକାର ସହାନୁଭୂତିଶୀଳ ହେବା ଦରକାର। ନ୍ୟାୟପାଳିକାର ନିର୍ଦ୍ଦେଶକୁ ସମ୍ମାନ ଦେବା ଉଚିତ। ଏଥିସହିତ ନୂତନ ପେନସନ୍ ସ୍କିମ୍ ଉପରେ ପୁନର୍ବିଚାର କରିବା ଆବଶ୍ୟକ। ବୟସର ଅପରାହ୍ନରେ ଅର୍ଥାଭାବ ଯୋଗୁ ଯଦି ଜଣେ ଚିକିତ୍ସିତ ହୋଇ ନ ପାରିଲା, ଖାଦ୍ୟ, ବସ୍ତ୍ର, ଔଷଧ ପାଇଁ ବାରଦ୍ୱାର ଶୁଙ୍ଘିପିଣ୍ଡା ହେଲା ତେବେ ସେ ନିଜକୁ ଅସହାୟ ମଣିବ। ଅବସର ନେବା ପରେ ବୃଦ୍ଧାଶ୍ରମ ହୁଏତ ତା'ପାଇଁ ଶେଷ ଠିକଣା ପାଲଟିଯିବ।

ସଭାପତି, ଓଷ୍ଟା

ମୋ : ୯୯୩୮୭୬୩୨୩୭

# ପୂଜାର ଭ୍ରମ



ହରେକୃଷ୍ଣ ଦାସ

ସେଦିନ ମନ୍ଦିରରେ ମୁଣ୍ଡିଆ ମାରି ଉଠିଲା ବେଳକୁ ବନ୍ଧୁ କହିଲେ, 'ଏତେଶୀଘ୍ର ସରିଗଲା ଯେ ! ଠାକୁରଙ୍କୁ କିଛି ମାଗିଲନି କି?' ହଁ, ଯାହା ମାଗିବା କଥା ମୁହୂର୍ତ୍ତକେ ମାଗି କାମ ସାରିଦେଲି। ''କ'ଣ ଜଗନ୍ନାଥାଷ୍ଟକମ୍ ଗାଇଲନି କି?'' ବନ୍ଧୁଙ୍କ ପ୍ରଶ୍ନରେ ମୁଁ ପାଲଟା ପଚାରିଲି, 'ଗାଇବାଟା କ'ଣ ଜରୁରୀ ?' ମୋ ଉତ୍ତରକୁ ନାପସନ୍ଦ କରି ବନ୍ଧୁ କହିଲେ,ଜଗନ୍ନାଥଙ୍କୁ ମୁଣ୍ଡିଆ ମାରୁଚ, ଅଥଚ ଜଗନ୍ନାଥାଷ୍ଟକମ୍ ଗାଇବନି - ସେ କୋଉ ମୁଣ୍ଡିଆରେ ଯାଏ ? ତମେ କ'ଣ ସେ ଅଷ୍ଟକ ଜାଣିନ କି। ହଁ ଜାଣେ। ଛନ୍ଦରେ ଗାଇଲେ ମଧୁର ଶୁଭେ ବୋଲି ଅନେକ ସମୟରେ ଗାଏ। କିନ୍ତୁ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରିଲା ବେଳେ ଗାଏନି। ରାଗିଯାଇ ବନ୍ଧୁ କହିଲେ, କି ମୂର୍ଖଲୋକ ! ଜଣା ଥାଇ ବି ଅଷ୍ଟକ ନ ଗାଇ ତୁଚ୍ଛାଟାରେ ମୁଣ୍ଡିଆ ମାରୁଚ ! କହିଲି, 'କାହିଁ, ଅଷ୍ଟକ ନ ଗାଇଲେ କ'ଣ ମୁଁ ଯାହା ମାଗିଲି ଠାକୁର ମତେ ସେତକ ଦେବେନି ?' 'ହେଃ, ତମେ ମାଗିଦେଲେ ଯେ ଠାକୁର ଦେଇଦେବେ - ସେକଥା ଭାବନି। କିନ୍ତୁ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରିଲାବେଳେ ଅଷ୍ଟକ ଗାଇଲେ ଠାକୁର ସନ୍ତୁଷ୍ଟ ହୁଅନ୍ତି।' ଠାକୁର ସନ୍ତୁଷ୍ଟ ହୁଅନ୍ତି କି ନାହିଁ ସେକଥା ମୁଁ ଜାଣିନି, କିନ୍ତୁ ଅଷ୍ଟକ ଗାଇ ଜଗନ୍ନାଥଙ୍କ ସହ ଭାଣ୍ଡାମି କରିବାକୁ ମୁଁ ଚାହେଁନି। ଉତ୍ତ୍ୟକ୍ତ ହେଇ ବନ୍ଧୁ କହିଲେ, ''ତା'ମାନେ ଅଷ୍ଟକ ଗାଇ ମୁଣ୍ଡିଆ ମାରିବାଟା ଭାଣ୍ଡାମି ! ଆମେମାନେ ସମସ୍ତେ ଭଣ୍ଡ ! ଯାଙ୍କୁ ଲେଖିଥିବା ଶଙ୍କରାଚାର୍ଯ୍ୟ ତା'ହେଲେ ଭଣ୍ଡ ? ଏଥିରେ ଭାଣ୍ଡାମି କୋଉଠି ରହିଲା ?'' ହେଲେ, ତମେ କି ମୁଁ ତ ଶଙ୍କରାଚାର୍ଯ୍ୟ ନୁହଁ ନା। ତାଙ୍କର ସାଂସାରିକ ଆସକ୍ତି ନ ଥିଲା ବୋଲି ସେ ସମ୍ପୂର୍ଣ୍ଣ ସମର୍ପଣର ଭାଷାରେ ଅଷ୍ଟକ ଲେଖି ଗାଇଲେ। ତାଙ୍କ ଶବ୍ଦ ଓ ଭାବନା ଭିତରେ କିଛି ଫରକ ନ ଥିଲା। କିନ୍ତୁ ମୋର ଭାବନା ତ ତାଙ୍କ ଶବ୍ଦ ସଂଯୋଜନାର ବିପରୀତଧର୍ମୀ। ତାଙ୍କର କୌଣସି ପାର୍ଥିବ ଲାଳସା ନ ଥିଲା, କିନ୍ତୁ ମୋର ତ ଅଛି। ଯଦି ସଂସ୍କୃତରେ ଗାଇବି ଯେ ପ୍ରଭୁ, ମୋର ରାଜ୍ୟ, ସୁନା, ରୁପା, ସୁନ୍ଦର ସ୍ତ୍ରୀ,ଭୋଗବିଳାସ ଆଦି କିଛି ଲୋଡାନାହିଁ, ଅଥଚ ଓଡ଼ିଆ ଭାଷାରେ ମାଗୁଥିବି ଯେ ପ୍ରଭୁ, ମତେ ଭଲ ଚାକିରି ଦିଅ, ପୁଳାଏ ଟଙ୍କା ରୋଜଗାର କରେଁ, ବଙ୍ଗଳା, ଗାଡ଼ି, ସୁନ୍ଦରୀ ସ୍ତ୍ରୀ ମିଳୁ, ଆରାମରେ ଜୀବନ ବିତୁ, ତା'ହେଲେ ଏଇଟା ଭାଣ୍ଡାମି ହେବ କି ନା। ତା'ଛଡ଼ା, ଜଗନ୍ନାଥ ମୋର ସଂସ୍କୃତ ପ୍ରାର୍ଥନା ନା ଓଡ଼ିଆ ପ୍ରାର୍ଥନା ଶୁଣିବେ। କିଏ ସତରେ କ'ଣ ଶଙ୍କରାଚାର୍ଯ୍ୟଙ୍କ ଭଳିଆ ଭାବନା ରଖି 'ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବ ତୁମେ' କହୁଛି କି। ଆମେ ଗୋଟେ ଦିନରେ ଚେଇଁ ରହୁଥିବା ଅଠର ଘଣ୍ଟାରୁ ସତର ଘଣ୍ଟା ପଞ୍ଚାବନ ମିନିଟ ଟାଉଟରର ଜୀବନ ବଞ୍ଚିବା, ଅଥଚ ମାତ୍ର ପାଞ୍ଚ ମିନିଟ ପାଇଁ କରୁଥିବା ପୂଜା ପ୍ରାର୍ଥନାର ଫଳ ଆକାରରେ ଠାକୁର ଆମ ଉପରେ ସଂସାରଯାକର ସୁଖ ଅଜାଡି ଦିଅନ୍ତୁ ବୋଲି ଆଶା କରିବା। ଠାକୁର ଆମର ପାଞ୍ଚ ମିନିଟର ଜୀବନକୁ ଗୁରୁତ୍ୱ ଦେବେ ନା ଗୋଟେ ଦିନର ବାକିତକ ଜୀବନକୁ ଅନୁଧ୍ୟାନ କରିବେ ? କେଉଁଟା ଗୁରୁତ୍ୱପୂର୍ଣ୍ଣ- ଆମର ଭାବନା ନା ଆମର ଛଳନାପୂର୍ଣ୍ଣ ଶବ୍ଦ, ଉପଚାର'



ଲଜ୍ଜା ଓ କ୍ରୋଧର ଗୋଟେ ଫେଣ୍ଟାଫେଣ୍ଟି ଚିତ୍ର ବନ୍ଧୁଙ୍କ ମୁହଁରେ ସ୍ପଷ୍ଟ ବାରିହୋଇପଡୁଥାଏ। ଭାବନାକୁ ଚାପି ରଖି ନମ୍ରତାର ସହିତ କହିଲେ, ''ତମେ ଯାହା କହୁଚ ହୁଏତ ଠିକ୍, କିନ୍ତୁ ଏତେ ମନ୍ତ୍ର, ଶ୍ଳୋକ ତା'ହେଲେ ଲେଖା ହେଇଚି କାହିଁକି ? ତମ କହିବା ମୁତାବକ ଲୋକ ତ କୋଟିଏରେ ଗୋଟିଏ ବି ମିଳିବା କଷ୍ଟ। ତେବେ କେହି କ'ଣ ସେସବୁ ଗାଇବେନି'' । ହଁ ଗାଆନ୍ତୁ। କିନ୍ତୁ କେବଳ ଗାଇବା ସହ ଜଣକର ଭକ୍ତିଭାବକୁ ଯୋଡ଼ିବା ଉଚିତ ନୁହେଁ। ଗୁଡାଏ ମନ୍ତ୍ର ବୋଲି ଶ୍ଳୋକ ଆବୃତ୍ତି କରି ପୂଜା କରୁଥିବା ଲୋକଙ୍କୁ ନିହାତି ଧାର୍ମିକ ବୋଲି ଭାବିବା ଉଚିତ ନୁହେଁ। ଅନେକ ଲୋକ ନିଜକୁ ଧାର୍ମିକ ବୋଲି ଦେଖେଇ ହେବାକୁ ଚେଷ୍ଟା କରନ୍ତି, କେବଳ ଏଥିପାଇଁ ଯେ ଅନ୍ୟମାନେ ତାଙ୍କୁ ଅତ୍ୟନ୍ତ ଧର୍ମପରାୟଣ ବୋଲି ଭାବନ୍ତୁ ଏବଂ କିଛି ବିଧିବିଧାନ ନ କଲେ କାଳେ କୋଉ ଠାକୁର ରାଗିବେ ସେଥିପାଇଁ ପାଇଟି ସାରିଦେବା କଥା। ନ ହେଲେ ଅନ୍ତରରେ ସେମିତି ଧର୍ମବିଚାର କି ସମର୍ପଣଭାବ କିଛି ନ ଥାଏ। ପୂଜାପାଠ କରୁଚି ବୋଲି ଲୋକଙ୍କୁ ଦେଖେଇବାଟା ଏମାନଙ୍କ ପାଇଁ ବେଶି ଗୁରୁତ୍ୱପୂର୍ଣ୍ଣ।

ଆମ କଥାବାର୍ତ୍ତା ଶୁଣି ମୋ ଝିଅ କହିଲା, ଠିକ୍ କଥା ପାପା। କାଲି ମୋ ସାଙ୍ଗ ଦୀପା ଘରେ ଦେଖିଲି ତା' ମମି ମାଣବସା ପୂଜା କରିବା ପାଇଁ ଠାକୁରଙ୍କ ପାଖରେ ମାଣବସାର ଗୀତ ଚଲେଇଦେଇ ବସିଛନ୍ତି। ଦୀପା ତାଙ୍କର କିଛି ଫଟୋ ଉଠେଇ ଦେଲାପରେ ଆଣ୍ଟି ଉଠିଆସି ସେସବୁ ବିଭିନ୍ନ ଆଡେ ଶେୟାର କଲେ। ଏହାଦ୍ୱାରା କାଳେ ନିଜେ ଗୀତ ବୋଲିବାର ଟେନ୍‌ସନ ନାହିଁ ବୋଲି କହୁଥିଲେ। ମୁଁ ମନେମନେ ଭାବୁଥିଲି ଯେ ମାଣବସାର ଭିଡିଓ ଚଲେଇଦେଇଥିଲେ ତାଙ୍କୁ ଆଦୌ ପୂଜା ବି କରିବାକୁ ପଡ଼ି ନ ଥାଆନ୍ତା। ଏମିତିଆ ପୂଜା କଲେ ବି କ'ଣ ଚଳିବ ? ପ୍ରଶ୍ନିଳ ଆଖିରେ ଝିଅ ଚାହିଁଥିବାର ଦେଖି ମୁଁ କହିଲି, ଶୁଣ, ଠାକୁର କାହାକୁ ବାଧ କରିନାହାନ୍ତି ତାଙ୍କୁ ପୂଜା କରିବାକୁ। ଆମେ ଆମର ଭକ୍ତି, ଭୟ କିମ୍ବା ସ୍ୱାର୍ଥ ଦୃଷ୍ଟିରୁ ପୂଜା କରୁ। ଭକ୍ତିଭାବ ନ ଥାଇ ପୂଜିଲେ ଠାକୁର ସେସବୁ କେବେ ବି ଚଳେଇ ନିଅନ୍ତିନି। ଆଦୌ ନ ପୂଜିବା ଅପେକ୍ଷା ଭଣ୍ଡ ପୂଜା କରିବା ଖରାପ।

ଏତିକି ବେଳେ ବନ୍ଧୁଙ୍କ ଝିଅ ଦୌଡି ଆସି କହିଲା, ବାପା, ବୋଉ ସେପଟେ ଦୀପ ଲଗଉଥିବା ସମୟର ଗୋଟେ ଭଲ ଫଟୋ ଉଠେଇଦେବା ପାଇଁ ତମକୁ ଅପେକ୍ଷା କରିଥିଲା, କିନ୍ତୁ ତମେ ଏଠି ଗପୁଛ। ବନ୍ଧୁଙ୍କ ପତ୍ନୀ ରାଗରେ ଆଖି ଲାଲ ଲାଲ କରି ଆସି ପହଞ୍ଚିଯାଇ ଦାନ୍ତ କଡମଡ କରି ବର୍ଷିଗଲେ। 'ତମ ଭଳିଆ ଅପଦାର୍ଥ ଲୋକ ! ମତେ ପୂଜାରେ ବି ଟିକେ ସହଯୋଗ କରୁନ !' ମୁଁ ହସିଦେଇ କହିଲି, ତମେ ସିନା ପୂଜା କରୁଚ, ହେଲେ ଠାକୁରଙ୍କୁ ସନ୍ତୁଷ୍ଟ କରିବାର ଫର୍ମୁଲାଟା ୟାଙ୍କଠୁ ଶିଖ।' ସେମିତି ରାଗ ତମତମ ହେଇ ସେ କହିଲେ, ''ହୁଁ, ଗୁଡାଏ ଶ୍ଳୋକ ଘୋଷିଦେଇ ଫୁଟାଣି ଦେଖେଇ ଗାଇବୁଲିଲେ ଭଣ୍ଡ କେବେ ସାଧୁ ହେଇଯାଏନି। ଏ ଭଳିଆ ଲୋକ ଲକ୍ଷେ ଜନ୍ମ ନେଲେ ବି ଠାକୁର ୟାଙ୍କ ଉପରେ କେବେ ବି ସନ୍ତୁଷ୍ଟ ହେବେନି।'' ଏ କଥା ଶୁଣି ଝିଅ ଧୀରେ କହିଲା, 'ପୂଜାର ଅସଲ ରହସ୍ୟଟା ଆଣ୍ଟିଙ୍କୁ ହିଁ ଜଣା।'

ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

ସାମ୍ପ୍ରତିକ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ରୋକିବାକୁ ହେଲେ କୃଷି କ୍ଷେତ୍ରରେ ପରିବେଶ ଉପଯୋଗୀ ପଦ୍ଧତିକୁ ଆପଣାଇବା ଜରୁରୀ ହୋଇପଡ଼ିଲାଣି। ଜୈବିକ ସାର ଓ ଖତର ବ୍ୟବହାର ବ୍ୟାପକ କରାଯିବା ଲାଗି ଚେଷ୍ଟା ଜାରି ରହିଛି। ଇତିମଧ୍ୟରେ ଜୈବିକ ଜିଆଖତ ପ୍ରସ୍ତୁତି ପାଇଁ ଆଇଆଇଟି ପ୍ରାଧ୍ୟାପକ ଓ ତାଙ୍କ ଟିମ୍ ଏକ ନୂତନ ଯନ୍ତ୍ର ଆବିଷ୍କାର କରିଛନ୍ତି; ଯେଉଁଥିରେ ପାରମ୍ପରିକ ପଦ୍ଧତି ତୁଳନାରେ ଅଧା ସମୟରେ ଜିଆଖତ ତିଆରି କରାଯାଇପାରୁଛି। ଗୁଆହାଟି ଆଇଆଇଟି ଗବେଷକ ଡ. ଅଜୟ ଏସ୍ କାଲାମାଧା ଏହି ମେଶିନ ନିର୍ମାଣ କରିଛନ୍ତି। ଡ. ଅଜୟ ସିଭିଲ ଇଞ୍ଜିନିୟରିଂ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ। ତାଙ୍କ ଦ୍ୱାରା ନିର୍ମିତ ମେଶିନରେ ଉଚ୍ଚମାନର ଜିଆଖତ ତିଆରି ହେଉଛି; ଯାହାର ନାମ 'ମାଟିଧନ'। ଖତ ମାତ୍ର ୨୭ ଦିନ ମଧ୍ୟରେ ହୋଇପାରୁଛି। ଏଥିରେ ଅନ୍ୟ ଖତ ତୁଳନାରେ ଅଧିକ ଯବକ୍ଷାରଜାନ ରହୁଛି। ଗୋଟିଏ ମାସ ଭିତରେ ୨୫୦ରୁ ୩୫୦ କେ.ଜି. ବର୍ଜ୍ୟରୁ ୧୦୦-୧୫୦ କେ.ଜି. ଜିଆଖତ ମିଳିପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଫେବୃଆରୀ ୧୯୭୫

- ଭଞ୍ଜନଗର ଏନ୍.ଏ.ସି. ଚେୟାରମ୍ୟାନ୍ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଶ୍ରୀରାମ ନାରାୟଣ ସିଂହ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ।
- ଚିକିତ୍ସା ବିଜ୍ଞାନ ଇତିହାସରେ ସର୍ବପ୍ରଥମେ କାମଳ ରୋଗର ଜୀବାଣୁ ଚିହ୍ନିବାରେ ଭାରତର ହଫକିନ ଅନୁଷ୍ଠାନ ସଫଳ।
- ଦିର୍ଘ ୧୪ ବର୍ଷର ବ୍ୟବଧାନ ପରେ ଭାରତ ଓ ପର୍ତ୍ତୁଗାଲ ମଧ୍ୟରେ ଜାହାଜ ଚଳାଚଳ ପୁନରାରମ୍ଭ।

## ଚିରନ୍ତନୀ

ସବୁବେଳେ ଛଟପଟ
ଦିନରାତି କାଉଁ କାଉଁ
ଦେଇଛି ସକାଳେ ପେଇ
ଟୋପେ ତାକୁ ଚିନାଜାଉ।
-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରସାଦ ନଷ୍ଟକାରୀଙ୍କୁ ସେବାରୁ ନିବୃତ୍ତ କରାଯାଉ

ମହାଶୟ,

ସେବାୟତଙ୍କ ପାଇଁ ଯେଉଁଭଳି ଭାବେ ଶ୍ରୀମନ୍ଦିର ମହାପ୍ରଭୁଙ୍କ ନୀତିକାନ୍ତି ଅଟକିଲା ଏବଂ ମହାପ୍ରସାଦ ନଷ୍ଟହେଲା ଏହା ଘୋର ପରିତାପର ବିଷୟ। ବିଶେଷ କରି ଖାଦ୍ୟ ନଷ୍ଟ ରୋକିବାକୁ ସମଗ୍ର ପୃଥିବୀରେ ପ୍ରୟାସ ଜାରି କରହିଥିବା ବେଳେ ମହାପ୍ରସାଦ ନଷ୍ଟ ଘଟଣା ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି। ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ଖାଦ୍ୟ ନ ପାଇ ଅନେକ ଭୋକିଲା ରହୁଥିବା ବେଳେ ମହାପ୍ରସାଦ ନଷ୍ଟଭଳି ଘଟଣା ସମସ୍ତଙ୍କୁ ଅତ୍ୟନ୍ତ ଦୁଃଖଦାୟକ। ସବୁଠାରୁ ପରିତାପର ବିଷୟ ହେଉଛି ବିବାହ, ବ୍ରତ, ଜନ୍ମଦିନ ଏବଂ ଶୁଦ୍ଧିକ୍ରିୟା ପାଇଁ ମହାପ୍ରସାଦ ବରାଦ ଦେଲେ ମଧ୍ୟ ମିଳିପାରୁନାହିଁ। ଫଳରେ ନିମନ୍ତ୍ରିତ ଅତିଥିମାନେ ମହାପ୍ରସାଦ ନ ପାଇ ଫେରିଯାଉଛନ୍ତି । ଏତଦ୍‌ବ୍ୟତୀତ ବିଳମ୍ବିତ ନୀତି ପାଇଁ ରତ୍ନସିଂହାସନରେ ମହାପ୍ରଭୁ ରାତିସାରା ଅନିଦ୍ରା ରହିବା ଘଟଣା ଜଗନ୍ନାଥପ୍ରେମୀଙ୍କୁ ଦୁଃଖ ଦେଇଛି। ଶ୍ରୀମନ୍ଦିର ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ମହାପ୍ରସାଦ ନଷ୍ଟ ଏବଂ ମହାପ୍ରଭୁଙ୍କ ନୀତି ବିଭ୍ରାଟ ହୋଇଥିବାରୁ ମହାପ୍ରସାଦ ନଷ୍ଟକାରୀଙ୍କ ଠାରୁ କ୍ଷତିପୂରଣ ଆଦାୟ କରାଯିବା ସହ ସେମାନଙ୍କୁ ସେବାରୁ ନିବୃତ୍ତ କରାଗଲେ ଭବିଷ୍ୟତରେ ଏଭଳି ଘଟଣା ଘଟିବ ନାହିଁ।

-ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ଛୁଆହାତୀକୁ ମାରିଦେଲା ଦନ୍ତା

ଟେନ୍‌ସା, ୧୩।୨ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ରେଞ୍ଜ ଗଣ୍ଡୁଆ ଫରେଷ୍ଟ ବିଟ୍‌ର ମାଲଦା ଜଙ୍ଗଲରେ ମଙ୍ଗଳବାର ଦନ୍ତା ଆକ୍ରମଣରେ ଏକ ଛୁଆହାତୀର ମୃତ୍ୟୁ ଘଟିଛି। କୋଇଡା ବନବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ହାତୀ ଛୁଆକୁ ଜବତ କରି ତଦନ୍ତ ଚଳାଇଛନ୍ତି। ହାତୀଟି ଛୁଆ ଜନ୍ମ ଦେବା ପରେ ଦନ୍ତା ଆକ୍ରମଣ କରି ମାରି ଦେଇଥିବା ବଣାଇଁ ଉପଖଣ୍ଡ ବନ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ତଦନ୍ତରୁ ଜଣାପଡିଛି। ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଡିଏଫଓ ପାତ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସ୍ଥାନୀୟ ଲୋକେ କାଠ ଆଣିବା ପାଇଁ ମାଲଦା ଜଙ୍ଗଲକୁ ଯାଇଥିଲେ। ସେଠାରେ ଏକ ହାତୀ ଛୁଆର ମୃତ୍ୟୁ ହୋଇଥିବା ଦେଖି କୋଇଡା ବନ ବିଭାଗକୁ ଖବର ଦେଇଥିଲେ।

# ପିଏମ୍ ଯୁବ ୨.୦ ପାଇଁ ଗାଳ୍ପିକା ରୋଜାଲିନ୍ ମହାନ୍ତି ମନୋନୀତ

## ୬ ମାସରେ ପାଇବେ ୩ଲକ୍ଷ ଟଙ୍କା

ଭୁବନେଶ୍ୱର, ୧୩।୨
(ଶର୍ମିଷ୍ଠା ପାଣିଗ୍ରାହୀ)

ପିଏମ୍ ଯୁବ ମେଣ୍ଟରଶିପ୍-୨.୦ ଯୋଜନାରେ ମନୋନୀତ ହୋଇଛନ୍ତି ଯୁବ ଲେଖିକା ରୋଜାଲିନ ମହାନ୍ତି। ଏଥିପାଇଁ କେନ୍ଦ୍ର ସରକାର ମାସିକ ୫୦ ହଜାର ଟଙ୍କା ଲେଖାଏ ୬ ମାସ ପର୍ଯ୍ୟନ୍ତ ମୋଟ ୩ଲକ୍ଷ ଟଙ୍କା ପ୍ରଦାନ କରିବେ। ଏଥିସହ ତାଙ୍କ ପାଣ୍ଡୁଲିପି ନ୍ୟାଶନାଲ୍ ବୁକ୍ ଟ୍ରଷ୍ଟ (ଏନ୍‌ବିଟି) ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶ ପାଇବ ଏବଂ ଅନ୍ୟ ଭାରତୀୟ ଭାଷାରେ ଅନୂଦିତ ହେବ।

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଓ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ପକ୍ଷରୁ ୩୦ ବର୍ଷ ବୟସ ଭିତରେ ଥିବା ଯୁବଲେଖକଙ୍କଠାରୁ ପାଣ୍ଡୁଲିପି ଆହ୍ୱାନ କରାଯାଇଥିଲା। ଦେଶର ବିଭିନ୍ନ ଭାଷାରୁ ମନୋନୀତ



ମୋଟ ୪୪ଜଣ ଲେଖକଙ୍କ ମଧ୍ୟରେ ଏକମାତ୍ର ଓଡ଼ିଆ ଯୁବ ଲେଖକ ଭାବେ ରୋଜାଲିନ ରହିଛନ୍ତି। ଏଥିସହ 'ଗଣତନ୍ତ୍ର' ବିଷୟକୁ ନେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଉପରେ ଲିଖିତ ତାଙ୍କ ପାଣ୍ଡୁଲିପିକୁ ମନୋନୀତ କରାଯାଇଛି। ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସିଦ୍ଧପୋଖରୀ ଗ୍ରାମର କୁମରବର ମହାନ୍ତି ଓ ସ୍ୱର୍ଗତା ସୁଧାଂଶୁବାଳା ମହାନ୍ତିଙ୍କ ସୁକନ୍ୟା ରୋଜାଲିନ ଗଳ୍ପ, କବିତା ରଚନା ସହ ଆକାଶବାଣୀ ଓ ଦୂରଦର୍ଶନ ଉପସ୍ଥାପିକା ଭାବେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃଆରୀ ୧୦ରେ ଏନ୍‌ବିଟି ପକ୍ଷରୁ ଦିଲ୍ଲୀର ପ୍ରଗତି ମଇଦାନରେ ଆୟୋଜିତ ୱାର୍ଲ୍ଡ ବୁକ୍ ଫେୟାରରେ ମନୋନୀତ ସମସ୍ତ ଯୁବଲେଖକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରାଯିବା ସହ ୧୧ ଫେବୃଆରୀରେ ରାଷ୍ଟ୍ରପତିଙ୍କ ସହ ଭେଟ ଏବଂ ଭାବ ବିନିମୟର ସୁଯୋଗ ଦିଆଯାଇଥିଲା।

# ଉଚ୍ଚଶିକ୍ଷା ଛାତ୍ରୀଛାତ୍ରଙ୍କୁ ମିଳିବ 'ନୂଆ-ଓ ଛାତ୍ରବୃତ୍ତି'

## ଅଗଷ୍ଟ ସୁଦ୍ଧା 'ନୂଆ- ଓ ମ୍ୟାଜିକ୍ ସ୍ମାର୍ଟ କାର୍ଡ'

## ବାର୍ଷିକ ଛାତ୍ରୀଙ୍କୁ ୧୦ ହଜାର, ଛାତ୍ରଙ୍କୁ ୯ ହଜାର ଟଙ୍କା ମିଳିବ

ଭୁବନେଶ୍ୱର, ୧୩।୨ (ଅସମାପିକା ସାହୁ)

ରାଜ୍ୟରେ ଉଚ୍ଚଶିକ୍ଷା ଛାତ୍ରୀଛାତ୍ରଙ୍କୁ ମିଳିବ 'ନୂଆ-ଓ ଛାତ୍ରବୃତ୍ତି'। ରାଜ୍ୟ ସରକାର 'ନୂଆ-ଓ ଛାତ୍ରବୃତ୍ତି' ଯୋଜନା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଥିବା ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଯାଜପୁର ଜିଲା ଗସ୍ତ କରି 'ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଯୋଜନାରେ ଓଡ଼ିଶା ସରକାରଙ୍କ ସମସ୍ତ ବିଶ୍ୱବିଦ୍ୟାଳୟ, ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ସଂସ୍କୃତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ଛାତ୍ରୀଙ୍କୁ ୧୦ହଜାର ଓ ଛାତ୍ରଙ୍କୁ ୯ହଜାର ଟଙ୍କାର ବାର୍ଷିକ ବୃତ୍ତି ମିଳିବ। ସେହିପରି ଏସ୍‌ସି/ଏସଟି ତଥା ନିର୍ମାଣ ଶ୍ରମିକଙ୍କ ଝିଅଙ୍କୁ ୧୧ହଜାର ଓ ପୁଅଙ୍କୁ ୧୦ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି



ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ତେବେ ସ୍ଥାୟୀ ସରକାରୀ ଚାକିରିଆ ଅଥବା ଆୟକର ଦେଉଥିବା ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ପିଲାମାନେ ଏହି ଯୋଜନା ଅନୁଯାୟୀ ଯୋଗ୍ୟ ବିବେଚିତ ହେବେ ନାହିଁ। ଚଳିତ ଶିକ୍ଷାବର୍ଷର 'ନୂଆ-ଓ ଛାତ୍ରବୃତ୍ତି' ଟଙ୍କା ଯୋଗ୍ୟ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସନ୍ତା ୨୦ ତାରିଖରୁ ମାସ ଶେଷ ସୁଦ୍ଧା ସିଧାସଳଖ ହସ୍ତାନ୍ତର କରାଯିବ। ପାଣ୍ଡିଆନ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶାର ସ୍ୱପ୍ନକୁ ବାସ୍ତବ ରୂପାୟନ ଓ ଯୁବ ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ଏଥିପାଇଁ ଆସନ୍ତା ଶିକ୍ଷାବର୍ଷରୁ ୩୦୦ କୋଟି ଟଙ୍କା କର୍ପସ ଫଣ୍ଡ୍ ସହିତ ଏକ ପାଣ୍ଠି ଗଠନ କରାଯିବ। ଶିକ୍ଷା ତଥା ବିଭିନ୍ନ କୋ-କରିକୁଲାର ଆକ୍ଟିଭିଟିଜ୍‌ରେ ଉତ୍କର୍ଷ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଏହି ପାଣ୍ଠିରୁ ଉଚ୍ଚ ବୃତ୍ତି ରାଶି ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ଏହି 'ନୂଆ-ଓ ଛାତ୍ରବୃତ୍ତି' ଯୋଜନାରେ ରାଜ୍ୟର ସ୍ନାତକ ଶ୍ରେଣୀର ୪.୫ ଲକ୍ଷ ଛାତ୍ରୀଛାତ୍ର ଓ ସ୍ନାତକୋତ୍ତର ଶ୍ରେଣୀର ୩୨ ହଜାର ଛାତ୍ରୀଛାତ୍ର ଉପକୃତ ହେବେ। ସେହିଭଳି ଅଗଷ୍ଟ ସୁଦ୍ଧା 'ନୂଆ- ଓ ମ୍ୟାଜିକ୍ ସ୍ମାର୍ଟ କାର୍ଡ' ସମସ୍ତ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଦିଆଯିବ। ଯେଉଁଥିରେ ଛାତ୍ରୀଛାତ୍ର ବସ୍, ଟ୍ରେନ୍‌ରେ ଯାତ୍ରା ସମୟରେ ଫ୍ରି ୱାଇଫାଇ, ଅନ୍‌ଲାଇନ କୋର୍ସ, ସ୍କିଲ୍ ଡେଭଲପ୍‌ମେଣ୍ଟ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇପାରିବେ। ଏହା ମାଧ୍ୟମରେ ଛାତ୍ରୀଛାତ୍ର ସଶକ୍ତ ହେବା ପାଇଁ ନୂଆ ଯୁଗ ଆରମ୍ଭ ହେବ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ନବୀନ ଓଡ଼ିଶା ଗଠନରେ ଏହା ସହାୟତା କରିବ। ଏହି ଅବସରରେ ପାଣ୍ଡିଆନ ଛାତ୍ରୀଛାତ୍ରଙ୍କୁ ବଡ଼ ସ୍ୱପ୍ନ ଦେଖି ଓ ଏହାକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବାକୁ ଆହ୍ୱାନ ଦେଇଥିଲେ।






# ନାମାଙ୍କନ ଦାଖଲକଲେ ଦେବାଶିଷ, ଶୁଭାଶିଷ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରୁ ମଙ୍ଗଳବାର ରାଜ୍ୟ ସଭା ସଦସ୍ୟ ପାଇଁ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

**ରାଜ୍ୟ ସଭା ନିର୍ବାଚନ**

ଭୁବନେଶ୍ୱର, ୧୩।୨ (ଅନିଲ ଦାସ)

ରାଜ୍ୟ ସଭା ନିର୍ବାଚନ ପାଇଁ ବିଜେଡିର ୨ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଉଭୟ ବିଧାନସଭା ରିଟର୍ନିଂ ଅଫିସର ଅବନୀକାନ୍ତ ପଟ୍ଟନାୟକଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ ସମୟରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଓ ବିଧାୟକ ଉପସ୍ଥିତ ଥିଲେ। ରାଜ୍ୟ ସଭାର ୩ ଆସନ ପାଇଁ ନିର୍ବାଚନ ହେଉଥିବା ବେଳେ ବିଜେଡି ଏବେ ସୁଦ୍ଧା ୨ ଜଣଙ୍କ ନାଁ ଘୋଷଣା କରିଛି। ସୋମବାର ବିଜେଡି ବାରବାଟୀ-କଟକର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ୧୯୬୦ରେ ଜନ୍ମଗ୍ରହଣ କରିଥିବା ଦେବାଶିଷ ୧୯୮୨ରେ ଶ୍ରୀଅରବିନ୍ଦ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଫ୍ ଏଜୁକେଶନରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ବିଜେଡି ଟିକେଟରେ ସେ ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରଥମେ ୨୦୦୦ରେ ତିର୍ତ୍ତୋଲ ବିଧାନସଭା ଆସନରୁ ବିଜେଡି ଟିକେଟରେ ସେ ବିଜୟୀ ହୋଇଥିଲେ। ପରେ ୨୦୦୯ ଓ ୨୦୧୪ରେ ଲଗାତର ଦୁଇଥର ବାରବାଟୀ-କଟକ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେହିପରି ଛାତ୍ର ରାଜନୀତିରୁ ଆସିଥିବା ଶୁଭାଶିଷ ଖୁଣ୍ଟିଆ ରାଜ୍ୟ ସଭା ପ୍ରାର୍ଥୀ ହୋଇଛନ୍ତି। ସେ ୨୦୦୭-୦୮ରେ ପୁରୀ ଜିଏମ୍ ଆଇନ ମହାବିଦ୍ୟାଳୟର ସଭାପତି ଥିଲେ। ସେଠାରୁ ସେ ତାଙ୍କର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ଏହା ପରେ ସେ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ରହିଥିବାବେଳେ ଏବେ ଯୁବ ବିଜେଡିର ଉପସଭାପତି ଦାୟିତ୍ୱରେ ରହିଛନ୍ତି। ସେ ପୁରୀ ଜିଲାର ଜୀବନବିନ୍ଦୁ ଓ ଓଡ଼ିଶା ମୋ ପରିବାରର ସଂଯୋଜକ ଦାୟିତ୍ୱରେ ମଧ୍ୟ ଅଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସଫଳତା ପଛରେ ତାଙ୍କର ବିଶେଷ ଅବଦାନ ରହିଛି।

ଆସନ୍ତା ୧୫ ତାରିଖରେ ନାମାଙ୍କନ ଦାଖଲ ପାଇଁ ଶେଷ ସମୟ ଧାର୍ଯ୍ୟ ହୋଇଛି। ୧୬ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ହେବାକୁ ଥିବାବେଳେ ୨୦ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୨୭ ତାରିଖରେ ଓଡ଼ିଶାର ୩ ଆସନ ସହ ୧୫ ରାଜ୍ୟର ୫୬ଟି ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ୨୯ ତାରିଖ ସୁଦ୍ଧା ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଏପ୍ରିଲ ୩ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଜେଡି ଏମ୍‌ପି ପ୍ରଶାନ୍ତ ନନ୍ଦ ଓ ଅମର ପଟ୍ଟନାୟକଙ୍କ କାର୍ଯ୍ୟକାଳ ଶେଷ ହେଉଛି। ତେବେ ଆଉ ଗୋଟିଏ ରାଜ୍ୟ ସଭା ଆସନ ନେଇ ଏ ପର୍ଯ୍ୟନ୍ତ ଚିତ୍ର ସ୍ପଷ୍ଟ ହୋଇନାହିଁ। ଏହି ଆସନରେ ବିଜେଡି ଆଉ କାହାକୁ ପ୍ରାର୍ଥୀ କରିବ କିମ୍ବା ଗତ ନିର୍ବାଚନ ଭଳି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପୁଣିଥରେ ରାଜ୍ୟ ସଭା ପଠାଇବ ତାହା ବୁଧବାର ସୁଦ୍ଧା ଜଣାପଡ଼ିବ। ଅନ୍ୟପକ୍ଷରେ ରେଳମନ୍ତ୍ରୀ ବୁଧବାରଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଥିବାରୁ ତାଙ୍କ ପ୍ରାର୍ଥୀତ୍ୱକୁ ନେଇ ଉତ୍ସୁକତା ଦେଖାଦେଇଛି। ତେବେ ଅଶ୍ୱିନୀଙ୍କୁ ବିଜେଡି ପୁଣି ଥରେ ରାଜ୍ୟ ସଭା ପାଇଁ ନିର୍ବାଚିତ କରିବ ବୋଲି ଚର୍ଚ୍ଚା ଜୋର ଧରିଛି।

# ବିଏସ୍‌କେୱାଇକୁ ଦ୍ୱିତୀୟଥର ସ୍କଚ୍ ଗୋଲ୍ଡ ଆୱାର୍ଡ



ଭୁବନେଶ୍ୱର, ୧୩।୨ (ଅସମାପିକା ସାହୁ)

ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା, ସଫଳତା ଓ ସ୍ୱଚ୍ଛତା ପାଇଁ ଓଡ଼ିଶା ସରକାରଙ୍କ ଅନନ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ସ୍ୱର୍ଣ୍ଣ ବର୍ଗରେ ଦ୍ୱିତୀୟଥର ଜାତୀୟ ସ୍କଚ୍ ଆୱାର୍ଡ-୨୦୨୩ ମିଳିଛି। ସ୍କଚ୍ ଆୱାର୍ଡ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ସମ୍ବିଧାନ କ୍ଲବ୍ ହଲ୍‌ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ଦିଆଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ସ୍ୱାସ୍ଥ୍ୟସେବା ପ୍ରତିଶ୍ରୁତି ସୋସାଇଟି (ସାସ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ଡି. ବୃନ୍ଦା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭାନନ୍ଦ ମହାପାତ୍ର ଏହି ସ୍କଚ୍ ଗୋଲ୍ଡ ଆୱାର୍ଡ ଗ୍ରହଣ କରିଛନ୍ତି। ବିଏସ୍‌କେୱାଇ ଓଡ଼ିଶାର ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦୃଶ୍ୟମାନ ରୂପାନ୍ତରଣ ଆଣିଛି। ରାଜ୍ୟର ସମସ୍ତ ୧୧୯.୮ ଲକ୍ଷ ପରିବାରର ପ୍ରାୟ ୪.୭୯ କୋଟି ଲୋକଙ୍କୁ ସରକାରୀ ଚିକିତ୍ସାଳୟଗୁଡିକରେ ଦେୟମୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ରୋଗ ନିର୍ଣ୍ଣୟ ପରୀକ୍ଷା ନିରୀକ୍ଷାଠାରୁ ଆରମ୍ଭ କରି ସ୍ପେଶାଲିଟି ପରାମର୍ଶ ଏବଂ ଔଷଧ ଆଦି ସମ୍ପୂର୍ଣ୍ଣ ଦେୟମୁକ୍ତ ଭାବେ ଯୋଗାଇ ଦିଆଯାଉଛି। ଏହାଛଡ଼ା ଆର୍ଥିକ ସମ୍ବେଦନଶୀଳ ଓ ଦୁର୍ବଳ ଶ୍ରେଣୀର ୯୯.୩ ଲକ୍ଷ ପରିବାରର ସମସ୍ତ ୩.୫୬ କୋଟି ସଦସ୍ୟଙ୍କୁ ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ସେମାନେ ତାଲିକାଭୁକ୍ତ ଘରୋଇ ସୁପର ସ୍ପେଶାଲିଟି ହସ୍ପିଟାଲଗୁଡିକରେ ପୂର୍ଣ୍ଣ ଦେୟମୁକ୍ତ ଚିକିତ୍ସା ପାଇପାରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସମେତ ୧୭ଟି ରାଜ୍ୟରୁ ୮୧୬ ଘରୋଇ ହସ୍ପିଟାଲ ବିଏସ୍‌କେୱାଇ ତାଲିକାଭୁକ୍ତ ହୋଇସାରିଲାଣି। ଯୋଜନାର ସ୍ୱଚ୍ଛତା, ଉପଯୁକ୍ତ ଚିକିତ୍ସା ପ୍ୟାକେଜ ଏବଂ ତୁରନ୍ତ ବିଲ୍ ପୈଠ ଆଦି ଯୋଗୁ ଅଧିକରୁ ଅଧିକ ଘରୋଇ ହସ୍ପିଟାଲ ଏଥିରେ ସାମିଲ ହେବା ନିମନ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ଏହି ସଫଳତା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ତଥା ସାସ୍‌ର ଅଧ୍ୟକ୍ଷ ଶାଳିନୀ ପଣ୍ଡିତ ବିଏସ୍‌କେୱାଇ ଟିମ୍‌ର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଲୋକମାନଙ୍କୁ ସେବା ପ୍ରଦାନ ଦିଗରେ ସର୍ବଦା ସଜାଗ ତଥା ତତ୍ପର ରହିବାକୁ ପରାମର୍ଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ବିଏସ୍‌କେୱାଇକୁ ୨୦୧୯ ବର୍ଷ ପାଇଁ ସ୍କଚ୍ ଗୋଲ୍ଡ ଆୱାର୍ଡ ମିଳିଥିଲା।

# ଅର୍ଚ୍ଚନାଙ୍କ ୨ ଦାମୀ ଗାଡ଼ି ନିଲାମ ହେବ

ଭୁବନେଶ୍ୱର, ୧୩।୨ (ସତ୍ୟଜିତ୍ ରାଉତ)



ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଛନ୍ଦି ହୋଇଥିବା ଅର୍ଚ୍ଚନା ନାଗଙ୍କ ଦୁଇଟି ଦାମୀ ଗାଡ଼ି ନିଲାମ ହେବ। ଏନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଡି ପକ୍ଷରୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର କୋର୍ଟରେ ନିଲାମ ନେଇ ଆବେଦନ କରାଯାଇଛି। ଏହି ଦୁଇ ଗାଡ଼ି ମଧ୍ୟରୁ ଗୋଟିଏ ଫୋର୍ଡ ଏଣ୍ଡେଭର ହୋଇଥିବାବେଳେ ଅନ୍ୟଟି ମହିନ୍ଦ୍ରା ଥର୍ ରହିଛି। ଏହି ଗାଡ଼ି ଦୁଇଟିର କ୍ରୟ ମୂଲ୍ୟ ୫୬ ଲକ୍ଷ ବୋଲି ଇଡି ଦର୍ଶାଇଛି। ହନିଟ୍ରାପ୍ ଦ୍ୱାରା ଅର୍ଜିତ ଅର୍ଥରେ ଏହି ଗାଡିଦୁଇଟିକୁ ଅର୍ଚ୍ଚନା କିଣିଥିବା ଇଡି ଉକ୍ତ ନିଲାମ ଆବେଦନରେ ଦର୍ଶାଇଥିବା ସୂଚନା ମିଳିଛି। ଅର୍ଚ୍ଚନା ଗିରଫ ହୋଇ ଜେଲରେ ଥିବାବେଳେ ଇଡି ଟିମ୍ ପ୍ରଥମେ ମହିନ୍ଦ୍ରା ଥର୍ ଏବଂ ୨୦୨୨ ନଭେମ୍ବର ୨୦ରେ ତାଙ୍କ ୩୩ଲକ୍ଷ ଟଙ୍କାର ଫୋର୍ଡ ଏଣ୍ଡେଭରକୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଏକ ଘରୋଇ କଲେଜ ସମ୍ମୁଖରୁ ଜବତ କରିଥିଲା। ତେବେ ପୂର୍ବରୁ ଖଣ୍ଡଗିରି ଏବଂ ନୟାପଲ୍ଲୀ ଥାନା ମାମଲାରେ ଅର୍ଚ୍ଚନାଙ୍କୁ ଜାମିନ ମିଳିଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ହୋଇଥିବା ବେଆଇନ ଅର୍ଥ କାରବାର ମାମଲାରେ ଗତ ଡିସେମ୍ବର ୪ରେ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଫଳରେ ୧୪ ମାସ ପରେ ଡିସେମ୍ବର ୧୨ରେ ଅର୍ଚ୍ଚନା ଝାରପଡ଼ା ଜେଲରୁ ବାହାରିଥିଲେ।

# ବୋମା ବିସ୍ଫୋରଣରେ ଆହତ ଦନ୍ତା ମୃତ

ଭୁବନେଶ୍ୱର, ୧୩।୨ (ଅସମାପିକା ସାହୁ)

ଭରତପୁର ଜଙ୍ଗଲରେ ବୋମା ବିସ୍ଫୋରଣରେ ଆହତ ହୋଇଥିବା ଏକ ଦନ୍ତା ହାତୀର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହି ହାତୀଟି ଖୋର୍ଦ୍ଧା ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି। ତେବେ ବନ କର୍ମଚାରୀମାନେ ସୋମବାର ଭରତପୁର ଜଙ୍ଗଲରେ ଗୁରୁତର ଆହତ ଅବସ୍ଥାରେ ଉକ୍ତ ହାତୀକୁ ଠାବ କରିଥିଲେ। ପରେ ଓୟୁଏଟି ଏବଂ ନନ୍ଦନକାନନ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସେଠାରେ ହାତୀଟିର ଚିକିତ୍ସା କରାଯାଉଥିଲା। ସୋମବାର ମଧ୍ୟରାତ୍ରରେ ହାତୀ'ର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଚିକିତ୍ସା କରିଥିବା ଡାକ୍ତରଙ୍କ କହିବାନୁଯାୟୀ, ପ୍ରାୟ ୧୫ଦିନ ତଳୁ ହାତୀଟି ବିସ୍ଫୋରଣର ଶିକାର ହୋଇଥିବା ଜଣାପଡୁଛି। ବାର୍‌ହା ଶିକାର ପାଇଁ ଶିକାରୀ ଖଞ୍ଜିଥିବା ବୋମାକୁ ଖାଇବାବେଳେ ବିସ୍ଫୋରଣରେ ହାତୀଟି ଗୁରୁତର ଆହତ ହୋଇଥିବା ଅନୁମାନ କରାଯାଉଛି। ହାତୀଟିର ଜିଭ ଛିଡ଼ିଯିବା ସହ ମାଡ଼ି ହାଡ଼ ଫାଟି ନଷ୍ଟ ହୋଇଯାଇଥିଲା। ତେବେ ବୋମା ବିସ୍ଫୋରଣରେ ଦନ୍ତା ହାତୀର ମୃତ୍ୟୁ ମାମଲାରେ ତଦନ୍ତ ଆରମ୍ଭ ହୋଇଛି। କେଉଁ ସ୍ଥାନରେ ବୋମା ଖଞ୍ଜାଯାଇଥିଲା, ବୋମା କିଏ ଖଞ୍ଜିଥିଲା ସେସବୁର ଅନୁଧ୍ୟାନ କରାଯାଉଛି ବୋଲି ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ମଙ୍ଗଳବାର ସୂଚନା ଦେଇଛନ୍ତି। ଅପରପକ୍ଷେ ହାତୀ ଶିକାର କ୍ଷେତ୍ରରେ ଓଡ଼ିଶାରେ ଏଭଳି ଘଟଣା ନୂଆ ବୋଲି କୁହାଯାଉଛି। ଯଦିଓ ପୂର୍ବରୁ ଏଭଳି ଘଟଣା କେରଳରେ ଦେଖିବାକୁ ମିଳିଥିଲା, ତେବେ ଭୁବନେଶ୍ୱର ଉପକଣ୍ଠରେ ଶିକାରୀଙ୍କ ଏଭଳି ବର୍ବର ଶିକାରଶୈଳୀକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଚିନ୍ତାପ୍ରକଟ କରିଛନ୍ତି। ବିଶେଷଜ୍ଞଙ୍କ କହିବାନୁସାରେ, ବାର୍‌ହା ଶିକାର ପାଇଁ ଏଭଳି ବୋମା ଖଞ୍ଜାଯାଇଥାଏ। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି, ବାର୍‌ହା ଶିକାର ପାଇଁ ବୋମା ଖଞ୍ଜାଯାଇଥିଲା ନା ହାତୀ ଶିକାର ଲାଗି ଏଭଳି ହୋଇଥିଲା। ସରକାରୀ ତଥ୍ୟାନୁସାରେ, ଗତ ୫ ବର୍ଷରେ ରାଜ୍ୟରେ ୪୩୦ ହାତୀଙ୍କ ଜୀବନ ଯାଇଛି। ସେଥିମଧ୍ୟରୁ ଶିକାର ଯୋଗୁ ୨୨ଟି ହାତୀର ଜୀବନ ଯାଇଥିବାବେଳେ ଯୋଜନାବଦ୍ଧ ହତ୍ୟାରେ ୨ ଓ ବିଷକ୍ରିୟାରେ ଗୋଟିଏ ହାତୀର ମୃତ୍ୟୁ ହୋଇଛି।

# ଏପ୍ରିଲ ୨୨ରେ ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ନିଯୁକ୍ତି ରାଲି ସାଧାରଣ ପ୍ରବେଶିକା ପରୀକ୍ଷା

**ମାର୍ଚ୍ଚ ୨୨ ପର୍ଯ୍ୟନ୍ତ ଅନ୍‌ଲାଇନ୍ ପଞ୍ଜୀକରଣ**

କଟକ, ୧୩।୨ (କାର୍ତ୍ତିକ ସାହୁ)

ଭାରତୀୟ ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ନିଯୁକ୍ତି ରାଲି ନିମନ୍ତେ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା-୨୦୨୪ ଆସନ୍ତା ଏପ୍ରିଲ ୨୨ ତାରିଖରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଅନ୍‌ଲାଇନ୍ ପଞ୍ଜୀକରଣ ଫେବୃଆରୀ ୧୩ ତାରିଖରୁ ଆରମ୍ଭ ହୋଇଛି। ଏହି ପଞ୍ଜୀକରଣ ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଜିଲାର ଯୋଗ୍ୟ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ। ଭାରତୀୟ ସେନାର ୱେବସାଇଟ୍ www.joinindianarmy.nic.in ମାଧ୍ୟମରେ ପ୍ରାର୍ଥୀମାନେ ପଞ୍ଜୀକରଣ କରିପାରିବେ। ଆବେଦନକାରୀ ୨୫୦ ଟଙ୍କା ପରୀକ୍ଷା ଦେୟ ଦାଖଲ କରିବେ। ନିର୍ଦ୍ଧାରିତ ତାରିଖରେ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଏହି ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହେବ। ଏଥିରେ ପ୍ରାର୍ଥୀମାନଙ୍କୁ କମ୍ପ୍ୟୁଟର ଆଧାରିତ ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଦେବାକୁ ହେବ। ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ସହ ଆବେଦନକାରୀମାନଙ୍କୁ ପରିଚିତ କରାଇବା ପାଇଁ ୱେବସାଇଟ୍‌ରେ ଏକ ଅଭ୍ୟାସ ପରୀକ୍ଷା ଉପଲବ୍ଧ ରହିଛି। ପଞ୍ଜୀକରଣ ସମ୍ବନ୍ଧିତ କୌଣସି ଅନୁସନ୍ଧାନ ନିମନ୍ତେ ପ୍ରାର୍ଥୀମାନେ କଟକସ୍ଥିତ ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ପ୍ରତି ମାସରେ ପୁରସ୍କୃତ ହେବେ କୃଷି ବିଭାଗ କର୍ମଚାରୀ

ଭୁବନେଶ୍ୱର, ୧୩।୨ (ଅସମାପିକା ସାହୁ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ ପ୍ରଦର୍ଶନ କରି ବିଭାଗ ପାଇଁ ସୁନାମ ଆଣିଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯିବ। ଏ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରତି ମାସରେ ଉତ୍ତମ ପ୍ରଦର୍ଶନ ଆଧାରରେ କର୍ମଚାରୀମାନଙ୍କୁ ଚୟନପୂର୍ବକ ପ୍ରଶଂସାପତ୍ର ପ୍ରଦାନ କରାଯିବ। ଏଥିସହ ସାମାଜିକ ଗଣମାଧ୍ୟମ ଜରିଆରେ ସେମାନଙ୍କୁ ପ୍ରୋତ୍ସାହିତ କରାଯିବ। କର୍ମଚାରୀଙ୍କ ପ୍ରଦର୍ଶନର ଆଧାର କେବଳ ମାତ୍ର ବ୍ୟୟ ଧାର୍ଯ୍ୟ ଲକ୍ଷ୍ୟ ସମ୍ବନ୍ଧିତ ନ ହୋଇ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପର ଗୁଣାତ୍ମକ ରୂପାୟନ ଦିଗରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନକୁ ବିଚାରକୁ ନିଆଯିବ ବୋଲି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅନ୍ତର୍ଗତ ସମସ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ସରକାରୀ ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକଙ୍କୁ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କର୍ମଚାରୀଙ୍କ ନାମ ତାଲିକା ପ୍ରତି ମାସ ୧୦ ତାରିଖ ସୁଦ୍ଧା ପଠାଇବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଚୋରା ଲୁହାପଥର ଜବତ

ଯୋଡ଼ା, ୧୩।୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ପିଢ଼ପୋଖରୀ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଚୋରାରେ ଉତ୍ତୋଳନ ହୋଇଥିବା ପ୍ରାୟ ୨୪ ମେଟ୍ରିକ ଟନ ଲୁହାପଥରକୁ ଖଣି ବିଭାଗ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଖଣି ବିଭାଗ ସୂଚନା ଦେଇଛି।



କଟକଠାରେ ମହାନଦୀ ପାଣିକୁ ଆବର୍ଜନା ମୁକ୍ତ କରିବାକୁ ଉତ୍ତରପ୍ରଦେଶ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଫୋର୍ସର କର୍ମଚାରୀମାନେ ସଫେଇ କାର୍ଯ୍ୟ କରୁଛନ୍ତି।

# ୭ ଗିରଫ, ୬୪,୪୫,୪୦୦ ଟଙ୍କା ଜବତ

କଟକ, ୧୩।୨ (କାର୍ତ୍ତିକ ସାହୁ)



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଉଛନ୍ତି।

**ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଭ୍ୟାନ୍‌ରୁ ଡକାୟତି ମାମଲା**

- ଛୁରି, ପିସ୍ତଲ ଦେଖାଇ ନେଇଯାଇଥିଲେ ୧ କୋଟି ୬୭ ଲକ୍ଷ ଟଙ୍କା
- ତଦନ୍ତ ଜାରି, ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ଖୋଜୁଛି ପୋଲିସ

ତିଗିରିଆଠାରେ ଘଟିଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଭ୍ୟାନ୍‌ରୁ ଡକାୟତି ମାମଲାରେ କଟକ ଗ୍ରାମାଞ୍ଚଳ ପୋଲିସ ୭ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତିଗିରିଆ ଥାନା ପଙ୍କଳ ଗ୍ରାମର କଲିମ ଖାନ୍ ଓରଫ ଜଗୁ ଓରଫ ଶୁକୁଟା (୨୯), ରୋହନ୍ ଖାନ ଓରଫ ଡକ୍ଟର ଓରଫ ବାୟା (୨୮), ସାହିଦ୍ ଖାନ୍ (୨୦), ଆଜିମୁଦ୍ଦିନ ଖାନ ଓରଫ ସୁରଜ ଓରଫ ଡନ୍, ପଣସପଡ଼ିଆର ସେକ୍ ସଲିଲ ଓରଫ ଅମଣ (୨୩), ମହମ୍ମଦ ନସରୁଲ୍ଲା ଓରଫ ପୁପୁନ୍ (୩୩) ଏବଂ ନୂଆପାଟଣା ଗହମରସାହିର ଦୀପୁରଞ୍ଜନ ସେଠୀ ଓରଫ ଛୋଟା (୩୦)। ଏମାନଙ୍କଠାରୁ ନଗଦ ୬୪,୪୫,୪୦୦ ଟଙ୍କା, ୬ଟି ମୋବାଇଲ୍ ଫୋନ୍, ୩ଟି ଛୁରି ଏବଂ ଗୋଟିଏ ଖେଳଣା ପିସ୍ତଲ ଜବତ କରାଯାଇଛି ବୋଲି କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ୨୦୨୩ ନଭେମ୍ବର ୧୦ରେ ସିକ୍ୟୋର ଭାଲ୍ୟୁ କେସ୍ ମ୍ୟାନେଜମେଣ୍ଟ କମ୍ପାନୀର କର୍ମଚାରୀମାନେ ନଗଦ ୧ କୋଟି ୬୭ ଲକ୍ଷ ଟଙ୍କା ଏକ ଭ୍ୟାନ୍ (ନଂ. ଓଡି-୦୨-ଏକ୍ସ-୬୭୪୬)ରେ ନେଇ ତିଗିରିଆରୁ କଟକ ଆସୁଥିଲେ। ଏ ସମସ୍ତ ଟଙ୍କା ତିଗିରିଆ ଅଞ୍ଚଳର ବିଭିନ୍ନ ଷ୍ଟେଟବ୍ୟାଙ୍କ ଏଟିଏମ୍‌କୁ ଅଣାଯାଉଥିଲା। କର୍ମଚାରୀମାନେ ଟଙ୍କା ନେଇ ଆସୁଥିବା ବେଳେ ନୂଆସଡ଼କ-କଳାରଗଡ଼ା ରୋଡ୍‌ର ପୁରୁଣା ରାଇସ୍ ମିଲ୍ ନିକଟରେ ଅପରାହ୍ଣ ପ୍ରାୟ ୨ଟାରେ ଏକ ଡକାୟତ ଦଳ ଭ୍ୟାନ୍‌କୁ ଅଟକାଇଥିଲେ। ସେମାନେ କର୍ମଚାରୀମାନଙ୍କୁ ପିସ୍ତଲ ଓ ଛୁରି ଦେଖାଇ ଭୟଭୀତ କରି ସବୁ ଟଙ୍କା ଲୁଟିନେଇଥିଲେ। ତତ୍‌ପରେ ସେମାନେ ଘଟଣାସ୍ଥଳରୁ ଏକ ସ୍କର୍ପିଓ ଏବଂ ୨ଟି ମୋଟରସାଇକେଲରେ ଖସି ପଳାଇଥିଲେ। ଏନେଇ ଅଭିଯୋଗ ପରେ ତିଗିରିଆ ଥାନାରେ ଏକ କେସ୍ (ନଂ. ୨୨୬/୨୦୨୩) ରୁଜୁ ହୋଇଥିଲା। ଡିଏସ୍‌ପି ଅଶ୍ୱିନୀ କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ମାମଲାର ତଦନ୍ତ କରାଯାଇଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କଟକ ଗ୍ରାମାଞ୍ଚଳ ଏସ୍‌ପି ନିଜେ ତଦନ୍ତକୁ ତଦାରଖ କରିଥିଲେ। ଏଥିସହ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ କ୍ରମାଗତ ଭାବେ ମାମଲାର ତଦନ୍ତକୁ ତଦାରଖ କରୁଥିଲେ। ଏହି ତଦନ୍ତ ଏବେ ବି ଚାଲୁ ରହିଛି। ଏହି ଲୁଟ୍ ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରିସରଭୁକ୍ତ ରହିଛି। ଆଗାମୀ ଦିନରେ ଅଭିଯୁକ୍ତମାନଙ୍କ ଗିରଫଦାରି ଆହୁରି ବଢ଼ିବ ବୋଲି ଏସ୍‌ପି ପଣ୍ଡା ସୂଚନା ଦେଇଛନ୍ତି।

# ୧୫୩ ହସ୍ପିଟାଲ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ 'ମୁଖ୍ୟମନ୍ତ୍ରୀ ପୁରସ୍କାର'




**ଭୁବନେଶ୍ୱର, ୧୩।୨ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉତ୍କର୍ଷ ପାଇଁ ପ୍ରଥମ ପର୍ଯ୍ୟାୟରେ ୬ଟି ବର୍ଗରେ ୧୫୩ ସ୍ୱାସ୍ଥ୍ୟାନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ 'ମୁଖ୍ୟମନ୍ତ୍ରୀ ପୁରସ୍କାର' ପ୍ରଦାନ କରିଛନ୍ତି। ମଙ୍ଗଳବାର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଉତ୍ସବରେ ଏନ୍‌କ୍ୟୁଏସ୍ ସାର୍ଟିଫିକେଟଧାରୀ ୩ଟି ହସ୍ପିଟାଲ, ଲକ୍ଷ୍ୟ ସାର୍ଟିଫିକେଟ ପାଇଥିବା ୧୪, କାୟାକଳ୍ପ ବିଜେତା ୨୦ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନୁବନ୍ଧିତ ହୋଇଥିବା ୪୭ ହସ୍ପିଟାଲ, ୨ଟି କୋଭିଡ୍ ହସ୍ପିଟାଲ ଏବଂ ୨ଟି କେନ୍ଦ୍ର ସରକାରଙ୍କ ହସ୍ପିଟାଲକୁ ସର୍ବୋତ୍କୃଷ୍ଟ ହସ୍ପିଟାଲ ଭାବେ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଜନସ୍ୱାସ୍ଥ୍ୟ ସେବା ଯୋଗାଇବା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ୭ଟି ହସ୍ପିଟାଲକୁ, ପ୍ରଥମ ସ୍ଥାନ ପାଇଁ ୨ୟ ସ୍ଥାନରେ ଥିବା ୪ଟି ହସ୍ପିଟାଲ ଏବଂ ତୃତୀୟ ସ୍ଥାନରେ ଥିବା ୪ଟି ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ସେବାରେ ବ୍ୟକ୍ତିଗତ ପାରଦର୍ଶିତା ପାଇଁ ୨୮ ଜଣ ଡାକ୍ତରଙ୍କୁ ଏବଂ ୧୬ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହିତ ବାହାନଗା ରେଳ ଦୁର୍ଘଟଣାରେ ଆହତଙ୍କୁ ଚିକିତ୍ସା କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ୬ଟି ହସ୍ପିଟାଲକୁ ମଧ୍ୟ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ସରକାରୀ, ଘରୋଇ ଡାକ୍ତରଖାନା ଏବଂ ବ୍ୟକ୍ତିବିଶେଷଙ୍କୁ ଚିକିତ୍ସା ସେବା ଯୋଗାଇବାକୁ ପ୍ରୋତ୍ସାହିତ କରିବ। ୨୦୨୨-୨୩ ପାଇଁ ସର୍ବପୁରାତନ ଉତ୍ତମ ମେଡିକାଲ କଲେଜ ଭାବେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ପ୍ରଥମ ସ୍ଥାନ ପାଇଁ ପୁରସ୍କୃତ କରାଯାଇଥିବା ବେଳେ ନୂଆ ମେଡିକାଲ କଲେଜ ଭାବେ ବଲାଙ୍ଗୀରର ଭୀମଭୋଇ ମେଡିକାଲ କଲେଜକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି କଟକସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍ପିଟାଲକୁ ଉତ୍ତମ କୋଭିଡ୍ ହସ୍ପିଟାଲ ଏବଂ ଭୁବନେଶ୍ୱରର କେନ୍ଦ୍ର ସରକାରଙ୍କ ଆର୍‌ଏମ୍‌ଆର୍‌ସିକୁ କୋଭିଡ୍ ମହାମାରୀ ବେଳେ ଉତ୍ତମ ଆନୁଷ୍ଠାନିକ ସେବା ପାଇଁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଉପସ୍ଥିତ ଥିଲେ।

**ପ୍ରଥମ ପର୍ଯ୍ୟାୟ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ଉତ୍ସବ**

# ବ୍ଲକ ପରିସର ପୋଖରୀରେ ବୁଡ଼ିଗଲେ ଯନ୍ତ୍ରୀଙ୍କ ପୁଅ

**ବସ୍ତା, ୧୩।୨ (ହରିଶଙ୍କର ପାଢୀ)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ବ୍ଲକରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ସୁପାୟ ହାଁସଦାଙ୍କ ୮ବର୍ଷର ପୁଅ ମଙ୍ଗଳବାର ପୋଖରୀରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ମୃତ ଶିଶୁ ହେଲେ ଲାଲମୋହନ ହାଁସଦା। ସୁପାୟ ବ୍ଲକ ପରିସର ସରକାରୀ କ୍ୱାର୍ଟର୍ସରେ ରୁହନ୍ତି। ସକାଳେ ଲାଲ୍‌ମୋହନ ବ୍ଲକ ପରିସରରେ ଥିବା ପୋଖରୀ ପାଖରେ ଖେଳୁଥିଲେ। ଅସାବଧାନତାରୁ ପୋଖରୀରେ ପଡ଼ିଯାଇ ବୁଡ଼ିଯାଇଥିଲେ। ପୋଖରୀ ପାଖକୁ କେତେକ କର୍ମଚାରୀ ଯାଇଥିବା ବେଳେ ପାଣିରେ ଲାଲମୋହନ ଭାସୁଥିବା ଦେଖିଥିଲେ। ଅନ୍ୟ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ବସ୍ତା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଜୀବନ ବଞ୍ଚିଲା, ୪ ଲକ୍ଷ ଟଙ୍କା ବି ମିଳିଲା

**ନୀଳଗିରି, ୧୩।୨ (ପ୍ରଶାନ୍ତ ବିଶ୍ୱାଳ)**

ଗୋଟିଏପଟେ ହିଂସ୍ରଜନ୍ତୁର ମରଣାନ୍ତକ ଆକ୍ରମଣ, ଅନ୍ୟପକ୍ଷେ ମାନବିକତାର ଚରମ ନିଦର୍ଶନ। ସୌଭାଗ୍ୟବଶତଃ ଭାଲୁ ମୁହଁରୁ ବର୍ତ୍ତିଥିବା ଜଣେ ବ୍ୟକ୍ତି ଦୁଇ ଯୁବକଙ୍କ ମହତପଣିଆ ଯୋଗୁ ୪ ଲକ୍ଷ ଫେରିପାଇଛନ୍ତି। ଯାହାକି ନୀଳଗିରି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବାଲେଶ୍ୱର ଜିଲା ନୀଳଗିରି ବଜାରରୁ ପରିବା କିଣି ମିତ୍ରପୁର ରାସ୍ତା ଦେଇ ରଞ୍ଜନ କୁମାର ବେହେରା ନାମକ ବ୍ୟକ୍ତି ନିଜ ଘରକୁ ବାଇକ୍‌ରେ ଯାଉଥିଲା। ସେ ପରିବା ବ୍ୟାଗରେ ୪ଲକ୍ଷ ଟଙ୍କା ମଧ୍ୟ ରଖିଥିଲେ। କଣ୍ଟାବଣିଆ ଛକ ନିକଟରେ ହଠାତ୍ ଏକ ଭାଲୁ ବାହାରି ଆସିବାରୁ ବାଇକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଇକ୍‌ଟି ପଡ଼ିଯାଇଥିଲା। ବାଇକ୍‌ରେ ଥିବା ପରିବା ବ୍ୟାଗ ମଧ୍ୟ ପଡ଼ିଯାଇଥିଲା। ଭାଲୁ ରଞ୍ଜନଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିବାରୁ ସେ ଜୋର୍‌ରେ ଚିତ୍କାର କରିଥିଲେ। ଫଳରେ ଭାଲୁଟି ଜଙ୍ଗଲ ମଧ୍ୟକୁ ଛାଡ଼ି ପଳାଇଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ହୋଇ ରଞ୍ଜନ ରାସ୍ତାରେ ପଡିଥିବା ବେଳେ ମିତ୍ରପୁର ପଟୁ ଆସୁଥିବା ପୋଲିସ ଭ୍ୟାନ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ରାସ୍ତା ଉପରେ ପଡିରହିଥିଲା ୪ ଲକ୍ଷ ଟଙ୍କା ଥିବା ପରିବା ବ୍ୟାଗ। ସେହି ବାଟ ଦେଇ ଆସୁଥିବା ଗୋପୀନାଥପୁର ଅଞ୍ଚଳର ଅଶୋକ ସିଂ ଓ ଦେବରାଜ ନାୟକ ପରିବା ବ୍ୟାଗ୍‌ରେ ଥିବା ଟଙ୍କାକୁ ପାଇ ନୀଳଗିରି ଥାନାରେ ଜିମା ଦେଇଥିଲେ। ନୀଳଗିରି ଥାନା ଅଧିକାରୀ ଗୋପାଳ କର୍ଣ୍ଣ ଦୁଇ ଯୁବକଙ୍କୁ ସାଧୁବାଦ ଜଣାଇଛନ୍ତି। ଥାନାରୁ ରଞ୍ଜନ କୁମାର ବେହେରା ସମସ୍ତ ପ୍ରମାଣ ଦେଖାଇ ନିଜର ସମସ୍ତ ଟଙ୍କା ନେବା ସହ ଯୁବକଦ୍ୱୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRE
REQUIRED ACCOUNTANT FOR MEDICINE FIRM
Eligibility: B.Com. having experience of at least 5 years with Tally & Statutory - ESI, TDS, PF and GST.
Location: Tangibanta, Bhubaneswar
Contact No.: 9777169160, 7978388286

REQUIRED
Sales Staff for a Tiles Showroom +2 / Graduate
Contact: 8340420307
EURO MARBLE & TILES

APPOINTMENT
Required Manager-cum-Receptionsit, Male/ Female for Herbal health Spa, At: Bhubaneswar, Odisha. Accommodation & Food available.
Contact: 9937367710

ଆବଶ୍ୟକ
ଏକ କମ୍ପାନୀରେ କାମ କରିବା ପାଇଁ ସିକ୍ୟୁରିଟି ଗାର୍ଡ ଆବଶ୍ୟକ। ବୟସ: ୨୦-୪୦ ବର୍ଷ, ଯୋଗ୍ୟତା: ଦଶମ, ଦରମା: ୧୨,୦୦୦/- ପ୍ରତିମାସ, ରହିବା ଖାଇବା ମାଗଣା।
ସ୍ଥାନ: ବିଜୟୱାଡା, ଆନ୍ଧ୍ରପ୍ରଦେଶ।
ମୋବାଇଲ ନଂ. 8801497437

WANTED
Urgently required Experienced Marketing Personnel for SATYANJANA PROPERTIES PVT. LTD. (A Real Estate Company), NH/200, IRC Village, Nayapalli, Bhubaneswar. Salary: Rs.10,000/- (Fixed) per month.
Contact: 9658322441

ankura hospital for women & children | 9M
Best healthcare brand for Women & Children is now recruiting for its upcoming Bhubaneswar center
Pediatrics & Gynecology (DMO & Registrars)
Nursing, HR, Pharmacy, Operations, Quality, OT Tech, PRE, Front office, Billing, Marketing, IT, Lab Tech, MOD, Accounts & Internal Audit, Tele Caller
Kindly Mail Your CV / Resume
job@ankurahospital.com
9121053131
Location:
Near Sisubhavan Bus Stop, Bapuji Nagar, Bhubaneswar, Odisha 751009
Telangana | Andhra Pradesh | Maharastra | Odisha

WANTED
ଧରିତ୍ରୀ DHARITRI Oriya daily is looking for
Layout Designers
- Minimum 3 years+ experience in print media.
- Proficiency in InDesign, Photoshop, CorelDRAW is a must.
Apply within 7 days to : recruitment@dharitri.com
Attractive salary commensurate with experience

PARADIP PORT AUTHORITY
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/196/2015(Pt.-IV)/321 Dated, the 06th Feb, 2024
Advertisement
Applications are invited from Indian Nationals for engagement of 01 (one) Sr. Manager (Information, Communication & Trade Facilitation) and Manager (Information, Communication & Trade Facilitation) on contractual basis in Paradip Port Authority.
For further details, visit our website https://paradipport.gov.in/Carret.aspx.
PPA/PR/84/2023-2024 dtd. 07.02.2024
Sd/- Sr. Asst. Secretary Paradip Port Authority

See Career Appointment on every Wednesday & Saturday

Parul® University
Vadodara, Gujarat
NAAC GRADE A++
CSE | IT | BCA | MCA
Applications are invited for the posts of Lecturer, Assistant/ Associate Professor & Professor in above disciplines
Eligibility: • B.Tech/ BE (CSE/IT) • M Tech/ ME (CSE/IT) • MCA or M.Sc.(CS/IT) • Ph.D
Graduation with First Class Merit
Salary: • For B.Tech (Fresher) - CTC 3.0 – 4.0 Lac/ Annum • For M.Tech (Fresher) - CTC 4.8 – 6.0 Lac/ Annum
Outstation Candidates Shall Be Paid 10-15k Per Month Additional Salary As Relocation Allowance. *No Bar For Experienced & Deserving Candidates
Qualification & experience as per AICTE norms. Interested candidates can also apply through www.paruluniversity.ac.in/careers. Registrar




ଅକ୍ଟୋବର ୨୦୨୪ରେ ଆରମ୍ଭ ହେବାକୁ ଯାଉଥିବା ଶର୍ଟ ସର୍ଭିସ୍ କମିଶନ (ଟେକ୍) ପୁରୁଷ-୬୩ତମ ଏବଂ ଶର୍ଟ ସର୍ଭିସ୍ କମିଶନ (ଟେକ୍) ମହିଳା-୩୪ତମ ପାଠ୍ୟକ୍ରମରେ ଯୋଗଦେବା ପାଇଁ ବୈଷୟିକ ସ୍ନାତକ (ବିଇ/ବି.ଟେକ୍)ଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି।
ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ୨୧ ଫେବୃଆରୀ ୨୦୨୪ରେ ବନ୍ଦ ହୋଇଯିବ।
ଅଧିକ ବିବରଣୀ ପାଇଁ ଲଗ୍ ଇନ୍ କରନ୍ତୁ
www.joinindianarmy.nic.in
Scan the QR Code for more information
CBC 10601/13/0068/2324




ସତର୍କ ରୁହନ୍ତୁ!
କେବେ ବି ଅଜଣା ଲିଙ୍କ ଉପରେ କ୍ଲିକ୍ କରନ୍ତୁ ନାହିଁ... ଏପରି କରିବା ଦ୍ୱାରା ଆପଣ ନିଜ ବ୍ୟାଙ୍କ ଖାତାରେ ଠକେଇ ହେବାର ସମ୍ଭାବନାକୁ ବୃଦ୍ଧି କରୁଛନ୍ତି।




ଅଜଣା ଲିଙ୍କ ପ୍ରତି ସାବଧାନ ରୁହନ୍ତୁ :
- ଅଜଣା ଲିଙ୍କ ଯୁକ୍ତ ଏସ୍‌ଏମ୍‌ଏସ୍/ଇ-ମେଲକୁ ଯଥାଶୀଘ୍ର ଡିଲିଟ କରନ୍ତୁ
- ଯଦି କୌଣସି ୱେବସାଇଟ ଆର୍ଥିକ ସୂଚନା ପାଇଁ ଅନୁରୋଧ କରନ୍ତି ତେବେ ତାର ବିବରଣୀ ଯାଞ୍ଚ କରନ୍ତୁ
- ସୋସିଆଲ ମେଡିଆରେ ବ୍ୟକ୍ତିଗତ କିମ୍ବା ବ୍ୟାଙ୍କ ସମ୍ବନ୍ଧୀୟ ସୂଚନା ଶେୟାର କରନ୍ତୁ ନାହିଁ

ଅଧିକ ସୂଚନା ପାଇଁ ଭିଜିଟ କରନ୍ତୁ https://rbikehtahai.rbi.org.in/dp
ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ RESERVE BANK OF INDIA www.rbi.org.in
ଡିଜିସାଥୀ, ଡିଜିଟାଲ ପେମେଣ୍ଟ ବିକଳ୍ପ ସମ୍ବନ୍ଧିତ ସୂଚନା ଉପରେ ସ୍ୱୟଂଚାଳିତ ପ୍ରତିକ୍ରିୟା ନିମନ୍ତେ 24 x 7 ହେଲ୍ପଲାଇନ: ଟୋଲ ଫ୍ରି ନମ୍ବର: 1800-891-3333; ସଂକ୍ଷିପ୍ତ କୋଡ୍: 14431; ୱେବସାଇଟ : www.digisaathi.info

# ପୋଲିସ ପଞ୍ଝାରେ ଆନ୍ତଃ ରାଜ୍ୟ କାର୍ ଚୋରି ର୍ୟାକେଟ୍

**ଭୁବନେଶ୍ୱର,୧୩।୨(ସତ୍ୟଜିତ୍ ରାଉତ)**

ଦିଲ୍ଲୀରୁ କାର୍ ଚୋରି କରୁଥିଲେ। ପରେ ନମ୍ବର ପ୍ଲେଟ୍ ବଦଳାଇ ସେଗୁଡ଼ିକୁ ଦେଶର ଅନ୍ୟ ରାଜ୍ୟରେ ବିକ୍ରି କରୁଥିଲେ। ଭୁବନେଶ୍ୱରରେ ଏକ ଚୋରା କାର୍ ବିକ୍ରି କରିବାକୁ ଯୋଜନା କରୁଥିବାବେଳେ କମିଶନରେଟ୍ ପୋଲିସ ମଙ୍ଗଳବାର ସମ୍ପୃକ୍ତ ଆନ୍ତଃରାଜ୍ୟ କାର୍ ଚୋରି ର୍ୟାକେଟ୍‌କୁ ଧରିଛି। ଏହି ର୍ୟାକେଟରେ ଦୁଇ ଦମ୍ପତିଙ୍କ ସମେତ ଜଣେ ସହଯୋଗୀ ରହିଛନ୍ତି। ଚନ୍ଦ୍ରଶେଖରପୁର ଥାନା ପୋଲିସ ପଟିଆ ଅଞ୍ଚଳରୁ ଉକ୍ତ ର୍ୟାକେଟର ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତାମିଲନାଡୁ ଚେଙ୍ଗାଲପେଟ୍ଟୁ ଅଞ୍ଚଳର ଜାହିଦ ହୁସେନ୍ (୪୮) ଓ ତାଙ୍କ ସ୍ତ୍ରୀ ଶାବନା ସାଦିକ୍, ପଶ୍ଚିମବଙ୍ଗ କୋଲକାତା ତାଲତଲା ଅଞ୍ଚଳର ଏମ୍‌ଡି ଫରାଜ୍ (୩୭) ଓ ତାଙ୍କ ସ୍ତ୍ରୀ ସାମନ୍ତା ନାଶରିନ୍ ବେଗମ୍ (୪୫) ଏବଂ ଅନ୍ୟଜଣେ ସହଯୋଗୀ ହେଲେ ଇଶାନ୍ କ୍ଲାର୍ସି (୩୫)। ସେମାନଙ୍କ ନିକଟରୁ ୩ଟି ଚୋରା କାର୍ (ଫର୍ଚୁନର୍, ସୁଇଫ୍ଟ ଓ ହୋଣ୍ଡା ସିଟି) ସହ ୪ଟି ଫେକ୍ ନମ୍ବର ପ୍ଲେଟ୍, ୬ଟି ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ଦସ୍ତାବିଜ୍ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୧୦/୨୦୨୪) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।





ଚନ୍ଦ୍ରଶେଖପୁର ପୋଲିସ ଦ୍ୱାରା ଗିରଫ ୫ ଅଭିଯୁକ୍ତ ଓ ଜବତ କାର୍।

ସକାଳ ପ୍ରାୟ ୭ଟାରେ ପଟିଆସ୍ଥିତ କଳିଙ୍ଗ କଷ୍ଟମ୍ ଗ୍ୟାରେଜ୍ ସାମ୍ନାରେ ଅଭିଯୁକ୍ତମାନେ ଜବତ ହୋଇଥିବା ଉକ୍ତ ଫର୍ଚୁନର୍ କାର୍‌ରେ ରହି ଗ୍ରାହକ ଖୋଜୁଥିଲେ। ତେବେ ଉକ୍ତ କାର୍‌ରେ ନମ୍ବର ପ୍ଲେଟ୍ ନ ଥିବା ଦେଖି ସ୍ଥାନୀୟ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ଚନ୍ଦ୍ରଶେଖରପୁର ଥାନା ପୋଲିସର ଏକ ଟିମ୍ ସେଠାରେ ପହଞ୍ଚି ସମସ୍ତଙ୍କୁ ପଚରାଉଚରା କରିବାରୁ ଉକ୍ତ କାର୍‌ରୁ ଫେକ୍ ନମ୍ବର ପ୍ଲେଟ୍‌ଗୁଡ଼ିକ ବାହାରିଥିଲା। ଅଧିକ ପଚରାଉଚରା ପରେ ଆନ୍ତଃରାଜ୍ୟ କାର୍ ଚୋରି ର୍ୟାକେଟ ସମ୍ପର୍କରେ ଜଣାପଡିଥିଲା। ଅଭିଯୁକ୍ତ ଏମ୍‌ଡି ଫରାଜ୍ ଦିଲ୍ଲୀ ଯାଇ ଗାଡ଼ି ଚୋରି କରୁଥିଲେ। ସେ ଉକ୍ତ ଗାଡିଗୁଡିକୁ କୋଲକାତାକୁ ଆଣି ସହଯୋଗୀଙ୍କ ଜରିଆରେ ବିକ୍ରି କରୁଥିଲେ। ଗାଡି ବିକ୍ରି ପାଇଁ ଦିଲ୍ଲୀ, ହରିୟାଣା, ୟୁପି ଆଦିର ନମ୍ବର ପ୍ଲେଟ୍ ବ୍ୟବହାର କରୁଥିଲେ। ତେବେ ଜବତ ଫର୍ଚୁନର୍ କାର୍‌କୁ ଏମ୍‌ଡି ଫରାଜ୍ ଗତ ଫେବୃୟାରୀ ୨ରୁ ଦିଲ୍ଲୀ ନାରାୟଣା ଥାନା ଅଞ୍ଚଳରୁ ଚୋରି କରି କୋଲକାତା ଆଣିଥିଲେ। ଏହାପରେ ଅଭିଯୁକ୍ତମାନେ ତାହାକୁ ବିକ୍ରି କରିବାକୁ ଭୁବନେଶ୍ୱର ଆସିଥିଲେ। ତେବେ ଦିଲ୍ଲୀରୁ ଏଭଳି ଏକାଧିକ କାର୍ ଚୋରି କରୁଥିବା ଗିରଫ ଅଭିଯୁକ୍ତମାନେ ମାନିଛନ୍ତି। ଏନେଇ ଖବର ପାଇ ନାରାୟଣା ଥାନାର ଏକ ଟିମ୍ ଭୁବନେଶ୍ୱରରେ ପହଞ୍ଚି ଅଧିକ ତଥ୍ୟ ହାସଲ କରିଛି। ଦିଲ୍ଲୀ ପୋଲିସ ଟିମ୍ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇପାରେ ବୋଲି ସୂଚନା ମିଳିଛି।

**୨ ଦମ୍ପତିଙ୍କ ସମେତ ୫ ଗିରଫ**

- ଦିଲ୍ଲୀରୁ କାର୍ ଚୋରି କରି ଅନ୍ୟ ରାଜ୍ୟରେ ବିକ୍ରି
- ଭୁବନେଶ୍ୱରରେ ପହଞ୍ଚିଲା ଦିଲ୍ଲୀ ପୋଲିସ

## ସଂକ୍ଷେପରେ

### ୯ଦିନରେ ମିଳିଲା ୪ବର୍ଷ ତଳର ରହସ୍ୟ

### କ୍ଲଚ୍ ତାରରେ ବାଘ ଶିକାର



**ଭୁବନେଶ୍ୱର, ୧୩।୨(ଅସମାପିକା ସାହୁ):** ୱାଇଲ୍ଡଲାଇଫ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ(ଡବ୍ଲ୍ୟୁସିସିବି) ଏବଂ ବନ ବିଭାଗର ମିଳିତ ପ୍ରୟାସରେ ୪ବର୍ଷ ତଳର ଏକ କଲରାପତରିଆ ବାଘ ଶିକାରର ପର୍ଦ୍ଦାଫାଶ ହୋଇଛି। ଗତ ୫ ତାରିଖରେ କଟକରୁ ଏକ କଲରାପତରିଆ ବାଘ ଚମଡ଼ା ଜବତ ହୋଇଥିଲା ଏବଂ ୨ଜଣଙ୍କୁ ଗିରଫ କରାଯାଇଥିଲା। ଏହାପରେ ବନ ବିଭାଗ ତଦନ୍ତ ଆରମ୍ଭ କରିଥିଲା। ଏଥିପାଇଁ ଜଏଣ୍ଟ ଟାସ୍କ ଫୋର୍ସ ୯ଦିନ ଧରି ଗଞ୍ଜାମ, କେନ୍ଦ୍ରାପଡ଼ା ଏବଂ ଗଜପତି ଜିଲାରେ ତଦନ୍ତ କରିଥିଲା। ତଦନ୍ତବେଳେ ଆଉ ୫ଜଣଙ୍କୁ ଗିରଫ କରିଥିଲା। ଏହି ସମୟରେ ୨୦୧୯ରେ ଏକ କଲରାପତରିଆ ବାଘକୁ ଶିକାର କରାଯାଇଥିବା ଘଟଣା ସାମ୍ନାକୁ ଆସିଥିଲା। ବାଇକ କ୍ଲଚ୍ ତାରକୁ ବ୍ୟବହାର କରି ବାଘଟିକୁ ଶିକାର କରାଯାଇଥିବା ଜଣାପଡ଼ିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ପାଖରୁ ଏକ ବାଘ ନଖ ମଧ୍ୟ ଜବତ କରାଯାଇଥିଲା।

### ଖୁବ୍‌ଶୀଘ୍ର ପରଦାକୁ ଆସିବ 'ନିର୍ଣ୍ଣୟ'



**ଭୁବନେଶ୍ୱର,୧୩।୨(ଶର୍ମିଷ୍ଠା ପାଣିଗ୍ରାହୀ):** ନୂଆ ଓଡ଼ିଆ ଚଳଚ୍ଚିତ୍ର 'ନିର୍ଣ୍ଣୟ' ଚଳିତ ମାସରେ ପରଦାକୁ ଆସିବ। ଶ୍ରଦ୍ଧା ସବୁରି ପ୍ରଡକ୍ସନ ନିବେଦିତ ଏହି ଚଳଚ୍ଚିତ୍ରର ପ୍ରଯୋଜକ ହେଉଛନ୍ତି ଟିଙ୍କି ପଟ୍ଟନାୟକ ଓ ନିର୍ଦ୍ଦେଶକ ରାଜେନ୍ଦ୍ର ମହନ୍ତ। କାହାଣୀ ଲେଖିଛନ୍ତି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର। ପ୍ରେମ, ସମ୍ପର୍କ, କର୍ତ୍ତବ୍ୟ, ଇଚ୍ଛା ଓ ଆଶା ଉପରେ ଗଢିଉଠିଛି ଏହି ଚଳଚ୍ଚିତ୍ର। ଆମ ସମାଜର ମହିଳା ଓ ବୟସ୍କମାନେ କିପରି ସ୍ୱଳ୍ପ ଜୀବନରେ ନିଜର ଅନେକ ଇଚ୍ଛା ଓ ସ୍ୱପ୍ନକୁ ପୂରା କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେଉଛନ୍ତି ତାହା ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ବିଭିନ୍ନ ଭୂମିକାରେ ସୂର୍ଯ୍ୟମୟୀ ମହାପାତ୍ର, ଶ୍ରଦ୍ଧା ପାଣିଗ୍ରାହୀ, ନୈନା ଦାଶ, ଚୌଧୁରୀ ଜୟପ୍ରକାଶ ଦାଶ, ସୁକାନ୍ତ ରଥ, ସ୍ୱସ୍ତିକ ଚୌଧୁରୀ, ପ୍ରୀତିରାଜ ଶତପଥୀ, ଅଭିଜିତ ଦାଶ, ବିଜୟିନୀ ମିଶ୍ର, ଭାସ୍ୱତୀ ବାସୁ, ପ୍ରିୟା ବିଶୋଇ, ପୂର୍ଣ୍ଣିମା ବରାଳ, ମୁସ୍କାନ, ଜଗବନ୍ଧୁ ପଣ୍ଡା ଏବଂ ଶିଶୁ କଳାକାର ସାଇବୀର ପଣ୍ଡା ଅଭିନୟ କରିଛନ୍ତି। ସଂଳାପରେ ସୁମିତ ପଣ୍ଡା, କ୍ୟାମେରାରେ ଦୀପକ କୁମାର ଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସୋମେଶ ଶତପଥୀ ଓ ଗୌରବ ଆନନ୍ଦ। ସ୍ମିତ ପଟ୍ଟନାୟକ ଓ ସୁମିତ ପଣ୍ଡା ଗୀତ ଲେଖିଛନ୍ତି। ସଞ୍ଚିତା ଶୁଭଦର୍ଶନୀ, ଅନୁରାଧା ପାଣିଗ୍ରାହୀ, ଗୌରବ ଆନନ୍ଦ ଓ ଆଶିଷ ପ୍ରଧାନ କଣ୍ଠଦାନ କରିଛନ୍ତି। ଚଳଚ୍ଚିତ୍ରଟି ଦର୍ଶକଙ୍କ ହୃଦୟକୁ ଛୁଇଁବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି।



ନୂଆଦିଲ୍ଲୀସ୍ଥିତ ଏନ୍‌ଏସ୍‌ଡି ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡଠାରେ ଚାଲିଥିବା ଭାରତ ରଙ୍ଗ ମହୋତ୍ସବର ମଙ୍ଗଳବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ନାଟକ 'ଆଶାରଶ୍ୟେ ପ୍ରୋଥମ ଦିବସେ'ର ଏକ ଦୃଶ୍ୟ।

# ପୁଷ୍ପାଞ୍ଜଳି କରଙ୍କ ଉପନ୍ୟାସ 'ଅହଲ୍ୟା' ଉନ୍ମୋଚିତ

**ଭୁବନେଶ୍ୱର,୧୩।୨(ଶର୍ମିଷ୍ଠା ପାଣିଗ୍ରାହୀ)**

ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପୁଷ୍ପାଞ୍ଜଳି କରଙ୍କ ଉପନ୍ୟାସ 'ଅହଲ୍ୟା' ମଙ୍ଗଳବାର ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ କହିଲେ, ଭାରତୀୟ ଚରିତ୍ର ଚିତ୍ରଣରେ ନିନ୍ଦା ଅପେକ୍ଷା ପ୍ରଶଂସା ଅଧିକ। ଏହି ଉପନ୍ୟାସରେ ପୁଷ୍ପାଞ୍ଜଳି ଜଣେ ଚରିତ ଉପନ୍ୟାସକାର ଭାବେ ପ୍ରତିଷ୍ଠିତ ହେବେ। ବିଶିଷ୍ଟ ଅତିଥି ଭାବେ କଥାଶିଳ୍ପୀ ବନଜ ଦେବୀ କହିଲେ,ନାରୀକୁ ଚିରକାଳ କାଠଗଡାରେ ଛିଡାହେବାକୁ ପଡେ। ଅହଲ୍ୟା ତା'ର ଏକ ଉଦାହରଣ। ବିଶିଷ୍ଟ ଅତିଥି ଭାବେ ଜଷ୍ଟିସ ଶଶିକାନ୍ତ ମିଶ୍ର ଯୋଗଦେଇ ପୁଷ୍ପାଞ୍ଜଳି କରଙ୍କୁ ଜଣେ ଚରିତ ଉପନ୍ୟାସକାର ଭାବେ ଅଭିହିତ କରିଥିଲେ। ସଭାପତିତ୍ୱ କରି ବିଶିଷ୍ଟ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ, ତିନିଜଣ ନାରୀ ଚରିତ୍ର କସ୍ତୁରବା ଗାନ୍ଧୀ, ଯଶୋଧାରା ଓ ଅହଲ୍ୟାଙ୍କ ଚରିତ ଉପନ୍ୟାସ ଲେଖି ପୁଷ୍ପାଞ୍ଜଳି ଜଣେ ସଫଳ ଚରିତ ଉପନ୍ୟାକାର ଭାବେ ନିଜକୁ ପ୍ରମାଣ କରିଛନ୍ତି। ପକ୍ଷୀଘରର ମୁଖ୍ୟ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ସଂଚାଳନ ଓ କଣ୍ଠଶିଳ୍ପୀ ସରନ୍ୟା ମିଶ୍ର ରାମ ଭଜନ ପରିବେଷଣ କରିଥିଲେ।

# ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ସିଷ୍ଟମକୁ 'ସ୍କଚ୍ ଆୱାର୍ଡ'

**ଭୁବନେଶ୍ୱର, ୧୩।୨ (ବନ୍ଦନା ସେଠୀ)**

ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ରାଷ୍ଟ୍ରୀୟ ସୂଚନା-ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି) ସହଯୋଗରେ ପରିଚାଳିତ ପ୍ରକଳ୍ପ 'ଡିଜାଷ୍ଟର ଆସିଷ୍ଟାନ୍ସ ମନିଟରିଂ ଆଣ୍ଡ ପେମେଣ୍ଟ ସିଷ୍ଟମ'କୁ 'ସ୍କଚ୍ ଆୱାର୍ଡ' ମିଳିଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବରିଷ୍ଠ ଅଧିକାରମାନେ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟରେ ମୃତ ବ୍ୟକ୍ତି, ହଜିଯାଇଥିବା ବ୍ୟକ୍ତି ଓ ଆଘାତ ପାଇଥିବା ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟ ସରକାର ଅନ୍‌ଲାଇନ୍ ମାଧ୍ୟମରେ ଖୁବ୍ କମ୍ ସମୟରେ ସହାୟତା ରାଶି ପ୍ରଦାନ କରିବାରେ ସଫଳ ହୋଇଛନ୍ତି। ସହାୟତା ରାଶି ସିଧାସଳଖ ଭାବେ ପୀଡିତଙ୍କ ସମ୍ପର୍କୀୟଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଆଇଏଫ୍‌ଏମ୍‌ଏସ୍ ସହାୟତାରେ ଟ୍ରାନ୍ସଫର କରାଯାଉଛି। ରାଷ୍ଟ୍ରୀୟ ସୂଚନା-ବିଜ୍ଞାନ କେନ୍ଦ୍ରର ଆଧୁନିକ ବୈଷୟିକ ଜ୍ଞାନକୌଶଳରେ ନିର୍ମିତ ଏହି ପ୍ରକଳ୍ପ ବିଗତ ୨ବର୍ଷ ହେବ ସଫଳତାର ସହିତ ଉଭୟ ସରକାର ଏବଂ ନାଗରିକଙ୍କ ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଛି। ଏହା ରାଜ୍ୟର ୩୦ ଜିଲା, ୩୧୭ ତହସିଲ ଏବଂ ୨୪ଶହରୁ ଊର୍ଦ୍ଧ୍ୱ ରେଭେନ୍ୟୁ ସର୍କଲରେ ସଫଳତା ସହ ପରିଚାଳିତ ହେଉଛି। ସେହିପରି ପ୍ରକଳ୍ପ ଆରମ୍ଭ ହେବାପରଠାରୁ ଏପର୍ଯ୍ୟନ୍ତ ଅନ୍‌ଲାଇନ୍ ମାଧ୍ୟମରେ ୧୫ହଜାରଟି କେସ୍ ପଞ୍ଜୀକୃତ ହୋଇଥିବାବେଳେ ପ୍ରାୟ ୧୨୪୬୩ କେସ୍‌ରେ ୧୪୪୮୫ରୁ ଊର୍ଦ୍ଧ୍ୱ ପୀଡିତଙ୍କ ଆତ୍ମୀୟସ୍ୱଜନଙ୍କୁ ୪୯୦ କୋଟିରୁ ଊର୍ଦ୍ଧ୍ୱ ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



# ଶରୀରତତ୍ତ୍ୱ ବିଜ୍ଞାନ ଉପରେ ଅଧିକ ଗବେଷଣାକୁ ଗୁରୁତ୍ୱ

**ଏମ୍ସ-ଫିଜିଓମିଟ୍ କର୍ମଶାଳା**

**ଭୁବନେଶ୍ୱର,୧୩।୨ (ଶର୍ମିଷ୍ଠା ପାଣିଗ୍ରାହୀ)**

ବର୍ତ୍ତମାନ ସମାଜରେ ଦେଖାଯାଉଥିବା ତ୍ରୁଟିପୂର୍ଣ୍ଣ ଜୀବନଶୈଳୀଜନିତ ନାନା ବ୍ୟାଧିର ସଫଳ ମୁକାବିଲା କରିବାରେ ଫିଜିଓଲୋଜି(ଶରୀରତତ୍ତ୍ୱ ବିଜ୍ଞାନ) ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ତେବେ ଅନ୍ତର୍ଜାତୀୟସ୍ତରରେ ଶରୀରତତ୍ତ୍ୱ ବିଜ୍ଞାନ ଉପରେ ଅଧିକ ଗବେଷଣା, ମେଡିକାଲ ପାଠ୍ୟକ୍ରମରେ ଏହାର ବ୍ୟାପକତା ଆଦିର ଆବଶ୍ୟକତା ରହିଛି। ଏମ୍ସ ଭୁବନେଶ୍ୱର ଫିଜିଓଲୋଜି ବିଭାଗ ଦ୍ୱାରା ଆୟୋଜିତ ଏମ୍ସ-ଫିଜିଓମିଟ୍ କର୍ମଶାଳାରେ ଯୋଗଦେଇଥିବା ଦେଶର ବିଶିଷ୍ଟ ଶରୀରତତ୍ତ୍ୱ ବିଜ୍ଞାନୀମାନେ ଏହି ମତବ୍ୟକ୍ତ କରିଛନ୍ତି। ସମଗ୍ର ଦେଶରେ ଶରୀରତତ୍ତ୍ୱ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ସହଭାଗିତା ବୃଦ୍ଧି କରିବା ଏବଂ ଗବେଷଣାକୁ ପ୍ରାଥମିକତା ଦେବା ଲକ୍ଷ୍ୟରେ ଆୟୋଜିତ ଏହି ଦୁଇଦିନିଆ କର୍ମଶାଳାରେ ଦେଶର ୧୭ଟି ଏମ୍ସରୁ ୪୦ରୁ ଊର୍ଦ୍ଧ୍ୱ ଖ୍ୟାତନାମା ଶରୀରତତ୍ତ୍ୱ ବିଜ୍ଞାନୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଶରୀରତତ୍ତ୍ୱ ବିଜ୍ଞାନୀ ତଥା ଏମ୍ସ କଲ୍ୟାଣୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ରାମ୍‌ଜୀ ସିଂ, ଏମ୍ସ ପାଟନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଜି. କେ. ପାଲ, ଏମ୍ସ ଯୋଧପୁରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ମାଧବାନନ୍ଦ କର, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଡିନ୍ ଡ. ପି. ଆର୍. ମହାପାତ୍ର, ମେଡିକାଲ ଅଧୀକ୍ଷକ ଡ. ଡି. କେ. ପରିଡ଼ା, ଫିଜିଓଲୋଜି ବିଭାଗ ମୁଖ୍ୟ ଡ. ପ୍ରଣତୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଫିଜିଓଲୋଜି ବିଭାଗରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ବ୍ୟବହାରପୂର୍ବକ ବହୁ ଗବେଷଣାମୂଳକ କାର୍ଯ୍ୟ ହାତକୁ ନିଆଯାଇଛି ବୋଲି ଡ. ବିଶ୍ୱାସ ମତ ରଖିଥିଲେ। ଆୟୋଜନ କମିଟି ସମ୍ପାଦକ ଡ. କଳ୍ପନା ବାର୍‌ହୱାଲ, ଡିଫେନ୍ସ ଇନଷ୍ଟିଚ୍ୟୁଟ ଅଫ ଫିଜିଓଲୋଜି ଆଣ୍ଡ ଆଲାଏଡ ସାଇନ୍ସେସ (ଡିଆଇପିଏସ) ଡିଆର୍‌ଡିଓର ନିର୍ଦ୍ଦେଶକ ଡ. ରାଜୀବ ଭାର୍‌ସ୍ନେ ଉପସ୍ଥିତ ଥିଲେ।

# କୃତ୍ରିମ ବୁଦ୍ଧିମତ୍ତା ଯୋଗୁ ସୃଜନଶୀଳତା ହ୍ରାସ ପାଉଛି

**ଭୁବନେଶ୍ୱର, ୧୩।୨(ଅସମାପିକା ସାହୁ)**

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ବାୟୋ ଇନ୍‌ଫର୍ମେଟିକ୍ସ ବିଭାଗରେ 'ଜୀବ ବିଜ୍ଞାନରେ କୃତ୍ରିମ ବୁଦ୍ଧିମତ୍ତା' ସମ୍ପର୍କିତ ଦୁଇଦିନିଆ ଜାତୀୟ ସମ୍ମିଳନୀ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଆଇଆଇଆଇଟି ଦିଲ୍ଲୀର ଜି.ପି.ଏସ୍. ରାଘବ, ଅମିଟୀ ବିଶ୍ୱବିଦ୍ୟାଳୟର ମୁକେଶ ଚୌରାଶିଆ ଏବଂ ଚାଇନାର ହଂଘାଉ ଡି ବିଶ୍ୱ ବିଦ୍ୟାଳୟର ବି. ସତୀଶଙ୍କ ଭଳି ପ୍ରତିଷ୍ଠିତ ବୈଜ୍ଞାନିକମାନେ ଯୋଗଦେଇ ସେମାନଙ୍କ ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିବା ସହ ଦିକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁକେଶ ଚୌରାଶିଆ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଏହା କିଭଳି ମାନବ ସୃଜନଶୀଳତାକୁ ହ୍ରାସ କରୁଛି ତାହା ଉଦାହରଣ ମାଧ୍ୟମରେ ଉପସ୍ଥାପନ କରିଥିଲେ। ବି. ସତୀଶ ଜୀବ ବିଜ୍ଞାନରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ସମ୍ପର୍କରେ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର୍ ଜି.ପି.ଏସ୍. ରାଘବ ସ୍ୱାସ୍ଥ୍ୟ ସେବାରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ସବ୍ୟସାଚୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇତିଶ୍ରୀ ପାଢ଼ୀ, ଡ. ସବିତା ହରିଚନ୍ଦନ, ଡ. ଅଂଶୁମାନ ଦୀକ୍ଷିତ, ଡ. ଏସ୍. ରାଣା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜୀବ ବିଜ୍ଞାନ ବିଭାଗର ଶତାଧିକ ଛାତ୍ରୀଛାତ୍ର, ଗବେଷକଙ୍କ ଦ୍ୱାରା ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରାଯିବା ସହ ପୋଷ୍ଟର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।




ସମ୍ମିଳନରେ ଯୋଗ ଦେଇଥିବା ଅତିଥିମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲମ୍ବୋଦର



@ ଲିଟୁ



@ ଅକ୍ଷୟ



@ ମିଟୁ



@ ନଟବର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ତୀର୍ଥ ଯାଇ ନିଖୋଜ ଥିବା ୨ ମହିଳାଙ୍କୁ ଫେରାଇ ଅଣାଯିବ: ଜିଲାପାଳ



ଗୀତାଞ୍ଜଳି ରାଉତ



ରାଣୀ ଦେଇ

**ଖୋର୍ଦ୍ଧା,୧୩।୨(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ତୀର୍ଥରେ ଯାଇଥିବା ଖୋର୍ଦ୍ଧା ଜିଲାର ୨ଜଣ ମହିଳା ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ ବାଲିଅନ୍ତା ବ୍ଲକ ଜୟଦେବ ପଞ୍ଚାୟତ ଅନ୍ତର୍ଗତ ନାନକାରା ଦେଉଳି ଗ୍ରାମର ଗୀତାଞ୍ଜଳି ରାଉତ ଓ ଚିଲିକା ବ୍ଲକ ଅଠରବାଟିଆ ପଞ୍ଚାୟତ ଭେଲେରୀ ଗ୍ରାମର ରାଣୀ ଦେଈ। ଏହି ଖବର ପାଇବା ପରେ ପରିବାର ଲୋକ ଚିନ୍ତାରେ ପଡ଼ିଯାଇଛନ୍ତି। ସେମାନେ ହିନ୍ଦୀ ଭାଷା ବୁଝିପାରୁ ନ ଥିବା ବେଳେ ତୁରନ୍ତ ଫେରାଇ ଆଣିବାକୁ ପରିବାର ଲୋକେ ପ୍ରଶାସନକୁ ନିବେଦନ କରିଛନ୍ତି। ଏନେଇ ଜିଲାପାଳ ଚଞ୍ଚଲ ରାଣା କହିଛନ୍ତି, ଖୋର୍ଦ୍ଧା ଜିଲାରୁ ଯାଇଥିବା ତୀର୍ଥଯାତ୍ରୀଙ୍କ ମଧ୍ୟରୁ ଉପରୋକ୍ତ ୨ଜଣ ଗ୍ରୁପ୍‌ରେ ନ ଥିବା ଖବର ହସ୍ତଗତ ହୋଇଛି। ଏ ସମ୍ପର୍କରେ ରାଜ୍ୟ ପର୍ଯ୍ୟଟନ ବିଭାଗ, ସ୍ଥାନୀୟ ଜିଲା ପ୍ରଶାସନ ଓ ପୋଲିସ ସହ ଯୋଗାଯୋଗ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ସୁରକ୍ଷିତ ଭାବେ ଘରକୁ ଫେରାଇ ଅଣାଯିବା ନେଇ ଚେଷ୍ଟା ଜାରି ରହିଛି ବୋଲି ଜିଲାପାଳ ରାଣା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବରିଷ୍ଠ ନାଗରିକମାନଙ୍କୁ ବିନା ମୂଲ୍ୟରେ ଦେଶର ବିଭିନ୍ନ ତୀର୍ଥକ୍ଷେତ୍ର ପରିଦର୍ଶନ କରାଉଛନ୍ତି ରାଜ୍ୟ ସରକାର। ଏଥିଲାଗି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ନେଇ ପ୍ରତିବର୍ଷ ବିଭିନ୍ନ ତୀର୍ଥ ଭ୍ରମଣ ବ୍ୟବସ୍ଥା କରାଯାଇଥାଏ। ଏହି କ୍ରମରେ ଗତ ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ଖୋର୍ଦ୍ଧା ଜିଲାରୁ ୨୦୯ଜଣ ତିରୁପତି-ଭେଲୋର ଯାତ୍ରା କରିଥିଲେ। ସେମାନଙ୍କ ସହ ଜିଲାରୁ ୮ଜଣ ଅଭିଜ୍ଞ ଅଫିସର ମଧ୍ୟ ଯାତ୍ରା କରିଛନ୍ତି। ୨୦୯ଜଣଙ୍କ ମଧ୍ୟରୁ ୨ଜଣ ନିଖୋଜ ରହିଥିବା ବେଳେ ୨୦୭ଜଣ ମଙ୍ଗଳବାର ଫେରିବାର କାର୍ଯ୍ୟକ୍ରମ ରହିଛି।

## ମଦ ଜବତ: ଜଣେ ମହିଳାଙ୍କ ସମେତ ୪ ଗିରଫ

ବେଗୁନିଆ,୧୩।୨(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମୋଟ୍ ୭୭ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ସାନପଦର ଗ୍ରାମର ସଞ୍ଜୟ କୁମାର ଭଞ୍ଜ ଏବଂ ପ୍ରତିମା ମାର୍ଥା, ନାରାୟଣୀପଡା ଗ୍ରାମର ଆନନ୍ଦ ବେହେରା ଓ ଜଟ ପରିଡା। ଅବକାରୀ ଥାନା ଅଧିକାରୀ ଏନ୍. ଜାଗିନ ରାଓଙ୍କ ସୂଚନା ମୁତାବକ, ଚଢ଼ାଉ ସମୟରେ ଅଭିଯୁକ୍ତମାନେ ପୃଥକ୍ ସ୍ଥାନରେ ବେଆଇନ ଭାବେ ମଦ ବିକ୍ରି କରୁଥିଲେ। ସଞ୍ଜୟଙ୍କ ନିକଟରୁ ୧୨ ଲିଟର ଓ ପ୍ରତିମାଙ୍କ ନିକଟରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ଆନନ୍ଦଙ୍କ ନିକଟରୁ ୨୪ ଲିଟର ଓ ଜଟଙ୍କ ନିକଟରୁ ୧୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଅବକାରୀ ଥାନାରେ ୪ ଟି ମାମଲା (୨୦୯,୨୧୦,୨୧୧ ଏବଂ ୨୧୨/୨୪ ରୁଜୁ ହୋଇଛି। ଏହି ଚଢ଼ାଉରେ ଏଏସଆଇ ବୀରଞ୍ଚି ନାରାୟଣ ମହାନ୍ତି, ସିପାହୀ ମନୋଜ କୁମାର ଜୟସିଂହ, ବିକାଶ ଚନ୍ଦ୍ର ରାଉତ, ଚିନ୍ମୟୀ ସେଠୀ ପ୍ରମୁଖ ସାମିଲ ଥିଲେ।

## ଭାଜପାର ବୁଥ୍‌ସ୍ତରୀୟ ବୈଠକ

ଟାଙ୍ଗୀ,୧୩।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଛଣଗିରି ଗୋପାଳ ମଠଠାରେ ଭାଜପା ମଣ୍ଡଳ ସଭାପତି ବିପିନ ପାଲଟାସିଂଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ବୁଥ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡୟତରାୟ, ଲକ୍ଷ୍ମୀନାରାୟଣ ମହାନ୍ତି, ସତ୍ୟାନନ୍ଦ ପ୍ରଧାନ, ବିସ୍ତାରକ ମନୋଜ ଦାସ, ଯୁଧିଷ୍ଠିର ମହାପାତ୍ର, ବିପିନ ପାଲଟା ସିଂ (ମଣ୍ଡଳ ସଭାପତି), ଗଙ୍ଗାଧର ଚମ୍ପତି, ବିଧାନସଭା ସଂଯୋଜକ କିଶୋର ଚନ୍ଦ୍ର ବରାଳ, ଜିଲା ପରିଷଦ ପ୍ରାର୍ଥୀ ଆଶିଷ କୁମାର ବରିସଲ, ପ୍ରଦ୍ୟୁମ୍ନ ହରିଚନ୍ଦନ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନ ପୂର୍ବରୁ ତୃଣମଳସ୍ତରରେ କର୍ମୀମାନେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଜଟଣୀ,୧୩।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଅଞ୍ଚଳର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହମ୍ମଦ ଜୁଲ୍‌ଫିକର ଅଲ୍ଲୀଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ସେ ଜଣେ ମେଳାପୀ, ପରୋପକାରୀ, ସ୍ନେହୀ ଓ ମିଷ୍ଟଭାଷୀ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ବିଧାୟକ ସୁରେଶ କୁମାର ରାଉତରାୟ, ଆଇନଜୀବୀ ଅବନୀ କୁମାର ରାଉତରାୟ, ଶିକ୍ଷକ ନେତା ତ୍ରିନାଥ ସାମନ୍ତରାୟ, ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ଖବରଦାତା ରବୀନ୍ଦ୍ରନାଥ ମହାକୁଡ଼, ଆଇନଜୀବୀ ଅମରେଶ ରାଉତରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମହାନ୍ତି, ପୂର୍ବତନ ନଗରପାଳ ସଂଗ୍ରାମକେଶରୀ ରାଉତରାୟ, ସମାଜସେବୀ ଡ. ସନ୍ତୋଷ ଜେନା, ଆଇନଜୀବୀ ଜୟପ୍ରକାଶ ତ୍ରିବେଦୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିଲେ ଗ୍ରାମବାସୀ

ଖୋର୍ଦ୍ଧା,୧୩।୨ (ପ୍ରଭାତ ପାଣିଗ୍ରାହୀ)



ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧସେଇ ପଶିଛନ୍ତି।

ଜଟଣୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମର ସମସ୍ୟା ସମାଧାନ ଦାବିରେ ଶତାଧିକ ମହିଳା, ପୁରୁଷଙ୍କୁ ନେଇ ବିଧାୟକ ସୁରେଶ ରାଉତରାୟ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଧସେଇ ପଶି ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ଜିଲାପାଳ ଚଞ୍ଚଳ ରାଣା ଭିଡିଓ କନ୍‌ଫେରନ୍ସରୁ ଅଧାରୁ ଉଠି ଆସି ଧାରଣାରତ ବିଧାୟକ ରାଉତରାୟଙ୍କ ନିକଟରେ ପହଞ୍ଚି ଆଲୋଚନା କରିବା ସହ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ବିଧାୟକ ରାଉତରାୟ ଜିଲାପାଳଙ୍କ ସହ ପୃଥକ୍‌ଭାବେ ଲୋକଙ୍କ ସମସ୍ୟା ସମ୍ପର୍କରେ ପ୍ରତିନିଧିମାନଙ୍କୁ ନେଇ ଆଲୋଚନା କରିଥିଲେ। ସମସ୍ତ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଲୋକେ କାର୍ଯ୍ୟାଳୟରୁ ହଟିଥିଲେ।

ସୂଚନା ମୁତାବକ, ଜଟଣୀ ରେଲୱେ କଲୋନି ବସ୍ତିବାସିନ୍ଦାଙ୍କୁ ୧୦ମାସ ହେବ ଉଚ୍ଛେଦ କରାଯାଇଥିବା ବେଳେ ସେମାନଙ୍କୁ ଏଯାବତ୍ ଥଇଥାନ କରାଯାଇନାହିଁ। ଫଳରେ ଉକ୍ତ ଅଞ୍ଚଳର ବସ୍ତିବାସିନ୍ଦା ଖୋଲା ଆକାଶ ତଳେ ବାହାରେ ପରିବାର ସହ ରହୁଛନ୍ତି। ଏମାନଙ୍କୁ ଉପଯୁକ୍ତ ଥଇଥାନ ଦାବି କରିଛନ୍ତି। ରାଧାଚରଣପୁରରେ ଆବାସ ଯୋଜନାରେ ଘର ପାଇଥିବା କେତେଜଣ ଗ୍ରାମବାସୀଙ୍କୁ ବର୍ତ୍ତମାନ ସୁଦ୍ଧା ଜମିପଟ୍ଟା ଦିଆଯାଇନାହିଁ। ସେମାନଙ୍କୁ ତୁରନ୍ତ ପଟ୍ଟା ଯୋଗାଇଦେବା ପାଇଁ ଦାବି କରିଛନ୍ତି। ମଦନପୁର ଗ୍ରାମରେ ଦଳିତ ପରିବାର ଦୀର୍ଘ ବର୍ଷ ଶ୍ମଶାନ ଜମିରେ କାଜୁ, ଅନ୍ୟାନ୍ୟ ଗଛ ଲଗାଇ ପରିବାର ପୋଷଣ କରୁଥିବା ଜମିକୁ ଇଡ୍‌କୋ ହାତକୁ ଟେକି ଦିଆଯାଇଛି। ଏହାକୁ ଦଖଲ ନେବାକୁ ଆସିଥିବା ଇଡ୍‌କୋ ଅଧିକାରୀଙ୍କୁ ବାସିନ୍ଦା ବିରୋଧ କରିଥିଲେ। ଶ୍ମଶାନ ପଛପଟେ ରହିଥିବା ସରକାରୀ ଜମିକୁ ଇଡ୍‌କୋକୁ ହସ୍ତାନ୍ତରକରି ଉକ୍ତ ଜମିକୁ ଛାଡ଼ିଦେବା ପାଇଁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ଚୁନିକୁଳି ଏକ ଆଦିବାସୀ ବହୁଳ ଗ୍ରାମ। ଏହି ଗ୍ରାମ ଭିତର ଦେଇ ଇଡ୍‌କୋ ରାସ୍ତା ନିର୍ମାଣ କରିବାକୁ ଯୋଜନା କରିଛି। ଏହାଦ୍ୱାରା ଗ୍ରାମୀଣ ପରିବେଶ ନଷ୍ଟହେବା ସହ ୪ଶହରୁ ଊର୍ଦ୍ଧ୍ୱ ପରିବାର ଘର ଭାଙ୍ଗିଯିବା ସମ୍ଭାବନା ରହିଛି। ତେଣୁ ଏହି ରାସ୍ତାକୁ ଗ୍ରାମ ଭିତର ପରିବର୍ତ୍ତେ ଗାଁ ବାହ୍ୟପାର୍ଶ୍ୱ ଦେଇ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବିଧାୟକ ରାଉତରାୟଙ୍କ ଉପସ୍ଥିତିରେ ପୃଥକ୍ ଗ୍ରାମର ପ୍ରତିନିଧିଙ୍କ ଅଭିଯୋଗ ଶୁଣିଥିଲେ ଜିଲାପାଳ। ସମସ୍ତ ଦାବି ପ୍ରତି ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଦାବି ପୂରଣ ନେଇ ଧାରଣାରେ ବସିଲେ ଜଟଣୀ ବିଧାୟକ

# ଲୋକାଭିମୁଖୀ ଯୋଜନା ସମ୍ପର୍କିତ ସଚେତନତା ଶିବିର



ବାଲୁଗାଁ,୧୩।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଚିଲିକା କୂଳଠାରେ ମଙ୍ଗଳବାର ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ଉନ୍ନତି ନିମନ୍ତେ ସରକାରଙ୍କ ସମସ୍ତ ପଦକ୍ଷେପ ଓ ପ୍ରୟାସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମତ୍ସ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ଅଗ୍ନିଶମ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗର ଷ୍ଟଲ ଆଦି ଖୋଲାଯାଇ ଜନସାଧାରଣଙ୍କୁ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ସଚେତନ କରାଯାଇଥିଲା। ବିଶେଷକରି ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ କାର୍ଯ୍ୟକ୍ରମ ମୁକ୍ତା, ସ୍ୱଚ୍ଛ ଭାରତ, ପାନୀୟଜଳ, ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା ଏବଂ ଅନ୍ୟାନ୍ୟ ଉନ୍ନୟନ ଯୋଜନା ସମ୍ପର୍କରେ ସଚେତନମୂଳକ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ପରିଷଦବର୍ଗ ଓ ସମସ୍ତ କର୍ମକର୍ତ୍ତା, ଜିଲା ନଗର ଉନ୍ନୟନ ସଂସ୍ଥା ଖୋର୍ଦ୍ଧାଙ୍କ ପ୍ରତିନିଧି ଶ୍ରୀରାମ ସ୍ୱଦେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ୱାର୍ଡକୁ ନେଇ ଏହି କାର୍ଯ୍ୟକ୍ରମ ୩ଦିନ ଧରି ଅନୁଷ୍ଠିତ ହେବ। ଆସନ୍ତା ୧୬ ତାରିଖରେ ଉଦ୍‌ଯାପନୀ ଦିବସରେ କୃତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯିବ।

## ମତ୍ସ୍ୟଜୀବୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୧୩।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକା ଉପରେ ନିର୍ଭରକରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କୁ ସ୍ୱାବଲମ୍ବୀ କରିବା ଓ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏହି ଯୋଜନା କିପରି ମତ୍ସ୍ୟଜୀବୀଙ୍କ ପାଖରେ ପହଞ୍ଚିବ ଏବଂ ସେମାନେ କିପରି ଏହାର ଲାଭ ପାଇବେ ସେ ସମ୍ପର୍କରେ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ କୃଷ୍ଣପ୍ରସାଦ ବ୍ଲକର ପିରିଜିପୁର ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାଧରପୁର ମା'ବୁଢ଼ୀମା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ମତ୍ସ୍ୟ ପେଣ୍ଠସ୍ଥଳୀଠାରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ମତ୍ସ୍ୟ ଅଧିକାରୀ ବିଜୟାନନ୍ଦ ସେଠଙ୍କ ଅଧ୍ୟକ୍ଷତାରେ ସମବାୟ ସଭାପତି ଅକ୍ଷୟ କୁମାର ଜାଲି, ପିରିଜିପୁର ସମିତିସଭ୍ୟ ସଂଗ୍ରାମ ଜାଲି, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁଆର, ମତ୍ସ୍ୟ ପରାମର୍ଶଦାତା ରଜନୀକାନ୍ତ ମଲିକ ଯୋଗଦେଇ ମତ୍ସ୍ୟଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବୁଢ଼ୀମା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୁବ୍ରତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତୀର୍ଥ ଯାଇ ନିଖୋଜ ଥିବା ୨ ମହିଳାଙ୍କୁ ଫେରାଇ ଅଣାଯିବ: ଜିଲାପାଳ

ଖୋର୍ଦ୍ଧା,୧୩।୨(ପ୍ରଭାତ ପାଣିଗ୍ରାହୀ)



ଗୀତାଞ୍ଜଳି ରାଉତ



ରାଣୀ ଦେଈ

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ତୀର୍ଥରେ ଯାଇଥିବା ଖୋର୍ଦ୍ଧା ଜିଲାର ୨ଜଣ ମହିଳା ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ ବାଲିଅନ୍ତା ବ୍ଲକ ଜୟଦେବ ପଞ୍ଚାୟତ ଅନ୍ତର୍ଗତ ନାନକାରା ଦେଉଳି ଗ୍ରାମର ଗୀତାଞ୍ଜଳି ରାଉତ ଓ ଚିଲିକା ବ୍ଲକ ଅଠରବାଟିଆ ପଞ୍ଚାୟତ ଭେଲେରୀ ଗ୍ରାମର ରାଣୀ ଦେଈ। ଏହି ଖବର ପାଇବା ପରେ ପରିବାର ଲୋକ ଚିନ୍ତାରେ ପଡ଼ିଯାଇଛନ୍ତି। ସେମାନେ ହିନ୍ଦୀ ଭାଷା ବୁଝିପାରୁ ନ ଥିବା ବେଳେ ତୁରନ୍ତ ଫେରାଇ ଆଣିବାକୁ ପରିବାର ଲୋକେ ପ୍ରଶାସନକୁ ନିବେଦନ କରିଛନ୍ତି। ଏନେଇ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ଖୋର୍ଦ୍ଧା ଜିଲାରୁ ଯାଇଥିବା ତୀର୍ଥଯାତ୍ରୀଙ୍କ ମଧ୍ୟରୁ ଉପରୋକ୍ତ ୨ଜଣ ଗ୍ରୁପ୍‌ରେ ନ ଥିବା ଖବର ହସ୍ତଗତ ହୋଇଛି। ଏ ସମ୍ପର୍କରେ ରାଜ୍ୟ ପର୍ଯ୍ୟଟନ ବିଭାଗ, ସ୍ଥାନୀୟ ଜିଲା ପ୍ରଶାସନ ଓ ପୋଲିସ ସହ ଯୋଗାଯୋଗ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ସୁରକ୍ଷିତ ଭାବେ ଘରକୁ ଫେରାଇ ଅଣାଯିବା ନେଇ ଚେଷ୍ଟା ଜାରି ରହିଛି ବୋଲି ଜିଲାପାଳ ରାଣା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବରିଷ୍ଠ ନାଗରିକମାନଙ୍କୁ ବିନା ମୂଲ୍ୟରେ ଦେଶର ବିଭିନ୍ନ ତୀର୍ଥକ୍ଷେତ୍ର ପରିଦର୍ଶନ କରାଉଛନ୍ତି ରାଜ୍ୟ ସରକାର। ଏଥିଲାଗି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ନେଇ ପ୍ରତିବର୍ଷ ବିଭିନ୍ନ ତୀର୍ଥ ଭ୍ରମଣ ବ୍ୟବସ୍ଥା କରାଯାଇଥାଏ। ଏହି କ୍ରମରେ ଗତ ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ଖୋର୍ଦ୍ଧା ଜିଲାରୁ ୨୦୯ଜଣ ତିରୁପତି-ଭେଲୋର ଯାତ୍ରା କରିଥିଲେ। ସେମାନଙ୍କ ସହ ଜିଲାରୁ ୮ଜଣ ଅଭିଜ୍ଞ ଅଫିସର ମଧ୍ୟ ଯାତ୍ରା କରିଛନ୍ତି। ୨୦୯ଜଣଙ୍କ ମଧ୍ୟରୁ ୨ଜଣ ନିଖୋଜ ରହିଥିବା ବେଳେ ୨୦୭ଜଣ ମଙ୍ଗଳବାର ଫେରିବାର କାର୍ଯ୍ୟକ୍ରମ ରହିଛି।

## ବିଶ୍ୱଶାନ୍ତି ମହାଯଜ୍ଞ

ଟାଙ୍ଗୀ ୧୩।୨ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରମାବିଲିସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଭକ୍ତମାନେ ମଲାଗୁଣି ନଦୀର ରାମେଶ୍ୱର ଘାଟରୁ କଳସ ଯାତ୍ରା କରି ରମାବିଲି ପୀଠରେ ପହଞ୍ଚିଥିଲେ। ବ୍ରଜବିହାରୀ ଦେବଙ୍କ ସହିତ ପ୍ରତି ସାହିର ଭାଗବତ ଦେବଙ୍କୁ ଯଜ୍ଞସ୍ଥଳକୁ ନିମନ୍ତ୍ରଣ କରାଯିବା ପରେ ବିଭିନ୍ନ ପୂଜା କରାଯାଇଥିଲା। ପଣ୍ଡିତ କୃପାସିନ୍ଧୁ ରଥଙ୍କ ପୌରୋହିତ୍ୟରେ ପଣ୍ଡିତମାନେ ମନ୍ତ୍ର ଉଚ୍ଚାରଣ କରିଥିଲେ। ସତ୍ୟବାଦୀ ପାଇକରାୟ, ନିତ୍ୟାନନ୍ଦ ମଙ୍ଗରାଜ, କବିରାଜ ରାଉତରାୟ, ସୁକାନ୍ତ ଜେନା, ସନ୍ତୋଷ, ଯୋଗୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଲମ୍ବୋଦର



@ ଲିଟୁ



@ ଅକ୍ଷୟ



@ ମିଟୁ



@ ନଟବର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ରାହ୍ମଣୀଦେବୀ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ: କୋଟପଲ୍ଲୀ ଚାମ୍ପିୟନ

ବୋଲଗଡ଼,୧୩।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଦଳେଇସାହି ହରିଶ୍ଚନ୍ଦ୍ରପ୍ରସାଦ ଗ୍ରାମ ଖେଳପଡ଼ିଆରେ ଅନୁଷ୍ଠିତ ବ୍ରାହ୍ମଣୀ ଦେବୀ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କୋଟପଲ୍ଲୀ ଟିମ୍ ଚାମ୍ପିୟନ ହୋଇଛି। ହରିଶ୍ଚନ୍ଦ୍ରପ୍ରସାଦ ଗ୍ରାମର ବ୍ରାହ୍ମଣୀଦେବୀ କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଭେରୁପଡ଼ା ଓ କୋଟପଲ୍ଲୀ ଟିମ୍ ମଧ୍ୟରେ ହୋଇଥିଲା। ଭେରୁପଡା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪୧ରନ ସଂଗ୍ରହ କରିଥିଲା। ଜବାବରେ କୋଟପଲ୍ଲୀ ଟିମ୍ କୌଣସି ଉଇକେଟ ନ ହରାଇ ୪୨ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। କେଦାର ସାହୁ ଓ ଅଭୟ କୁମାର ସୁବୁଦ୍ଧି ମ୍ୟାଚ୍ ପରିଚାଳନା କରିଥିବା ବେଳେ ସୁଜିତ ଓ ପ୍ରସନ୍ନ ଧାରାବିବରଣୀ ଦେଇଥିଲେ। କୋଟପଲ୍ଲୀ ଟିମର ଆଜାଦ ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ ଅଫ୍ ଦି ସିରିଜଭାବେ ପୁରସ୍କୃତ ହୋଇଥିଲେ। ଅତିଥିଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ କୈଳାସ ପାତ୍ର, ତ୍ରିନାଥ ସ୍ୱାଇଁ, ଶରତ କୁମାର ଦଳାଇ, ଆରିକିମା ସରପଞ୍ଚ ପ୍ରମୋଦ କୁମାର ରାଉତରାୟ, ସାଗରଗୁଆଁ ପଞ୍ଚାୟତ ସମିତିସଭ୍ୟ ତୋଫାନ ବେହେରା, ବାଙ୍କୋଇଦେଶ ପଞ୍ଚାୟତ ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ବିରଞ୍ଚି ପ୍ରଧାନ, ଅଶୋକ କୁମାର ଜେନା, ପ୍ରଶାନ୍ତ କୁମାର ମାଝି, ବଟକୃଷ୍ଣ ବେହେରା, ଜିତେନ୍ଦ୍ର ବେହେରା, ଦିଗନ୍ତ ପ୍ରଧାନ, ବ୍ରଜେନ୍ଦ୍ର, ସନ୍ତୋଷ, ସୁରେନ୍ଦ୍ର, ଶାନ୍ତନୁ, ଲୋକନାଥ, ଚନ୍ଦନ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଖେଳାଳିଙ୍କ ସହ ଅତିଥି ହାତମିଳାଉଛନ୍ତି।

## ଉପେନ୍ଦ୍ରପୁର କପ୍ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ | ଜିତିଲା ଛତିପୁର



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

ଟାଙ୍ଗୀ,୧୩।୨(ରଘୁନାଥ ସାହୁ)

ରଣପୁର ବ୍ଲକ ଅନ୍ତର୍ଗତ ତାଳବେରଣା ଉପେନ୍ଦ୍ରପୁର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଉପେନ୍ଦ୍ରପୁର କପ୍ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଛତିପୁର କ୍ଲବ ଚାମ୍ପିୟନ ହୋଇଛି। ମଙ୍ଗଳବାର ଫାଇନାଲ ମ୍ୟାଚ୍ କାଳୁଚିଆପାଟଣା କ୍ଲବ ଓ ଛତିପୁର କ୍ଲବ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ ପରସ୍ପରକୁ ୨ଟି ଲେଖାଏ ଗୋଲ ଦେଇଥିଲେ। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ ଛତିପୁର କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଅତିଥିଭାବେ କେରଣ୍ଡାଟାଙ୍ଗୀ ପଞ୍ଚାୟତ ବିଜେଡି ସଭାପତି ସୁଧାକର ପାତାଳସିଂ, ପୂର୍ବତନ ସରପଞ୍ଚ ପ୍ରତିଭାରାଣୀ ମହାନ୍ତି, କ୍ରୀଡ଼ା ସଙ୍ଗଠକ ବିଜୟ କୁମାର ରାଉତ, ଭାରତୀୟ ଜୀବନ ବୀମା ଡିଇଓ ପଦ୍ମଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ବିଦେଶୀ ନାୟକ, ନନ୍ଦ କିଶୋର ସ୍ୱାଇଁ, ପ୍ରଫୁଲ୍ଲ ବେହେରା ଓ କୃଷ୍ଣ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ କମିଟିର କର୍ମକର୍ତ୍ତାମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ବେଗୁନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ କୋତୋଲାଙ୍ଗ

ବେଗୁନିଆ,୧୩।୨(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ବେଗୁନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇଟି ଲିଗ୍ ମ୍ୟାଚ ହୋଇଥିଲା। ସନରାଇଜ ସ୍ପୋର୍ଟ୍ସ ଆସୋସିଏଶନ ଏବଂ ବେଗୁନିଆ କ୍ରିକେଟ ଆସୋସିଏଶନ ସହଭାଗିତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଲିଗ୍ ମ୍ୟାଚରେ କୋତୋଲାଙ୍ଗ କ୍ରିକେଟ କ୍ଲବ ୩୫ ରନ୍ ବ୍ୟବଧାନରେ ବଡନୂଆପଲ୍ଲି କ୍ରିକେଟ କ୍ଲବକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ଲିଗ୍ ମ୍ୟାଚ କିଆପଲ୍ଲୀ କ୍ରିକେଟ କ୍ଲବ ଓ କଡବ(ବି) କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ୯ ଉଇକେଟ ବ୍ୟବଧାନରେ ବିଜୟ ହୋଇ କିଆପଲ୍ଲୀ ଟିମ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପରେ କୋତୋଲାଙ୍ଗ ଏବଂ କିଆପଲ୍ଲୀ କ୍ରିକେଟ କ୍ଲବ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ଟସ୍ ଜିତି କୋତୋଲାଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୩ ଉଇକେଟ ବିନିମୟରେ ୫୫ ରନ ସଂଗ୍ରହ କରିଥିଲା। ଜବାବରେ କିଆପଲ୍ଲୀ ଟିମ୍ ୬ ଓଭରରେ ୬ ଉଇକେଟ ବିନିମୟରେ ୫୩ରନ ସଂଗ୍ରହ କରିଥିଲା। କୋତୋଲାଙ୍ଗ କ୍ଲବ ୨ ରନ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପିଙ୍କନ ପାତ୍ର ଏବଂ ସୋମେଶ ଚନ୍ଦ୍ର ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ପ୍ରଭୁକଲ୍ୟାଣ ତ୍ରିପାଠୀ, ପ୍ରମୋଦ ମହାନ୍ତି, ସତ୍ୟଜିତ ସାହୁ, ଆଦିତ୍ୟ ଦାସ ମ୍ୟାଚରେ ସହଯୋଗ କରିଥିବା ବେଳେ ହରିଶ ହୃଦାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।



ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୨।୨୦୨୪

| | |
|---|---|
| ୫,୨୮,୬୬୭ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୯୫ ଗ୍ରାମ୍ |

## ସଂକ୍ଷେପରେ

### ଦାବି ପୂରଣ ନେଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ

ପୁରୀ, ୧୩।୨(ଅଜିତ୍ ମହାନ୍ତି)

ନିଖିଳ ଓଡ଼ିଶା ୬୬୨ ବର୍ଗ+୨ ଏବଂ +୩ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ବିଭିନ୍ନ ଦାବି ନେଇ ଗତ ଏକବର୍ଷ ଧରି ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଜାରି ରଖିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସରକାରଙ୍କଠାରୁ କୌଣସି ନିର୍ଭର ପ୍ରତିଶ୍ରୁତି ଅବା ପଦକ୍ଷେପ ନିଆଯାଉନାହିଁ। ଫଳରେ ରାଜ୍ୟ ସଙ୍ଗଠନ ଓ ପୁରୀ ଜିଲା ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ଚୈତନ୍ୟ ଉଦୟ ଏବଂ ସଂଗଠନର ୫ଦଫା ପୂରଣ ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଓ ସମୂହ ଦୀପଦାନ କରାଯାଇଥିଲା। ଏଥିରେ ରାଜ୍ୟ ସଭାପତି ଗୋଲକ ନାୟକ, ରାଜ୍ୟ +୩ ସମ୍ପାଦକ ଡ. ଗଗନ ବେଉରା, ଜିଲା ସଭାପତି ଜ୍ୟୋତ୍ସ୍ନା ବସ୍ତିଆ, ଜିଲା ସମ୍ପାଦକ ସୁରତ କୁମାର ସ୍ୱାଇଁ, ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ଦେବଦତ୍ତ ମିଶ୍ର, ସମ୍ବଲପୁର ଜିଲା ସଭାପତି ଅଶୋକ ପୁରୋହିତ, ବରଗଡ଼ର ଜଗଦୀପ ଦେବତା, ଦେବେନ୍ଦ୍ର ମିଶ୍ର ଓ ବିଭିନ୍ନ ଜିଲାର ପ୍ରତିନିଧି ମଙ୍ଗଳବାର ପୁରୀ ଆସି ଶ୍ରୀଜଗନ୍ନାଥଙ୍କ ନିକଟରେ ସମୂହ ଦୀପଦାନ କରିଥିଲେ।

### ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ପୁରାତନ ଛାତ୍ରଙ୍କ ଅଧିବେଶନ

ପୁରୀ, ୧୩।୨(ଅଜିତ୍ ମହାନ୍ତି):

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ପୁରାତନ ଛାତ୍ର (୧୯୬୮-୧୯୭୪ ବ୍ୟାଚ)ଙ୍କ ବାର୍ଷିକ ଅଧିବେଶନ କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏହି ସଙ୍ଗଠନ ପକ୍ଷରୁ ଆୟୋଜିତ ଅଧିବେଶନରେ ବିଭିନ୍ନ ପ୍ରାନ୍ତରୁ ୭୦ ଜଣ ପ୍ରତିନିଧି ଯୋଗଦେଇ ସମାଜ ପାଇଁ ଅବଦାନ ଦିଗରେ ସେମାନଙ୍କ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିଥିଲେ। ଏହି ଅଧିବେଶନରେ ଡା. ଇନ୍ଦ୍ରମଣି ଜେନା, ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଡା. ଯଶୋବନ୍ତ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଡା. ପ୍ରତାପ କୁମାର ପ୍ରଧାନ, ସମ୍ପାଦକ ଡା. ଅଶୋକ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଡା. ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଡା. ଆଦିକନ୍ଦ ସାହୁ, ଡା. ବଂଶୀଧର ନାୟକ ଏବଂ ଡା. ରମେଶ ମହାନ୍ତିଙ୍କୁ ପରବର୍ତ୍ତୀ କାର୍ଯ୍ୟକର୍ତ୍ତା ଭାବେ ଚୟନ କରାଯାଇଛି।

# 'ସାଧାରଣ ଲୋକଙ୍କ ବନ୍ଧୁ ରେଡିଓ'

### ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ରେଡିଓ ଦିବସ ପାଳିତ

ପୁରୀ, ୧୩।୨(ଅଜିତ ମହାନ୍ତି)



ରେଡିଓ ସାଧାରଣ ଲୋକଙ୍କ ବନ୍ଧୁ। ରେଡିଓ ସୂଚନା, ଶିକ୍ଷା, ମନୋରଞ୍ଜନ ମାଧ୍ୟମରେ ଶିଶୁଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଆପଣାର କରିନିଏ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ମରୀଚିକୋଟ ଛକଠାରେ 'ବଡ଼ଦାଣ୍ଡ ସେବା' ସାମାଜିକ ସଙ୍ଗଠନର ଚତୁର୍ଥ ବାର୍ଷିକୋତ୍ସବ ଅବସରରେ ବିଶ୍ୱ ରେଡିଓ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଯୋଗଦେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସେଠୀ କହିଥିଲେ, ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଜନତାଙ୍କ ଆବଶ୍ୟକତାକୁ ସରକାର ଓ ପ୍ରଶାସନ ନିକଟରେ ଉପସ୍ଥାପନ କରିବାରେ ରେଡିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିପର୍ଯ୍ୟୟ ସମୟରେ ଅନ୍ୟ ମାଧ୍ୟମ ପ୍ରଭାବିତ ହେଉଥିବା ବେଳେ ବେତାର ହିଁ ଲୋକଙ୍କୁ ବିବିଧ ଜରୁରୀ ଓ ସତର୍କ ସୂଚନା ପ୍ରଦାନରେ ସହାୟକ ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଆକାଶବାଣୀ ପୁରୀର କେନ୍ଦ୍ର ନିର୍ଦ୍ଦେଶକ ମାନସ ରଞ୍ଜନ ନାୟକ କହିଥିଲେ, ରେଡିଓ ପାଖରେ ଥିଲେ କେବେହେଲେ କେହି ଏକଲା ଅନୁଭବ କରିବେ ନାହିଁ। ରେଡିଓ ସହିତ ବିଶ୍ୱବାସୀ ଅଧିକ ପରିଚିତ। ୧୮୯୫ରୁ ଆରମ୍ଭ ହୋଇଥିବା ରେଡିଓ ସମାଜ କଲ୍ୟାଣରେ ତାହାର ଜୟଯାତ୍ରା ଜାରି ରଖିଛି ବୋଲି ସେ କହିଥିଲେ। ରେଡିଓ ସବୁ ସମୟରେ ସମସ୍ତଙ୍କୁ ସେବା ଯୋଗାଇ ଆସିଛି ବୋଲି ଟାଉନ ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନ କହିବା ସହ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବର୍ଷୀୟାନ୍ ରେଡିଓପ୍ରେମୀ କୁମୁଦିନୀ ପାଢୀ, ବାଳକୃଷ୍ଣ ମହାପାତ୍ର ଓ ଜଗନ୍ନାଥ ପାଢୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ମନୋଜ କୁମାର ସାହୁ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ।




ସରସ୍ୱତୀ ପୂଜା ଉପଲକ୍ଷେ କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଶିଳ୍ପୀ ସରିତା ଗୋଚ୍ଛାୟତଙ୍କ ବାଲୁକାକଳା । (ଫଟୋ-ଜ୍ୟୋତିରାଜ ମହାନ୍ତି)

## ୧୫ରେ ପୁରୀ ଆସିବେ ନୀତିନ ଗଡ଼କରୀ

ପୁରୀ, ୧୩।୨(ଅଜିତ୍ ମହାନ୍ତି)

ଆସନ୍ତା ୧୫ତାରିଖରେ କେନ୍ଦ୍ର ରାଜପଥ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ପୁରୀ ଆସି ସିଦ୍ଧ ମହାବୀର ଫ୍ଲାଇ ଓଭର ବ୍ରିଜ୍‌ର ଶିଳାନ୍ୟାସ କରିବେ। ସେହିପରି ଜିଲାର ଅନ୍ୟ ଜାତୀୟ ରାଜପଥ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଉଦଘୋଷଣ କରିବାର କାର୍ଯ୍ୟକ୍ରମ ରହିଛି। ଶିଳାନ୍ୟାସ ଉତ୍ସବରେ ୧୫ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେବେ। ଏ ନେଇ ଭାଜପା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଓମ୍‌ପ୍ରକାଶ ମିଶ୍ର, ଅମିୟ ଦାସ, ଶଙ୍କର୍ଷଣ ପରିଡା, ଉମାକାନ୍ତ ନାୟକ, ରଞ୍ଜିତା ପାଢୀ, ଅକ୍ଷୟ କୁମାର ମହାନ୍ତି, ସୌମ୍ୟା ମିଶ୍ର, ଜ୍ୟୋତି ମହାପାତ୍ର, ଜୟନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଲେ ଲୋକେ

ଗୋପ, ୧୩।୨(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ଥାନା ନୟାହାଟ ଫାଣ୍ଡି ଅଧୀନ ନୟାହାଟ ବଜାରରେ ଥିବା ଏକ ମୋବାଇଲ ମରାମତି ଦୋକାନ ଭାଙ୍ଗି ୨୦ରୁ ଊର୍ଦ୍ଧ୍ୱ ମୋବାଇଲ ଚୋରି ଅଭିଯୋଗରେ ସ୍ଥାନୀୟ ଲୋକେ ମଙ୍ଗଳବାର ଜଣଙ୍କୁ ପୋଲିସ ଜିମା ଦେଇଛନ୍ତି। ସେ ହେଲେ ପୁରୀ ହରଚଣ୍ଡୀ ସାହିର କେଦାର ସେଠୀ (୨୪)। ପୋଲିସ ଏ ସମ୍ପର୍କରେ ୭୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସବୁଦିନ ପରି ମୋବାଇଲ ଦୋକାନୀ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମଙ୍ଗଳବାର ସକାଳୁ ତାଙ୍କ ଦୋକାନ ଭାଙ୍ଗି କେହି ଚୋରି କରିଥିବା ଖବର ମିଳିବା ପରେ ସେ ଦୋକାନକୁ ଯାଇ ସେଠାରୁ ୨୦ରୁ ଅଧିକ ମୋବାଇଲ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପରେ କେଦାର ନୟାହାଟ ଫାଣ୍ଡି ଅଧୀନ ବାଉଁଶ ପୋଖରୀ ଗ୍ରାମର ମାମୁ ଘରେ ରହି ଚୋରି କରିଥିବା ଜାଣିବାକୁ ପାଇବା ପରେ ତାଙ୍କୁ ଧରି ନୟାହାଟ ଫାଣ୍ଡିରେ ଜିମା ଦେଇଥିଲେ।

## ମାଘ ସପ୍ତମୀ ବୁଡ଼ ପ୍ରସ୍ତୁତି ତଦାରଖ କଲେ ଜିଲାପାଳ

କୋଣାର୍କ, ୧୩।୨(ଜ୍ୟୋତିରାଜ ମହାନ୍ତି):

ଚନ୍ଦ୍ରଭାଗା ତୀର୍ଥରେ ମାଘସପ୍ତମୀ ବୁଡ଼ ପାଇଁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ଜିଲାପାଳ ବିଜୟ କୁମାର ଦାଶ ଚନ୍ଦ୍ରଭାଗାରେ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା କାର୍ଯ୍ୟ ତଦାରଖ କରିଛନ୍ତି। ତୀର୍ଥ ପୁଷ୍କରିଣୀରେ ପାଣି କମ୍ ରହିଥିବାରୁ ପ୍ରଶାସନ ପାଇଁ ଚିନ୍ତା ବଢ଼ିଛି। ବୋରିଙ୍ଗ ସାହାଯ୍ୟରେ ତୀର୍ଥ ପୁଷ୍କରିଣୀରେ ପାଣି ଭର୍ତ୍ତି କରାଯାଉଛି। ସୁରକ୍ଷା, ପରିମଳ, ପାନୀୟଜଳ, ଶୌଚାଳୟ, ପାର୍କିଂସ୍ଥଳୀ, ଆଲୋକ ବ୍ୟବସ୍ଥା, ସାଧୁସନ୍ଥଙ୍କ ରହଣି ବ୍ୟବସ୍ଥା ଆଦି ସମ୍ପର୍କରେ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ବିଭିନ୍ନ କାର୍ଯ୍ୟ ବୁଲି ଦେଖିଥିଲେ। ଉପଜିଲାପାଳ ଗୋପୀନାଥ କୁଅଁର, ତହସିଲଦାର ରଞ୍ଜନ ପରିଡା, କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ, ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଗୋପ, ୧୩।୨(ଭାରତୀ ଭୂଷଣ ଉପାଧ୍ୟାୟ):

ଜଣେ ଯୁବତୀଙ୍କୁ ଥଣ୍ଡାରେ ନିଶା ଦେଇ ଅଶ୍ଳୀଳ ଫଟୋ ଉଠାଇବା ଓ ପରେ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଧମକ ଦେଇ ବଳାତ୍କାର କରିବା ଅଭିଯୋଗରେ ଗୋପ ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଉକ୍ତ ଥାନା ଅଧୀନ ଗଡ଼କରମଳା ଗ୍ରାମର ଦେବୀପ୍ରସାଦ ରାୟ (୨୪)। ପୋଲିସ ଯୁବତୀଙ୍କ ଅଭିଯୋଗକୁ ନେଇ ଥାନାରେ ୭୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, କିଛି ଦିନ ତଳେ ଦେବୀପ୍ରସାଦଙ୍କର ଜଣେ ଯୁବତୀଙ୍କ ସହିତ ସମ୍ପର୍କ ଗଢି ଉଠିଥିଲା। ପରେ ସେ ଯୁବତୀଙ୍କୁ ପୁରୀ ବୁଲାଇବାକୁ ନେଇ ସମୁଦ୍ରକୂଳରେ ଥଣ୍ଡା ପିଇବାକୁ ଦେବା ପରେ ଅଶ୍ଳୀଳ ଫଟୋ ଉଠାଇଥିଲେ। ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଧମକ ଦେଇ ବଳାତ୍କାର କରିବା ପରେ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏପରିକି ଯୁବତୀଙ୍କ ବିବାହ ପ୍ରସ୍ତାବ ଆସିବା ପରେ ବର ପରିବାରକୁ ଏହି ଅଶ୍ଳୀଳ ଫଟୋ ଦେଖାଇ ବିବାହ ପ୍ରସ୍ତାବ ଭାଙ୍ଗି ଦେଇଥିଲେ। ଶେଷରେ ଯୁବତୀ ଗୋପ ଥାନାରେ ନ୍ୟାୟ ଆଶାରେ ଏକ ଅଭିଯୋଗ କରିଥିଲେ। ଅପରପକ୍ଷେ ଗିରଫ ଯୁବକଙ୍କ ବାପା ଯୁବତୀଙ୍କ ବାପାଙ୍କ ବିରୋଧରେ ଥାନାରେ ଏକ ଅଭିଯୋଗ ଦେଇଥିବାବେଳେ ପୋଲିସ ଏହାର ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କୁ ପଚାରିବାରେ, ଯୁବତୀଙ୍କ ଅଭିଯୋଗକୁ ନେଇ ମକଦ୍ଦମା ରୁଜୁ କରାଯାଇ ଯୁବକଙ୍କୁ ଗିରଫ କରାଯାଇଛି। ଯୁବତୀଙ୍କ ବାପାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ ତଦନ୍ତ ଚାଲିଛି। ଖୁବ୍ ଶୀଘ୍ର ମଧ୍ୟ ମୋକଦ୍ଦମା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲମ୍ବୋଦର



@ ଲିଟୁ



@ ଅକ୍ଷୟ



@ ନଟବର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସମ୍ପୃକ୍ତ ଯୁବକଙ୍କୁ ଚିହ୍ନଟ କରାଯାଇଛି: ଏସ୍‌ପି

### ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିବା ଘଟଣା

ପୁରୀ, ୧୩।୨(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ାଯାଇ ଶ୍ରୀମନ୍ଦିର ଭିତରର ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ କରାଯାଇ ଭାଇରାଲ କରାଯିବା ଘଟଣା ସୋମବାର ସାମ୍ନାକୁ ଆସିଥିଲା। ଫଳରେ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଥିଲା।

ଏ ନେଇ ମଙ୍ଗଳବାର ପୁରୀ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ସମ୍ପୃକ୍ତ ଯୁବକଙ୍କୁ ଚିହ୍ନଟ କରାଯାଇଛି। ସେ ରାଜ୍ୟ ବାହାରର ବୋଲି ଜଣାପଡ଼ିଛି। ତେବେ ଏନେଇ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ପୁରୀରେ ଥିବା ସମସ୍ତ ହୋଟେଲ୍, ଲଜ୍‌, ଧର୍ମଶାଳା, ଗେଷ୍ଟହାଉସ୍‌ର ମାଲିକମାନଙ୍କ ସହ ଆଗାମୀ ଦିନରେ ବୈଠକ କରାଯିବ। ହୋଟେଲକୁ ଆସୁଥିବା ପର୍ଯ୍ୟଟକ ଯେପରି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇବେ ନାହିଁ ସେନେଇ ହୋଟେଲ୍ ତରଫରୁ ସଚେତନ କରାଯିବାକୁ ପରାମର୍ଶ ଦିଆଯିବ। ସେହିପରି ପୋଲିସ କର୍ମଚାରୀ ହୁଅନ୍ତୁ କି ସେବାୟତ ସେମାନେ କିଭଳି ମୋବାଇଲ ଫୋନ୍ ଶ୍ରୀମନ୍ଦିର ଭିତରକୁ ନେଇ ଯିବେ ନାହିଁ ସେନେଇ ମଧ୍ୟ ପ୍ରୟାସ ଆରମ୍ଭ ହେବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଭିଡିଓ ଉତ୍ତୋଳନ କରିଥିବା ସମ୍ପୃକ୍ତ ଯୁବକଙ୍କ ନାମ ସୋନୁ ମାଲି ବୋଲି ଜଣାପଡ଼ିଛି।

## କ୍ଷୁଧାର୍ତ୍ତ ଓଡ଼ିଶା ଆଜି ସମୃଦ୍ଧିଶାଳୀ ରାଜ୍ୟରେ ପରିଣତ ହୋଇପାରିଛି

ନିମାପଡ଼ା/ଚାରିଛକ (ରଞ୍ଜନ ପଟ୍ଟନାୟକ/ଶିଶିର ସ୍ୱାଇଁ)୧୩।୨

ନିମାପଡ଼ା ବ୍ଲକ ଅଧୀନ ବାହାରଣା ପଞ୍ଚାୟତର ମଠତୋଟା ମେଳଣ ପଡ଼ିଆ, ରେଞ୍ଚ, ତମ୍ପାଳ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସରକାରୀ ଅନୁଦାନରେ ଗ୍ରାମାଞ୍ଚଳରେ ବଦଳିଛି ବିକାଶର ମାନଚିତ୍ର। ୨୦୦୦ ପୂର୍ବବର୍ତ୍ତୀ କ୍ଷୁଧାର୍ତ୍ତ ଓଡ଼ିଶା ଆଜି ସମୃଦ୍ଧିଶାଳୀ ରାଜ୍ୟରେ ପରିଣତ ହୋଇପାରିଛି। ଓଡ଼ିଶା ଆଜି ଅନ୍ୟ ରାଜ୍ୟ ପାଇଁ ରୋଲମଡେଲ ସାଜିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି, ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛଶାସନ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସମୀର ଦାଶ ମତବ୍ୟକ୍ତ କରିଛନ୍ତି। 'ଆମ ଓଡ଼ିଶା ନବୀନ ଓଡ଼ିଶା' ସହାୟତାରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ, ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀଗୁଡ଼ିକର ରୂପାନ୍ତକରଣ, ମହିଳା ସଶକ୍ତିକରଣ, ବ୍ୟାଙ୍କ ଭିତ୍ତିଭୂମିର ବିକାଶ, ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତକରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ସୁଗମ ପରିବହନର ବିକାଶ ହୋଇପାରିଥିବା ଅନ୍ୟ ଅତିଥିମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକ ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଏମ୍‌ପିଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ବ୍ଲକ ଯୁବ ବିଜେଡି ସଭାପତି ରାକେଶ ବେହେରା, ରେଞ୍ଚ ସରପଞ୍ଚ ପ୍ରସନ୍ନଜିତ୍ ସ୍ୱାଇଁ, ସମିତିସଭ୍ୟା ପ୍ରିୟଦର୍ଶିନୀ, ପଞ୍ଚାୟତ ସଭାପତି ବିଷ୍ଣୁ ଚରଣ ମହାନ୍ତି, ବାହାରଣା ସରପଞ୍ଚ ଅମିତା ସ୍ୱାଇଁ, ସମିତିସଭ୍ୟ ସନ୍ତୋଷ ମେକାପ, ତମ୍ପାଳୋ ସରପଞ୍ଚ ସସ୍ମିତା ଖଟୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

## ମହିଳାରେ ବଲାଙ୍ଗୀର, ପୁରୁଷରେ କେନ୍ଦ୍ରାପଡ଼ା ଚାମ୍ପିୟନ

### ନୂଆ-ଓ ରାଜ୍ୟସ୍ତରୀୟ କ୍ରିକେଟ

ପୁରୀ, ୧୩।୨(ଅଜିତ୍ ମହାନ୍ତି):

ନୂଆ-ଓ ଯୁବବର୍ଗ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଉନ୍ମେଷ ଦିଗରେ ଫଳପ୍ରଦ ହୋଇଛି ବୋଲି କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ଜଗନ୍ନାଥ ଷ୍ଟାଡିୟମରେ ନୂଆ-ଓ ମାଧ୍ୟମରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ବେହେରା ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ମନ୍ତ୍ରୀ କହିଥିଲେ, ସୁସ୍ଥ ଓ ମାନସିକ ଦୃଢ଼ତା ପାଇଁ କ୍ରୀଡ଼ା ଜରୁରୀ। କ୍ରୀଡ଼ା ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦେଇଥାଏ। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ଶ୍ରୀମନ୍ଦିର ପ୍ରଶାସକ ଜ୍ୟୋତିଶଙ୍କର ମହାପାତ୍ର, କ୍ରୀଡ଼ା ବିଭାଗ ଓଏସଡି ଡ. ସ୍ୱରୂପାନନ୍ଦ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ମହିଳା ବର୍ଗରେ ବଲାଙ୍ଗୀର ଓ ପୁରୁଷ ବର୍ଗରେ କେନ୍ଦ୍ରାପଡ଼ା ଚାମ୍ପିୟନ ହୋଇଥିବାରୁ ଟ୍ରଫି ସହ ୨ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସେହିପରି ଉପବିଜେତା ଦଳ ଭାବେ ମହିଳା ବର୍ଗରେ ନବରଙ୍ଗପୁର ଓ ପୁରୁଷ ବର୍ଗରେ ନୟାଗଡ଼ ଜିଲାକୁ ଟ୍ରଫି ସହ ୧ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ମହିଳା ଓ ପୁରୁଷ ବର୍ଗରେ ସୁନ୍ଦରଗଡ଼ ୩ୟ ସ୍ଥାନ ହାସଲ କରିଥିବାରୁ ୫୦ ହଜାର ଟଙ୍କା ଲେଖାଏ ଏବଂ ଚତୁର୍ଥ ସ୍ଥାନରେ ଥିବା ମହିଳା ବର୍ଗରେ କୋରାପୁଟ ଓ ପୁରୁଷ ବର୍ଗରେ ନବରଙ୍ଗପୁରକୁ ୫୦ ହଜାର ଟଙ୍କା ଲେଖାଏ ସହ ମାନପତ୍ର ଓ ଟ୍ରଫି ଦିଆଯାଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ମହିଳା ବର୍ଗରେ ବଲାଙ୍ଗୀରର ଅନନ୍ୟା ମିଶ୍ର ଓ ପୁରୁଷ ବର୍ଗରେ କେନ୍ଦ୍ରାପଡ଼ାର ସନ୍ତୋଷ କୁମାର ପ୍ରଧାନଙ୍କୁ ୧୦ ହଜାର ଟଙ୍କା, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତା ଶୃଙ୍ଖଳିତ ଭାବେ ସମାପନ ହୋଇ ଥିବାରୁ ଜିଲାପାଳ ବିଜୟ କୁମାର ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ଗହଣରେ ପୁରସ୍କାର ସହ ଚାମ୍ପିୟନ ଦଳର ଖେଳାଳିମାନେ ।

## ସଂକ୍ଷେପରେ

### ଜିଲା ମୁଖ୍ୟ ଚିକିତ୍ସାଳୟକୁ 'ଲକ୍ଷ୍ୟ' ପୁରସ୍କାର



କଟକ, ୧୩।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ମୁଖ୍ୟ ଚିକିତ୍ସାଳୟ ବା ସିଟି ହସ୍ପିଟାଲକୁ ମଙ୍ଗଳବାର ଲକ୍ଷ୍ୟ ୨୦୨୧-୨୨ ପୁରସ୍କାର ମିଳିଛି। ଭୁବନେଶ୍ୱରରେ ଲୋକସଭା ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଟି ହସ୍ପିଟାଲକୁ ପୁରସ୍କୃତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରାନନ୍ଦ ବେଉରା, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ କୁମାର ଗିରି, ଜିଲା ପ୍ରୋଗ୍ରାମ ମ୍ୟାନେଜର ଉପସ୍ଥିତ ରହି ସ୍ୱାସ୍ଥ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ରୋଗୀଙ୍କୁ ଉତ୍ତମ ଓ ଉନ୍ନତମାନର ସ୍ୱାସ୍ଥ୍ୟସେବା, ସ୍ୱଚ୍ଛତା କ୍ଷେତ୍ରରେ ଏହି ଚିକିତ୍ସାଳୟ ଭଲ ପ୍ରଦର୍ଶନ କରିଥିବାରୁ ୨ୟ ଥର ପାଇଁ ଏହି ପୁରସ୍କାର ମିଳିଛି ବୋଲି ଡା. ଗିରି ସୂଚନା ଦେଇଛନ୍ତି।

### ହାଇକୋର୍ଟରେ ମାମଲା ଖାରଜ

**ଓଡ଼ିଶାରେ ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ ଜନସ୍ୱାର୍ଥ ମାମଲା**

କଟକ, ୧୩।୨(କାର୍ତ୍ତିକ ସାହୁ)

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଓଡ଼ିଶାରେ ଲାଗୁ କରିବାକୁ ନିବେଦନ କରି ରୁଜୁ ହୋଇଥିବା ମାମଲା ହାଇକୋର୍ଟରେ ଖାରଜ ହୋଇଛି। ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ପକ୍ଷରୁ ରୁଜୁ ଏହି ମାମଲାର ଶୁଣାଣି ମଙ୍ଗଳବାର ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠରେ ହେବା ପରେ ଏଥିରେ ଜନସ୍ୱାର୍ଥ ସମ୍ବଳିତ ନିୟମ ପାଳନ କରାଯାଇ ନ ଥିବା ଦର୍ଶାଇ ଖଣ୍ଡପୀଠ ଏହାକୁ ଖାରଜ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟର ଜନସାଧାରଣଙ୍କୁ ଭଲ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ଉକ୍ତ ଯୋଜନା ଲାଗୁ କରିବାକୁ ଆବେଦନକାରୀ ଉକ୍ତ ମାମଲା ରୁଜୁ କରିଥିଲେ। ରାଜ୍ୟ ସରକାର ଜାଣିଶୁଣି ଓଡ଼ିଶାରେ ଏପରି ଯୋଜନାକୁ ଲାଗୁ କରାଇ ଦେଉନାହାଁନ୍ତି। ଫଳରେ ଓଡ଼ିଶାର ଲୋକେ ଏହି ଯୋଜନାର ସୁଫଳ ପାଇପାରୁନାହାନ୍ତି। ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ୨୮ ହଜାରରୁ ଅଧିକ ଡାକ୍ତରଖାନା ଏହି ଯୋଜନା ସହିତ ଅନୁବନ୍ଧିତ ହୋଇଛନ୍ତି। ପ୍ରାୟ ସମସ୍ତ ରାଜ୍ୟରେ ଏହି ଯୋଜନା ଲାଗୁ ହୋଇଛି। ହେଲେ ରାଜ୍ୟ ସରକାର ଓଡ଼ିଶାରେ ଏହି ଯୋଜନାକୁ ଲାଗୁ କରାଇବାକୁ ଉଦ୍ଦେଶ୍ୟମୂଳକ ଭାବେ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ଆବେଦନରେ ଦର୍ଶାଯାଇଥିଲା।

### ପୋଲିସ ହାଇସ୍କୁଲ ୧୯୭୪ ବ୍ୟାଚ୍‌ର ବନ୍ଧୁମିଳନ

ଭୁବନେଶ୍ୱର, ୧୩।୨(ଅନୁରାଧା ମହାରଣା)

କଟକସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲର ୧୯୭୪ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବିଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ସ୍କୁଲ ଜୀବନର ଅନୁଭୂତି ବାଣ୍ଟିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ନାରାୟଣ ପତିଙ୍କୁ ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷା, ଖେଳକୁଦ, ଡ୍ରାମା, ସଙ୍ଗୀତ ଏବଂ ଏନସିସି ଆଦି ବିଭିନ୍ନ କ୍ଷେତ୍ରରେ ଓ ପୋଲିସ ହାଇସ୍କୁଲକୁ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ଗଢିବାରେ ପତିଙ୍କ ପ୍ରମୁଖ ଅବଦାନ ରହିଥିଲା। ବିଦ୍ୟାଳୟର ୧୯୭୪ ବ୍ୟାଚର ପୂର୍ବତନ ଛାତ୍ରମାନେ ପ୍ରାର୍ଥନା ଓ ଶ୍ରେଣୀଗୃହ ଭଳି ବିଦ୍ୟାଳୟ ଦିବସ ପାଳନ କରିବା ସହିତ ଦିବଙ୍ଗତ ଶିକ୍ଷକ ଏବଂ ସେମାନଙ୍କ ସାଥୀମାନଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରିଥିଲେ। ଅଭିନେତା ହର ପଟ୍ଟନାୟକ ଓଡ଼ିଶା ପୋଲିସ ହାଇସ୍କୁଲର ୧୯୭୪ ବ୍ୟାଚର ପୂର୍ବତନ ଛାତ୍ର ଥିଲେ। ଏହି ଅବସରରେ ତାଙ୍କର ସ୍ମୃତି ଚାରଣ କରାଯାଇଥିଲା। ସମ୍ପାଦକ ସଞ୍ଜୀବ ପତି ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟତମ ସଦସ୍ୟ ରସାନନ୍ଦ ପଣ୍ଡା, କେତନ ମିଶ୍ର ଏବଂ ସୁରେନ୍ଦ୍ର ମିଶ୍ର ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ବିଶେଷ ସହଯୋଗ କରିଥିଲେ।

# ସୁଦୃଢ଼ ହେବ ହୋଟେଲ, ରେଷ୍ଟୁରାଣ୍ଟ ପରିମଳ ବ୍ୟବସ୍ଥା

କଟକ, ୧୩।୨ (କାର୍ତ୍ତିକ ସାହୁ)

- ସକାଳ ୯ଟା ମଧ୍ୟରେ ଆବର୍ଜନା ସଂଗ୍ରହ କରିବ ଗାଡ଼ି
- ଅବହେଳା ପ୍ରଦର୍ଶନ କଲେ କାର୍ଯ୍ୟାନୁଷ୍ଠାନ

କଟକ ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ସହରରେ ଥିବା ବ୍ୟବସାୟିକ ସଂସ୍ଥାଗୁଡିକରୁ ବାହାରୁଥିବା ବର୍ଜ୍ୟର ସୁପରିଚାଳନା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷ କରି ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକର ପରିମଳ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ ଓ ସୁଦୃଢ଼ କରିବା ଉପରେ ନୂତନ କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗୁରୁତ୍ୱ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଚୌଧୁରୀବଜାରସ୍ଥିତ ଟାଉନ୍‌ହଲରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସହରର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ଲଜିଂଗୁଡିକର ମାଲିକମାନେ ବୈଠକରେ ଯୋଗଦେଇଥିଲେ। ହୋଟେଲ ଓ ରେଷ୍ଟୁରାଣ୍ଟରୁ ବାହାରୁଥିବା ବର୍ଜ୍ୟଗୁଡିକୁ ସେମାନେ ସିଏମସିକୁ ସହଜରେ ଯେପରି ହସ୍ତାନ୍ତର କରିପାରିବେ ସେନେଇ ସଚେତନ କରାଯାଇଛି। ପ୍ରତ୍ୟେକ ଦିନ ସକାଳ ୯ଟା ମଧ୍ୟରେ ଅଳିଆ ବୁହା ଗାଡ଼ି ଏହି ବ୍ୟବସାୟ ସଂସ୍ଥାଗୁଡ଼ିକରୁ ଆବର୍ଜନା ସଂଗ୍ରହ କରିବ ବୋଲି ସିଏମ୍‌ସି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବ୍ୟବସାୟୀମାନେ ମଧ୍ୟ ଏଥିରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ରାଜି ହୋଇଥିଲେ। ସେମାନେ ଧାର୍ଯ୍ୟ ନିୟମାବଳୀ ନ ମାନି କରି ଅଳିଆ ଆବର୍ଜନା ସିଏମ୍‌ସି ବର୍ଜ୍ୟବୁହା ଗାଡ଼ିରେ ଯଦି ନ ଦିଅନ୍ତି ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମସି ପକ୍ଷରୁ ଚେତାଇ ଦିଆଯାଇଛି। ଅତିରିକ୍ତ କମିଶନର ଅନାମ ପାତ୍ର, ଡେପୁଟି କମିଶନର ସୁବ୍ରତ ବେହେରା, ସହର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ସମେତ ପରିମଳ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



**ଆଜି ସରସ୍ୱତୀ ପୂଜା:** କଟକ ସହରର ଏକ ରାସ୍ତାପାର୍ଶ୍ୱ ଦୋକାନରେ ସରସ୍ୱତୀ ମୂର୍ତ୍ତି ବିକ୍ରୟ ପାଇଁ ସଜାଇ ରଖାଯାଇଛି।

### ଖାଦ୍ୟ ନିରାପତ୍ତା ମାନକ, ସ୍ୱଚ୍ଛତା ତାଲିମ

କଟକ, ୧୩।୨(କାର୍ତ୍ତିକ ସାହୁ)

ଓଡ଼ିଶା ସରକାରଙ୍କ ଖାଦ୍ୟ ନିରାପତ୍ତା ଆୟୋଗ, କଟକ ମହାନଗର ନିଗମ(ସିଏମ୍‌ସି) ଓ ଜଗତସିଂହପୁରସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍ସର୍ଗର ମିଳିତ ଆନୁକୂଲ୍ୟରେ ଖାଦ୍ୟ ନିରାପତ୍ତା ମାନକ ଓ ସ୍ୱଚ୍ଛତା ତାଲିମ ଶିବିର ଚୌଧୁରୀବଜାରସ୍ଥିତ ଟାଉନ୍‌ହଲରେ ମଙ୍ଗଳବାର ଆରମ୍ଭ ହୋଇଛି। ଏହି ଶିବିର ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଟରିଂ, ରାସ୍ତାପାର୍ଶ୍ୱ ଖାଦ୍ୟ ବ୍ୟବସାୟୀ ଓ ଖାଦ୍ୟ ପ୍ରସ୍ତୁତକାରୀ ସଂସ୍ଥାର ବ୍ୟକ୍ତିବିଶେଷ ଏହି ତାଲିମ ଶିବିରରେ ଯୋଗ ଦେଇଛନ୍ତି। ସହର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ଶିବିରକୁ ଉଦ୍‌ଘାଟନ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଖାଦ୍ୟ ସୁରକ୍ଷା ମାନକ ଆଇନର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଖାଦ୍ୟ ନିରାପତ୍ତା ଅଧିକାରୀ ରଶ୍ମିତା ବେହେରା, ନିଗମ ଖାଦ୍ୟ ସୁରକ୍ଷା ସ୍କ୍ୱାଡ୍ ମୁଖ୍ୟ ଭଗବାନ ଲେଙ୍କା ଖାଦ୍ୟ ନିରାପତ୍ତା ଓ ନିୟମର ପାଳନ ସଂପର୍କରେ ବୁଝାଇଥିଲେ। ବିଭିନ୍ନ ସମୟରେ ଉପୁଜୁଥିବା ସୁବିଧା ଓ ଅସୁବିଧା ଉପରେ ଅତିଥିମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ପଚାରି ବୁଝିଥିଲେ। ଫୋଷ୍ଟାକ'ର ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକ ମିଥୁନ ବ୍ୟବସାୟୀମାନଙ୍କୁ ତାଲିମ ଦେଇଥିଲେ। ବିଶେଷକରି ଖାଦ୍ୟ ପ୍ରସ୍ତୁତ ଓ ପରଶିବା ସମୟରେ ସଫାସୁତୁରା ରହିବା, ଗ୍ଲୋବସ୍ ବ୍ୟବହାର କରିବା, ମୁଣ୍ଡରେ ଟୋପି ପିନ୍ଧିବା, ସର୍ଫ କିମ୍ବା ଡିଟରଜେଣ୍ଟ ପାଉଡର୍‌ରେ ବାସନ ସଫା ନ କରିବା ସଂପର୍କରେ ତାଲିମ ଦିଆଯିବା ସହ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ପ୍ରଶିକ୍ଷକ ପରାମର୍ଶ ଦେଇଥିଲେ। ଶିବିରରେ ମୋଟ ୪୦୦ ଜଣ ଖାଦ୍ୟ ପ୍ରସ୍ତୁତକାରୀ ଓ ଖାଦ୍ୟ ବ୍ୟବସାୟୀଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଡା. ମହାପାତ୍ର କହିଛନ୍ତି। ଉତ୍ସର୍ଗ ଅନୁଷ୍ଠାନର ସଭାପତି ପ୍ରିୟରଂଜନ ପଟ୍ଟନାୟକ ପୌରୋହିତ୍ୟ ଓ ସଂପାଦକ ଲକ୍ଷ୍ମୀପ୍ରିୟା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାରେ ଭାଜପା ସରକାର ଗଢ଼ିବ: ଶିବରାଜ

କଟକ, ୧୩।୨(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପାର ବରିଷ୍ଠ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମଙ୍ଗଳବାର କଟକ ଗସ୍ତ କରି ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଲୋକ ସଭାସ୍ତରୀୟ କ୍ଲଷ୍ଟର ବା ନିର୍ବାଚନୀ ବୈଠକରେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ କର୍ମୀଙ୍କୁ ଉଦ୍‌ବୋଧ ଦେଇ କହିଛନ୍ତି, ଆଗାମୀ ସାଧାରଣ ନିର୍ବାଚନରେ କେନ୍ଦ୍ର ଏବଂ ରାଜ୍ୟରେ ଭାଜପା ସରକାର ଗଢ଼ିବ। ଉଭୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାରେ ପ୍ରଗତି ଘଟିବ। ରାଜ୍ୟରେ ବର୍ତ୍ତମାନ ଆଉଟ୍‌ସୋର୍ସିଂ ସରକାର ଚାଲିଛି। ଫଳରେ ଦୁର୍ନୀତି ଓ ଭ୍ରଷ୍ଟାଚାର ସାଙ୍ଗକୁ ନାରୀ ନିର୍ଯାତନା ବଢ଼ୁଛି। ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ। କେନ୍ଦ୍ର ସରକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଦେଉଥିବା ଅର୍ଥକୁ ବିଜେଡି ସରକାର ମୋହର ମାରି ନିଜ ନାମରେ ବାହାବା ନେଉଛନ୍ତି। ଓଡ଼ିଶାବାସୀ ଏହି ବିଷୟରେ ଅବଗତ ହୋଇଗଲେଣି। କେନ୍ଦ୍ରରେ ମୋଦି ସରକାର ଓଡ଼ିଶାର ସାଢ଼େ ତିନିକୋଟି ଲୋକଙ୍କୁ ରାଶନ ଯୋଗାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିବା ପରେ ସମଗ୍ର ବିଶ୍ୱରେ ଭାରତ ମାତାର ଜୟ ଗାନ ଚାଲିଛି।



ଭାଜପା ନେତା ଶିବରାଜ ସିଂ ଚୌହାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି।

**କ୍ଲଷ୍ଟର ବୈଠକ**

ଭାରତର ସୁନାମ ବିଶ୍ୱରେ ବଢ଼ି ଚାଲିଛି। ତେଣୁ ଆସନ୍ତା ନିର୍ବାଚନରେ କଟକବାସୀ ଏବଂ ରାଜ୍ୟବାସୀ ଭାଜପାକୁ ସମର୍ଥନ କରିବେ ବୋଲି ଶିବରାଜ ପ୍ରକାଶ କରିଛନ୍ତି। ବୈଠକରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଯତୀନ କୁମାର ମହାନ୍ତି, ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି ମଞ୍ଚାସୀନ ଥିଲେ। ବୈଠକକୁ କୃଷକ ମୋର୍ଚ୍ଚା ସଂଯୋଜକ ସୁକାନ୍ତ ବିଶ୍ୱାଳ ପରିଚାଳନା କରିଥିଲେ। କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବୈଠକରେ ଯୋଗଦେଇଥିଲେ। କଟକ ଶିଖରପୁରଠାରେ ବରିଷ୍ଠ ଭାଜପା ନେତା ନୟନ ମହାନ୍ତିଙ୍କ ନେତୃତ୍ୱରେ ଶିବରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶିଖରପୁର ଠାରେ ଶିବରାଜ ପଦ୍ମ ଆଙ୍କିଥିଲେ। ଏହାପରେ ସେ ଗଡ଼ଗଡ଼ିଆ ମନ୍ଦିରରେ ପହଞ୍ଚି ଠାକୁର ଦର୍ଶନ କରି ମନ୍ଦିର ପ୍ରାଙ୍ଗଣରେ ଚାରା ରୋପଣ କରିଥିଲେ। ବୈଠକ ପରେ କଟକ ଚଣ୍ଡୀ ମନ୍ଦିରରେ ଶିବରାଜ ପହଞ୍ଚି ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଲମ୍ବୋଦର



@ ଲିଟୁ



@ ଅକ୍ଷୟ



@ ମିଟୁ



@ ନଟବର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲଭ୍ ଥିମ୍‌ରେ ସଜେଇ ହୋଇଛି ତାରକା ହୋଟେଲ



କଟକ, ୧୩।୨(ଶିଳ୍ପା ପ୍ରିୟଦର୍ଶିନୀ)

- ଲାଇଭ୍ ମ୍ୟୁଜିକ, କ୍ୟାଣ୍ଡେଲ ଲାଇଟ ଡିନର, ସେଲ୍ଫି ପଏଣ୍ଟ
- ଭାଲେଣ୍ଟାଇନ୍ ପ୍ରନ, ସାହିତୁକଡ଼ା, ଚିକେନ ଦିଲ୍‌ରୁବା, ରୋମିଓ-ଜୁଲିଏଟ ମକ୍‌ଟେଲ

ପ୍ରେମ ସପ୍ତାହର ଶେଷ ଦିନ ଭାଲେଣ୍ଟାଇନ୍ସ ଡେ। ନବଦମ୍ପତି ଓ ପ୍ରେମୀଯୁଗଳଙ୍କ ମଧ୍ୟରେ ଭାଲେଣ୍ଟାଇନ୍ସ ଡେ ପାଳନ କରିବା ନେଇ ଅଧିକ ଉତ୍କଣ୍ଠା ରହିଥାଏ। କିଏ କେକ୍ କାଟି ତ କେହି ତାରକା ହୋଟେଲ ଯାଇ ନାଚଗୀତ ସହ ସୁସ୍ୱାଦୁ ଖାଦ୍ୟର ମଜା ନେଇ ଏହି ଦିବସ ପାଳନ କରିଥାନ୍ତି। ତେବେ ପ୍ରେମୀଯୁଗଳଙ୍କ ଏହି ଦିନକୁ ସ୍ମରଣୀୟ କରିବା ପାଇଁ କଟକ ସହରରେ ଥିବା ବିଭିନ୍ନ ତାରକା ହୋଟେଲରେ ପ୍ରସ୍ତୁତି ଶେଷ ହୋଇଛି। ଏପରିକି ବୁଧବାର ଶ୍ରୀପଞ୍ଚମୀ ଦିନ ଭାଲେଣ୍ଟାଇନ୍ସ ଡେ ପଡୁଥିବା ବେଳେ ତାରକା ହୋଟେଲଗୁଡ଼ିକରେ ଉଭୟ ଭେଜ୍ ଓ ନନ୍‌ଭେଜ୍ ପ୍ଲେଟ୍ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସହ ହୋଟେଲଗୁଡିକୁ ଲଭ୍ ଥିମ୍‌ରେ ସଜାଯାଇଛି।

### ବିଏନ୍‌ସନ୍ ବ୍ଲୁ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ



"ଭାଲେଣ୍ଟାଇନ୍ସ ଡେ ପାଇଁ ବିଏନ୍‌ସନ୍ ବ୍ଲୁ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟକୁ ରେଡ ହାର୍ଟ, ବେଲୁନ ଓ ଗୋଲାପ ଥିମ୍‌ରେ ସଜାଯିବ। ଏହାସହ ଖାଦ୍ୟରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଗ୍ରାହକଙ୍କ ପାଇଁ ୱେଲକମ୍ ସୁପ୍, ଯାହାକି ଟୁଇନ ହାର୍ଟ ସୁପ ଦିଆଯିବ। ଏଥିସହ ତନ୍ଦୁରି ବୋରବନ ମସରୁମ, ପନିର ସୋଲେ କବାବ, ଚିକେନ ପେରିପେରି, ଭେଜ ଡନ ଡନ ନୁଡଲ୍ସ, ଚିକେନ ଦିଲରୁବା, ମଟନ ଲାଲମାଂସ, ହାଇଦ୍ରାବାଦୀ ଚିକେନ, ଦମ୍ ବିରିୟାନୀ ଉଇଥ ସ୍ପେସିଆଲ ରାଇତା ପ୍ରଭୃତି ବିଭିନ୍ନ ଖାଦ୍ୟ ବ୍ୟବସ୍ଥା ରହିଥିବା ହୋଟେଲ ସ୍ୱତ୍ୱାଧିକାରୀ ଅଭୟ କୁମାର ପରିଡା କହିଛନ୍ତି।

### ବ୍ଲାଷ୍ଟ ରେଷ୍ଟୁରାଣ୍ଟ



"ଭାଲେଣ୍ଟାଇନ୍ସ ଡେ ପାଇଁ ବ୍ଲାଷ୍ଟ ରେଷ୍ଟୁରାଣ୍ଟରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଗ୍ରାହକଙ୍କ ପସନ୍ଦ ମୁତାବକ ଖାଦ୍ୟର ପ୍ଲାଟର ରହିଛି। ସେଥିମଧ୍ୟରେ ଶାହୀ ଟୁକ୍‌ଡା, କାନ୍ଧରୀ କଟେଜ ଚିଜ ଟିକ୍କୀ, ମିକ୍ସ ମରଗରିଟା, ଷ୍ଟ୍ରବେରି ମୋଜିଟୋ, ଷ୍ଟିମ୍‌ଡ ମୋମୋ, ପ୍ୟାନ ଫ୍ରାଏଡ଼ ମୋମୋ ରହିଛି। ଏଥିସହ ସମଗ୍ର ରେଷ୍ଟୁରାଣ୍ଟକୁ ରେଡ୍ ଥିମ୍‌ରେ ସଜାଯିବା ସହ କ୍ୟାଣ୍ଡେଲ ଲାଇଟ ଡିନର ଓ ଲାଇଭ ମ୍ୟୁଜିକ ବ୍ୟବସ୍ଥା କରାଯାଇଥିବା ବ୍ଲାଷ୍ଟ ରେଷ୍ଟୁରାଣ୍ଟ ସ୍ୱତ୍ୱାଧିକାରୀ ସୁମିତ ସାହୁ କହିଛନ୍ତି।

### ଗୋଲଡେନ ସ୍ପୁନ୍ ହୋଟେଲ



"ଭାଲେଣ୍ଟାଇନ୍ସ ଡେ'କୁ ପାଳିବା ନେଇ ବେଶ୍ ଉତ୍ସାହିତ ଯୁବପିଢ଼ି। ସେମାନଙ୍କ ପସନ୍ଦକୁ ନଜରରେ ରଖି ହୋଟେଲରେ ବ୍ୟାପକ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଖାଦ୍ୟ ମଧ୍ୟରେ ପ୍ରନ ଟେମ୍ପୁରା ସୁସି, କାଲିଫର୍ନିଆ ସୁସିଜ୍ ଡିମ୍‌ଡିମ୍ ଭଳି ଖାଦ୍ୟ ରହିଛି। ହୋଟେଲକୁ ଆକର୍ଷିତ କଲା ଭଳି ସଜାଯିବ ବୋଲି ମ୍ୟାନେଜର ମହମ୍ମଦ ଅସରଫ୍ କହିଛନ୍ତି।

### ଗ୍ରାଣ୍ଡ ରେସିଡେନ୍ସି ହୋଟେଲ ଓ ରେଷ୍ଟୁରାଣ୍ଟ



"ଭାଲେଣ୍ଟାଇନ୍ସ ଡେ ପାଳନ ନେଇ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପ୍ରସ୍ତୁତି କରାଯାଇଛି। ହୋଟେଲକୁ ରେଡ ଓ ହ୍ୱାଇଟ ବେଲୁନରେ ସଜାଯିବ। ସେଲ୍ଫି ପଏଣ୍ଟ ବ୍ୟବସ୍ଥା କରାଯାଇଛି। ସେହିପରି ଖାଦ୍ୟ ମଧ୍ୟରେ ରୋମିଓ ଜୁଲିଏଟ ମକଟେଲ, ରେଡ ରୋଜ ମକଟେଲ, ପନିର କୋରିଅଣ୍ଡର ରୋଲ, କଣ୍ଟି ପାର୍ଟି ଡ୍ରପ, ମଖମଲୀ କବାବ, ହ୍ୟୁମାନ ଷ୍ଟାଇଲ ପ୍ରନ, ଷ୍ଟିର ଫ୍ରାଏଡ୍ ଉଓହପ ଚିକେନ, ଚିକେନ ସ୍କାଲୋପିନି, ମଟନ ଗୁଲାବୀ କବାବ, ଭାଲେଣ୍ଟାଇନ ପ୍ରନ, ଭେଜିଟେବୁଲ ଦିଲ୍‌ରୁବା, ରୋମିଓ ଜୁଲିଏଟ ଆଇସକ୍ରିମ, ଲଭ ପାଏ ଇତ୍ୟାଦି ରହିଥିବା ମ୍ୟାନେଜର ରିତେଶ ନାୟକ କହିଛନ୍ତି।

### ବେକ୍ ଶପ୍ ୱାନ୍



"କଲେଜ ଛକସ୍ଥିତ ବେକ୍ ଶପ୍ ୱାନ୍‌ରେ ଭାଲେଣ୍ଟାଇନ୍ସ ଡେ ସେଲିବ୍ରେଶନ ନେଇ ଭଳିକିଭଳି କେକ୍ ରହିଛି। ସେଥିମଧ୍ୟରେ ହାର୍ଟ କେକ୍‌ର ଧିକ ଡିମାଣ୍ଡ ରହିଛି। ଭାଲେଣ୍ଟାଇନ୍ସ ଡେ ପାଇଁ କେକ ଅର୍ଡର ମଧ୍ୟ ରଖାଯାଉଥିବା ବ୍ୟବସାୟୀ ସାଗର ପାଲ୍ କହିଛନ୍ତି।

**ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ** | ପଶ୍ଚିମବଙ୍ଗର କଲାଇକୁଣ୍ଡାଠାରେ ଭାରତୀୟ ବାୟୁସେନାର ଏକ ପ୍ରଶିକ୍ଷଣ ବିମାନ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନରୁ ୨ ପାଇଲଟ୍ ପାରାସ୍ୟୁଟ୍ ସହାୟତାରେ ଓହ୍ଲାଇ ଯାଇଥିଲେ। ପଶ୍ଚିମ ମେଦିନପୁର୍ ଜିଲାର ଏକ ଗ୍ରାମ ନିକଟରେ ବିମାନଟି ଖସି ପଡିଥିଲା।



ପଞ୍ଜାବ-ହରିୟାଣାର ସମ୍ଭୁ ସୀମାରେ ଦିଲ୍ଲୀ ଅଭିମୁଖେ ବାହାରିଥିବା କୃଷକଙ୍କ ଶୋଭାଯାତ୍ରା।



ଗାଜିଆବାଦର ଗାଜିପୁର ସୀମାରେ ପୋଲିସ ରାସ୍ତା ଅବରୋଧ କରିଥିବାବେଳେ ଟ୍ରାଫିକ୍ ଜାମ୍ ହୋଇଯାଇଛି।

# ସନ୍ଦେଶଖାଲିରେ ପୋଲିସ-ଭାଜପା କର୍ମୀ ସଂଘର୍ଷ

**କୋଲକାତା,୧୩।୨:** ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ମହିଳାମାନଙ୍କୁ ଯୌନ ନିର୍ଯାତନା ଦେଇଥିବା ତୃଣମୂଳ କଂଗ୍ରେସ ନେତା ଶାହାଜାନ ଶେଖ୍ ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ଅପରାହ୍ନରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି କରିଛି। ଆନ୍ଦୋଳନକାରୀ ଭାଜପା କର୍ମୀମାନଙ୍କ ସହ ପୋଲିସର ସଂଘର୍ଷ ହୋଇଥିଲା। ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ବସିରହାଟ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାଳନା କରିଥିଲା। ଭାଜପା ସମର୍ଥକମାନେ ବ୍ୟାରିକେଡ୍ ଭାଙ୍ଗି ଏସ୍‌ପି ଅଫିସ ଆଡ଼େ ମାଡ଼ିଯିବାରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଥିଲା।

# ଇସିଙ୍କ 'ଏନ୍‌ସିପି' ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ଶରଦ ପାୱାର

**ନୂଆଦିଲ୍ଲୀ,୧୩।୨(ପି.ଟି.):** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଗୋଷ୍ଠୀକୁ ନିର୍ବାଚନ କମିଶନ (ଇସି) ଅସଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଭାବେ ସ୍ୱୀକୃତି ଦେବା ପରେ ବରିଷ୍ଠ ନେତା ଶରଦ ପାୱାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସୋମବାର ସନ୍ଧ୍ୟାରେ ପାୱାର ବ୍ୟକ୍ତିଗତ ଭାବେ ଆଇନଜୀବୀ ଅଭିଷେକ ଜେବରାଜଙ୍କ ଜରିଆରେ ପିଟିଶନ ଦାଏର କରିଛନ୍ତି। ଏହା ପୂର୍ବରୁ ଅଜିତ ଗୋଷ୍ଠୀ ଆଇନଜୀବୀ ଅଭିକଳ୍ପ ପ୍ରତାପ ସିଂଙ୍କ ଜରିଆରେ ସୁପ୍ରିମକୋର୍ଟରେ ଏକ କାଭିଟ୍ ଦାଏର କରିଥିଲେ। ଉପରୋକ୍ତ ମାମଲାରେ ଯଦି ପାୱାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୁଅନ୍ତି, ତେବେ ତାଙ୍କ ସପକ୍ଷରେ କୌଣସି ଏକପକ୍ଷୀୟ ନିର୍ଦ୍ଦେଶନାମା ଜାରି ନ କରିବା ପାଇଁ ଏଥିରେ ଆବେଦନ କରାଯାଇଥିଲା। ସୂଚନାଯୋଗ୍ୟ, ଅଜିତ ପାୱାର ଗୋଷ୍ଠୀ ଅସଲି ଏନ୍‌ସିପି ବୋଲି ଗତ ୬ ତାରିଖରେ ନିର୍ବାଚନ କମିଶନ ଘୋଷଣା କରିବା ସହ ଦଳୀୟ ଚିହ୍ନ 'କାନ୍ଥଘଣ୍ଟା' ପ୍ରଦାନ କରିଥିଲେ, ଯାହା ଦଳ ପ୍ରତିଷ୍ଠାତା ଶରଦ ପାୱାରଙ୍କ ପାଇଁ ବଡ଼ ଝଟକା ଥିଲା।

**ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବର୍ଗ**

# ଇନ୍ଦିରା, ନର୍ଗିସ୍‌ଙ୍କ ନାଁ ହଟାଇଦେଲେ

**ନୂଆଦିଲ୍ଲୀ,୧୩।୨(ପି.ଟି.)**

ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଅନେକ ପରିବର୍ତ୍ତନ କରାଯାଇଛି। ଏଥିରେ 'ସର୍ବଶ୍ରେଷ୍ଠ ନବାଗତ ଚଳଚ୍ଚିତ୍ର ପାଇଁ ରହିଥିବା ଇନ୍ଦିରା ଗାନ୍ଧୀ ପୁରସ୍କାର' ଏବଂ 'ଜାତୀୟ ସଂହତି ଉପରେ ସର୍ବଶ୍ରେଷ୍ଠ ଫିଚର ଫିଲ୍ମ ପାଇଁ ନର୍ଗିସ୍ ଦତ୍ତ ପୁରସ୍କାର'ରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ କିମ୍ବଦନ୍ତୀ ଅଭିନେତ୍ରୀଙ୍କ ନାଁ ହଟାଇ ଦିଆଯାଇଛି। ବିଭିନ୍ନ ବର୍ଗରେ ଦିଆଯାଉଥିବା ସମ୍ମାନକୁ ଯୁକ୍ତିସଙ୍ଗତ କରିବା ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଗଠିତ କମିଟିର ସୁପାରିସକ୍ରମେ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୨ରେ ପରିବର୍ତ୍ତନ ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି। 'ଶ୍ରେଷ୍ଠ ନବାଗତ ନିର୍ଦ୍ଦେଶକ ପାଇଁ ଇନ୍ଦିରା ଗାନ୍ଧୀ ପୁରସ୍କାର' ନାଁ ବଦଳାଯାଇ 'ଶ୍ରେଷ୍ଠ ନବାଗତ ନିର୍ଦ୍ଦେଶକ ପୁରସ୍କାର' ରଖାଯାଇଛି। ପୂର୍ବରୁ ଏ ବାବଦରେ ମିଳୁଥିବା ପୁରସ୍କାର ରାଶିକୁ ନିର୍ଦ୍ଦେଶକ ଓ ନିର୍ମାତାଙ୍କ ମଧ୍ୟରେ ଭାଗ କରାଯାଉଥିବାବେଳେ ଏଣିକି କେବଳ ନିର୍ଦ୍ଦେଶକ ଉକ୍ତ ପୁରସ୍କାର ରାଶି ପାଇବେ। ସେହିପରି 'ଶ୍ରେଷ୍ଠ ଫିଚର ଫିଲ୍ମ ପାଇଁ ନର୍ଗିସ୍ ଦତ୍ତ ପୁରସ୍କାର' ନାଁ ବଦଳାଯାଇ 'ଜାତୀୟ, ସାମାଜିକ ଓ ପରିବେଶୀୟ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ ଫିଚର ଫିଲ୍ମ' ରଖାଯାଇଛି। ଏହି ବର୍ଗରେ ସାମାଜିକ ଏବଂ ପରିବେଶ ସଂରକ୍ଷଣ ପାଇଁ ଥିବା ଅଲଗା ଅଲଗା ପୁରସ୍କାରକୁ ଗୋଟିଏ ପୁରସ୍କାର କରାଯାଇଛି। ସେହିପରି ଦାଦାସାହେବ ଫାଲ୍‌କେ ପୁରସ୍କାରରେ ଦିଆଯାଉଥିବା ନଗଦ ଅର୍ଥ ରାଶିକୁ ୧୦ ଲକ୍ଷରୁ ୧୫ ଲକ୍ଷ ଟଙ୍କାକୁ ବଢ଼ାଇ ଦିଆଯାଇଛି। ସ୍ୱର୍ଣ୍ଣ କମଳ ପୁରସ୍କାର ରାଶିକୁ ୩ ଲକ୍ଷ ଏବଂ ରଜତ କମଳ ପୁରସ୍କାର ରାଶିକୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବର୍ଗରେ ପରିବର୍ତ୍ତନ ଲାଗି ଗଠିତ କମିଟି ଗତ ଡିସେମ୍ବରରେ ଚୂଡ଼ାନ୍ତ ସୁପାରିସ କରିଥିଲେ। ୨୦୨୨ ପାଇଁ ନ୍ୟାଶନାଲ ଆୱାର୍ଡ ପାଇଁ ଏଣ୍ଟ୍ରି ଜାନୁଆରୀ ୩୦ରେ ଶେଷ ହୋଇଛି। ମହାମାରୀ ଯୋଗୁ ପୁରସ୍କାର ପ୍ରଦାନ ବିଳମ୍ବ ହେବା ସହ ୨୦୨୧ର ପୁରସ୍କାର ୨୦୨୩ରେ ପ୍ରଦାନ କରାଯାଇଥିଲା।




ନର୍ଗିସ ଦତ୍ତ | ଇନ୍ଦିରା ଗାନ୍ଧୀ

# ଶେହବାଜ ଶରିଫ୍ ହୋଇପାରନ୍ତି ପାକ୍ ପ୍ରଧାନମନ୍ତ୍ରୀ

**ଇସ୍‌ଲାମାବାଦ,୧୩।୨**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ପୁଣି ଥରେ ଦେଶର ଶାସନ ମଙ୍ଗ ଧରିପାରନ୍ତି। ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍) ସୁପ୍ରିମୋ ତଥା ଶେହବାଜଙ୍କ ବଡ଼ଭାଇ ନୱାଜ ଶରିଫ୍ ତାଙ୍କୁ ପ୍ରଧାନମନ୍ତ୍ରୀ ମନୋନୀତ କରିଛନ୍ତି। ପିଏମ୍‌ଏଲ୍-ଏନ୍ ମୁଖପାତ୍ର ମରିୟମ ଔରଙ୍ଗଜେବ ଏନେଇ ସୂଚନା ଦେଇଛନ୍ତି। ନୱାଜ ଶରିଫ୍‌ଙ୍କ ଝିଅ ମରିୟମ ନୱାଜ ପଞ୍ଜାବ ପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ସରକାର ଗଠନ ପାଇଁ ସମର୍ଥନ ଜଣାଇଥିବା ଦଳଗୁଡ଼ିକୁ ଶରଫ୍ ଧନ୍ୟବାଦ ଜଣାଇଛନ୍ତି। ଜେଲରୁ ନିର୍ବାଚନ ଲଢ଼ିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ପାକିସ୍ତାନ ତେହେରିକ୍-ଇ-ଇନ୍‌ଶାଫ୍ (ପିଟିଆଇ)କୁ ଛାଡ଼ି ଅନ୍ୟ ପ୍ରମୁଖ ଦଳଗୁଡ଼ିକ ମିଳିତ ସରକାର ଗଠନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ପଦ ଦୌଡ଼ରୁ ପାକିସ୍ତାନ ପିପୁଲ୍ସ ପାର୍ଟି ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଓହରିଯାଇଥିଲେ। (ପିଏମ୍‌ଏଲ୍-ଏନ୍)ର ପ୍ରଧାନମନ୍ତ୍ରୀ ପ୍ରାର୍ଥୀଙ୍କୁ ତାଙ୍କ ଦଳ ସମର୍ଥନ ଜଣାଇବ କିନ୍ତୁ ସରକାରରେ ଭାଗନେବ ନାହିଁ ବୋଲି ବିଲାୱଲ କହିଛନ୍ତି।

# ହଲ୍‌ଦ୍ୱାନି ଛାଡ଼ିଲେଣି ୩୦୦ ମୁସଲମାନ ପରିବାର

**ଡେରାଡୁନ୍,୧୩।୨**

ଗତ ୮ ତାରିଖରେ ଉତ୍ତରାଖଣ୍ଡର ହଲ୍‌ଦ୍ୱାନିସ୍ଥିତ ବନଫୁଲପୁରାରେ ପୋଲିସ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ଅଭିଯାନ ବେଳେ ବେଆଇନ ଭାବେ ଗଢ଼ି ଉଠିଥିବା ଏକ ମସ୍‌ଜିଦ ଓ ମଦ୍ରାସାକୁ ଭଙ୍ଗାଯାଇଥିଲା। ଏହି ଘଟଣାକୁ ନେଇ ସାମ୍ପ୍ରଦାୟିକ ହିଂସା ଘଟିଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୦ ଜଣ ଆହତ ହୋଇଥିଲେ। କର୍ଫ୍ୟୁ ଜାରି ରହିଥିବା ସତ୍ତ୍ୱେ ଅନେକ ପରିବାର ନିଜ ନିଜ ଆସବାବପତ୍ର ଧରି ଅନ୍ୟତ୍ର ପଳାୟନ କରୁଥିବା ଦେଖିବାକୁ ମିଳିଛି। ହିଂସାକାଣ୍ଡ ଭିଆଇବା ଅଭିଯୋଗରେ ୩୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଏବେ ମଧ୍ୟ ପୋଲିସ ଆଉ କେତେଜଣଙ୍କୁ ଖୋଜୁଛି। ଆହୁରି ବହୁ ମୁସଲମାନ ପରିବାର ପଳାୟନ ପାଇଁ ସୁଯୋଗ ଖୋଜୁଥିବାବେଳେ ପୋଲିସ ବନ୍‌ଫୁଲପୁରାର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ବନ୍ଦ କରିଦେଇଛି। ଇତିମଧ୍ୟରେ ବନଫୁଲପୁରା ହିଂସାର ମୁଖ୍ୟ ଅଭିଯୁକ୍ତ ଅବ୍‌ଦୁଲ ମଲିକଙ୍କ ନାମରେ ମହାନଗର ନିଗମ ପକ୍ଷରୁ ୨.୪୪ କୋଟି ଟଙ୍କାର ରିକଭରି ନୋଟିସ ଜାରି କରାଯାଇଛି। ସରକାରୀ ସମ୍ପତ୍ତି ଭଙ୍ଗାରୁଜା କରିବା ଅଭିଯୋଗରେ କ୍ଷତିପୂରଣ ଭରିବା ସକାଶେ ତାଙ୍କୁ ଏହି ନୋଟିସ ଦିଆଯାଇଛି। ଘଟଣା ଦିନ 'ମଲିକ୍ କା ବଗିଚା'ରେ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ଟିମ୍‌କୁ ଅବ୍‌ଦୁଲ ଓ ତାଙ୍କ ସମର୍ଥକମାନେ ଆକ୍ରମଣ କରିଥିଲେ। ଏଥିସହ ମହାନଗର ନିଗମର ସମ୍ପତ୍ତି ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ଫେବୃଆରୀ ୧୫ ସୁଦ୍ଧା ଏହି ଟଙ୍କା ଜମା କରିବାକୁ ନୋଟିସରେ ନିର୍ଦ୍ଦେଶ ରହିଛି। ନୈନିତାଲ ଜିଲାପାଳ ବନ୍ଦନା ସିଂ କହିଛନ୍ତି, ହଲ୍‌ଦ୍ୱାନିର ବିଭିନ୍ନ ସ୍ଥାନରେ ବେଆଇନ ନିର୍ମାଣଗୁଡ଼ିକର ଉଚ୍ଛେଦ କରାଯାଇଛି। ଏହା ବିରୋଧରେ କେତେଜଣ ବ୍ୟକ୍ତି ସ୍ଥଗିତାଦେଶ ପାଇଁ ଆବେଦନ କରିଥିଲେ। କିଛି ସ୍ଥାନରେ ଉଚ୍ଛେଦ ବନ୍ଦ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅବଶିଷ୍ଟ ସ୍ଥାନଗୁଡ଼ିକରେ ଉଚ୍ଛେଦ କରାଯାଇଛି।

# କୋଟାରେ ଆଉ ଜଣେ ଛାତ୍ରଙ୍କ ଆତ୍ମହତ୍ୟା

**କୋଟା, ୧୩।୨**

କୋଟାରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଥମିବାର ନାଁ ନେଉନାହିଁ। ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ)ରେ ଖରାପ କରିଥିବାରୁ ଫାଶୀ ଲଗାଇ ଜଣେ ୧୬ ବର୍ଷୀୟ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଛତିଶଗଡ଼ର ଶୁଭ ଚୌଧୁରୀ ନାମକ ଏହି ଛାତ୍ର ଦୁଇ ବର୍ଷ ହେଲା କୋଟାରେ ରହି ଜେଇଇ ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ସେ ସହରର ଜବାହାର ନଗର ଥାନା ଅଞ୍ଚଳରେ ଥିବା ଏକ ହଷ୍ଟେଲରେ ରହୁଥିଲେ। ସୋମବାର ଜେଇଇ ମେନ୍ସର ଫଳାଫଳ ଆସିଥିବା ବେଳେ ମଙ୍ଗଳବାର ଏନେଇ ଶୁଭଙ୍କ ପରିବାର ପକ୍ଷରୁ ତାଙ୍କୁ ଫୋନ କରାଯାଇଥିଲା, ହେଲେ ସେ ଫୋନ ଉଠାଇନଥିଲେ। ଫଳରେ ଏନେଇ ପରିବାର ଲୋକେ ହଷ୍ଟେଲ ୱାର୍ଡେନଙ୍କୁ ଜଣାଇଥିଲେ। ନିଜ ରୁମରେ ଶୁଭଙ୍କୁ ଫାଶୀରେ ଝୁଲୁଥିବାର ଦେଖି ହଷ୍ଟେଲ ୱାର୍ଡେନ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ତେବେ ମୃତଦେହ ନିକଟରୁ କୌଣସି ସୁଇସାଇଡ୍ ନୋଟ ମିଳିନଥିବା ସୂଚନା ଦେଇଛନ୍ତି ସ୍ଥାନୀୟ ପୋଲିସ ଅଧିକାରୀ। ସୂଚନାଯୋଗ୍ୟ, ଦେଶର କୋଚିଂ ହବ୍ ପାଲଟିଥିବା କୋଟାରେ ଚଳିତ ବର୍ଷ ପ୍ରାରମ୍ଭରୁ ଏହା ଚତୁର୍ଥ ଆତ୍ମହତ୍ୟା ମାମଲା।

# ଦ୍ୱିପାକ୍ଷିକ ପୁଞ୍ଜିନିବେଶ ଚୁକ୍ତି ସ୍ୱାକ୍ଷର



ଆବୁଧାବି ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜୟେଦ ଅଲ୍ ନହ୍ୟାନ ସ୍ୱାଗତ କରୁଛନ୍ତି।

**ୟୁଏଇ ରାଷ୍ଟ୍ରପତିଙ୍କ ସହ ମୋଦିଙ୍କ ଆଲୋଚନା**

**ଆବୁଧାବି,୧୩।୨(ପି.ଟି.)**

ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜୟେଦ ଅଲ୍ ନହ୍ୟାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ସେମାନେ ରଣନୀତିକ ସହଭାଗିତାର ସମୀକ୍ଷା କରିବା ସହ ବିଭିନ୍ନ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା କରିଥିଲେ। ଉଭୟ ନେତାଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ଚୁକ୍ତି ସମେତ ଏକାଧିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି।

ବିମାନବନ୍ଦରରେ ମୋଦି ପହଞ୍ଚିବା ପରେ ରାଷ୍ଟ୍ରପତି ମହମ୍ମଦ ବିନ୍ ଜୟେଦ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପରେ ମୋଦିଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଭାରତ-ୟୁଏଇ ବନ୍ଧୁତା ଅଧିକରୁ ଅଧିକ ସୁଦୃଢ଼ ହେଉଛି। ଏହାଦ୍ୱାରା ଆମ ଲୋକମାନେ ବେଶ୍ ଲାଭ ପାଇବେ ବୋଲି ମୋଦି ଏକ୍ସ'ରେ ପୋଷ୍ଟ କରିଛନ୍ତି। ଆଆଇଟି ଦିଲ୍ଲୀ-ଆବୁଧାବି କ୍ୟାମ୍ପସ୍‌ରେ ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ସହ ପ୍ରଧାନମନ୍ତ୍ରୀ କଥା ହେବା ସହ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ଏହା ଏକ ନୂଆ ଅଧ୍ୟାୟ ବୋଲି କହିଥିଲେ। ଏହା ଦୁଇଦେଶର ଛାତ୍ରୀଛାତ୍ରଙ୍କୁ ଏକାଠି କରିଛି। ଆବୁଧାବିରେ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ୍ ଖୋଲିବା ପାଇଁ ୨୦୨୨ ଫେବୃଆରୀରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବୁଧାବିରେ ପ୍ରବାସୀ ଭାରତୀୟମାନଙ୍କୁ ଭେଟିବା ସହ ସେମାନଙ୍କ ପାଇଁ ଦେଶ ଗର୍ବିତ ବୋଲି କହିଛନ୍ତି। ଜୟେଦ ସ୍ପୋର୍ଟ୍ସ ସିଟି ଷ୍ଟାଡିୟମରେ ଆୟୋଜିତ 'ଅହଲାନ ମୋଦି' କାର୍ଯ୍ୟକ୍ରମରେ ଉପସ୍ଥିତ ହଜାର ହଜାର ପ୍ରବାସୀ ଭାରତୀୟ ମୋଦିଙ୍କୁ 'ନମସ୍କାର' ଏବଂ 'ମୋଦି ମୋଦି' କହି ଅଭିନନ୍ଦନ ଜଣାଇଥିଲେ।

# ସିଇସି ନିଯୁକ୍ତି ଆଇନ: ସ୍ଥଗିତାଦେଶ ଦେଲେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୩।୨(ପି.ଟି.)**

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର (ଇସି) ନିଯୁକ୍ତି ପାଇଁ ଆସିଥିବା ନୂଆ ଆଇନ ଉପରେ ସ୍ଥଗିତାଦେଶ ଲଗାଇବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ମନା କରିଦେଇଛନ୍ତି। ସିଇସି ଏବଂ ଇସିଙ୍କୁ ଚୟନ କରିବା ପାଇଁ ଗଠନ ହେବାକୁ ଥିବା କମିଟିରେ ସିଜେଆଇଙ୍କୁ ରଖାଯାଇ ନ ଥିବାରୁ ଉକ୍ତ ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲଗାଇବାକୁ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ଦାଏର ପିଟିଶନ ଉପରେ ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ନୂଆ ଆଇନର ସାମ୍ବିଧାନିକ ବୈଧତାକୁ ପିଟିଶନରେ ଚ୍ୟାଲେଞ୍ଜ କରାଯାଇଛି। ଏନ୍‌ଜିଓ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ, ସିଇସି ଏବଂ ଇସି ନିଯୁକ୍ତି ପାଇଁ ଗଠନ ହେବାକୁ ଥିବା କମିଟିରେ ସିଜେଆଇଙ୍କୁ ରଖିବା ପାଇଁ ସୁପ୍ରିମକୋର୍ଟର ସାମ୍ବିଧାନିକ ପୀଠ ନିର୍ଦ୍ଦେଶ ଦେଇଥିଲେ। ନୂଆ ଆଇନ ଏହାର ବିରୁଦ୍ଧାଚରଣ କରୁଛି।

# 'ମାଗଣା ବିଜୁଳି' ଯୋଜନା ଶୁଭାରମ୍ଭ କଲେ ମୋଦି

**ନୂଆଦିଲ୍ଲୀ,୧୩।୨**

ସୌରଶକ୍ତି ଉତ୍ପାଦନ ବଢ଼ାଇବା ଏବଂ ସ୍ଥାୟୀ ବିକାଶ ପାଇଁ କେନ୍ଦ୍ର ସରକାର 'ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜ୍‌ଲି ଯୋଜନା' ଶୁଭାରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଘୋଷଣା କରିଛନ୍ତି। ଏହି ଯୋଜନାରେ କୋଟିଏ ପରିବାରଙ୍କ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରାଯାଇ ପ୍ରତି ମାସରେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୭୫,୦୦୦ କୋଟି ଟଙ୍କା ବ୍ୟୟ ହେବ। ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲଗାଇବା ପାଇଁ ସରକାର ପର୍ଯ୍ୟାପ୍ତ ସବ୍‌ସିଡି ସହ ରିହାତି ଦରରେ ବ୍ୟାଙ୍କ ଋଣ ଯୋଗାଇଦେବେ। ତେଣୁ ଖର୍ଚ୍ଚର ବୋଝ ଲୋକଙ୍କ ଉପରେ ପଡ଼ିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିପାଇଁ ଷ୍ଟେକ୍‌ହୋଲ୍ଡରମାନଙ୍କୁ ନ୍ୟାଶନାଲ ଅନ୍‌ଲାଇନ ପୋର୍ଟାଲରେ ସାମିଲ କରାଯିବ। ତୃଣମୂଳ ସ୍ତରରେ ଯୋଜନାକୁ ଲୋକପ୍ରିୟ କରାଇବା ପାଇଁ ପୌରସଂସ୍ଥା ଓ ପଞ୍ଚାୟତଗୁଡ଼ିକୁ ପ୍ରୋତ୍ସାହନ ରାଶି ଯୋଗାଇଦିଆଯିବ। ରୁଫ୍‌ଟପ୍ ସୋଲାର ସିଷ୍ଟମ୍ ଯୋଗୁ ପରିବାରର ଆୟ ବଢ଼ିବା ସହ ବିଦ୍ୟୁତ ଦେୟ ହ୍ରାସ ପାଇବ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୋଦି କହିଛନ୍ତି।

# ଭୂମିକାକୁ ଶାହରୁଖଙ୍କ ଖଣ୍ଡନ

**କାତାରରୁ ୮ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକୁଳିବାରେ ମଧ୍ୟସ୍ଥତା**

**ମୁମ୍ବାଇ,୧୩।୨**

କାତାର ଜେଲରୁ ଭାରତୀୟ ନୌସେନାର ୮ ପୂର୍ବତନ ଅଧିକାରୀଙ୍କ ମୁକ୍ତି ପଛରେ ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ପୂର୍ବରୁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଫାଶୀଦଣ୍ଡାଦେଶ ପାଇଥିବା ଏହି ପ୍ରାକ୍ତନ ଅଫିସରମାନଙ୍କ ମଧ୍ୟରୁ ୭ ଜଣ ସୋମବାର ଭାରତରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ ପୂର୍ବରୁ ଶାହରୁଖ୍‌ଙ୍କ ମଧ୍ୟସ୍ଥତାରେ ସେମାନଙ୍କୁ ମୁକ୍ତ କରାଯାଇଥିବା କେତେକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଏଥିରେ ଶାହରୁଖଙ୍କ ସମ୍ପୃକ୍ତି ନାହିଁ ବୋଲି ଦର୍ଶାଇବା ପାଇଁ ସରକାରଙ୍କ ପକ୍ଷରୁ ତାଙ୍କ ଉପରେ ଚାପ ପକାଯାଇଥିବା କୁହାଯାଉଛି। ଶାହରୁଖ ଏଭଳି ରିପୋର୍ଟକୁ ଖଣ୍ଡନ କରି ପ୍ରାକ୍ତନ ଅଫିସରମାନଙ୍କ ମୁକ୍ତିରେ ତାଙ୍କର ଭୂମିକା ନ ଥିବା କହିଛନ୍ତି। ମାଇକ୍ରୋ ବ୍ଲଗିଂ ସାଇଟ୍ ଏକ୍ସ'ରେ ଅଭିନେତା ଏସ୍‌ଆର୍‌କେ ଉଲ୍ଲେଖ କରିଛନ୍ତି ଯେ, କାତାରରୁ ୮ ଭାରତୀୟ ମୁକ୍ତ ହେବା ପଛରେ ସେ ମଧ୍ୟସ୍ଥତା କରି ନ ଥିଲେ। ଭାରତ ସରକାରଙ୍କ ଅଧିକାରୀମାନେ ଏଥିପାଇଁ କୂଟନୈତିକ ସ୍ତରରେ ଉଦ୍ୟମ କରିଥିଲେ। ରାଜ୍ୟ ସଭାର ପୂର୍ବତନ ସଦସ୍ୟ ସୁବ୍ରମଣ୍ୟମ ସ୍ୱାମୀ ପୂର୍ବତନ ନୌସେନା ଅଧିକାରୀମାନଙ୍କ ମୁକ୍ତି ପାଇଁ ସରକାର ଶାହରୁଖଙ୍କ ହସ୍ତକ୍ଷେପ ଲୋଡ଼ିଥିବା ବିଷୟ ପ୍ରଘଟ କରିବା ପରେ ଅଭିନେତା ଏହି ସଫେଇ ଦେଇଛନ୍ତି।



# ଶୁଟିଂକୁ ଫେରିଲେ ଶ୍ରେୟସ୍

**ମୁମ୍ବାଇ**

ଦୁଇ ମାସ ପୂର୍ବେ ବଲିଉଡ ଅଭିନେତା ଶ୍ରେୟସ୍ ତଲପଡ଼େଙ୍କର ହୃଦ୍‌ଘାତ ହୋଇଥିଲା। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଶୁଟିଂକୁ ଫେରିଛନ୍ତି। ତାଙ୍କୁ ସାହାଯ୍ୟ କରିଥିବା ସମସ୍ତ ଡାକ୍ତର, ଟେକ୍ନିସିଆନ, ଡାକ୍ତରଖାନା କର୍ମଚାରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ସେହିପରି ତାଙ୍କ ସହ ଠିଆ ହୋଇଥିବା ସମସ୍ତ ଅଭିନେତା ଓ ତାଙ୍କର ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିଥିବା ସମସ୍ତ ପ୍ରଶଂସକଙ୍କୁ ମଧ୍ୟ ସେ ଧନ୍ୟବାଦ ଦେଇଛନ୍ତି। ଆଗାମୀ ଚଳଚ୍ଚିତ୍ର 'ୱେଲ କମ୍ ଟୁ ଦିସ୍ ଜଙ୍ଗଲ' ରେ ଶ୍ରେୟସ୍ ନଜରରେ ଆସିବେ। ଏହି ଚଳଚ୍ଚିତ୍ରରେ ସେ ରବିନା ଓ ଅକ୍ଷୟଙ୍କ ସହ ସ୍କ୍ରିନ ଶେୟାର କରିବେ।



# ତୁ ଆଉ ମୁଁ...

**ପ୍ରେମ ଶାଶ୍ୱତ, ଚିରନ୍ତନ। ପ୍ରେମ ମାନେନା ଜାତି, ଧର୍ମ, ବର୍ଣ୍ଣ, ସୀମା ସରହଦର କଟକଣା। ପ୍ରେମ ପାଇଁ ଭାଷା ସାଜେନି ପ୍ରତିବନ୍ଧକ। ଆଖିରେ ଆଖି ମିଶିବା ପରେ ହଜିଯାଏ ମନ। ଥରେ ପରସ୍ପର ମନ ଦିଆନିଆ ହୋଇଗଲେ ଯେତେ ବାଧା ବିଘ୍ନ ଆସିଲେ ବି ପ୍ରେମ ଆଗରେ ତାହା ହାର୍ ମାନେ। ପ୍ରେମୀଯୁଗଳଙ୍କ ମାନ, ଅଭିମାନ ଆଉ ଆକର୍ଷଣର ଫେଣ୍ଟାଫେଣ୍ଟି ସମାହାର ହିଁ ପ୍ରେମ। ଆଉ ଏମାନେ ନିଜ ଅବ୍ୟକ୍ତ ଭାବନାକୁ ପରିପ୍ରକାଶ କରିବା ପାଇଁ ପାଳନ କରିଥାନ୍ତି ପ୍ରେମ ସପ୍ତାହ। ରୋଜ୍ ଡ଼େ’ରୁ ଆରମ୍ଭ ହୋଇଥିବା ପ୍ରେମ ସପ୍ତାହ ପ୍ରପୋଜ୍ ଡେ’, ଚକୋଲେଟ୍ ଡେ’, ଟେଡ଼ି ଡେ’, କିସ୍ ଡେ’ ଦେଇ ଭାଲେଣ୍ଟାଇନ୍ ଡେ’(ପ୍ରେମ ଦିବସ)ରେ ପହଞ୍ଚେ। ଭାଲେଣ୍ଟାଇନ୍ସ ଡେ’କୁ ନେଇ ବିଶେଷ ଆଲେଖ୍ୟ...**


ଭାଲେଣ୍ଟାଇନ୍ସ ଡେ’ ଉପଲକ୍ଷେ ଭୁବନେଶ୍ୱର ଏଜି ଛକଠାରେ ଥିବା ଏକ ଦୋକାନରେ ଫୁଲର ସମ୍ଭାର।

### ଉପହାର ପାଇଁ ଉତ୍କଣ୍ଠା

ଭାଲେଣ୍ଟାଇନ ଡେ’ରେ କିଏ କାହାକୁ କ’ଣ ଉପହାର ଦେବ ସେଥିପାଇଁ ପ୍ରେମୀଯୁଗଳଙ୍କ ମଧ୍ୟରେ ଥାଏ ପ୍ରବଳ ଉତ୍କଣ୍ଠା। ଉପହାର ଏମିତି ହୋଇଥିବ ଯାହା ସବୁ ସମୟରେ ସେମାନଙ୍କର ଉପସ୍ଥିତିକୁ ଜାହିର୍ କରୁଥିବ। ତେଣୁ କେଉଁଟା ସବୁଠାରୁ ଭଲ ହେବ ଆଉ ମନକୁ ପାଇବ ତାକୁ ବଜାରରେ ଖୋଜିବାରେ ବ୍ୟସ୍ତ। କିଏ ପସନ୍ଦର ପର୍ଫ୍ୟୁମ୍ ଦେବାକୁ ମନ କରିଛନ୍ତି ତ ଆଉ କିଏ ଡ୍ରେସ୍, ଡିନର୍, କପଲ୍ ଗିଫ୍ଟ ସାଙ୍ଗକୁ ଫଟୋ ଫ୍ରେମ୍, ରୋଟେସନ୍ ମ୍ୟୁଜିକ୍ ଗିଫ୍ଟ, ଲଭ୍‌ବାର୍ଡ ଭଳି ବିଭିନ୍ନ ଗିଫ୍ଟ ଦେବାକୁ ମନ ବଳାଇଛନ୍ତି। ତା’ ସାଙ୍ଗକୁ ମନର କଥାକୁ ଶବ୍ଦର ରୂପ ଦେବା ପାଇଁ କାର୍ଡର ଚାହିଦା ଆଜି ମଧ୍ୟ ରହିଛି। ତେଣୁ ରୋମାଣ୍ଟିକ୍ ଲଭ୍ କାର୍ଡ କିଣିବା ପ୍ରତି ଆଗ୍ରହ ଦେଖାଦେଇଛି।

**ଗୋଲାପର ଚଢ଼ାଦର:** ଗୋଲାପ ବିନା ପ୍ରେମ ଦିବସ ପାଳନ ଅଧୁରା। ଯେତେ ଯାହା ଗିଫ୍ଟ ଦିଆଯାଉନା କାହିଁକି, ଗୋଲାପ ଫୁଲଟିଏ ପ୍ରେମିକା ହାତରେ ନ ଧରାଇପାରିଲେ ସବୁକିଛି ବେକାର। ତେଣୁ ଫୁଲର ଚାହିଦାକୁ ଦେଖି ବ୍ୟବସାୟୀମାନେ ମଧ୍ୟ ଚଢ଼ା ଦରରେ ବିକ୍ରି କରୁଛନ୍ତି। ତା’ ସାଙ୍ଗକୁ ଏବର୍ଷ ବୁଧବାର ସରସ୍ୱତୀ ପୂଜା ପଡୁଥିବାରୁ ମା’ଙ୍କ ପାଖରେ ଫୁଲ ଲାଗିବ। ତେଣୁ ଏକାସାଙ୍ଗରେ ଦୁଇଟି ଦିନ ପାଳନ ହେଉଥିବାରୁ ଫୁଲର ଦର ଆକାଶଛୁଆଁ ରହିଛି। ଭୁବନେଶ୍ୱର ଏଜି ଛକ ନିକଟରେ ଥିବା ଫୁଲ ଦୋକାନ ବ୍ୟବସାୟୀ ପପୁ କହିଛନ୍ତି, ଗୋଲାପ ଫୁଲ ଗୋଟା ଦାମ୍ ୨୦ଟଙ୍କାରୁ ଆରମ୍ଭ। ୧୫୦ଟଙ୍କାରୁ ଫୁଲତୋଡ଼ା ଆରମ୍ଭ ହେବ। କେବଳ ଗୋଲାପ ଫୁଲରତୋଡ଼ା ଦାମ୍ ୩ଶହ ଟଙ୍କାରୁ ଆରମ୍ଭ ହୋଇ ୧୫ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଆଗରୁ କେବଳ ଗୋଲାପ ଫୁଲର ଚାହିଦା ରହିଥିବାବେଳେ ଏବେ ଫୁଲ କିସାନ୍‌କିମାମ୍, ଲିଲିୟମ, ଅର୍କିଡ୍, ଜର୍ବେରା, ଜିପ୍ସ, ବ୍ଲୁଡେଜି ଭଳି ବିଭିନ୍ନ ଫୁଲର ଚାହିଦା ବଢୁଛି। କିସାନ୍‌କିମାମ୍ ଫୁଲ ଥାଇଲାଣ୍ଡରୁ ଆସୁଥିବାବେଳେ ଏହାର ଦାମ୍ ୧୦୦ଟଙ୍କା ରହିଛି। ସେହିପରି ନାଲି ଗୋଲାପର ଦାମ୍ ୨୦ରୁ ଆରମ୍ଭ ହେଉଥିବାବେଳେ ରଙ୍ଗୀନ ଗୋଲାପର ଦାମ୍ ୪୦ଟଙ୍କାରୁ ଆରମ୍ଭ ହେଉଛି। କୋଲକତା, ବେଙ୍ଗାଲୁରୁ, ହାଇଦ୍ରାବାଦ୍ ଆଦି ବିଭିନ୍ନ ସ୍ଥାନରୁ ଫୁଲ ଅଣାଯାଇଛି।



### ପ୍ରେମର ଅନ୍ୟ ଅର୍ଥ ବନ୍ଧୁତା

ପ୍ରେମଦିବସ କେବଳ ପ୍ରେମିକା ପ୍ରେମିକଙ୍କ ମଧ୍ୟରେ ସୀମିତ ନୁହେଁ। ପ୍ରେମ ମା’ ବାପାଙ୍କ ସହ ବି ହୋଇଥାଏ ଆଉ ଭାଇ ଭଉଣୀ, ବନ୍ଧୁଙ୍କ ମଧ୍ୟରେ ବି ହୋଇଥାଏ। ଏଭଳି କିଛି ଯୁବପିଢ଼ି ଅଛନ୍ତି, ଯେଉଁମାନେ ବନ୍ଧୁତାକୁ ଦୃଢ଼ କରିବା ସହ ସମ୍ପର୍କରେ ଆହୁରି ଭଲପାଇବା ମିଶାଇବାକୁ ଧୁମ୍‌ଧାମ୍‌ରେ ଏହି ଦିନକୁ ପାଳନ କରିଥାନ୍ତି। ଏନେଇ ଭୁବନେଶ୍ୱରର ଆଦିତ୍ୟ ନାରାୟଣ ବେହେରା କହିଛନ୍ତି, ପ୍ରେମର ଅର୍ଥ ନୁହେଁ କେବଳ ପୁଅଝିଅଙ୍କ ମଧ୍ୟରେ ଥିବା ଭଲପାଇବା। ସାଙ୍ଗମାନେ ମଧ୍ୟ ଏହି ଦିନକୁ ପାଳନ କରିବା ଜରୁରୀ। ଯିଏ ଯେତେ ଦୂରରେ ଥିଲେ ବି ପ୍ରତିବର୍ଷ ଆମେ ବନ୍ଧୁତା ଦିବସ ଏବଂ ପ୍ରେମ ଦିବସରେ ଏକାଠି ହେଉ। କେକ୍ କାଟୁ, ପରସ୍ପରକୁ ଗିଫ୍ଟ ଦେଇ ସେଲିବ୍ରେଟ୍ କରୁ।

### ରେଷ୍ଟୁରାଣ୍ଟ, ଶପିଂ ମଲ୍‌ରେ ସ୍ୱତନ୍ତ୍ର ପ୍ରସ୍ତୁତି

ରାଜଧାନୀର ବିଭିନ୍ନ ରେଷ୍ଟୁରାଣ୍ଟରେ ପ୍ରେମ ଦିବସକୁ ପାଳନ ପାଇଁ ଜୋର୍‌ଦାର୍ ପ୍ରସ୍ତୁତ ହୋଇଛି। କେଉଁଠି ସ୍ପେଶିଆଲ ଅଫରର ବ୍ୟବସ୍ଥା ତ ଆଉ କେତେକ ସ୍ଥାନରେ କ୍ୟାଣ୍ଡେଲ ନାଇଟ ଡିନର୍‌ର ଆୟୋଜନ କରାଯାଇଛି। ପ୍ରେମୀଯୁଗଳଙ୍କ ମନ ପସନ୍ଦ ହେଲା ଭଳି ଟେବୁଲ ସଜା ଯାଇଛି। ଭାଲେଣ୍ଟାଇନ୍ ସ୍ପେଶିଆଲ ଡିସ୍ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହାସାଙ୍ଗକୁ ବିଭିନ୍ନ ସପିଂମଲ୍‌ରେ ମଧ୍ୟ ଭିଡ଼ ଜମିବ। ତେଣୁ ଖାଦ୍ୟପାନୀୟ ସହିତ ଭଳିକି ଭଳି ଉପହାର ଏବଂ ସ୍ୱତନ୍ତ୍ର ଆକର୍ଷଣକୁ ନେଇ ସଜେଇ ହୋଇଛି ସପିଂମଲ୍। ସେହିପରି ଆଇଜି ପାର୍କ, ଫରେଷ୍ଟ ପାର୍କ, ଜୟଦେବ ବାଟିକା ଭଳି ବିଭିନ୍ନ ପାର୍କ ଏବଂ ପର୍ଯ୍ୟଟନସ୍ଥଳୀ ଗୁଡିକରେ ପ୍ରେମୀ ଯୁଗଳଙ୍କ ଭିଡ଼ ଦେଖିବାକୁ ମିଳିବ।

### ଡିମାଣ୍ଡରେ ଭାଲେଣ୍ଟାଇନ୍ସ କେକ୍

ଜନ୍ମଦିନ ହେଉ ଅବା ରିଙ୍ଗ୍ ସେରିମନି ଅବା ଅନ୍ୟ କୌଣସି ବିଶେଷ ଦିନ କେକ୍ କାଟି ଏହାକୁ ସେଲିବ୍ରେଟ କରିଥାଉ। ଏହି କ୍ରମରେ ପ୍ରେମଦିବସକୁ ପାଳନ କରିବା ପାଇଁ ବିଭିନ୍ନ କେକ୍ ଦୋକାନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଫ୍ଲେଭର ସାଙ୍ଗକୁ ଭଳିକି ଭଳି ଡିଜାଇନ୍‌ର କେକ୍‌ର ପସରା ଦେଖିବାକୁ ମିଳିଛି। କେଉଁଥିରେ ‘ହାପି ଭାଲେଣ୍ଟାଇନ୍’ ଲେଖା ରହିଛି ତ ଆଉ କେଉଁଥିରେ ‘ବି ମାଇଁ ଭାଲେଣ୍ଟାଇନ୍’, ‘ଆଇ ଲଭ୍ ୟୁ’ ଭଳି ଲେଖା ସହ ବିଭନ୍ନ ଡିଜାଇନ୍ କରାଯାଇଛି।

### ପଥଭ୍ରଷ୍ଟ ହେଲେ ବିରୋଧ ହେବ

ବୁଧବାର ବସନ୍ତପଞ୍ଚମୀ ପଡୁଥିବାରୁ ମା’ ସରସ୍ୱତୀଙ୍କର ଆବାହନ କରାଯିବ। ତା’ ସାଙ୍ଗକୁ ପିତୃମାତୃଦିବସ ପାଳନ କରାଯିବ। ଏଭଳି ଦିନରେ ଯୁବପିଢ଼ି ଯେପରି କୁତ୍ସିତ କାର୍ଯ୍ୟରେ ଲିପ୍ତ ନ ରୁହନ୍ତି ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ବିଶ୍ୱହିନ୍ଦୁ ପରିଷଦର ଭୁବନେଶ୍ୱର ସମ୍ପାଦକ ଶୁଭ୍ରାଂଶୁ ଶେଖର ଶତପଥୀ କହିଛନ୍ତି। ସେହିପରି ସହରର ପ୍ରତ୍ୟେକ ପାର୍କରେ ପରିଷଦର ସଦସ୍ୟ ଆଲର୍ଟ ରହିବେ। ସେମାନଙ୍କ ଉପରେ କୌଣସି ଆକ୍ରୋଶମୂଳକ ପଦକ୍ଷେପ ନିଆଯିବ ନାହିଁ। ମାତ୍ର ପ୍ରେମଦିବସ ନାମରେ ଅନୈତିକ କାର୍ଯ୍ୟରେ ଲିପ୍ତ ରହିଲେ ସେମାନଙ୍କୁ ସେଥିରୁ ବାରଣ କରାଯିବ ଏବଂ ଜଣେ ଉତ୍ତମ ଯୁବପିଢ଼ି ଭାବେ ନିଜକୁ ଗଢି ତୋଳିବା ପାଇଁ ଜାଗ୍ରତ କରାଯିବ।

– ବନ୍ଦନା ସେଠୀ

## ରାଜ୍ୟ ଖବର

## ଉଚ୍ଚଶିକ୍ଷାରେ ଛାତ୍ରୀଙ୍କ ସଂଖ୍ୟା ୩୨% ବଢ଼ିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୩।୨ (ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଜାତୀୟ ମହିଳା ଦିବସ ଅବସରରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜାତୀୟ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର(ମହିଳା), ଅଗରତାଲା ଏବଂ ଭଦୋଦରାରେ ଥିବା ଜାତୀୟ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର(ମହିଳା)ରେ ଏକ ଛାତ୍ରୀନିବାସର ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି, ମଙ୍ଗଳବାର ବିଶିଷ୍ଟ ମହିଳା ନେତ୍ରୀ ତଥା ମହିୟସୀ ସରୋଜିନୀ ନାଇଡୁଙ୍କ ଜନ୍ମଦିନ। ଏଭଳି ଏକ ପବିତ୍ର ଦିନ ଅବସରରେ ୧୭ କୋଟି ଟଙ୍କା ଖର୍ଚ୍ଚରେ ଏନ୍‌ଏସ୍‌ଟିଆଇ(ମହିଳା), ଅଗରତାଲାର ଲୋକାର୍ପଣ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାନିକ୍ ଶାହାଙ୍କ ଉପସ୍ଥିତିରେ ହୋଇଛି। ସେହିପରି ଏନ୍‌ଏସ୍‌ଟିଆଇ(ମହିଳା), ଭଦୋଦରାରେ ୭ କୋଟି ଟଙ୍କା ଖର୍ଚ୍ଚରେ ଏକ ଛାତ୍ରୀନିବାସ କାର୍ଯ୍ୟକ୍ଷମ ହୋଇଛି। ଏହି ପଦକ୍ଷେପ ପୂର୍ବ ଏବଂ ପଶ୍ଚିମ ଭାରତର ୨ଟି ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ମହିଳା ସଶକ୍ତୀକରଣର ବାସ୍ତବ ପ୍ରତୀକ ଭାବେ ପ୍ରତିଷ୍ଠିତ ହେବ। ମହିଳାଙ୍କୁ ଆଗକୁନେବାରେ କାର୍ଯ୍ୟ କରିବ। ସେମାନଙ୍କୁ ରୋଜଗାର ଦେବା ପାଇଁ ଉଦ୍ୟୋଗୀ କରାଇବା ଭଳି ଦକ୍ଷତା ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମହିଳା ନେତୃତ୍ୱାଧୀନ ବିକାଶକୁ ଆଗେଇନେବାରେ ଆଜିର ପଦକ୍ଷେପ ସହାୟକ ହେବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଦେଶରେ ମହିଳାଙ୍କ ପାଇଁ ଅନେକ କାମ ହେଉଛି। ୨୦୧୪ରେ ପ୍ରଧାନ ସେବକର ଦାୟିତ୍ୱ ନେବା ପରେ ମୋଦି ଆମ ସରକାର ମହିଳାଙ୍କ ପାଇଁ ସମର୍ପିତ ରହିବା କଥା କହିଥିଲେ। ଏହା ବାର୍ତ୍ତା ନୁହେଁ, ଦାୟିତ୍ୱ ଥିଲା। ଏବେ ଉଚ୍ଚଶିକ୍ଷାରେ ଛାତ୍ରୀଙ୍କ ନାମଲେଖାରେ ୨୦୨୦-୨୧ରେ ୨.୦୧ କୋଟିରୁ ବଢି ୨୦୨୧-୨୨ରେ ୨.୭ କୋଟିକୁ ବୃଦ୍ଧି ହୋଇଛି। ୨୦୧୪-୧୫ରେ ଉଚ୍ଚଶିକ୍ଷାର ଛାତ୍ରୀଙ୍କ ସଂଖ୍ୟା ୧.୫୭ କୋଟିରେ ଥିବା ବେଳେ ଏବେ ଏଥିରେ ପ୍ରାୟ ୫୦ ଲକ୍ଷ ବା ୩୨% ବୃଦ୍ଧି ହୋଇଛି। ୧୦ ବର୍ଷ ମଧ୍ୟରେ ଉଚ୍ଚଶିକ୍ଷାରେ ମହିଳାଙ୍କ ନାମଲେଖା ମଧ୍ୟ ୨୮% ବୃଦ୍ଧି ପାଇଛି। ଷ୍ଟେମ୍ ପାଠ୍ୟକ୍ରମରେ, ନାମଲେଖାରେ ୪୩% ଝିଅ ଏବଂ ମହିଳା ଅଛନ୍ତି - ଯାହା ବିଶ୍ୱରେ ସର୍ବାଧିକ। ଏହିସବୁ ପଦକ୍ଷେପ କର୍ମକ୍ଷେତ୍ରରେ ମହିଳାଙ୍କ ବଢୁଥିବା ଭାଗୀଦାରିରେ ପ୍ରତିଫଳିତ ହେଉଛି ବୋଲି ସେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ମମତା ଯୋଜନାରେ...

ହିତାଧିକାରୀ ଏହି ବର୍ଦ୍ଧିତ ରାଶି ପାଇବେ। ଚଳିତ ଫେବୃଆରୀ ୨୦ରୁ ୨୫ ତାରିଖ ମଧ୍ୟରେ ବକେୟା ରାଶି ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ। ନୂଆ ମମତା ଯୋଜନାରେ ୨ଟି କିସ୍ତିରେ ହିତାଧିକାରୀଙ୍କ ଜମା ଖାତାକୁ ସହାୟତା ରାଶି ସିଧାସଳଖ ଦିଆଯିବ। ପ୍ରଥମ କିସ୍ତିରେ(ଗର୍ଭାବସ୍ଥାର ୬ ମାସ ପରେ) ୬୦୦୦ ଟଙ୍କା ଏବଂ ଦ୍ୱିତୀୟ କିସ୍ତିରେ ଶିଶୁକୁ ୧୦ମାସ ହେବା ପରେ ୪୦୦୦ ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ୧୯ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଗର୍ଭବତୀ ମହିଳା ୨ଟି ଜୀବିତ ସନ୍ତାନ ନିମନ୍ତେ ଏହି ସହାୟତା ପାଇପାରିବେ। ୧୩ଟି ନିର୍ଦ୍ଦିଷ୍ଟ ଆଦିମ ଜନଜାତି ଗୋଷ୍ଠୀର ମା’ମାନଙ୍କୁ ପ୍ରତ୍ୟେକ ଗର୍ଭ ନିମନ୍ତେ ମମତା ସହାୟତା ରାଶି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ମହିଳାମାନେ ଏହି ସହାୟତା ରାଶି ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଏହା ଆସିବା ପରେ ମମତା ଯୋଜନାର ସହାୟତା ରାଶି ପରିମାଣ ବୃଦ୍ଧି କରାଯାଇଛି। ଏହି ଯୋଜନା ଆରମ୍ଭ ହେବାଠାରୁ ଏ ପର୍ଯ୍ୟନ୍ତ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଗର୍ଭବତୀ ଓ ପ୍ରସୂତି ମା’ ଉପକୃତ ହେଉଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୯୦୦ କୋଟି ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଛି। ଏହି ଯୋଜନା ବିଷୟରେ ସୂଚନା କିମ୍ବା ଅଭିଯୋଗ ନିମନ୍ତେ ୧୮୧ ହେଲ୍ପ ଲାଇନକୁ କଲ୍ କରିପାରିବେ କିମ୍ବା ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। ମାତୃ ଓ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ଓ ପୁଷ୍ଟିହୀନତା ହ୍ରାସ କରିବା ପାଇଁ ମୁଖ୍ୟମନ୍ତ୍ରୀ ୨୦୧୧ରେ ଏହି ଲୋକପ୍ରିୟ ମମତା ଯୋଜନାର ଶୁଭାରମ୍ଭ କରିଥିଲେ। ମମତା ଯୋଜନା ଲୋକପ୍ରିୟ ଯୋଜନା ହୋଇଥିବାରୁ ଏହାକୁ ଜାତୀୟ ସ୍ତରରେ ଏକ ମଡେଲ ଭାବରେ ଗ୍ରହଣ କରାଯାଇଛି।

## ୪ ଜିଲାର ୩୨ ହଜାର ଏକରରୁ ଊର୍ଦ୍ଧ୍ୱ ଜମିକୁ ମିଳିବ ପାଣି

■ **କଳାହାଣ୍ଡିର ସାନ୍ଦୁଲ ବ୍ୟାରେଜ, ଅନୁଗୋଳର ମାନଯୋର ଜଳସେଚନ ପ୍ରକଳ୍ପ, ରେଙ୍ଗାଲି ଡ୍ୟାମ୍, ସମଲ ବ୍ୟାରେଜ କେନାଲ ସିଷ୍ଟମ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ**

ଭୁବନେଶ୍ୱର, ୧୩।୨ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କଳାହାଣ୍ଡି, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲା ପାଇଁ ବିଭିନ୍ନ ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ହେଲା କଳାହାଣ୍ଡି ଜିଲାର ସାନ୍ଦୁଲ ବ୍ୟାରେଜ, ଅନୁଗୋଳ ଜିଲାର ମାନଯୋର ଜଳସେଚନ ପ୍ରକଳ୍ପ ଏବଂ ରେଙ୍ଗାଲି ଡ୍ୟାମ୍ ଓ ସମଲ ବ୍ୟାରେଜ କେନାଲ ସିଷ୍ଟମ୍। ଏହି ପ୍ରକଳ୍ପ ମାଧ୍ୟମରେ କଳାହାଣ୍ଡି, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲାର ୩୨ ହଜାର ଏକରରୁ ଊର୍ଦ୍ଧ୍ୱ ଜମିକୁ ପାଣି ମିଳିବ।

ରେଙ୍ଗାଲି ଡ୍ୟାମ୍ ଓ ସମଲ ବ୍ୟାରେଜର କେନାଲ ପ୍ରଣାଳୀ କାମ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି। ବର୍ତ୍ତମାନ ଏହାର ୨୭.୫ କିମି ଦର୍ପଣି ବ୍ରାଞ୍ଚ କେନାଲ ଓ ୧୯.୫ କିମି ନରସିଂହପୁର ବ୍ରାଞ୍ଚ କାମ ସମ୍ପୂର୍ଣ୍ଣ ହୋଇଛି ଏବଂ ଏହାର ଭୂତଳ ପାଇପଲାଇନ କାମ ମଧ୍ୟ ସରିଛି। ଏହା ଦ୍ୱାରା କଟକ ଜିଲାର ଆଠଗଡ଼ ଓ ତିଗିରିଆ ବ୍ଲକ ଏବଂ ଢେଙ୍କାନାଳ ସଦର ବ୍ଲକର ୧୫ ହଜାର ଏକର ଜମିକୁ ଜଳସେଚନ ସୁବିଧା ମିଳିପାରିଛି।

ସେହିପରି ଅନୁଗୋଳ ଜିଲା ଆଠମଲ୍ଲିକରେ ମାନଯୋର ପ୍ରକଳ୍ପର ସମ୍ପ୍ରସାରଣ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହାଦ୍ୱାରା ଆଠମଲ୍ଲିକ ବ୍ଲକ ଓ ଏନ୍‌ଏସିର ୨୮ଟି ଗାଁର ୫ ହଜାର ଏକର ଜମିକୁ ଜଳସେଚନର ସୁବିଧା ମିଳିପାରିଛି। ସାନ୍ଦୁଲ ବ୍ୟାରେଜ ପ୍ରକଳ୍ପ ଶେଷ ହୋଇଛି। ଜଳସେଚନ ପାଇଁ ଭୂତଳ ପାଇପ ଲାଇନ ପ୍ରକଳ୍ପର ଭିତ୍ତିପ୍ରସ୍ତର ମୁଖ୍ୟମନ୍ତ୍ରୀ କରିଛନ୍ତି। ଏହାଦ୍ୱାରା କଳାହାଣ୍ଡି ଜିଲାର କେସିଙ୍ଗା, କର୍ଲାମୁଣ୍ଡା ଓ ନର୍ଲା ବ୍ଲକର ୨୯ ଗାଁର ୧୨,୫୦୦ ଏକର ଚାଷଜମିକୁ ଜଳସେଚନ ସୁବିଧା ମିଳିପାରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୫-ଟି ଉପକ୍ରମରେ ରାଜ୍ୟରେ ବିଭିନ୍ନ ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ଶୀଘ୍ର ଶେଷ କରାଯାଉଛି। ଗତ ୧ ବର୍ଷ ମଧ୍ୟରେ ଅପର ଇନ୍ଦ୍ରାବତୀ, ଲୋୟର ଇନ୍ଦ୍ର, ଦେଓ, ସୁବର୍ଣ୍ଣରେଖା, ଲୋୟର ସୁକତେଲ ପରି ବଡ଼ ବଡ଼ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ କରାଯାଇ ପାଣି ଯୋଗାଇ ଦିଆଯାଉଛି। ଚାଷୀର କଲ୍ୟାଣ ଓ କୃଷିର ବିକାଶକୁ ସେ ସବୁବେଳେ ପ୍ରାଧାନ୍ୟ ଦେଇ ଆସିଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମରେ ଚାଷୀ ପରିବାରର ମା’ମାନେ ସବୁଠାରୁ ଅଧିକ ସାମିଲ ହୋଇଛନ୍ତି ବୋଲି ସେ କହିବା ସହିତ ଆମର ନୂଆ କାର୍ଯ୍ୟକ୍ରମ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ଓ ‘ଲକ୍ଷ୍ମୀ’ ଯୋଜନାରେ ଚାଷୀମାନେ ସବୁଠାରୁ ଅଧିକ ଉପକୃତ ହେବେ ବୋଲି କହିଛନ୍ତି।



ଆୟୋଜିତ କାର୍ଯ୍ୟକ୍ରମରେ ବଲାଙ୍ଗୀରଠାରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ କହିଛନ୍ତି ଯେ ଦାୟିତ୍ୱ ନେବାଠାରୁ ଏହି ୨୪ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ସବୁବେଳେ ଚାଷୀର ଉନ୍ନତି ଓ ସମୃଦ୍ଧିକୁ ଗୁରୁତ୍ୱ ଦେଇ ଆସିଛନ୍ତି।

ଢେଙ୍କାନାଳରେ ଉପସ୍ଥିତ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ୫୦ ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ଯାହା ହୋଇ ନ ଥିଲା ୨୪ ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆଣି ମୁଖ୍ୟମନ୍ତ୍ରୀ ତାହା କରି ଦେଖାଇଛନ୍ତି।

କାର୍ଯ୍ୟକ୍ରମକୁ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରି କହିଛନ୍ତି ଯେ ରାଜ୍ୟ କ୍ୟାବିନେଟରେ ‘ନୂଆ-ଓ ଛାତ୍ରବୃତ୍ତି’ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଛାତ୍ରୀମାନଙ୍କ ପାଇଁ ୧୦ ହଜାର ଓ ଛାତ୍ରମାନଙ୍କ ପାଇଁ ୯ ହଜାର ଟଙ୍କାର ବାର୍ଷିକ ବୃତ୍ତି ରହିଛି। ଏହି ଯୋଜନା ବିଷୟରେ ପିଲାମାନଙ୍କୁ ଘରେ ଜଣାନ୍ତୁ ଓ ଏହାର ସୁଯୋଗ ଲାଭ କରନ୍ତୁ ବୋଲି ସେ ଚାଷୀମାନଙ୍କୁ କହିଛନ୍ତି। କାର୍ଯ୍ୟକ୍ରମରେ କଳାହାଣ୍ଡିରେ ଉପସ୍ଥିତ ବିଧାୟକ ଭୂପିନ୍ଦର ସିଂ ଏବଂ ଢେଙ୍କାନାଳରେ ଉପସ୍ଥିତ ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟମନ୍ତ୍ରୀଙ୍କ ଏହି ଚାଷୀ ହିତ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ କୃତଜ୍ଞତା ଜଣାଇଛନ୍ତି।

କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଜଳସମ୍ପଦର ବିକାଶକୁ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି। କଳାହାଣ୍ଡି ଜିଲାର ସାନ୍ଦୁଲ ପ୍ରକଳ୍ପ ୫-ଟି ଉପକ୍ରମରେ ଆରମ୍ଭ ହୋଇ ଧାର୍ଯ୍ୟ ସମୟର ୫ ମାସ ପୂର୍ବରୁ ଶେଷ ହୋଇଛି। ଆଜି କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପଗୁଡ଼ିକ ଚାଷୀ ଭାଇଭଉଣୀଙ୍କ ପାଇଁ ବହୁ ଉପଯୋଗୀ ହେବ ବୋଲି ସେ କହିଥିଲେ। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ କ’ଣ ଯାଜପୁର ଆସି ଦେଖନ୍ତୁ ବିରୋଧୀ: ପାଣ୍ଡିଆନ

■ **ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ମାରିଲେ ଟୀର**

ଭୁବନେଶ୍ୱର, ୧୩।୨ (ଅନିଲ ଦାସ)

ଯାଜପୁର କୁସୁମାର ସାଧାରଣ ସଭାରେ ଯୋଗଦେଇ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିରୋଧୀ ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ମଧ୍ୟପ୍ରଦେଶର ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ଆଗାମୀ ନିର୍ବାଚନରେ ଓଡ଼ିଶାରେ ଭାଜପା ସରକାର ଗଠନ କରିବ ବୋଲି କହିଛନ୍ତି। ସେ ପ୍ରଥମେ ଯାଜପୁର ଜିଲା ବୁଲିକି ଦେଖନ୍ତୁ, ଆଉ ତା’ପରେ ଏହି କଥା କହିବେ ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି। ଜିଲାରେ ବିକାଶମୂଳକ କାର୍ଯ୍ୟର ହିସାବ ଦେଇ ଭାଜପାକୁ ସେ ତୀବ୍ର ସମାଲୋଚନା କରିଛନ୍ତି। ପାଣ୍ଡିଆନ କହିଛନ୍ତି, ମୁଖ୍ୟମନ୍ତ୍ରୀ ସରକାର ଗଠନ ଲାଗି ଗୁରୁତ୍ୱ ଦିଅନ୍ତିନି କି କ୍ଷମତା ପଛରେ ଦୌଡ଼ିବାକୁ ଚାହାନ୍ତି ନାହିଁ। ଲୋକଙ୍କ ସେବା କରିବାକୁ ଚାହାନ୍ତି। ଚୌକି ପାଇଁ କିମ୍ବା କ୍ଷମତା ଲାଗି ମୁଖ୍ୟମନ୍ତ୍ରୀ ଲାଳାୟିତ ନୁହନ୍ତି। ନବୀନ ପଟ୍ଟନାୟକ ହେଉଛନ୍ତି ସେବାର ପ୍ରତୀକ। ଯିଏ କ୍ଷମତାକୁ ଆସିବୁ ବୋଲି ଖାଲି କହୁଛନ୍ତି, ତାଙ୍କୁ ସାଧାରଣ ଜନତା ଆଗାମୀ ନିର୍ବାଚନରେ ଉତ୍ତର ଦେବେ। ମୁଖ୍ୟମନ୍ତ୍ରୀଙ୍କ ସେବା ଲାଗି ୨୪ ବର୍ଷ ହେଲା ତାଙ୍କୁ ରାଜ୍ୟବାସୀ ଆଶୀର୍ବାଦ ଦେଇ ଆସୁଛନ୍ତି। ଲୋକଙ୍କ ପାଇଁ ସମର୍ପିତ ମୁଖ୍ୟମନ୍ତ୍ରୀଙ୍କୁ ସହଯୋଗ କରିବାକୁ ସେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି।

ଯାଜପୁର କୁସୁମାରେ ମଙ୍ଗଳବାର ପାଣ୍ଡିଆନ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ହିସାବ ଦେଇଛନ୍ତି। ଗତ ବର୍ଷ ଅଗଷ୍ଟ ୩୦ରେ ସେ ଯାଜପୁର ଗସ୍ତ କରିଥିଲେ। ଅଗଷ୍ଟରୁ ଇତିମଧ୍ୟରେ ମିଳିଥିବା ୨୫୪୦ ଦରଖାସ୍ତରୁ ୨୩୦୦ ଦରଖାସ୍ତର ସମାଧାନ ହୋଇଛି ବୋଲି ସେ କହିଛନ୍ତି। ଗତ ୬ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଯାଜପୁର ଜିଲା ପାଇଁ ୬୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। କଥା ନୁହେଁ, କାମରେ ମୁଖ୍ୟମନ୍ତ୍ରୀ ବିଶ୍ୱାସ କରନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ଯାଜପୁର ଜିଲାବାସୀ ଯେଉଁ ଭଲପାଇବା ଦେଇଛନ୍ତି ସେଥିପାଇଁ ଋଣୀ ବୋଲି କହି ପାଣ୍ଡିଆନ କୃତଜ୍ଞତା ଜଣାଇଛନ୍ତି।

## ଜାତୀୟ ସମ୍ମିଳନୀ ‘ଅପାର: ୱାନ୍ ନେଶନ ୱାନ୍ ଷ୍ଟୁଡେଣ୍ଟ ଆଇଡି କାର୍ଡ’ର ଲୋକାର୍ପଣ

ଭୁବନେଶ୍ୱର, ୧୩।୨ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଇଣ୍ଡିଆ କଳ୍ପନାରେ ବର୍ତ୍ତମାନ ଦେଶରେ ୨୫ କୋଟି ଦ ଅଟୋମେଟେଡ୍ ପରମାନେଣ୍ଟ ଏକାଡେମିକ୍ ଆକାଉଣ୍ଟ ରେଜିଷ୍ଟ୍ରି (ଅପାର) ଆଇଡି ତିଆରି ହେବା ଏକ ବଡ଼ ଉପଲବ୍ଧି ବୋଲି ମଙ୍ଗଳବାର ନୂଆଦିଲ୍ଲୀରେ ‘ଅପାର: ୱାନ୍ ନେଶନ ୱାନ୍ ଷ୍ଟୁଡେଣ୍ଟ ଆଇଡି କାର୍ଡ’ ଶୀର୍ଷକ ଜାତୀୟ ସମ୍ମିଳନୀକୁ ଲୋକାର୍ପଣ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବିଦ୍ୟାର୍ଥୀଙ୍କ ଛାତ୍ର ଜୀବନରେ ଆଇଡି କାର୍ଡ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆଇଡିକୁ ଗୌରବର ସହ ସେମାନେ ପାଖରେ ରଖିଥାନ୍ତି। ଦେଶର ପ୍ରଗତି ଭଳି ଆଇଡି କାର୍ଡର ମଧ୍ୟ ବିକଶିତ ହୋଇଛି। ୧୬ଟି ଦେଶରେ ଏଭଳି ୫୩ଟି ଡିପିଆଇ ବିକଶିତ ହୋଇଛି। ସେଥିମଧ୍ୟରୁ ୧୯ଟି କେବଳ ଭାରତରେ ହୋଇଛି। ଅପାର ଆଇଡି କାର୍ଡ ଏକ ସମ୍ମାନଜନକ, ବିଶ୍ୱାସୀ ଓ ଆକାଂକ୍ଷା ଭଳି ଡକ୍ୟୁମେଣ୍ଟ। ପ୍ରତ୍ୟେକ ଛାତ୍ରଙ୍କୁ ଏକ ଅଭିନବ ଏବଂ ସ୍ଥାୟୀ ୧୨ ଅଙ୍କ ବିଶିଷ୍ଟ ପରିଚୟପତ୍ର ପ୍ରଦାନକରି ସମଗ୍ର ଭାରତରେ ଛାତ୍ରୀଛାତ୍ରଙ୍କ ପାଇଁ ସମାନ ଏବଂ ଉପଲବ୍ଧ ଶୈକ୍ଷିକ ଅଭିଜ୍ଞତା ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଅପାର ହେଉଛି ୨୦୨୦ର ଜାତୀୟ ଶିକ୍ଷାନୀତି ଏବଂ ନ୍ୟାଶନାଲ କ୍ରେଡିଟ୍ ଆଣ୍ଡ କ୍ୱାଲିଫିକେଶନ ଫ୍ରେମ୍‌ୱାର୍କ ସହିତ ସମନ୍ୱୟ ରକ୍ଷା କରି ଆରମ୍ଭ କରାଯାଇଥିବା ଏକ ପରିବର୍ତ୍ତନମୂଳକ ପଦକ୍ଷେପ।

# ଅନ୍‌ଲାଇନ ଯୋଗୁ ବଢ଼ିଲେ କଂଗ୍ରେସ ଆଶାୟୀ

## କୋରାପୁଟ ଲୋକ ସଭା ଆସନ


ସପ୍ତଗିରି ଶଙ୍କର ଉଲାକା


ଅବିନାଶ ଗମାଙ୍ଗ

ରାୟଗଡ଼ା,୧୩।୨
(ଆଶିଷ ରଞ୍ଜନ ପଣ୍ଡା)

୨୦୧୯ ଲୋକ ସଭା ନିର୍ବାଚନରେ ରାଜ୍ୟର ୨୧ଟି ଆସନ ମଧ୍ୟରୁ କଂଗ୍ରେସ କେବଳ କୋରାପୁଟ ଆସନ ଲାଭ କରିଥିଲା। ସେଠାରୁ ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ି ସପ୍ତଗିରି ଶଙ୍କର ଉଲାକା ଏମ୍‌ପି ହୋଇ କଂଗ୍ରେସ ପାଇଁ ଆଶ୍ୱସ୍ତି ଆଣିଥିଲେ। ତେଣୁ ଆସନ୍ତା ନିର୍ବାଚନରେ ଏହି ଆସନକୁ କଂଗ୍ରେସ କିଭଳି ନିଜ ପାଖରେ ରଖିପାରିବ, ସେଥିପାଇଁ ଦଳୀୟ ସ୍ତରରେ ଉଦ୍ୟମ ହେଉଛି। କିଛିଦିନ ପୂର୍ବରୁ ବିଜେଡି ଓ ଭାଜପାର ୨ରୁ ୩ ଜଣ ଅଶାୟୀ ଥିବା ନେଇ ଆଲୋଚନା ହେଉଥିବା ବେଳେ କଂଗ୍ରେସରେ ଦୁଇ ଜଣଙ୍କ କଥା ଉଠିଥିଲା। ହେଲେ ଅନ୍‌ଲାଇନ୍‌ରେ ଆଶାୟୀମାନେ ଆବେଦନ କରିପାରିବେ ବୋଲି କଂଗ୍ରେସ ବ୍ୟବସ୍ଥା କରିବା ପରେ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିଯାଇଥିବା ଜଣାପଡ଼ିଛି।

କୋରାପୁଟ ଲୋକ ସଭା ଆସନ କୋରାପୁଟ ଜିଲାର କୋରାପୁଟ, ପଟାଙ୍ଗି, ଜୟପୁର ଓ ଲକ୍ଷ୍ମୀପୁର ଏବଂ ରାୟଗଡ଼ା ଜିଲାର ରାୟଗଡ଼ା, ବିଷମକଟକ ଓ ଗୁଣପୁରୁ ବିଧାନସଭା ଆସନକୁ ନେଇ ଗଠିତ। ୨୦୦୯ରେ ବିଜେଡିରୁ ଜୟରାମ ପାଙ୍ଗୀ ଓ ୨୦୧୪ରେ ଝିନ୍ନ ହିକ୍କା ଏମ୍‌ପି ହୋଇଥିବା ବେଳେ ୨୦୧୯ରେ ସପ୍ତଗିରି ଲୋକ ସଭାକୁ ଯାଇଥିଲେ। ଦକ୍ଷିଣ ଓଡ଼ିଶାର ମାଳ ଅଞ୍ଚଳ ଭାବେ ପରିଚିତ କୋରାପୁଟ ଲୋକ ସଭା ଆସନ ପାଇଁ ରାୟଗଡ଼ା ଜିଲାରୁ ଦୁଇଜଣ ଆଶାୟୀ ପ୍ରାର୍ଥୀ ଆବେଦନ କରିଛନ୍ତ। ଜଣେ ହେଉଛନ୍ତି ବର୍ତ୍ତମାନର କୋରାପୁଟ ଲୋକ ସଭା ଏମ୍‌ପି ସପ୍ତଗିରି ଉଲାକା ଏବଂ ଅନ୍ୟ ଜଣେ ହେଲେ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କ ପୁଅ ତଥା ଗୁଣପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅବିନାଶ ଗମାଙ୍ଗ। ଏହାବ୍ୟତୀତ ଆହୁରି ଅନେକ ଆଶାୟୀ ଆବେଦନ କରିଥିବା ଶୁଣିବାକୁ ମିଳିଛି। ତନ୍ମଧ୍ୟରେ ଜଣେ ମହିଳା ଆଶାୟୀ ମଧ୍ୟ ରହିଥିବା କୁହାଯାଉଛି। ତେବେ କୋରାପୁଟ ଲୋକସଭା ଆସନ ପାଇଁ ଏକାଧିକ ଆଶାୟୀ ଆବେଦନ କରିବାକୁ ନେଇ ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡାଙ୍କୁ ପଚାରିବାରୁ କଂଗ୍ରେସର ନୀତି ଓ ଆଦର୍ଶ ପ୍ରକାରେ ବର୍ତ୍ତମାନ ଏମ୍‌ପି ଓ ବିଧାୟକ ଭାବେ ରହିଥିବା ପ୍ରାର୍ଥୀଙ୍କୁ ପୁଣି ଥରେ ଦଳ ରିପିଟ୍ କରିବ ବୋଲି କହିଛନ୍ତି। ତେବେ କେତେ ଜଣ ଅନ୍‌ଲାଇନ୍‌ରେ ଆବେଦନ କରିଥିବା ପ୍ରଶ୍ନକୁ ସେ ଏଡ଼ାଇ ଯାଇ କହିଛନ୍ତି, ଏହା ଗୁପ୍ତ ରଖାଯାଇଛି। ପରେ ପ୍ରକାଶ କରାଯିବ ବୋଲି ଦୁର୍ଗା କହିଛନ୍ତି। ଅନ୍ୟପକ୍ଷରେ କର୍ମୀଙ୍କ ମହଲରେ ୭ ଜଣ ଆଶାୟୀ ଥିବା ନେଇ ଚର୍ଚ୍ଚା ହେଉଛି।

ସପ୍ତଗିରି ଏମ୍‌ପି ହେବା ପରେ ନିର୍ବାଚନମଣ୍ଡଳୀର ବିକାଶ ଓ ଉନ୍ନତି ପାଇଁ ସଂସଦରେ ପ୍ରଶ୍ନକାଳ ମଧ୍ୟରେ ବିଭିନ୍ନ ଦାବି ଉପସ୍ଥାପନ କରିଥିବା ଦେଖାଯାଇଛି। ତେଣୁ ତାହାକୁ ଆଧାର କରି ସେ ପ୍ରାର୍ଥୀ ହେବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଅନ୍ୟପଟେ ଯୁବନେତା ଅବିନାଶ ଗମାଙ୍ଗ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ ଓ ଜିଲା ପରିଷଦ ଅଧ୍ୟକ୍ଷା କେତକୀ ଗମାଙ୍ଗଙ୍କ ପୁଅ। କେବଳ ସେତିକି ନୁହେଁ ସେ ହେଉଛନ୍ତି ପୂର୍ବତନ ଏମ୍‌ପି ତଥା ଅବିଭକ୍ତ କୋରାପୁଟ ଜିଲାର ଅନ୍ୟତମ ଟାଣୁଆ ନେତା ଜୟରାମ ପାଙ୍ଗିଙ୍କ ଝିଆରୀ ଜ୍ୱାଇଁ। ଅବିନାଶ ଉଭୟ ଗୁଣପୁର ବିଧାନସଭା ଆସନ ଓ କୋରାପୁଟ ଲୋକ ସଭା ଆସନ ପାଇଁ ଆବେଦନ କରିଥିବା କହିଛନ୍ତି। କୋରାପୁଟ ସଂସଦୀୟ କ୍ଷେତ୍ରରେ ତାଙ୍କ ନିଜର ଲୋକ ସମ୍ପର୍କ ସୁଦୃଢ଼ ରହିଥିବା ଏବଂ ମାଆ ବାପାଙ୍କ ଓ ଅନ୍ୟମାନଙ୍କ ସମର୍ଥନ ଦ୍ୱାରା ସେ ଏମ୍‌ପି ଭାବେ ବିଜୟ ଲାଭ କରିପାରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏକାଧିକ ଆଶାୟୀଙ୍କ ଆବେଦନକୁ ନେଇ ଏମ୍‌ପି ସପ୍ତଗିରିଙ୍କୁ ପଚାରିବାରୁ ଚଳିତ ଥର ଅନ୍‌ଲାଇନ ଆବେଦନ ସୁବିଧା ଦିଆଯାଇଛି। ସେ ମଧ୍ୟ ଅନ୍‌ଲାଇନ ଆବେଦନ କରିଛନ୍ତି ଏବଂ ସମସ୍ତଙ୍କୁ ଆବେଦନ କରିବା ପାଇଁ ସ୍ୱାଧୀନତା ଦିଆଯାଇଛି ବୋଲି କହିଛନ୍ତି। ତେବେ ଦଳ ଯାହାକୁ ଟିକେଟ ଦେବ କଂଗ୍ରେସର ସଦସ୍ୟ ଭାବେ ସେ ନିଶ୍ଚୟ ସମର୍ଥନ କରିବେ ବୋଲି କହିଛନ୍ତି।

# ଏସ୍‌ପିରୁ ଜୟା ବଚ୍ଚନଙ୍କ ନାମାଙ୍କନ


ଉତ୍ତର ପ୍ରଦେଶର ଇଟାୱାରେ ଦୁଧେଶ୍ୱର ମହାଦେବ ମନ୍ଦିର ନିର୍ମାଣ ପାଇଁ ଲକ୍ଷ୍ନୌସ୍ଥିତ ଦଳୀୟ ମୁଖ୍ୟାଳୟ ସମ୍ମୁଖରେ ପହଞ୍ଚିଥିବା ମହାଶାଳିଗ୍ରାମ ଶିଳା ପୂଜନ ବେଳେ ସମାଜବାଦୀ ପାର୍ଟି ଏମ୍‌ପି ଡିମ୍ପଲ ଯାଦବଙ୍କ ସହ ଜୟା ବଚ୍ଚନ।

## ରାଜ୍ୟ ସଭା ନିର୍ବାଚନ

ଲକ୍ଷ୍ନୌ,୧୩।୨

ରାଜ୍ୟ ସଭା ନିର୍ବାଚନ ପାଇଁ ସମାଜବାଦୀ ପାର୍ଟି (ଏସ୍‌ପି)ରୁ ୪ ଥରର ଏମ୍‌ପି ଜୟା ବଚ୍ଚନଙ୍କ ସମେତ ଦଳିତ ନେତା ରାମଜୀଲାଲ୍ ସୁମନ ଏବଂ ୟୁପିର ପୂର୍ବତନ ମୁଖ୍ୟ ସଚିବ ଅଲୋକ ରଞ୍ଜନ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସମାଜବାଦୀ ପାର୍ଟି ଏହାର ସାମର୍ଥ୍ୟ ଅନୁଯାୟୀ ୩ ପ୍ରାର୍ଥୀଙ୍କୁ ରାଜ୍ୟ ସଭାକୁ ପଠାଇପାରିବ। ରାଜ୍ୟ ସଭା ପାଇଁ ଭାଜପା ରବିବାର ୭ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା। ଏପ୍ରିଲ ୨ରେ ଉତ୍ତରପ୍ରଦେଶରୁ ରାଜ୍ୟ ସଭାରେ ୯ ଭାଜପା ଏବଂ ଜଣେ ଏସ୍‌ପି ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ନାମାଙ୍କନ ଦାଖଲ ଶେଷ ତାରିଖ ଫେବୃଆରୀ ୧୫ ରହିଥିବାବେଳେ ୨୭ରେ ଆବଶ୍ୟକ ପଡ଼ିଲେ ନିର୍ବାଚନ ହେବ।

# ଭାଜପାରେ ଯୋଗଦେଲେ ଅଶୋକ ଚଭନ୍



ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ଓ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଲେ ଅଶୋକ ଚଭନ୍।

ମୁମ୍ବାଇ, ୧୩।୨

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ୍ ମଙ୍ଗଳବାର ଭାଜପାରେ ସାମିଲ ହୋଇଛନ୍ତି। ମୁମ୍ବାଇସ୍ଥିତ ଭାଜପା କାର୍ଯ୍ୟାଳୟରେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ଓ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଦୀର୍ଘ ଚାରି ଦଶନ୍ଧି ଧରି କଂଗ୍ରେସରେ ରାଜନୀତି କରିବା ପରେ ଏହା ତାଙ୍କର ନୂତନ ରାଜନୈତିକ ଜୀବନର ଅୟମାରମ୍ଭ ହୋଇଥିବା ସେ କହିଛନ୍ତି।

ଭାଜପାରୁ ଅଶୋକ ରାଜ୍ୟ ସଭା ଯିବା ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏହାକୁ ନେଇ ଟାର୍ଗେଟ କରିଛି ବିରୋଧୀ ଶିବସେନା(ୟୁବିଟି)। ଆଦର୍ଶ ହାଉସିଂ ସୋସାଇଟି ଦୁର୍ନୀତି ମାମଲା ଉଠାଇବା ସହ ଯଦି ଭାଜପା ଅଶୋକଙ୍କୁ ରାଜ୍ୟ ସଭା ପଠାଏ, ତେବେ ଏହା ଶହୀଦ ସୈନିକଙ୍କ ପ୍ରତି ଅପମାନ ହେବ ବୋଲି ଦଳର ନେତା ଉଦ୍ଧବ ଠାକ୍‌ରେ କହିଛନ୍ତ। ଅନ୍ୟପକ୍ଷରେ ଆଦର୍ଶ ହାଉସିଂ ଦୁର୍ନୀତି ମାମଲାରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ତାଙ୍କ ସପକ୍ଷରେ ଯାଇଥିବା ଅଶୋକ କହିଛନ୍ତି। ସୋମବାର ସେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ସୂଚନାଯୋଗ୍ୟ ଯେ ଅଶୋକ ଚଭନ୍ ୨୦୦୮ରୁ ୨୦୧୦ ଯାଏ ଦୁଇ ବର୍ଷ ଧରି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଥିଲେ। ତେବେ ଆଦର୍ଶ ହାଉସିଂ ସୋସାଇଟି ଦୁର୍ନୀତିରେ ତାଙ୍କ ନାମ ଆସିବାରୁ କଂଗ୍ରେସ ହାଇକମାଣ୍ଡଙ୍କ ନିର୍ଦ୍ଦେଶ କ୍ରମେ ୨୦୧୦ ନଭେମ୍ବର ୯ରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

# ଅଶ୍ୱିନୀଙ୍କ ଓଡ଼ିଶା ଗସ୍ତକୁ ନେଇ ଚର୍ଚ୍ଚାରେ ୩ୟ ଆସନ

■ନାମାଙ୍କନ ପାଇଁ ଆଉ ଗୋଟିଏ ଦିନ
■ଜଣେ ପ୍ରାର୍ଥୀ ଜିତିବାକୁ ଦରକାର ୩୭ ଖଣ୍ଡ ଭୋଟ୍




ଭୁବନେଶ୍ୱର,୧୩।୨(ସୁନିତ୍ ମିଶ୍ର)

ଓଡ଼ିଶାର ୩ ରାଜ୍ୟ ସଭା ସାଂସଦ ଅମର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ ତାରିଖରେ ଶେଷ ହେଉଛି। ଖାଲି ହେବାକୁ ଥିବା ଏହିସବୁ ଆସନ ପାଇଁ ଆସନ୍ତା ୧୫ ତାରିଖ ନାମାଙ୍କନ ଦାଖଲର ଶେଷ ଦିନ। ଯଦି ୩ରୁ ଅଧିକ ପ୍ରାର୍ଥୀ ହୁଅନ୍ତି, ତେବେ ଆସନ୍ତା ୨୭ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ହେଲେ ମଙ୍ଗଳବାର ସୁଦ୍ଧା ବିଜେଡି ଘୋଷଣା କରିଥିବା ୨ ଜଣ ପ୍ରାର୍ଥୀ ଶୁଭାଶିଷ ଖୁଣ୍ଟିଆ ଏବଂ ଦେବାଶିଷ ସାମନ୍ତରାୟ ହିଁ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ହେଲେ ୩ୟ ଆସନ ଖାଲି ଥିବାବେଳେ ବିଜେଡି ୨ ଜଣ ପ୍ରାର୍ଥୀ ଦେଇ ତୃତୀୟ ପ୍ରାର୍ଥୀ ନାଁ ଘୋଷଣା ନ କରିବା ଏବେ ରାଜ୍ୟର ସବୁଠୁ ଚର୍ଚ୍ଚାର ବିଷୟ ପାଲଟିଛି।

ସଂଖ୍ୟା ଦୃଷ୍ଟିରୁ ଦେଖିଲେ ବିଜେଡି ୩ଟି ଯାକ ଆସନ ଦଖଲ କରିପାରିବା ଭଳି ସଂଖ୍ୟା ରଖିଛି। ହେଲେ ଦୁଇଟି ପ୍ରାର୍ଥୀ ଘୋଷଣା କରି ଗୋଟିଏ ଆସନ ଲାଗି ଏ ପର୍ଯ୍ୟନ୍ତ କାହାକୁ ବିଜେଡି ପ୍ରାର୍ଥୀ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଏହାରି ମଧ୍ୟରେ ବୁଧବାର ଠାରୁ ଅଶ୍ୱିନୀ ବୈଷ୍ଣବଙ୍କ ୨ ଦିନିଆ ଓଡ଼ିଶା ଗସ୍ତ ନେଇ ରାଜନୈତିକ ମହଲରେ ଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଯେହେତୁ ୨୦୧୯ରେ ବିଜେଡି ପାଖରେ ସଂଖ୍ୟାବଳ ଥିବା ସତ୍ତ୍ୱେ ଭାଜପା ଶୀର୍ଷ କେନ୍ଦ୍ରୀୟ ନେତାଙ୍କ ଠାରୁ ଫୋନ୍ ପାଇବା ପରେ ଶାସକ ଦଳ ଗୋଟିଏ ରାଜ୍ୟ ସଭା ଆସନ ସେମାନଙ୍କୁ ଛାଡି ଦେଇଥିଲା, ଏଥର ମଧ୍ୟ ସେମିତି କିଛି ଘଟିପାରେ ବୋଲି ଆକଳନ କରାଯାଉଛି। ସେଥର ବିଜେଡି ପକ୍ଷରୁ ଭାଜପା ରାଜ୍ୟ ସଭା ପ୍ରାର୍ଥୀ ହୋଇଥିବା ଅଶ୍ୱିନୀଙ୍କ ପାଇଁ ଗୋଟିଏ ଆସନ ଛଡା ଯାଇଥିଲା। ଯେହେତୁ ଅଶ୍ୱିନୀ ଏହି ସମୟରେ ଓଡ଼ିଶା ଆସୁଛନ୍ତି, ତାଙ୍କ ପ୍ରାର୍ଥିତ୍ୱ ନେଇ ଆକଳନ କରାଯାଉଛି। ଅବଶ୍ୟ ତାଙ୍କ କାର୍ଯ୍ୟ ସୂଚୀରେ ବିଧାନସଭା ଯିବା ନେଇ ନିର୍ଦ୍ଦିଷ୍ଟ ଭାବେ କିଛି ଉଲ୍ଲେଖ ନାହିଁ।

ବର୍ତ୍ତମାନ ବିଧାନସଭାରେ ମୋଟ୍ ୧୪୬ ଜଣ ବିଧାୟକ ଥିବାବେଳେ ବିଜେଡି ପାଖରେ ୧୦୮, ଭାଜପାର ୨୨, କଂଗ୍ରେସର ୯, ଦଳରୁ ବାହାରି ଥିବା ୬ ଜଣ ସ୍ୱାଧିନ ବିଧାୟକ ଏବଂ ଜଣେ ସିପିଆଇ(ଏମ୍) ବିଧାୟକ ଅଛନ୍ତି। ରାଜ୍ୟ ସଭା ଆସନ ଲାଗି ଭୋଟ୍ ହେଲେ ନିୟମ ଅନୁଯାୟୀ ଜଣେ ପ୍ରାର୍ଥୀକୁ ୩୭ ଖଣ୍ଡ ଭୋଟ୍ ଦରକାର। ଏହି ଦୃଷ୍ଟିରୁ ବିଜେଡି ଚାହିଁଲେ ୩ଟି ଯାକ ଆସନ ରଖିପାରିବ। ହେଲେ ଗୋଟିଏ ଆସନ ଲାଗି ବିଜେଡି ପ୍ରାର୍ଥୀ ନ ଦେବା ଯୋଗୁ ରାଜନୈତିକ ଆଲୋଚନା ଭିନ୍ନ ପ୍ରକାର ଆରମ୍ଭ ହୋଇଛି। ଯଦି ଏହି ସମୟରେ ବିଜେଡି ଗୋଟିଏ ଆସନ ୨୦୧୯ ଭଳି ଭାଜପା ପ୍ରାର୍ଥୀଙ୍କ ପାଇଁ ଛାଡ଼େ ତେବେ ତାହା ଭାଜପା ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି। କାରଣ ଭାଜପା ସହିତ ବିଜେଡି ଅଛି ବୋଲି ବାର୍ତ୍ତା ଚାରିଆଡେ ଖେଳିଯିବ।

# ତୁମେ କ'ଣ ଦଳ ବୁଡ଼େଇବାକୁ ଆସିଛ: ଶରତ

## କଂଗ୍ରେସ ପ୍ରଚାର କମିଟି ବୈଠକ

■ ସରକାରୀ ପଦବୀରେ ବିଜୟଙ୍କ ପୂର୍ବ ନିଯୁକ୍ତି କଥା କହି ବର୍ଷିଲେ

ଭୁବନେଶ୍ୱର,୧୩।୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନରେ ପ୍ରଚାର କାର୍ଯ୍ୟକୁ ଶାଣିତ କରିବା ପାଇଁ ପ୍ରଦେଶ କଂଗ୍ରେସ ପ୍ରଚାର କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ନିର୍ବାଚନ ପାଇଁ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ହେଲେ ବୈଠକ ଭିତରେ ଦଳର ବରିଷ୍ଠ ନେତା ଶରତ ରାଉତ ପ୍ରଚାର କମିଟି ଅଧ୍ୟକ୍ଷଙ୍କୁ ଏକାଧିକ ପ୍ରଶ୍ନ ପଚାରି ସିଧାସଳଖ ଟାର୍ଗେଟ କରିଥିବା କଂଗ୍ରେସରେ ଚର୍ଚ୍ଚାର ବିଷୟ ପାଲଟିଛି। ଶରତ ଏହି ଅବସରରେ ସିଧାସଳଖ ବିଜୟଙ୍କୁ କହିଥିଲେ ଯେ, କମିଟି ଗଠନ ହେବା ଏବଂ ଆପଣ ଏହାର ଅଧ୍ୟକ୍ଷ ହେବା ୬ ମାସ ହୋଇଗଲାଣି, କେତୋଟି ବୈଠକ ଏହା ଭିତରେ କରିଛନ୍ତି। କେବଳ ନିର୍ବାଚନ ଆସିଲେ କ'ଣ ଏହି କମିଟିର ବୈଠକ ହେବ। ତେବେ କି ପ୍ରକାର ରଣନୀତି କମିଟି ପକ୍ଷରୁ କରାଯାଇଛି, ସେ ବିଷୟରେ କୁହନ୍ତୁ। ଏହି କମିଟି ତ ଠିକ୍ ଭାବେ କାର୍ଯ୍ୟ କରୁନାହିଁ, କୌଣସି ବରିଷ୍ଠ ନେତାଙ୍କ ଠାରୁ କିଛି ହେଲେ ମତାମତ ନିଆଯାଉନି, ତେବେ କମିଟି କ'ଣ କରିଛି। ଝାରସୁଗୁଡାରେ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମ ମଧ୍ୟ ନୈରାଶ୍ୟଜନକ ରହିଲା। ତେବେ ଏହି କମିଟି କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ ହୋଇଛି ସେକଥା କୁହନ୍ତୁ। ଆପଣ ତ ବିଗତ ଦିନରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଥିଲେ ଏବଂ ଅବସର ପରେ କାର୍ଯ୍ୟକାଳ ବୃଦ୍ଧି କରି ଏହି ପଦବୀରେ ଅଧିକ ଦିନ ରହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ମଧ୍ୟ ରହିଥିଲେ। ବିଗତ ଦିନରେ ବେଦାନ୍ତ ୟୁନିଭର୍ସିଟି ପ୍ରକଳ୍ପର ଅଧ୍ୟକ୍ଷ ଦାୟିତ୍ୱରେ ମଧ୍ୟ ରହିଥିଲେ। ଆପଣ କ'ଣ ଏ ଦଳକୁ ବୁଡ଼ାଇବାକୁ ଆସିଛନ୍ତି କି ବୋଲି ଶରତ ପ୍ରଶ୍ନ କରିଥିବା ଚର୍ଚ୍ଚାର ବିଷୟ ପାଲଟିଛି।

ଅନ୍ୟପଟେ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳ ପକ୍ଷରୁ କିନ୍ତୁ କୁହାଯାଇଛି, ଆଗକୁ ରାଜ୍ୟର ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ହୋର୍ଡିଂ ମାଧ୍ୟମରେ ଦଳର ପ୍ରଚାର ପ୍ରସାର କରାଯିବ। ଏହାସହ ସାମାଜିକ ଗଣମାଧ୍ୟମରେ ଦେଶ ଏବଂ ରାଜ୍ୟରେ କଂଗ୍ରେସ ସରକାର ଥିବା ସମୟରେ ହୋଇଥିବା ଲୋକାଭିମୁଖୀ ଯୋଜନା ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରାଯିବ। ତୃଣମୂଳସ୍ତରରେ କଂଗ୍ରେସ କର୍ମୀମାନେ ଘରକୁ ଘର ବୁଲି ପ୍ରଚାର ପତ୍ର ମାଧ୍ୟମରେ ଏବଂ ମୌଖିକ ଭାବେ କଂଗ୍ରେସର ବାର୍ତ୍ତା ପହଞ୍ଚାଇବେ। ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଛୋଟ ବଡ଼ ସଭାମାନ ଆୟୋଜନ କରାଯିବ, କେନ୍ଦ୍ରରେ ଥିବା ମୋଦି ସରକାର ଓ ରାଜ୍ୟରେ ଥିବା ସରକାରଙ୍କ ଜନବିରୋଧୀ ନୀତିକୁ ସାମ୍ନାକୁ ଆଣିବା ପାଇଁ ରାଜ୍ୟସ୍ତରୀୟ ନେତାମାନେ ପହଞ୍ଚି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। କେନ୍ଦ୍ରୀୟ ନେତୃବୃନ୍ଦ ଯଥା ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ସଚିନ ପାଇଲଟ, କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ବରିଷ୍ଠ ଓ ଯୁବନେତାମାନେ ପହଞ୍ଚି ରାଜ୍ୟବାସୀଙ୍କୁ ଉଦ୍‌ବୋଧନ ଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ବୈଠକରେ ପିସିସି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ ସହପ୍ରଭାରୀ କ୍ରିଷ୍ଟୋଫର ତିଲକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକୋଷ୍ଠ ଲାଗି ଭାଜପାର ୧୬ ରାଜ୍ୟ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୧୩।୨(ସୁନିତ୍ ମିଶ୍ର)

ଭାଦରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ବିଭିନ୍ନ ପ୍ରକୋଷ୍ଠର ରାଜ୍ୟ ସଂଯୋଜକଙ୍କ ନାମ ମଙ୍ଗଳବାର ଘୋଷଣା କରାଯାଇଛି। ବୁଦ୍ଧିଜୀବୀ ପ୍ରକୋଷ୍ଠ ପାଇଁ ସୁଦର୍ଶନ ନାୟକ, ଶିକ୍ଷକ ପ୍ରକୋଷ୍ଠରେ ଲକ୍ଷ୍ମୀକାନ୍ତ ମିଶ୍ର, ଆଇନଜୀବି ପ୍ରକୋଷ୍ଠରେ ସୌର ଚନ୍ଦ୍ର ମହାପାତ୍ର, ସମବାୟ ପ୍ରକୋଷ୍ଠରେ ଶ୍ରୀରଞ୍ଜନ ମଙ୍ଗରାଜ, ଶିଳ୍ପଦ୍ୟୋଗୀ ପ୍ରକୋଷ୍ଠରେ ପ୍ରଭାତ କେଶରୀ ମିଶ୍ର, ବ୍ୟବସାୟୀ ପ୍ରକୋଷ୍ଠରେ ଗୋବିନ୍ଦ ଅଗ୍ରୱାଲ, ସି.ଏ ପ୍ରକୋଷ୍ଠରେ ମିହିର ସାହୁ, ଅର୍ଥନୀତି ପ୍ରକୋଷ୍ଠରେ କେ.ସି ପାଣିଗ୍ରାହୀ, ନଗରାଞ୍ଚଳ ପ୍ରକୋଷ୍ଠରେ ଜୀବନ ପ୍ରଦୀପ ଦାସ, ପଞ୍ଚାୟତିରାଜ ପ୍ରକୋଷ୍ଠରେ ଶଙ୍କର୍ଷଣ ପରିଡା, ମେଡିକାଲ ପ୍ରକୋଷ୍ଠରେ କୈଳାଶ ବିଶ୍ୱାଳ, ଇ.ଡବ୍ଲ୍ୟୁ.ଏସ ପ୍ରକୋଷ୍ଠରେ କୁଳମଣି ମିଶ୍ର, ମତ୍ସ୍ୟଜୀବୀ ପ୍ରକୋଷ୍ଠରେ ବିଜୟ ମଲିକ, ସାଂସ୍କୃତିକ ପ୍ରକୋଷ୍ଠରେ ପିଙ୍କି ପ୍ରଧାନ, ପୂର୍ବସୈନିକ ପ୍ରକୋଷ୍ଠରେ କର୍ଣ୍ଣେଲ. ବିରେନ୍ଦ୍ର ବହିଆ ଏବଂ ପ୍ରବାସୀ ଓଡ଼ିଆ ପ୍ରକୋଷ୍ଠରେ ଜ୍ୟୋତି ରଞ୍ଜନ ନାୟକଙ୍କୁ ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି।

# ଓଡ଼ିଶାରେ ଆଉଟ୍‌ସୋର୍ସରେ ସରକାର ଚାଲିଛି: ଶିବରାଜ



ଭାଜପାର ବରିଷ୍ଠ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବାରାଜ ସିଂ ଚୌହାନଙ୍କ ସମେତ ଦଳୀୟ ନେତୃବୃନ୍ଦ।

## ଜଗତ୍‌ସିଂହପୁର ଲୋକ ସଭାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଜଗତ୍‌ସିଂହପୁର, ୧୩।୨
(ପ୍ରମୋଦ କୁମାର ନାୟକ)

ଡିସେମ୍ବରରେ ମଧ୍ୟପ୍ରଦେଶରେ ଭାଜପା ପୁଣି କ୍ଷମତାକୁ ଫେରିଥିବାବେଳେ ୪ଥରର ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପରେ ଦଳ କିନ୍ତୁ ଭରସା କରି ନ ଥିଲା। ଚୌହାନଙ୍କ ସ୍ଥାନରେ ମୋହନ ଯାଦବ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇଥିଲେ। ନିଜ ରାଜ୍ୟରେ ପତିଆରାକୁ ଅକ୍ଷୁଣ୍ଣ ରଖିପାରି ନ ଥିବା ଚୌହ୍ୱାନ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ପ୍ରଚାରରେ ସାମିଲ ହୋଇଛନ୍ତି। ସେ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସି ଜଗତ୍‌ସିଂହପୁରରେ ଆୟୋଜିତ ଭାଜପା କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଏବଂ ବିଜେଡି ଉପରେ ପ୍ରବଳ ବର୍ଷିଛନ୍ତି।

ମଙ୍ଗଳବାର ଜଗତ୍‌ସିଂହପୁର ବଙ୍ଗଳା ଛକ ନିକଟ ଏକ ପଡ଼ିଆରେ ଭାଜପା ପକ୍ଷରୁ ଅନୁଷ୍ଠିତ ଜଗତ୍‌ସିଂହପୁର ଲୋକ ସଭାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଇ ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି, ପାରାଦୀପରେ ଅଟଳବିହାରୀ ବାଜପେୟୀଙ୍କ ସମୟରେ ରିଫାଇନାରୀ ପ୍ରତିଷ୍ଠା କରାଯାଇଥିଲା। ତେଣୁ ଜଗତ୍‌ସିଂହପୁର ଜିଲାର ଗରିମା ଅଛି। ପ୍ରଭୁ ଶ୍ରୀ ଜଗନ୍ନାଥ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ଏହାସତ୍ତ୍ୱେ ଓଡ଼ିଶାବାସୀ ଦୀର୍ଘ ୨୩ ବର୍ଷ ହେବ ଶୋଷିତ ହୋଇଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ରାଶନ କାର୍ଡ କରିବା ଯାଏ ଲାଞ୍ଚ ମଗାଯାଉଛି। ଗରିବ କଲ୍ୟାଣକାରୀ ଯୋଜନାରେ ପ୍ରଧାନମନ୍ତ୍ରୀ ଚାଉଳ ଦେଉଛନ୍ତି। କିନ୍ତୁ ବ୍ୟାଗ୍ ତିଆରି କରି ବିଜେଡି ବ୍ରାଣ୍ଡିଂ କରୁଛନ୍ତି ମୁଖ୍ୟମନ୍ତ୍ରୀ। ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀଙ୍କ ଅନେକ ଯୋଜନାକୁ ବିଜେଡି ବ୍ରାଣ୍ଡିଂ କରି ବାହାବା ନେବାକୁ ଅପଚେଷ୍ଟା କରୁଛି। ଅନ୍ୟପଟେ ଚାଷୀଙ୍କ ନାମ ଦେବାକୁ କେନ୍ଦ୍ର ମାଗି ଚାଲିଥିଲେ ସୁଦ୍ଧା ଓଡ଼ିଶା ସରକାର ଦେଉନାହାନ୍ତି, ଯେଉଁ କାରଣରୁ ଓଡ଼ିଶାର ଅନେକ ଚାଷୀ କେନ୍ଦ୍ର ଦେଉଥିବା ବାର୍ଷିକ ୬ ହଜାର ଟଙ୍କାର ସହାୟତାରୁ ବଞ୍ଚିତ ହେଉଛନ୍ତି। ତେଣୁ ବିଜେଡି ସରକାରକୁ ହଟାଇବାକୁ ପଡ଼ିବ। ଓଡ଼ିଶାରେ ଭାଜପା ସରକାର ହେଲେ ଏହି ରାଜ୍ୟ ହିନ୍ଦୁସ୍ଥାନରେ ୧ ନମ୍ବର ହୋଇପାରିବ ବୋଲି ଚୌହାନ କହିଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ତୁତି ଗାନ କରିବାକୁ ପଛାଇ ନ ଥିଲେ। ମୋଦି ଦେଶର ନେତୃତ୍ୱ ନେବା ପରେ ଅନେକ ପରିବର୍ତ୍ତନ ଆସିଛି ବୋଲି ସେ କହିଛନ୍ତି। ଏଭଳି ସ୍ଥଳେ ଓଡ଼ିଶା ଓ ଭାରତରେ ଡବଲ ଇଞ୍ଜିନ ଅର୍ଥାତ୍ ଭାଜପା ସରକାର ଦରକାର। ପ୍ରତ୍ୟେକ ଯୁଦ୍ଧକାଳୀନ ଭିତ୍ତିରେ ସାଙ୍ଗଠନିକ କାର୍ଯ୍ୟକୁ କ୍ରିୟାଶୀଳ କରିପାରିଲେ ସଫଳତା ନିଶ୍ଚୟ ଆସିବ ବୋଲି ଚୌହାନ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି।

ଭାଜପା ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ପ୍ରଭାରୀ ପବିତ୍ର ମୋହନ ଦାଶ ମଞ୍ଚ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ଜଗତ୍‌ସିଂହପୁର ସଂସଦୀୟ ନିର୍ବାଚନ ମଣ୍ଡଳୀ ସଂଯୋଜକ ଓମ୍‌ପ୍ରକାଶ ରାୟ, ଦଳ ରାଜ୍ୟ ଏସ୍‌ସି ମୋର୍ଚ୍ଚା ସଭାପତି ବିଭୁପ୍ରସାଦ ତରାଇ, ଦଳ ସାଧାରଣ ସମ୍ପାଦକ ଡ. ଯତିନ ମହାନ୍ତି, ଦଳ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ଦଳ ପୂର୍ବତନ ଜିଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ନିମାପଡ଼ା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, କାକଟପୁର ପୂର୍ବତନ ବିଧାୟକ ରବି ମଲ୍ଲିକ, ପାରାଦୀପ ନେତା ସମ୍ପଦ ସ୍ୱାଇଁ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ନେତା ସଞ୍ଜୟ ମହାନ୍ତି, ସଂଯୋଜକ କ୍ଷୀରୋଦ ଚନ୍ଦ୍ର ପରିଡ଼ା, ତିର୍ତ୍ତୋଲ ନେତା ରାଜକିଶୋର ବେହେରା, ନିଆଳି ନେତା ଛବି ମଲିକ, ଦଳ ଜଗତ୍‌ସିଂହପୁର ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର ପ୍ରମୁଖ ଯୋଗଦେଇ ବିଜେଡି ସରକାର ଉପରେ ବର୍ଷିଛନ୍ତି। ଧାର୍ଯ୍ୟ ସମୟଠାରୁ ଯଥେଷ୍ଟ ବିଳମ୍ବରେ ସମ୍ମିଳନୀ ଆରମ୍ଭ ହୋଇଥିଲେ ସୁଦ୍ଧା ନିଆଳି, ନିମାପଡ଼ା, କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ଜଗତ୍‌ସିଂହପୁର ଜିଲାର ୪ଟି ବିଧାନସଭା ଆସନର ଦଳୀୟ କର୍ମୀ ସମାବେଶରେ ଯୋଗ ଦେଇଥିଲେ।

# ରିଲାଏନ୍ସ ଇଣ୍ଡଷ୍ଟ୍ରିର ଐତିହାସିକ ସଫଳତା

- ୨୦ ଲକ୍ଷ କୋଟିର କମ୍ପାନୀ ଆର୍ଆଇଏଲ୍
- ପୁଞ୍ଜିବଜାରରେ ପ୍ରଥମ ଭାରତୀୟ କମ୍ପାନୀ

ନୂଆଦିଲ୍ଲୀ,୧୩।୨(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍ଆଇଏଲ୍) ପ୍ରଥମ ଭାରତୀୟ କମ୍ପାନୀ ଭାବେ ପୁଞ୍ଜିବଜାରରେ ୨୦ଲକ୍ଷ କୋଟି ଟଙ୍କା ସମ୍ପତ୍ତିରେ ପହଞ୍ଚିଛି। ଏପରିକି ପୁଞ୍ଜିବଜାରରେ ପଞ୍ଜୀକୃତ ଭାରତୀୟ କମ୍ପାନୀ ଭାବେ ରିଲାଏନ୍ସ ଇଣ୍ଡଷ୍ଟ୍ରି ଏହି ଐତିହାସିକ ସଫଳତା ଲାଭ କରିଛି। ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ଶେୟାର ବଜାର କାରବାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଆର୍ଆଇଏଲ୍ର ଫଳାଫଳ ଉଚ୍ଚ ରହିବା ସହ ପ୍ରାୟ ୨%ର କାରବାର ଅଭିବୃଦ୍ଧି ଘଟିଥିଲା। ଫଳରେ ଆର୍ଆଇଏଲ୍ର ବଜାର ପୁଞ୍ଜି ୨୦,୦୧,୨୭୯.୭୨ କୋଟି ଟଙ୍କାରେ ପହଞ୍ଚିଛି। ଏପରିକି ଦିନର ବଜାର ମୂଲ୍ୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ରେ ୨୯୨୮.୯୫ ଟଙ୍କାରୁ ଆରମ୍ଭ ହୋଇ ୨୯୫୭.୮୦ ଟଙ୍କାରେ ରହିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏସ୍ଏନ୍ଇ) ରେ ୨୯୨୬.୨୦ ଟଙ୍କାରୁ ଆରମ୍ଭ ହୋଇ ୨୯୫୮ ଟଙ୍କାରେ କାରବାର ଶେଷ କରିଥିଲା। ଅପରପକ୍ଷରେ ଆର୍ଆଇଏଲ୍ର ପୂର୍ବଦିନ କାରବାର ଶେଷ ସୁଦ୍ଧା କମ୍ପାନୀର ବଜାର ମୂଲ୍ୟ ୧୯,୮୧,୬୩୫.୭୨ କୋଟି ଟଙ୍କାରେ ଥିଲା। ସେହିଭଳି କ୍ରମାଗତ ଭାବେ ପୁଞ୍ଜିବଜାରରେ ଉନ୍ନତ ପ୍ରଦର୍ଶନ ସହିତ ଗତ ୩ ମାସ ମଧ୍ୟରେ ପ୍ରାୟ ୨୯% ଅଭିବୃଦ୍ଧି ଯୋଗୁ କମ୍ପାନୀ ଏହି ସଫଳତା ମିଳିଛି। ଏପରିକି ଆର୍ଆଇଏଲ୍ର ଷ୍ଟକ୍ ୫୨ମାସର ସର୍ବାଧିକ ମୂଲ୍ୟରେ କାରବାର ସହ ନୂତନ ମାଇଲଖୁଣ୍ଟ ହାସଲ କରିପାରିଛି।




## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୩।୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୪୮୩(୪୮୨.୭୦) ପଏଣ୍ଟ ବଢ଼ି ୭୧,୫୫୫ (୭୧,୫୫୫.୧୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୧୨୭(୧୨୭.୨୦) ପଏଣ୍ଟ ବୃଦ୍ଧି ଘଟି ୨୧,୭୪୩ (୨୧,୭୪୩.୨୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ନାଲ୍କୋର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୩।୨

ନ୍ୟାଶନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍(ନାଲ୍କୋ)ର ବୋର୍ଡସ୍ତରୀୟ ବୈଠକ ମଙ୍ଗଳବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦୨୩ ଡିସେମ୍ବରରେ ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ଆର୍ଥିକ ଫଳାଫଳ ଅନୁଯାୟୀ ୩ୟ ତ୍ରୈମାସରେ ମୋଟ ୪୮୮ କୋଟି ଟଙ୍କା ଲାଭ ହୋଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ କମ୍ପାନୀ କ୍ରମାଗତ ଭାବେ ୧୩୭% ଲାଭ କରିଛି। ଉଲ୍ଲେଖଯୋଗ୍ୟ,ଗତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆୟ ୩୩୫୮କୋଟି ଟଙ୍କା ତୁଳନାରେ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆୟ ୩୩୯୮ କୋଟି ଟଙ୍କା ହୋଇଛି। ଏପରିକି ସର୍ବକାଳୀନ ସର୍ବାଧିକ ୩,୪୫,୦୮୬ ମେଟ୍ରିକ ଟନ ଧାତୁ ଉତ୍ପାଦନ ସହ କମ୍ପାନୀ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସ ସୁଦ୍ଧା ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେହିପରି ବିକ୍ରି କ୍ଷେତ୍ରରେ ମଧ୍ୟ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ସର୍ବକାଳୀନ ସର୍ବାଧିକ ୩,୪୯,୪୧୯ ମେଟ୍ରିକ ଟନ୍ ଧାତୁ ବିକ୍ରି ହୋଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ କମ୍ପାନୀର ଲାଭ ୨୦୬ କୋଟି ଟଙ୍କା ଥିଲା। ୨୦୨୩ ଡିସେମ୍ବରର ୯ ମାସ ମଧ୍ୟରେ କମ୍ପାନୀର ମୋଟ ଲାଭ ୧୦୪୪ କୋଟି ଟଙ୍କା ହୋଇଥିବା ବେଳେ ପୂର୍ବ ଆର୍ଥିକ ବର୍ଷର ସମାନ ୯ ମାସରେ ମୋଟ ଲାଭ ୧୦୨୩ କୋଟି ଟଙ୍କା ଥିଲା। ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷ ନିମନ୍ତେ କମ୍ପାନୀ ପକ୍ଷରୁ ଇକ୍ୱିଟି ଶେୟାର ପିଛା ୨ ଟଙ୍କା ହିସାବରେ ୨ୟ ମଧ୍ୟବର୍ତ୍ତୀ ଡିଭିଡେଣ୍ଡ ଘୋଷଣା କରାଯାଇଛି।

# ଟାଟା ଷ୍ଟିଲ୍ର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୧୩।୨

ଦେଶର ପ୍ରମୁଖ ଘରୋଇ ଶିଳ୍ପ ସଂସ୍ଥା ତଥା ଟାଟା ଗ୍ରୁପ୍ର ଅଗ୍ରଣୀ କମ୍ପାନୀ ଟାଟା ଷ୍ଟିଲ୍କୁ ନିକଟରେ ଆଉ ଏକ ମାନ୍ୟତା ପ୍ରଦାନ କରାଯାଇଛି। ଏପରିକି ଟାଟା ଷ୍ଟିଲ୍ର କଳିଙ୍ଗନଗର ଏବଂ ମେରାମଣ୍ଡଳୀ କାରଖାନା ରେସ୍ପନ୍ସିବଲ୍ ଷ୍ଟିଲ୍ ସାର୍ଟିଫିକେଶନ ସହ ନୂତନ ମାଇଲଖୁଣ୍ଟ ହାସଲ କରିଛନ୍ତି। ୨୦୨୨ରେ ଟାଟାର ଜାମଶେଦପୁର କାରଖାନା ପ୍ରଥମ ଭାରତୀୟ ଇସ୍ପାତ କାରଖାନା ଭାବେ ଏହି ଐତିହାସିକ ସଫଳତା ହାସଲ କରିଥିଲା। ବର୍ତ୍ତମାନ ଟାଟା ଷ୍ଟିଲ୍ ରେସ୍ପନ୍ସିବଲ୍ ଷ୍ଟିଲ୍ ସାର୍ଟିଫିକେଶନ ହାସଲ କରିଥିବା କାରଖାନାରୁ ପ୍ରାୟ ୯୦% ଇସ୍ପାତ ଉତ୍ପାଦନ କରୁଛି। ସେହିଭଳି ୨୦୨୨ ଅକ୍ଟୋବରରେ ଟାଟାର ଜାମଶେଦପୁର କାରଖାନାର ୩ଟି ଡିଭିଜନ ଯଥା ଷ୍ଟିଲ୍ ୱାର୍କସ୍, ଟ୍ୟୁବ୍ସ ଡିଭିଜନ ଓ କୋଲ୍ଡ ରୋଲିଂ ମିଲ୍କୁ ରେସ୍ପନ୍ସିବଲ୍ ଷ୍ଟିଲ୍ ସାର୍ଟିଫିକେଶନ ମିଳିଥିଲାବେଳେ କଳିଙ୍ଗନଗର ଓ ମେରାମଣ୍ଡଳୀ କାରଖାନାକୁ ସେଥିରେ ସାମିଲ କରାଯିବା ଦାୟିତ୍ୱବାନ ବ୍ୟବସାୟ ଅଭ୍ୟାସ ଓ ପରିବେଶ ଦାୟିତ୍ୱ ପ୍ରତି କମ୍ପାନୀର ରହିଥିବା ସମର୍ପଣ ଭାବକୁ ଏହା ଦର୍ଶାଉଛି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍ର ଏମ୍ଡି ତାଶ ସିଇଓ ଟିଭି ନରେନ୍ଦ୍ରନ୍ କହିଛନ୍ତି, କମ୍ପାନୀର କାରଖାନାଗୁଡ଼ିକ ପାଇଁ ରେସ୍ପନ୍ସିବଲ୍ ଷ୍ଟିଲ୍ ସାର୍ଟିଫିକେଶନ ଦୀର୍ଘସ୍ଥାୟିତ୍ୱ ପ୍ରତି ଟାଟା ଷ୍ଟିଲ୍ ପ୍ରତିବଦ୍ଧତାର ଏକ ପ୍ରମାଣ। ଏହା ଇସ୍ପାତ ଶିଳ୍ପର ବିଭିନ୍ନ ଆହ୍ୱାନର ମୁକାବିଲା ଏବଂ ଏକ ଉନ୍ନତ ଭବିଷ୍ୟତ ଗଠନ ଦିଗରେ ଆମର ସକ୍ରିୟ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ଏହି ମାଇଲଖୁଣ୍ଟ ହାସଲ କରିବାରେ ଟାଟା ଷ୍ଟିଲ୍ର ଦାୟିତ୍ୱସମ୍ପନ୍ନ ଟିମ୍, ଅଡିଟର, ଆସ୍ୟୁରାନ୍ସ ପ୍ୟାନେଲର ପ୍ରୟାସକୁ ମୁଁ ଆନ୍ତରିକତାର ସହ ପ୍ରଶଂସା କରୁଛି। ୨୦୨୫ ସୁଦ୍ଧା ଭାରତରେ ଥିବା ଆମର ସମସ୍ତ ଇସ୍ପାତ ଉତ୍ପାଦନ କାରଖାନାକୁ ସାର୍ଟିଫିକେଶନ କରିବା ଲକ୍ଷ୍ୟ ଆଡ଼କୁ ଆମେ ଅଗ୍ରସର ହେଉଛୁ।

# ୩୧୮ ଛାତ୍ରୀଙ୍କୁ ମାଲାବାର ଛାତ୍ରବୃତ୍ତି




ଭୁବନେଶ୍ୱର,୧୩।୨

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ସାମାଜିକ ସଂସ୍ଥା ମାଲାବାର ଫାଉଣ୍ଡେଶନ ପକ୍ଷରୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୩୧୮ଛାତ୍ରୀଙ୍କୁ ୨୮,୨୮,୦୦୦ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ନ୍ୟୁ ଅଡିଟୋରିୟମଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଓବି ଆଣ୍ଡ ଓସିଡବ୍ଲୁଡବ୍ଲୁବିର ଅଧକ୍ଷା ଶ୍ରୀମୟୀ ମିଶ୍ର, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ପ୍ରଫେସର ଚଣ୍ଡିଚରଣ ରଥଙ୍କ ସମେତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଜୋନାଲ ହେଡ୍ ତହସିଲ ଅହମ୍ମଦ ଏବଂ ଭୁବନେଶ୍ୱର ଷ୍ଟୋର ହେଡ୍ ଅସନାଫ ଅରାକଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଉଲ୍ଲେଖଯୋଗ୍ୟ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର କର୍ପୋରେଟ ସୋସିଆଲ ରେସ୍ପନସିବିଲିଟି (ସିଏସ୍ଆର୍) ପ୍ରୋଗ୍ରାମ ଅଧୀନରେ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏପରିକି ଆଗାମୀ ଦିନରେ ଏହି ବୃତ୍ତି କଟକର ୨୧୦ଜଣ ଯୋଗ୍ୟ ଛାତ୍ରୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ ବୋଲି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ କାରବାର ସମ୍ପର୍କିତ ଲାଭର ୫% ଦାନ ଅର୍ଥରେ ବିଭିନ୍ନ ସାମାଜିକ ଓ ଧାର୍ମିକ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥାଏ। ବିଶେଷକରି ଆବାସ,ସ୍ୱାସ୍ଥ୍ୟ, ପରିବେଶ, ମହିଳା ସଶକ୍ତୀକରଣ ଏବଂ ଶିକ୍ଷା ଭଳି ଅନେକ ପ୍ରକାର ସାମାଜିକ କାର୍ଯ୍ୟରେ ଫାଉଣ୍ଡେଶନ ଜଡିତ ରହିବା ସହ ଆବଶ୍ୟକ ସାହାଯ୍ୟ ଓ ସହଯୋଗ କରିଥାଏ। ଦୀର୍ଘ ୨୦ବର୍ଷ ମଧ୍ୟରେ ଫାଉଣ୍ଡେଶନ ସାରା ଦେଶରେ ସିଏସ୍ଆର୍ କାର୍ଯ୍ୟକ୍ରମ ଅଧୀନରେ ଅନେକ କାର୍ଯ୍ୟ ଓ ଆର୍ଥିକ ସହାୟତା ମିଳିତ ଭାବେ କରି ଆସିଛି।

# ପିଏନ୍ବିର ସ୍ଥାନାନ୍ତରିତ ଶାଖା ଉଦ୍ଘାଟିତ

ଭୁବନେଶ୍ୱର,୧୩।୨

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍ବି)ର ସର୍କଲ ଅଫିସ ଅଧୀନ ମୋହନା ସ୍ଥାନାନ୍ତରିତ ଶାଖା ନିକଟରେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ପିଏନ୍ବିର ବ୍ରହ୍ମପୁର ସର୍କଲର ସର୍କଲ ହେଡ୍ ଡ. ଆଲୋକ ରଞ୍ଜନ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ସ୍ଥାନାନ୍ତରିତ ଶାଖାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ପିଏନ୍ବି ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ପ୍ରଶାନ୍ତ କୁମାର ସାହୁ, ଉପ ପ୍ରବନ୍ଧକ ମିସାଲା ସାଇ ସୁଧୀରଙ୍କ ସମେତ ମୋହନା ଶାଖାର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଗଜପତି ଜିଲା ଅଧୀନ ପିଏନ୍ବିର ମୋହନା ଶାଖା ନିକଟରେ ନୂତନ ପରିସରକୁ ସ୍ଥାନାନ୍ତର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ଏକ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଯେଉଁଥିରେ ବ୍ୟାଙ୍କର ଡିଜିଟାଲ ଉତ୍ପାଦ, ଋଣ ସୁବିଧା ଏବଂ ବ୍ୟାଙ୍କ ଦ୍ୱାରା ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଅନ୍ଲାଇନ୍ ସେବା ସମ୍ପର୍କରେ ସେନାପତି ବିସ୍ତୃତ ଆଲୋଚନା କରିଥିଲେ। ମୋହନା ଶାଖା ପ୍ରବନ୍ଧକ ଏକ୍କେନା ମୁରଲୀ ଉପସ୍ଥିତ ବରିଷ୍ଠ ଅଧିକାରୀ ଓ ଗ୍ରାହକମାନଙ୍କୁ ସେମାନଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜେଇଇ ମେନ୍ସ-୨୦୨୪ରେ ଓଡିଏମ୍ର ବାଜିମାତ୍

**୯୯ ପର୍ସେଣ୍ଟାଇଲ୍ ନମ୍ବର ଉପରେ ସ୍କୁଲର ୧୪ ଛାତ୍ରୀଛାତ୍ର**




ଭୁବନେଶ୍ୱର,୧୩।୨

ରାଜ୍ୟର ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପରିଅଞ୍ଚିତ ଓଡିଏମ୍ ପବ୍ଲିକ୍ ସ୍କୁଲ ଏବଂ ଓଡିଏମ୍ ଗ୍ଲୋବାଲ୍ ସ୍କୁଲର ଛାତ୍ରୀଛାତ୍ରମାନେ ଜଏଣ୍ଟ ଏଣ୍ଟ୍ରାନ୍ସ ଏକଜାମିଶନ(ମେନ୍) ବା ଜେଇଇ ମେନ୍ସ-୨୦୨୪ ପରୀକ୍ଷା ଫଳାଫଳରେ ଉଲ୍ଲେଖନୀୟ ସଫଳତା ସହ ବାଜିମାତ କରିଛନ୍ତି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ ମେନ୍ସ (ପେପର/ପର୍ଯ୍ୟାୟ-୧)-୨୦୨୪ ପରୀକ୍ଷା ଫଳାଫଳରେ ଉଭୟ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ଓ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍ର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ କୃତିତ୍ୱ ହାସଲ କରି ବିଦ୍ୟାଳୟକୁ ଗୌରବମଣ୍ଡିତ କରିଛନ୍ତି। ଓଡିଏମ୍ ପବ୍ଲିକ ସ୍କୁଲ୍ର ଛାତ୍ର ସତ୍ୟେନ୍ଦୁ କର (୯୯.୯୮) ପରସେଣ୍ଟାଇଲ୍ ସହ ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରିଥିଲାବେଳେ ଯଶ୍ ବର୍ଦ୍ଧନ ପ୍ରତିହସ୍ତ (୯୯.୯୧), ପୁଲକ ରଞ୍ଜନ ମଲ୍ଲିକ୍ (୯୯.୮୩), ସ୍ୱାଭିମାନ୍ ନାୟକ (୯୯.୭୧), ଅନୁପ୍ରାସ୍ ପଟ୍ଟନାୟକ (୯୯.୫୧), ସ୍ୱୟମ୍ ଶତପଥୀ (୯୯.୫୧), ରୋହନ୍ ରାଜ୍ (୯୯.୨୫), ଜନ୍ମେଜୟ ଭୂଇଁଆ (୯୯.୧୪) ଏବଂ ସ୍ୱୟଂଶ୍ରୀ ଗାହଣ (୯୯.୦୪) ପରସେଣ୍ଟାଇଲ୍ ନମ୍ବର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡିଏମ୍ ଗ୍ଲୋବାଲ୍ ସ୍କୁଲର ଦେବାଶିଷ୍ ପଣ୍ଡା (୯୯.୯୫), ଆଶୁତୋଷ ନାୟକ (୯୯.୮୫), ପ୍ରତ୍ୟୁଷ କୁମାର ମାସାନ୍ତା (୯୯.୬୯), ମୀତଲ ରାଉତ(୯୯.୪୪) ଏବଂ ଅତୁଲିତ୍ ସରୱାଗୀ (୯୯.୨୬) ପରସେଣ୍ଟାଇଲ୍ ସହ କୃତିତ୍ୱ ହାସଲକରି ବିଦ୍ୟାଳୟର ସମ୍ମାନ ଓ ପ୍ରତିଷ୍ଠା ବଢାଇଛନ୍ତି। ଓଡିଏମ୍ ଶିକ୍ଷା-ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଓଓ) ସ୍ୱୟନ ସତ୍ୟେନ୍ଦୁଙ୍କ ସମେତ ଉଭୟ ଶିକ୍ଷାନୁଷ୍ଠାନ ବହୁ ବରିଷ୍ଠ ଅଧିକାରୀ ତଥା ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉକ୍ତ ସଫଳତା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ୩ୟ ତ୍ରୈମାସିକରେ ୧୭% ବୃଦ୍ଧି

ଭୁବନେଶ୍ୱର,୧୩।୨

ବନ୍ଧନ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ୟାଙ୍କର ମୋଟ ବ୍ୟବସାୟ ଏହି ସମୟ ମଧ୍ୟରେ ୧୭% ବୃଦ୍ଧି ପାଇ ୨.୩୩ ଲକ୍ଷ କୋଟି ଟଙ୍କା ହୋଇଥିଲାବେଳେ ମୋଟ ଜମାରେ ବ୍ୟାଙ୍କର ରିଟେଲ୍ ଅଂଶ ବର୍ତ୍ତମାନ ୭୨% ରହିଛି। ବିଶେଷକରି ବିତରଣରେ ସମ୍ପ୍ରସାରଣ ଓ ଅନୁକୂଳ ପରିଚାଳନା ପରିବେଶକୁ ନେଇ ୩ୟ ତ୍ରୈମାସିକରେ ବ୍ୟାଙ୍କ ସନ୍ତୁଳିତ ଅଭିବୃଦ୍ଧି ହାସଲ କରିଛି। ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୧୫% ବୃଦ୍ଧି ପାଇଛି। ବର୍ତ୍ତମାନ ବ୍ୟାଙ୍କର ମୋଟ ଜମା ୧.୧୭ ଲକ୍ଷ କୋଟି ଟଙ୍କା ଏବଂ ମୋଟ ଅଗ୍ରିମ ପରିମାଣ ୧.୧୬ ଲକ୍ଷ କୋଟି ଟଙ୍କା ହୋଇଛି। ସେହିପରି (କରେଣ୍ଟ) ଚଳନ୍ତି ଖାତା ଓ (କାସା) ସଞ୍ଚୟ ଖାତା ପୁସ୍ତିକା ମୋଟ ଜମାର ୩୬.୧% ରହିଛି। ବ୍ୟାଙ୍କ ସ୍ଥିରତାର ସଙ୍କେତ ଭାବେ ବିଚାର କରାଯାଉଥିବା ପୁଞ୍ଜି ସ୍ୱଚ୍ଛତା ଅନୁପାତ (ସିଏଆର୍) ଦ୍ୱିତୀୟ ୧୯.୨% ରହିଛି ଯାହା ନିୟାମକ ଆବଶ୍ୟକତା ତୁଳନାରେ ଅଧିକ ରହିଛି। ସେହିଭଳି ୩ୟ ତ୍ରୈମାସିକରେ ବ୍ୟାଙ୍କ ସାରା ଦେଶରେ ମୋଟ ୨୬ଟି ଶାଖା ଖୋଲିଛି, ଦେଶରେ ୬୨୫୦ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଜରିଆରେ ୩.୨୫କୋଟିରୁ ଅଧିକ ଗ୍ରାହକଙ୍କୁ ବ୍ୟାଙ୍କ ସେବା ପ୍ରଦାନ କରୁଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମ୍ଡି ତଥା ସିଇଓ ଚନ୍ଦ୍ରଶେଖର ଘୋଷ କହିଛନ୍ତି, ବହୁ ବର୍ଷ ଧରି ତୃତୀୟ ତ୍ରୈମାସିକ ବ୍ୟାଙ୍କ ପାଇଁ ଏକ ଅଭିବୃଦ୍ଧି ପର୍ଯ୍ୟାୟ ହୋଇ ରହିଛି। ଏହି ତ୍ରୈମାସିକର ଶୁଭାରମ୍ଭ ବେଳେ ବ୍ୟାଙ୍କ କୋର୍ ବ୍ୟାଙ୍କିଙ୍ଗ ସିଷ୍ଟମ୍ (ସିବିଏସ୍) ଆଡ଼କୁ ଅଗ୍ରସର ହୋଇଥିଲା।

# ବେଦାନ୍ତ ମେଟାଲ ବଜାରର ଶୁଭାରମ୍ଭ




ଭୁବନେଶ୍ୱର,୧୩।୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍ର ଅଗ୍ରଣୀ କମ୍ପାନୀ ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଇ କମର୍ସ ପ୍ଲାଟ୍ଫର୍ମ 'ମେଟାଲ ବଜାର'ର ସର୍ବଭାରତୀୟ ସ୍ତରରେ ଉନ୍ମୋଚନ (ଶୁଭାରମ୍ଭ) ହୋଇଯାଇଛି। ଏପରିକି ଏହା ଏକ ଅଭିନବ ନୂଆ ଇ-ସୁପରଷ୍ଟୋର ହୋଇଥିଲାବେଳେ ପ୍ରାଥମିକ ଆଲୁମିନିୟମ କାରବାର ପାଇଁ ଏହା ବେଶ୍ ସହାୟକ ହେବ। ଉକ୍ତ ପ୍ଲାଟ୍ଫର୍ମରେ ୭୫୦ରୁ ଅଧିକ ପ୍ରକାର ଆଲମିନିୟମ ଉତ୍ପାଦ ବିକ୍ରି କରାଯିବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ, ବେଦାନ୍ତ ମେଟାଲ ବଜାରକୁ ଗ୍ରାହକ ଏକ ସ୍ୱତନ୍ତ୍ର ପୋର୍ଟାଲ ଲିଙ୍କ୍ ମାଧ୍ୟମରେ portal link: https://browse.vedantametalbazaar.moglix.com/catalog/aluminium ସଂଯୋଗ (ଯୋଗାଯୋଗ) କରାଯାଇପାରିବ। ସେହିଭଳି ଉକ୍ତ ଲିଙ୍କ୍କୁ ଗୁଗଲ ପ୍ଲେ ଷ୍ଟୋର ଓ ଆପଲ ପ୍ଲେ ଷ୍ଟୋରରୁ ଡାଉନ୍ଲୋଡ୍ କରାଯାଇପାରିବ। ଅନ୍ଲାଇନ ଜରିଆରେ ପ୍ରଦାନ କରାଯାଉଥିବା ଉତ୍ପାଦ ମଧ୍ୟରେ ଇନ୍ଗଟ୍, ବିଲେଟ, ପ୍ରାଇମେରି ଫାଉଣ୍ଡରି ଆଲଏ, ଓ୍ୱାର ରଡ୍, ରୋଲ୍ଡ ପ୍ରଡକ୍ଟ ଭଳି ଆଲୁମିନିୟମ ଉତ୍ପାଦ ଉପଲବ୍ଧ ରହିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ କହିଛନ୍ତି, ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରୁ ଭାରତ ଅନ୍ୟତମ ହୋଇଥିବାବେଳେ ଦେଶର କ୍ରମାଗତ ବୃଦ୍ଧି ପାଇଁ ଆଲୁମିନିୟମର ପ୍ରମୁଖ ଭୂମିକା ରହିଛି। ଏପରିକି ବେଦାନ୍ତ ଆଲୁମିନିୟମରେ ଗ୍ରାହକଙ୍କୁ ପ୍ରାଧାନ୍ୟ ଦେଇ ଆମେ ସମାଧାନର ପନ୍ଥା ଖୋଜିଥାଉ, ଯାହା ଆମ ଗ୍ରାହକଙ୍କ ପାଇଁ ବ୍ୟବସାୟିକ ସଫଳତାକୁ ସୁନିଶ୍ଚିତ କରିବା ସହ ଦେଶର ଅଭିବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ। ସେହିଭଳି ବେଦାନ୍ତ ମେଟାଲ ବଜାର କ୍ରେତାମାନଙ୍କୁ ଠିକ୍ ସମୟରେ ବିତରଣ, ରିଅଲ୍-ଟାଇମ ଏଆଇ-ଆଧାରିତ ମୂଲ୍ୟ ଆବିଷ୍କାର ଏବଂ ସେମାନଙ୍କର କ୍ରୟର ଏଣ୍ଡ-ଟୁ-ଏଣ୍ଡ ଭିଜିବିଲିଟି, ଅର୍ଡର ପ୍ଲେସ୍ମେଣ୍ଟଠାରୁ ଡେଲିଭରି ପର୍ଯ୍ୟନ୍ତ ଏକ ଦୃଢ ଉତ୍ପାଦନ ଯୋଜନା ପାଇଁ ଅନୁମତି ଏବଂ ଅଧିକ କୌଶଳ ବିନିଯୋଗ ପାଇଁ ସେମାନଙ୍କର ପୁଞ୍ଜି ମୁକ୍ତ କରିବାରେ ଏହା ସାହାଯ୍ୟ କରିଥାଏ।

GOVERNMENT OF ODISHA No. O-1529

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH

At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com

No. Tender Online - RWCCESNG-54 of 2023-24 Letter No. 445 Dtd.12.02.2024

e-Procurement NOTICE

1. Type of the Work : Road (MMSY - TRIP)
2. Class of Contractor : As specified in the Column - 6 of the Annexure
3. Time of Completion : As specified in the Column - 5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column - 4 of the Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 54 of 2023-24 | 16.02.2024 11.00 A.M. | 02.03.2024 5.00 P.M. | 01.03.2024 5.00 P.M. | 04.03.2024 11.00 A.M. | Will be intimated separately |

Further details can be seen from the website www.tendersodisha.gov.in.

OIPR-25133/11/0075/2324 Sd./- Chief Construction Engineer I/C, Rural Works Circle, Sundargarh

GOVERNMENT OF ODISHA No. C-3072

OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA

e-mail: eephd.rgda.od@nic.in, eephdrgda@gmail.com

NATIONAL COMPETITIVE BIDDING THROUGH e-Procurement

INVITATION FOR BIDS (IFB) NO. EEPHDRAYAGADA-64/2023-24 DT.07.02.2024

| Sl. No. | Name of the Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1 | Procurement of D.I. Pipe for the work "Augmentation of Water Supply to Gunupur Town under AMRUT 2.0 (SWAP-II)" | EEPHDRAYAGADA-64/2023-24 Dtd.07.02.2024 | 840.59 | Reputed Manufacture | 1 (One) Month | 22.02.2024 (11.00 Hr.) | 07.03.2024 (17.00 Hr.) |

Name & Address of Officer Inviting Bid : Executive Engineer, P.H. Division, Rayagada.
Email: eephd.rgda.od@nic.in, eephdrgda@gmail.com.

- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

OIPR-13052/11/0018/2324 Sd./- Executive Engineer, P.H. Division, Rayagada

No. C-3058

HOUSING AND URBAN DEVELOPMENT DEPARTMENT

OFFICE OF THE BARGARH MUNICIPAL COUNCIL, BARGARH

At/P.O./Dist.: Bargarh, PIN - 768028

No. 509 Invitation for Bids Date: 12.02.2024

BID IDENTIFICATION No. 10/BGH-MUN/2023-24

| | | | |
|---|---|---|---|
| 1 | Nature of Work | : | Civil Work |
| 2 | No. of Work | : | 69 Nos. |
| 3 | Amount put to Tender (in lakh) | : | As per DTCN |
| 4 | Bid Cost | : | As per DTCN |
| 5 | Class of Contractor | : | "D" & "C" |
| 6 | Availability of Bid Documents in Website | : | From 09.00 Hrs. Dt.13.02.2024 to 17.00 Hrs. Dt.20.02.2024 |
| 7 | Date of Opening of Bid | : | Dt.21.02.2024 11.00 Hrs. |

The bidders have to participate in ONLINE bidding only. Further details can be seen from the website i.e. http://tenderodisha.gov.in. Any addendum/corrigendum/cancellation of tender can also be seen only in the said website.

Sd./- Executive Officer, Bargarh Municipality

OIPR-13103/11/0023/2324

BHUBANESWAR MUNICIPAL CORPORATION

Notice No.7173/2023-24 Dt:09.02.2024

File No.xxxxxvDrainage 63/2024

REQUEST FOR PROPOSAL FOR SELECTION OF AGENCY FOR PLANTATION DEVELOPMENT, IRRIGATION AND MAINTENANCE ALONG DRAIN NO.7 IN BMC AREA

No.C-3064: Bhubaneswar Municipal Corporation (BMC) invites proposals from reputed Agencies Plantation Development, Irrigation and Maintenance along Drain No.7 in BMC area. Interested agencies may participate for this tender and submit their Proposal in conformity with terms and conditions of this Advertisement and the Request for Proposal (RFP). The detailed Request for Proposal (RFP) document can be downloaded from BMC website i.e. bmc.gov.in from 11.00 AM of 12.02.2024 to 04.00 PM of 22.02.2024. The last date of receipt of technical and financial bids is 22.02.2024 till 4.00 PM and the same would be opened on 22.02.2024 at 5.00 P.M. Please refer the RFP documents for further details.

BMC reserves the right to cancel this invitation and/ or invite fresh Bid/ RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

By Order of Commissioner, Bhubaneswar Municipal Corporation

Sd./- Superintending Engineer, Drainage Division, Bhubaneswar Municipal Corporation

OIPR-13002/11/0276/2324

OFFICE OF THE MUNICIPAL COUNCIL, DEOGARH

Phone No. 06641-295020, E-mail: eo-deogarhmncp@gov.in

No. 459/DMC Dt.12.02.2024

"e" Procurement Notice

Bid Identification No. EO/DM/02/2023-24

No. C-3057: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in.

1. Nature of Work : Civil Work
2. No. of Works : 14 Nos.
3. Estimated Cost : As per NIT
4. Period of Completion : As per NIT
5. Date and time of availability of the Documents in the Portal : From 15 hours of 12.02.2024 to 17 hours of 21.02.2024
6. Last date/time for receipt of Bids in the Portal : Dt.21.02.2024 at 17 hours
7. Original Document Submitted : Dt.22.02.2024 at 17 hours
8. Bids received online shall be opened on : Dt.23.02.2024 at 12 hours
9. Name and Address of the Officer Inviting Bid : Executive Officer, Deogarh Municipality

Further the details can be seen from the procurement portal www.tendersodisha.gov.in.

Sd./- Executive Officer, Deogarh Municipality

OIPR-13088/11/0006/2324

**ମୁରଲୀଧରଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କଲା କଂଗ୍ରେସ**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ନିର୍ଦ୍ଦେଶକ୍ରମେ ପିସିସି ସଭାପତି ଶରତ ପଟ୍ଟନାୟକ ପୂର୍ବତନ ଏମ୍‌ପି ମୁରଲୀଧର ଜେନାଙ୍କ ଉପରେ ହୋଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛନ୍ତି। ସେ ଭଦ୍ରକ ଲୋକ ସଭା ଆସନରୁ ୧୯୯୬ରେ ଏମ୍‌ପି ଭାବେ ବିଜୟୀ ହୋଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଏନ୍.ଜୋଶୁରାଜ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ହନଷିତ ରାଜ (ବାବୁ)**
(ଫାଲ୍‌କନ୍ କ୍ରେଷ୍ଟ, ଶାମପୁର, ଭୁବନେଶ୍ୱର)
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା।
ଆଶୀର୍ବାଦ ସହ: ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଈ ଏବଂ ପରିବାରବର୍ଗ
ଧ-୭୩୭୯୭

## ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



**ଲାସ୍ୟା ତାପସୀ (ରାଣୀ)**
(ଫାଲ୍‌କନ୍ କ୍ରେଷ୍ଟ, ଶାମପୁର, ଭୁବନେଶ୍ୱର)
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା।
ଆଶୀର୍ବାଦ ସହ: ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଈ ଏବଂ ପରିବାରବର୍ଗ
ଧ-୭୩୭୯୮

## ଜନ୍ମଦିନର ଶୁଭେଚ୍ଛା



**ଶୋଭିତ ପାଢ଼ୀ**
ବ୍ରହ୍ମପୁର
ଆଜି ତୋର ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଏତିକି ପ୍ରାର୍ଥନା ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ। ଭଲ ମଣିଷ କରି ଗଢ଼ି ତୋଳାନ୍ତୁ। ତୋର ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ଗୁନ୍, ଗୁଡୁଲି, ଶ୍ରେୟା, ମାମା, ପାପା, ମା, ବାପା, ଅଜା, ଆଈ, ବନ୍ଧୁ ଓ ପରିବାରବର୍ଗ।
ଧ-୨୫୨୦

# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**OAS HUB**
*Make your dreams into reality*
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପ୍ରଥମ ପୃଷ୍ଠାରୁ...

## ଆନ୍ଦୋଳନକାରୀଙ୍କୁ ଲାଠିମାଡ଼...

ମଜଦୁର ମୋର୍ଚ୍ଚା ପକ୍ଷରୁ ଫେବୃୟାରୀ ୧୬ରେ 'ଭାରତ ବନ୍ଦ' ଡାକରା ଦିଆଯାଇଥିବାରୁ ୧୪୪ ଧାରା ଜାରି ସହ ସର୍ବାଧିକ ସତର୍କତା ଅବଲମ୍ବନ କରାଯାଇଛି। ଇତିମଧ୍ୟରେ କେନ୍ଦ୍ର କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି, ସମସ୍ତ ପକ୍ଷଙ୍କ ସହ ବିଚାରବିମର୍ଶ ନ କରି ଏମ୍‌ଏସ୍‌ପି ସମ୍ପର୍କିତ ଆଇନ ତରବରିଆ ଭାବେ ଅଣାଯାଇପାରିବ ନାହିଁ। ଏହି ପ୍ରସଙ୍ଗରେ ବିକ୍ଷୋଭକାରୀ କୃଷକମାନଙ୍କୁ ସରକାରଙ୍କ ସହ ଫଳପ୍ରଦ ଆଲୋଚନା କରିବାକୁ ସେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ କ୍ଷମତାକୁ ଆସିଲେ 'କିଷାନ ନ୍ୟାୟ ଗ୍ୟାରେଣ୍ଟି' ନାମରେ ଫସଲର ଏମ୍‌ଏସ୍‌ପି ପାଇଁ ନିଜ ବୈପ୍ଳବିକ ପ୍ରତିଶ୍ରୁତି ପାଳନ ପୂର୍ବକ ତୁରନ୍ତ ଆଇନ ଆଣିବ ବୋଲି ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ୨୦୨୦ ସେପ୍ଟେମ୍ବରରେ କେନ୍ଦ୍ର ସରକାର କୃଷକଙ୍କ ଉତ୍ପାଦ ବ୍ୟାପାର ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସରଳୀକରଣ) ଆଇନ, କୃଷକ (ସଶକ୍ତୀକରଣ ଓ ପ୍ରୋତ୍ସାହନ) ମୂଲ୍ୟ ଆଶ୍ୱାସନା ଓ କୃଷି ସେବା ଚୁକ୍ତି ସମ୍ପର୍କିତ ଆଇନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ନାମରେ ୩ଟି କୃଷି ଆଇନ ଆଣିଥିଲେ। ଏହି ଆଇନରେ ଏମ୍‌ଏସ୍‌ପି ବ୍ୟବସ୍ଥା ନ ଥିବା ଏବଂ ଖାଦ୍ୟଶସ୍ୟ ଦର ନିର୍ଦ୍ଧାରଣ ଉପରେ ବୃହତ୍ ଶିଳ୍ପଗୋଷ୍ଠୀଙ୍କ ଏକଚାଟିଆ ଅଧିକାର ରହିବା ଆଶଙ୍କା କରି କୃଷକମାନେ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ପ୍ରାୟ ବର୍ଷେ ଧରି ଆନ୍ଦୋଳନ ଚଳାଇଥିଲେ। କେନ୍ଦ୍ର ସରକାର ୨୦୨୧ ନଭେମ୍ବର ୧୯ରେ କୃଷକଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ୩ ବିବାଦୀୟ ଆଇନ ପ୍ରତ୍ୟାହାର ଘୋଷଣା କରିଥିଲେ। ଏଥିସହ ଏମ୍‌ଏସ୍‌ପି ଆଇନ ଆଣିବା ନେଇ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏମ୍‌ଏସ୍‌ପି ଉପରେ ଏ ପର୍ଯ୍ୟନ୍ତ କୌଣସି ଆଇନ ଅଣାଯାଇ ନ ଥିବାରୁ ପୁଣି ଥରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି। ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ କିଷାନ ମଜଦୁର ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା 'ଦିଲ୍ଲୀ ଚଲୋ' ଆହ୍ୱାନକ୍ରମେ କୃଷି ପ୍ରଧାନ ରାଜ୍ୟଗୁଡ଼ିକରୁ ଚାଷୀମାନେ ଦିଲ୍ଲୀମୁହାଁ ହୋଇଛନ୍ତି। ଏମ୍‌ଏସ୍‌ପି ଆଇନ, ଋଣଛାଡ଼ ଏବଂ ପୂର୍ବ ଆନ୍ଦୋଳନ ବେଳେ କୃଷକଙ୍କ ବିରୋଧରେ ରୁଜୁ ମାମଲା ପ୍ରତ୍ୟାହାର ସମେତ ଅନେକ ଦାବିକୁ ନେଇ ସେମାନେ ସରକାରଙ୍କ ଉପରେ ଚାପସୃଷ୍ଟି ପାଇଁ ବିକ୍ଷୋଭ ଚଳାଇଛନ୍ତି। ଟ୍ରାକ୍ଟର ଟ୍ରଲିଗୁଡ଼ିକରେ କୃଷକଙ୍କ ସହ ମହିଳାମାନେ ମଧ୍ୟ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଛନ୍ତି। ସେମାନଙ୍କୁ ରୋକିବା ପାଇଁ ମହିଳା ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପଞ୍ଜାବର ଫତେଗଡ଼ ସାହିବରେ ଶତାଧିକ ଟ୍ରାକ୍ଟରକୁ ଅଟକାଯାଇଛି। ପୋଲିସ ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ କରି ରାସ୍ତା ଅବରୋଧ କରିଥିବାବେଳେ ଅମୃତସରରୁ ବାହାରିଥିବା ଶୋଭାଯାତ୍ରାରେ ଏକ ଏକ୍ସାଭେଟର ରହିଛି। ବ୍ୟାରିକେଡ୍‌ଗୁଡ଼ିକୁ ଭାଙ୍ଗିବା ପାଇଁ ଏହାକୁ ବ୍ୟବହାର କରାଯିବ ବୋଲି ଚାଷୀମାନେ କହିଛନ୍ତି। ହରିୟାଣାରୁ ଦିଲ୍ଲୀ ଯାଇଥିବା ରାଜପଥରେ ମଧ୍ୟ ପୋଲିସ ବହୁ ସଂଖ୍ୟକ ଟ୍ରାକ୍ଟରକୁ ରୋକିଦେଇଛି। ରାଜଧାନୀର ପ୍ରମୁଖ ପ୍ରବେଶ ସ୍ଥଳଗୁଡ଼ିକରେ ଦିଲ୍ଲୀ ପୋଲିସ ବହୁସ୍ତରୀୟ ସୁରକ୍ଷା ବନ୍ଦୋବସ୍ତ କରିଛି। ବ୍ୟାରିକେଡିଂ ସହ ଟ୍ରାକ୍ଟରର ଟାୟାର ଫାଟିବା ଭଳି କଣ୍ଟା ବିଛାଇଛି। ହରିୟାଣାର ଚାଷୀମାନେ ବ୍ୟାରିକେଡ୍ ଭାଙ୍ଗି ଘଗ୍ଗର ନଦୀ ବ୍ରିଜକୁ ଫିଙ୍ଗିଦେଇଛନ୍ତି। ସେମାନଙ୍କୁ ଘଉଡ଼ାଇବା ପାଇଁ ଡ୍ରୋନ୍ ସହାୟତାରେ ଲୁହବୁହା ବାଷ୍ପ ଛଡ଼ାଯାଇଛି। ଅନେକ ସ୍ଥାନରେ ଦଙ୍ଗାନିରୋଧୀ ଗାଡ଼ି ଓ ୱାଟର କ୍ୟାନନ୍ ମୁତୟନ କରାଯାଇଛି। କେତେକ ସ୍ଥାନରେ ପୋଲିସ ଓ କୃଷକ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ସୋମବାର କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏବଂ ଖାଦ୍ୟ ଓ ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପୀୟୂଷ ଗୋୟଲ ଚଣ୍ଡିଗଡ଼ରେ କୃଷକ ନେତାମାନଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଉଭୟ ପକ୍ଷଙ୍କ ମଧ୍ୟରେ ସହମତି ପ୍ରକାଶ ନ ପାଇବାରୁ କୃଷକମାନେ ମଙ୍ଗଳବାରଠାରୁ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛନ୍ତି। ପୂର୍ବରୁ ୨୦୨୦ ସେପ୍ଟେମ୍ବରରୁ ୧୩ ମାସ ଧରି କୃଷକ ଆନ୍ଦୋଳନ ଚାଲିଥିଲା। ଆଗକୁ ସାଧାରଣ ନିର୍ବାଚନ ଥିବାରୁ କୃଷକମାନେ ସରକାରଙ୍କ ଉପରେ ଚାପ ସୃଷ୍ଟି ପାଇଁ ଯେତେ ଅଧିକ ଦିନ ସମ୍ଭବ ଆନ୍ଦୋଳନ ଜାରି ରଖିବାକୁ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ପଞ୍ଜାବର ଗୁରୁଦାସପୁର ଚାଷୀ ହରଭଜନ ସିଂ କହିଛନ୍ତି, ଅନ୍ୟୂନ ୬ ମାସ ପାଇଁ ଆମେ ପ୍ରସ୍ତୁତ ହୋଇ ରହିଛୁ। ସାଙ୍ଗରେ ପର୍ଯ୍ୟାପ୍ତ ଡିଜେଲ ଓ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଦିଲ୍ଲୀ ଯାଉଛୁ।

## ନିରୁଦ୍ଦିଷ୍ଟ



**ସଞ୍ଜୁଲତା ବିଶ୍ୱାଳ**
ଏହି ମହିଳା ଜଣଙ୍କ ନିମାପଡ଼ା ବ୍ଲକରୁ ନିଖୋଜ ଅଛନ୍ତି ଯଦି କୌଣସି ବ୍ୟକ୍ତି ଦେଖନ୍ତି ତେବେ ଆମକୁ କଲ୍ କରନ୍ତୁ। Mob- 9000231173, 9178072920 ହଜିଯାଇଥିବା ମହିଳାଙ୍କୁ କୌଣସି ବ୍ୟକ୍ତି ଆମକୁ ଯୋଗାଯୋଗ କଲେ ସେହି ବ୍ୟକ୍ତିଙ୍କୁ ଟ.୧୦,୦୦୦/- ଦିଆଯିବ।
ଧ-୨୫୨୪

## ଆନ୍ଦୋଳନରେ ଶିକ୍ଷକ...

ଅନୁଦାନ ପାଇ ନ ଥିବା ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଅବସରକାଳୀନ ସୁବିଧା, ୨୨୬ ଓ ୩୯୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ କରିବା ଆଦି ଦାବିକୁ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପାଳନ କରୁ ନ ଥିବାରୁ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ପୂରଣ ଦିଗରେ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରନ୍ତୁ ବୋଲି ଓଷ୍ଟା ଦାବି କରିଛି। ଯଦି ସରକାର ପରୀକ୍ଷା ପୂର୍ବରୁ କୌଣସି ନିଷ୍ପତ୍ତି ନ ନିଅନ୍ତି, ତେବେ ଆମେ ପରୀକ୍ଷା ପରିଚାଳନାରେ କିଛି ଦୃଢ଼ ପଦକ୍ଷେପ ନେବୁ ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି। ସେ କହିଛନ୍ତି, ଦାବି ନେଇ ସରକାରଙ୍କ ସହ ବାରମ୍ବାର ଆଲୋଚନା ହେଉଛି, ପ୍ରତିଶ୍ରୁତି ମଧ୍ୟ ମିଳୁଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ନିଜେ ଏ ଦିଗରେ ହସ୍ତକ୍ଷେପ କରି ନିଷ୍ପତ୍ତି ନିଅନ୍ତୁ। ନଚେତ୍ ମାଟ୍ରିକ ପରୀକ୍ଷା ପରିଚାଳନାରେ ବହୁ ସମସ୍ୟା ହେବ। ସେଥିପାଇଁ ସରକାର ଦାୟୀ ରହିବେ।

ସେପଟେ ରାଜ୍ୟର ୬୮୪ଟି କଲେଜର ଅଧ୍ୟାପକମାନେ ମଧ୍ୟ ଆନ୍ଦୋଳନରେ ଅଛନ୍ତି। ଫଳରେ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ଯୁକ୍ତ୨ ପରୀକ୍ଷା ପରିଚାଳନାରେ ବି ସମସ୍ୟା ଦେଖାଯିବାର ସମ୍ଭାବନା ରହିଛି। ୬୬୨ ବର୍ଗ କଲେଜ ସଂଘର ଆନ୍ଦୋଳନକୁ ବର୍ଷେ ପୂରିଛି। ଏହା ଭିତରେ ୭ଥର ମହାସମାବେଶ ମଧ୍ୟ ହୋଇଛି। ଗତ ୫ ତାରିଖରେ ମଧ୍ୟ ଅଧ୍ୟାପକମାନେ ଭୁବନେଶ୍ୱରରେ ବିକ୍ଷୋଭ କରିଥିଲେ। ସମାନ କାମକୁ ସମାନ ଗ୍ରେଡ୍ ପେ ଆଧାରରେ ଦରମା ପ୍ରଦାନ, ଏହି ବର୍ଗର କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପରିସରଭୁକ୍ତ କରିବା, ୨୦୧୮ ଜିଓରେ ଉପକୃତ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ଓ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଦାବିରେ ୫ହଜାର ଶିକ୍ଷକ ଏବଂ ୪ହଜାର ଅଣଶିକ୍ଷକ ଏହି ବିକ୍ଷୋଭରେ ସାମିଲ ଥିଲେ। ତେବେ ୬ତାରିଖ ଦିନ ସରକାର ସଂଘ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହ ପରୀକ୍ଷାରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ସଂଘ ପକ୍ଷରୁ ଆମରଣ ଅନଶନକୁ ସାମୟିକ ସ୍ଥଗିତ ରଖାଯାଇଛି। କିନ୍ତୁ ପ୍ରତିଦିନ ସବୁ କଲେଜ ସମ୍ମୁଖରେ ଶିକ୍ଷକମାନେ ଏକଘଣ୍ଟା ଧାରଣାରେ ବସୁଛନ୍ତି। ଆସନ୍ତା ଯୁକ୍ତ୨ ପରୀକ୍ଷା ପୂର୍ବରୁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସଂଘ ସଭାପତି ଗୋଲକ ନାୟକ କହିଛନ୍ତି। ସେ କହିଛନ୍ତି, ପିଲାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମେ ଆମରଣ ଅନଶନକୁ ସ୍ଥଗିତ ରଖିଲୁ। ଏବେ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ସରକାର ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ମଧ୍ୟରେ ଦୂରତା ସୃଷ୍ଟି କରୁଛନ୍ତି। ଆମେ ଆଗରୁ କେବେ ପରୀକ୍ଷାରେ ଅସହଯୋଗ କରିନାହୁଁ। ତେଣୁ ଏଥର ବି କରିବୁନି। କିନ୍ତୁ କଳାବ୍ୟାଜ୍ ପିନ୍ଧି ପରୀକ୍ଷା ପରିଚାଳନା କରିବୁ। ଆବଶ୍ୟକ ପଡ଼ିଲେ ମୂଲ୍ୟାୟନ ବର୍ଜନ କରିବୁ ବୋଲି ନାୟକ କହିଛନ୍ତି।

## ସତ୍ୟେନ୍ଦୁ କର...

ରାଜ୍ୟ ଟପ୍ପର ହୋଇଛନ୍ତି। ସେ ହେଉଛନ୍ତି ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲର ଛାତ୍ର। ସୂଚନାଯୋଗ୍ୟ, ଏହି ପରୀକ୍ଷା ୨୯୧ ସହରର ୫୪୪ କେନ୍ଦ୍ରରେ ହୋଇଥିଲା। ଏଥିମଧ୍ୟରେ ଦେଶ ବାହାରେ ୨୧ଟି ପରୀକ୍ଷା କେନ୍ଦ୍ର ରହିଥିଲା। ଏଥର ପ୍ରଥମଥର ଆବୁ ଧାବି, ହଂକଂ ଏବଂ ଓସ୍‌ଲୋ ସହରରେ ପରୀକ୍ଷା ହୋଇଥିଲା। ଇଂଲିଶ, ହିନ୍ଦୀ, ଓଡ଼ିଆ ସମେତ ମୋଟ ୧୩ଟି ଭାଷାରେ ଏହି ପରୀକ୍ଷା କରାଯାଇଥିଲା। ମୋଟ ୧୨ଲକ୍ଷ ୨୧ହଜାର ୬୨୪ଜଣ ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିବାବେଳେ ୧୧ଲକ୍ଷ ୭୦ହଜାର ୦୪୮ଜଣ ପରୀକ୍ଷା ଦେଇଥିଲେ।

## ଘରୋଇ ଉପଭୋକ୍ତାଙ୍କ...

ତାରିଖ ପୂର୍ବରୁ ବିଲ୍ ପୈଠ କଲେ ୟୁନିଟ୍ ପିଛା ୧୦ ପଇସା ରିହାତି ପାଇପାରିବେ। ୧୦ କିଲୋୱାଟ ବାଣିଜ୍ୟିକ, ଶିଳ୍ପ ଓ ଉପଭୋକ୍ତାମାନେ ସକାଳ ୮ଟାରୁ ୪ଟା ମଧ୍ୟରେ ଟିଓଡି ରିହାତି ୧୦ ପଇସା ପ୍ରତି ୟୁନିଟ ପିଛା ପାଇବେ। ତେବେ ସେହି ଉପଭୋକ୍ତାମାନେ ସନ୍ଧ୍ୟା ୬ଟାରୁ ରାତି ୧୨ଟା ମଧ୍ୟରେ ଟିଓଡି ଚାର୍ଜ ୟୁନିଟ ପିଛା ୨୦ ପଇସା ଦେବେ। ହେଲେ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ଯାଏ ସେହି ଉପଭୋକ୍ତାଙ୍କୁ କୌଣସି ରିହାତି ମିଳିବ ନାହିଁ।

ସୂଚନାଯୋଗ୍ୟ, ଗତ ୩ ବର୍ଷ ହେବ ରାଜ୍ୟରେ ବିଦ୍ୟୁତ୍ ଦର ବୃଦ୍ଧି କରାଯାଇ ନାହିଁ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଉପଭୋକ୍ତାଙ୍କୁ ଅସନ୍ତୁଷ୍ଟ ନ କରିବାକୁ ସରକାର ଚାହୁଁଛନ୍ତି। ଗତ ୧୫ ଦିନ ଧରି ଓଇଆର୍‌ସିରେ ବିଦ୍ୟୁତ୍ ଦର ବୃଦ୍ଧି ନେଇ ଶୁଣାଣି ଚାଲିଥିଲା। ଆସନ୍ତା ମାର୍ଚ୍ଚ ଶେଷ ଆଡ଼କୁ ଓଇଆର୍‌ସି ବିଦ୍ୟୁତ୍ ଶୁଳ୍କ ନେଇ ନିଷ୍ପତ୍ତି ଘୋଷଣା କରିଥାଆନ୍ତେ। ତେବେ ନିର୍ବାଚନ ଥିବାରୁ ଓଇଆର୍‌ସି ଆଗୁଆ ନିଷ୍ପତ୍ତି ଶୁଣାଇଛନ୍ତି।

# Classified Everyday
0674-2580101, 2549949



MATRIMONIAL

## BRIDE WANTED

**Wanted a Karan/ Khandayata, Fair, Slim MBBS, P.G. Doctor bride for a Karan MBBS, (SCB) P.G. Doctor groom, age-34, H-5'8" Fair for early marriage. Contact: 7008659094.** D-2484

Wanted suitable B.Tech/ M.Tech bride for our only son 6'2", 29 years (Gopal Caste) working in a global MNC in USA after his MS Degree from Illinois, Chicago (Caste No Bar) Contact: 9437229851. D-75519

Handsome Brahmin Boy /B.Tech /34/5'-9"/IT/ Germany/Bhubaneswar. 9439131170. D-2489

## GROOM WANTED

63 ବୟସ୍କା Retd. କରିଥିବା କରଣ casteର ବିଧବା ମହିଳାଙ୍କୁ anycasteର candidate ଆବଶ୍ୟକ। (Urgent need). 9040735429. D-2500

ବୟସ 28, କୌଣସି ଚାକିରି କରୁନଥିବା ସୁନ୍ଦରୀ ଝିଅଙ୍କ ପାଇଁ ଯେକୌଣସି ଜାତିର ବର ଆବଶ୍ୟକ। 6370559357. D-75313

Now Matrimonial ads. only on Wednesday & Sunday Book 1 Get 1 FREE

ପୁରୀ ବାସିନ୍ଦା 47 ବୟସ୍କା Widow Postal ଚାକିରିଆ ସୁନ୍ଦର ବ୍ରାହ୍ମଣ ଘରର ଝିଅଙ୍କୁ ବରପାତ୍ର ଆବଶ୍ୟକ। 8327715036. D-2525



REAL ESTATE

## SALE

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

**ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614.** D-75299

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

**2BHK Readymade new Flat Sale at Prime location near Ravi Talkies Chhak. Railway station and Airport are just 10 minutes away. Bank finance available. Only Buyer please call for details: 9438220432/ 8144658008.** D-2552

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493

Book 3BHK, 4BHK premium flat at Saubhagya Nagar, Near Khimji & Narula Sweets, Bhubaneswar. Handover Aug.24. Contact: 9439716901. D-75520

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

**ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker. 9437765989.** D-75902

**କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ SUM-2 (Hospital) ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 9658562429.** D-75906

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



Healthcare

Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

"Only Ayurvedic body massage & Steam-Bath. 9861550765". D-2495

Herbal full body massage by smart/expert therapist. Contact- 9124139069. D-75706

## AFFIDAVIT

I Minati Kumari Padhy, W/o Pitambar Panda, resident of At- kunjabangarh (Gopinathsahi), P.O./P.S.- Daspalla, Dist.- Nayagarh, PIN-752084,Odisha declare by this affidavit No.- 192, dt. 12.02.2024 that now onwards I shall be known as Minati Panda for all future purposes. D-2521

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

## ଶ୍ରଦ୍ଧାଞ୍ଜଳି



**୰ବିନ ସିଂହ**
ପଛିକୋଟଗଡ଼, ଯାଜପୁର
ଆବିର୍ଭାବ- ୧୯୫୭
ତିରୋଧାନ- ୧୯୯୯, ଶ୍ରୀପଞ୍ଚମୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ- ପୁତ୍ର: ଅପୁ ଓ ପରିବାରବର୍ଗ
ଧ-୨୫୦୮

## ଏକାଦଶାହ ଉପଲକ୍ଷେ
ଗଭୀର ଶ୍ରଦ୍ଧାଞ୍ଜଳି



**୰ ଦେବରାଜ ପ୍ରଧାନ**
ପୂର୍ବତନ ମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ ମଣିଷ ୰ଦୋଳ ଗୋବିନ୍ଦ ପ୍ରଧାନଙ୍କ ଜ୍ୟେଷ୍ଠପୁତ୍ର
ଆବିର୍ଭାବ: ୧୩.୦୨.୧୯୫୭
ତିରୋଧାନ:୦୪.୦୨.୨୦୨୪
ଢିହସାହି, ଗଡ଼ିରାଉତପାଟଣା, କଟକ
ଆପଣ ଯିବା ଦିନରୁ ଆମ ପରିବାରରେ ନିଦ ହଜିଯାଇଛି।
ପତ୍ନୀ ଶ୍ରୀମତୀ ଅନିକା ପ୍ରଧାନ
ଭାଇ-ବିଜୟ, ପୁଷ୍ପରାଜ,
ସଂଜୟ, ପୃଥୀରାଜ, ପ୍ରଜ୍ଞାରାଜ
ଭଉଣୀ- ସତ୍ୟଭାମା, ହୈମବତୀ
୰ ଦେବରାଜ ପ୍ରଧାନ, ଟ୍ରଷ୍ଟି, ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟଙ୍କ ବିୟୋଗରେ ଆମର ଗଭୀର ଶ୍ରଦ୍ଧାଞ୍ଜଳି
ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଡ଼ଃ ପ୍ରଫେସର ବୃନ୍ଦାବନ ମିଶ୍ର
ଧ-୨୫୧୬

## ତ୍ରୟୋବିଂଶ ବାର୍ଷିକ ଶ୍ରାଦ୍ଧଦିବସ ଅବସରରେ



**ସ୍ୱର୍ଗତ ଜାନକୀ ବଲ୍ଲଭ ଦାଶ**
ପ୍ଲଟ୍ ନଂ.- ୨୦୨୫, ମହତାବ ରୋଡ଼, ଓଲ୍ଡ ଟାଉନ୍, ଭୁବନେଶ୍ୱର-୨
ତୁମର ଅମ୍ଳାନ ଆତ୍ମା ବିଭୁପଦ ତଳେ ଚିରଶାନ୍ତି ଲାଭକରୁ, ଏହାହିଁ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା। ହତଭାଗା- ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୨୫୦୪

## ଏକାଦଶାହ ଉପଲକ୍ଷେ



**୰ସୌଭାଗ୍ୟ କୁମାର ପଟ୍ଟନାୟକ**
କୁସୁନ୍ଦା, ବାଙ୍କୀ, କଟକ
ଆବିର୍ଭାବ-୧୨।୮।୧୯୭୨
ତିରୋଧାନ-୪।୨।୨୦୨୪
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୨୫୧୬

# ଅଷ୍ଟ୍ରେଲିଆ ୫–୦ରେ ବିଜୟୀ

**ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍**

ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍‌ରେ ଅଷ୍ଟ୍ରେଲିଆ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ସ୍ପେନ୍‌କୁ ୪–୩ ଗୋଲରେ ହରାଇଥିବା ଅଷ୍ଟ୍ରେଲିଆ ମଙ୍ଗଳବାର ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକତରଫା ମ୍ୟାଚରେ ଆୟର୍ଲାଣ୍ଡକୁ ୫–୦ରେ ପରାସ୍ତ କରିଛି। ପ୍ରଥମ କ୍ୱାର୍ଟରରେ ଆୟର୍ଲାଣ୍ଡ କିଛିଟା ଟକ୍କର ଦେବାରେ ସକ୍ଷମ ହୋଇଥିଲା। ଅଷ୍ଟ୍ରେଲିଆ ଆକ୍ରମଣାତ୍ମକ ଆଭିମୁଖ୍ୟ ଅବଲମ୍ବନ କରିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ମାତ୍ର ପରବର୍ତ୍ତୀ ୩ଟି କ୍ୱାର୍ଟରରେ ଅଷ୍ଟ୍ରେଲିଆ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୧୭ତମ ମିନିଟରେ ଟମ୍ କ୍ରେଗ୍ ଏକ ଫିଲ୍ଡ ଗୋଲ ଦେଇ ସ୍କୋରିଂ ଖାତା ଖୋଲିଥିବାବେଳେ ୨୨ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ସ୍କୋର କରି ଏହାକୁ ୨–୦ରେ ପରିଣତ କରିଥିଲେ ଜେରେମି ହେୱାର୍ଡ। ୨୫ତମ ମିନିଟରେ କି ୱିଲଟ ଏକ ଫିଲ୍ଡ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଅଷ୍ଟ୍ରେଲିଆ ଅଗ୍ରଣୀ ବ୍ୟବଧାନ ୩–୦ରେ ପହଞ୍ଚି ଯାଇଥିଲା। ତୃତୀୟ କ୍ୱାର୍ଟରରେ ୪୩ତମ ମିନିଟରେ ନାଥନ ଇଫ୍ରମ୍ସ ଏକ ଫିଲ୍ଡ ଗୋଲ ଦେଇ ଦଳର ବିଜୟକୁ ନିଶ୍ଚିତ କରି ଦେଇଥିଲେ। ଅନ୍ତିମ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚ ଶେଷ ହେବାକୁ ଆଉ ୩ ମିନିଟ ଥିବାବେଳେ (୫୭ତମ ମିନିଟ) କି ୱିଲଟ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୫ମ ଗୋଲଟି ସ୍କୋର କରିଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ୪୯ତମ ମିନିଟରେ ଅଷ୍ଟ୍ରେଲିଆର ଡାନିଏଲ ବାଲେ ଗ୍ରୀନ୍ କାର୍ଡ ପାଇଥିଲେ। ମ୍ୟାଚରେ ଅଷ୍ଟ୍ରେଲିଆ ମାତ୍ର ଗୋଟିଏ ପେନାଲ୍ଟି କର୍ନର ପାଇ ଏହାକୁ ଗୋଲରେ ପରିଣତ କରିଥିଲା। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ୩ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲା। ୨ ମ୍ୟାଚରୁ ୬ ପଏଣ୍ଟ ପାଇ ଅଷ୍ଟ୍ରେଲିଆ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି।


କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଅଷ୍ଟ୍ରେଲିଆ–ଆୟର୍ଲାଣ୍ଡ ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍ ମ୍ୟାଚ। (ଫଟୋ: ବିକାଶ ନାୟକ)।


ପୁରୁଷ ହକି ପ୍ରୋ ଲିଗ୍‌ରେ ମଙ୍ଗଳବାର ସ୍ପେନ୍ ବିପକ୍ଷରେ ଗୋଲ ସ୍କୋର ପରେ ଉଲ୍ଲସିତ ନେଦରଲାଣ୍ଡ୍ସ ଖେଳାଳି।

# ସିକେ ନାଇଡୁ ଟ୍ରଫି: ଅନିଲଙ୍କ ଶତକରେ ଓଡ଼ିଶା ଆଗୁଆ


ଅନିଲ ପରିଡ଼ା

ଭୁବନେଶ୍ୱର, ୧୩।୨ (ସରୋଜ ଜେନା)

୨୩ ବର୍ଷରୁ କମ୍ କର୍ନେଲ ସିକେ ନାଇଡୁ ଟ୍ରଫିରେ ଆସାମ ବିପକ୍ଷରେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି ଓଡ଼ିଶା। ଆସାମ ପ୍ରଥମ ଇନିଂସରେ ୨୨୩ ରନ୍‌ରେ ସୀମିତ ରହିଥିବା ବେଳେ ଅଧିନାୟକ ଅନୀଲ ପରିଡା (୧୩୬ ରନ)ଙ୍କ ଶତକ ବଳରେ ଓଡ଼ିଶା ୩୭୩ ରନ୍ ସ୍କୋର କରିଥିଲା। ଜବାବରେ ତୃତୀୟ ଦିନର ଷ୍ଟମ୍ପସ୍ ସୁଦ୍ଧା ଆସାମ ୭ ଉଇକେଟରେ ୧୫୦ ରନ୍ ସ୍କୋର କରିଛି। ଅନୀଲ ପରିଡା ଚମତ୍କାର ବ୍ୟାଟିଂ କରି ନିଜ ଇନିଂସ ମଧ୍ୟରେ ୧୨ଟି ଚୌକା ମାରିଥିଲେ।

# ରାଜ୍ୟ ଜୁ-ଜିତ୍ସୁ ଦଳର ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୧୩।୨ (ବିଜୟ ରଣା)

ଚଳିତ ମାସ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଡେରାଡୁନ୍‌ଠାରେ ଜାତୀୟ ଜୁ-ଜିତ୍ସୁ ପ୍ରତିଯୋଗିତା ହେବ। ଏଥିରେ ଭାଗନେବା ପାଇଁ ୨୯ଜଣିଆ ଓଡ଼ିଶା ଦଳ ମନୋନୀତ କରାଯାଇଛି। ଏହି ଖେଳାଳିମାନଙ୍କୁ ନେଇ ରାଜ୍ୟ ଜୁ-ଜିତ୍ସୁ ସଂଘ ତରଫରୁ ଏକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଆରମ୍ଭ ହୋଇଛି। ମୁଖ୍ୟ କୋଚ୍ ଅଶ୍ୱିନ ହୁନ୍ ଓ ସହକାରୀ କୋଚ୍ ସନ୍ ଲୟାଲ ଏହାର ପରିଚାଳନା କରୁଛନ୍ତି। ଗତ ଜାତୀୟ ଜୁ-ଜିତ୍ସୁ ପ୍ରତିଯୋଗିତାରେ ଓଡ଼ିଶା ୪ ସ୍ୱର୍ଣ୍ଣ ସମେତ ମୋଟ ୮ ପଦକ ହାସଲ କରିଥିଲା। ଏଥର ଯେପରି ଅଧିକ ପଦକ ହାସଲ କରାଯାଇପାରିବ ତାହାକୁ ଲକ୍ଷ୍ୟ ରଖି ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି। ଏସୀୟ ଜୁ-ଜିତ୍ସୁ ଏବଂ ଏସିଆନ ଗେମ୍ସ ଖେଳାଳି ଅନୁପମା ମଧ୍ୟ ଏହି ଶିବିରରେ ଯୋଗ ଦେଇଛନ୍ତି।

# ଜାନସେନଙ୍କ ଡବଲରେ ନେଦରଲାଣ୍ଡ୍ସ ବିଜୟୀ

ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)

ଜିପ୍ ଜାନସେନଙ୍କ ଡବଲ ଗୋଲ ବଳରେ ନେଦରଲାଣ୍ଡ୍ସ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍ ମ୍ୟାଚରେ ସ୍ପେନ୍‌କୁ ୩–୦ ଗୋଲରେ ପରାସ୍ତ କରିଛି। ଜାନସେନ ମ୍ୟାଚର ୧୫ ଓ ୫୧ତମ ମିନିଟରେ ପେନାଲ୍ଟି କର୍ନରରୁ ୨ଟି ଗୋଲ ଦେଇଥିଲେ। ୨୬ତମ ମିନିଟରେ ଅନ୍ୟତମ ଗୋଲଟି ସ୍କୋର କରିଥିଲେ ଡୁକୋ ଟେଲଗେନକାମ୍ପ। ଫଳରେ ପୂର୍ବ ମ୍ୟାଚରେ ଭାରତଠାରୁ ଶୁଟ୍‌ଆଉଟରେ ହାରିଥିବା ନେଦରଲାଣ୍ଡ୍ସ ଏହି ବିଜୟ ଫଳରେ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ମ୍ୟାଚଟି ଏକପାଖିଆ ହୋଇ ଯାଇଥିଲା। ଘଟଣାବହୁଳ ରହିଥିବା ମ୍ୟାଚରେ ନେଦରଲାଣ୍ଡ୍ସର ଡିମୋଲ ଜୋପ୍, କ୍ରୁନ୍ ଜୋରିଟ ଓ ଜିପ୍ ଜାନସେନ ଗ୍ରୀନ୍ କାର୍ଡ ପାଇଥିଲେ। ସେହିପରି ସ୍ପେନ୍‌ର ଜୋସ ବାଷ୍ଟେରା ଗ୍ରୀନ୍ ଓ ଗେରାର୍ଡ କ୍ଲାପ୍ସଙ୍କୁ ୟେଲୋ କାର୍ଡ ମିଳିଥିଲା। ୭ ମ୍ୟାଚରୁ ୪ର୍ଥ ବିଜୟ ସହ ୧୫ ପଏଣ୍ଟ ପାଇ ନେଦରଲାଣ୍ଡ୍ସ ଟେବୁଲର ଶୀର୍ଷରେ ନିଜର ସ୍ଥାନକୁ ସୁଦୃଢ଼ କରିଛି। ଅନ୍ୟପକ୍ଷରେ ସ୍ପେନ୍ ୩ ମ୍ୟାଚରୁ ତୃତୀୟ ପରାଜୟ ବରଣ କରିଛି।

# ଭାରତୀୟ କୁସ୍ତି ମହାସଂଘ ଉପରୁ ନିଲମ୍ବନ ହଟିଲା

ନୂଆଦିଲ୍ଲୀ, ୧୩।୨ (ପି.ଟି.)

ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ଉପରୁ ନିଲମ୍ବନ ଆଦେଶକୁ ହଟାଇ ଦେଇଛି। ତେବେ ଜାତୀୟ ମହାସଂଘକୁ କେତେକ ବିଷୟ ଉପରେ ଲିଖିତ ଗ୍ୟାରେଣ୍ଟି ଚାହିଁଛି। ବିଦାୟୀ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣି ବିକ୍ଷୋଭ ପ୍ରଦର୍ଶନ କରିଥିବା ୩ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ, ଭିନେଶ ଫୋଗଟ ଓ ସାକ୍ଷୀ ମଲିକଙ୍କ ପ୍ରତି କୌଣସି ବାଛବିଚାର ନ କରିବା ଲାଗି ଜାତୀୟ ମହାସଂଘଠାରୁ ଗ୍ୟାରେଣ୍ଟି ଚାହିଁଛି। ଠିକଣା ସମୟରେ ନିର୍ବାଚନ କରାଇ ନ ଥିବାରୁ ୟୁଡବ୍ଲ୍ୟୁଡବ୍ଲ୍ୟୁ ଗତ ଅଗଷ୍ଟ ୨୩ରେ ଡବ୍ଲ୍ୟୁଏଫ୍ଆଇକୁ ସସ୍‌ପେଣ୍ଡ କରିଥିଲା। ଫେବୃଆରୀ ୯ରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ବ୍ୟୁରୋ ବୈଠକ ବସିଥିଲା। ଏଥିରେ ନିଲମ୍ବନ ଆଦେଶ ସମେତ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ସମସ୍ତ ତଥ୍ୟ ଓ ସୂଚନା ଆଧାରରେ ନିଲମ୍ବନ ଉଠାଇ ନେବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଡବ୍ଲ୍ୟୁଏଫ୍ଆଇକୁ ତୁରନ୍ତ ଲିଖିତ ଗ୍ୟାରେଣ୍ଟି ଦେବାକୁ କୁହାଯାଇଛି। ଡବ୍ଲ୍ୟୁଏଫ୍ଆଇର ସମସ୍ତ ଇଭେଣ୍ଟ ବିଶେଷକରି ଅଲିମ୍ପିକ ଗେମ୍ସ ପାଇଁ ଟ୍ରାଏଲ୍ସ ଏବଂ ଅନ୍ୟ ପ୍ରମୁଖ ଜାତୀୟ ଓ ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକରେ କୌଣସି ପ୍ରକାର ବାଛବିଚାର ନ ରଖି ସମସ୍ତ କୁସ୍ତିଯୋଦ୍ଧାଙ୍କୁ ଅଂଶଗ୍ରହଣ ଲାଗି ସୁଯୋଗ ଦେବାକୁ ପଡ଼ିବ। ନିଲମ୍ବନ ଉଠିଯିବା ଦ୍ୱାରା ଭାରତୀୟ କୁସ୍ତିଯୋଦ୍ଧାମାନେ ଏଣିକି ପୂର୍ବଭଳି ଭାରତୀୟ ପତାକା ଅଧୀନରେ ପରବର୍ତ୍ତୀ ୟୁଡବ୍ଲ୍ୟୁଡବ୍ଲ୍ୟୁ ଇଭେଣ୍ଟରେ ଅଂଶଗ୍ରହଣ କରିପାରିବେ। କୁସ୍ତିର ବିଶ୍ୱ ପରିଷଦ ଆହୁରି ମଧ୍ୟ ଡବ୍ଲ୍ୟୁଏଫ୍ଆଇକୁ ଏହାର ଆଥ୍‌ଲେଟ୍ସ କମିଶନ'ର ନିର୍ବାଚନ କରାଇବା ଲାଗି କହିଛି। ଜଣେ ଆଥ୍‌ଲେଟ ଅବା ଅବସରପ୍ରାପ୍ତ ଆଥ୍‌ଲେଟ କମିଶନ ପାଇଁ ପ୍ରାର୍ଥୀ ହୋଇପାରିବେ। ସେମାନଙ୍କ କାର୍ଯ୍ୟକାଳ ୪ବର୍ଷରୁ ଅଧିକ ହେବ ନାହିଁ। କେବଳ ଆଥ୍‌ଲେଟମାନେ ଭୋଟ ଦେଇ ପାରିବେ। ଟ୍ରାଏଲ କିମ୍ବା କୌଣସି ଜାତୀୟ ଚାମ୍ପିୟନଶିପ୍ ବେଳେ ନିର୍ବାଚନ କରାଯାଇପାରିବ। କିନ୍ତୁ ତାହା ୨୦୨୪ ଜୁଲାଇ ୧ ସୁଦ୍ଧା ସମ୍ପନ୍ନ ହେବା ଉଚିତ। ୟୁଡବ୍ଲ୍ୟୁଡବ୍ଲ୍ୟୁ କୁସ୍ତିଯୋଦ୍ଧାମାନଙ୍କ ସମ୍ପର୍କରେ କହିବା ସହ ଆଗାମୀ ଦିନଗୁଡ଼ିକର ଘଟଣାକ୍ରମ ଉପରେ ନଜର ରଖିବ। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବରରେ ଅନୁଷ୍ଠିତ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନରେ ବ୍ରିଜ୍‌ଭୂଷଣଙ୍କ ଅନ୍ୟତମ ଘନିଷ୍ଠ ବୋଲି କୁହାଯାଉଥିବା ସଞ୍ଜୟ ସିଂ ନୂତନ ମୁଖ୍ୟ ଭାବେ ନିର୍ବାଚିତ ହୋଇଥିଲେ। ମାତ୍ର ଦାୟିତ୍ୱ ଗ୍ରହଣ କରିବାର ଅଳ୍ପ କିଛିଦିନ ପରେ ଜାତୀୟ କ୍ରୀଡ଼ା ସଂହିତା ଉଲ୍ଲଂଘନ ଅଭିଯୋଗରେ କ୍ରୀଡ଼ା ମନ୍ତ୍ରଣାଳୟ ଏହାକୁ ସସ୍‌ପେଣ୍ଡ କରିଥିଲା। ଏଥିସହିତ ଦେଶରେ କୁସ୍ତି ପରିଚାଳନା ପାଇଁ ଏକ ଆଡ୍‌ହକ କମିଟି ଗଠନ କରିଥିଲା। ଡବ୍ଲ୍ୟୁଏଫ୍ଆଇ କିନ୍ତୁ କ୍ରୀଡ଼ା ମନ୍ତ୍ରଣାଳୟ ନିଷ୍ପତ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲା ଏବଂ ଆଡ୍‌ହକ କମିଟି କଥାକୁ ଅମାନ୍ୟ କରିଥିଲା। ଦୁଇ ପକ୍ଷ ପୃଥକ୍ ପୃଥକ୍ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରିଥିଲେ। ଏହା କୁସ୍ତି ମହଲକୁ ଦ୍ୱନ୍ଦ୍ୱରେ ପକାଇଥିଲା।

# ମ୍ୟାଚ୍ ଅଧାରେ ଟଳିପଡ଼ିଲେ ଖେଳାଳି

**ଫୁଟ୍‌ବଲ ପଡ଼ିଆରେ ବଜ୍ରପାତ**

ଜାକର୍ତ୍ତା, ୧୩।୨ (ପି.ଟି.)

ଇଣ୍ଡୋନେସିଆରେ ଏକ ଫୁଟ୍‌ବଲ ମ୍ୟାଚ୍ ଚାଲିଥିବା ସମୟରେ ଘଟିଯାଇଛି ଅଘଟଣ। ମ୍ୟାଚ୍ ଅଧାରେ ବଜ୍ରପାତ କାରଣରୁ ଜଣେ ଖେଳାଳିଙ୍କ ପ୍ରାଣହାନି ଘଟିଛି। ଏହାର ଭିଡିଓଟି ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ମଧ୍ୟ ଲାଗିଛି। ଇଣ୍ଡୋନେସିଆର ବାନ୍ଦୁଙ୍ଗସ୍ଥିତ ସିଲିୱାଙ୍ଗି ଷ୍ଟାଡିୟମରେ ଏକ ମ୍ୟାଚ୍ ଖେଳା ଯାଉଥିଲା। ମ୍ୟାଚ୍‌ର ୩୫ ତମ ମିନିଟରେ ଏହି ଘଟଣା ଘଟିଥିଲା। ଖେଳାଳି ଜଣଙ୍କ ପଡିଆ ମଧ୍ୟରେ ଥିବାବେଳେ ଅଚାନକ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ସେ ସେଠାରେ ପଡି ଯାଇଥିବା ବେଳେ ତାଙ୍କୁ ଦଳୀୟ ଖେଳାଳିମାନେ ଡାକ୍ତରଖାନା ନେଇଥିଲେ। ସେଠାରେ ପହଞ୍ଚିବା ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଧାରଣତଃ ଏଭଳି ବଜ୍ରପାତ ଖାଲି ସ୍ଥାନରେ ହୋଇଥାଏ। ତେବେ ଷ୍ଟାଡିୟମ ପରି ଲୋକାରଣ୍ୟ ସ୍ଥାନରେ ବଜ୍ରପାତକୁ ନେଇ ପାଣିପାଗ ବିଶେଷଜ୍ଞ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।


ପଡ଼ିଆରେ ବଜ୍ରପାତ ସମୟର ଦୃଶ୍ୟ।

# ରଚନା କୁମାରୀ ୧୨ ବର୍ଷ ବାସନ୍ଦ

ନୂଆଦିଲ୍ଲୀ, ୧୩।୨ (ପି.ଟି.): ଭାରତୀୟ ହାମର ଥ୍ରୋୟର ରଚନା କୁମାରୀଙ୍କୁ ମଙ୍ଗଳବାର ୧୨ ବର୍ଷ ବାସନ୍ଦ କରିଛି ଆଥଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ୍। ଏକାଧିକ ଥର ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରତିଯୋଗିତା ବାହାରେ ରଚନାଙ୍କ ନମୁନା ନିଆଯାଇଥିବା ବେଳେ ଏଥିରୁ ଏକାଧିକ ଷ୍ଟେରଏଡ ସମ୍ପର୍କରେ ସୂଚନା ମିଳିଥିଲା। ରଚନା ଷ୍ଟାନୋଜୋଲୋଲ, ମେଟାଣ୍ଡିଏନୋନ୍, ଡିହାଇଡ୍ରୋକ୍ଲୋରୋମିଥାଇଲଟେଷ୍ଟୋଷ୍ଟେରୋନ୍ ନାମକ ଡ୍ରଗ୍ସ ସେବନ କରୁଥିବା ଜଣା ପଡିଥିଲା। ୨୪ ନଭେମ୍ବର ୨୦୨୩ ଠାରୁ ରଚନାଙ୍କୁ ୧୨ ବର୍ଷ ପାଇଁ ବାସନ୍ଦ କରାଯାଇଛି।

# ପରଲୋକରେ ବୟୋଜ୍ୟେଷ୍ଠ ଭାରତୀୟ କ୍ରିକେଟର


ଦତ୍ତାଜୀ ରାଓ ଗାଏକ୍ୱାଡ

ନୂଆଦିଲ୍ଲୀ, ୧୩।୨ (ପି.ଟି.)

ଭାରତୀୟ କ୍ରିକେଟର ସବୁଠାରୁ ବୟସ୍କ ଖେଳାଳି ଦତ୍ତାଜୀ ରାଓ ଗାଏକ୍ୱାଡଙ୍କ ମଙ୍ଗଳବାର ପରଲୋକ ଘଟିଛି। ଅନ୍ୟତମ କିମ୍ବଦନ୍ତୀ ଖେଳାଳି ବିଜୟ ହଜାରେଙ୍କ ସହ କଭର ଡ୍ରାଇଭ୍ ମ୍ୟାଚ୍ କରୁଥିବା ଦତ୍ତାଜୀ ଭାରତ ପାଇଁ ୧୧ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ମଙ୍ଗଳବାର ୯୫ ବର୍ଷ ବୟସରେ ବରୋଦାସ୍ଥିତ ବାସଭବନରେ ଦତ୍ତାଜୀଙ୍କ ପରଲୋକ ହୋଇଛି। ଦତ୍ତାଜୀଙ୍କ ପୁଅ ଅଂଶୁମାନ ଗାଏକ୍ୱାଡ ୭୦ ଦଶକରେ ଭାରତ ପାଇଁ ୪୦ ଟେଷ୍ଟ ମ୍ୟାଚ୍ ଓ ୧୫ ଦିନିକିଆ ମ୍ୟାଚ ଖେଳିଛନ୍ତି। ୫୦ ଦଶକରେ ବମ୍ବେର ଘରୋଇ ଦଳଗୁଡିକ ପାଇଁ ସେ ଥିଲେ ଅତ୍ୟନ୍ତ ବିପଜ୍ଜନକ ଖେଳାଳି। ବରୋଦା ଦଳରେ ଦତ୍ତାଜୀ ଓ ବିଜୟ ହଜାରେଙ୍କ ଉପସ୍ଥିତି ଦଳକୁ ଅତ୍ୟନ୍ତ ଶକ୍ତିଶାଳୀ କରିଥିଲା। ତେବେ ବିଜୟ ହଜାରେଙ୍କ ଉପସ୍ଥିତି କାରଣରୁ ଦତ୍ତାଜୀଙ୍କୁ ଉପଯୁକ୍ତ ସମ୍ମାନ ମିଳି ନ ଥିଲା। ୧୯୫୨ରୁ ୧୯୬୧ ମଧ୍ୟରେ ସେ ଭାରତ ପାଇଁ ୧୧ଟି ଟେଷ୍ଟ ଖେଳିଥିଲେ। ଟେଷ୍ଟରେ ତାଙ୍କର ଆଭରେଜ ୨୦ ରହିଥିଲା। ଇଂଲଣ୍ଡ ବିପକ୍ଷରେ କ୍ୟାରିୟର ଆରମ୍ଭ କରିଥିବା ବେଳେ ପାକିସ୍ତାନ ବିପକ୍ଷରେ ଖେଳିଥିଲେ ଅନ୍ତିମ ମ୍ୟାଚ୍। ଘରୋଇ କ୍ରିକେଟରେ ଜଣେ ଚମତ୍କାର ପ୍ରତିଭା ରହିଥିବା ଦତ୍ତାଜୀଙ୍କ ଅନ୍ତର୍ଜାତୀୟ କ୍ୟାରିୟର କିନ୍ତୁ ଠିକ୍ ଟ୍ରାକରେ ଆଗେଇ ପାରି ନ ଥିଲା। ଘରୋଇ କ୍ରିକେଟରେ ୧୪ ଶତକ ଓ ୪୭.୫୬ର ଆଭରେଜ ସହ ସେ ୩୧୩୯ ରନ୍ କରିଥିଲେ। ୧୯୫୯–୬୦ ସିଜନରେ ମହାରାଷ୍ଟ୍ର ବିପକ୍ଷରେ କ୍ୟାରିୟର ଶ୍ରେଷ୍ଠ ୨୪୯ ରନ୍ ସ୍କୋର କରିଥିଲେ।

ତେବେ ଭାରତୀୟ ଦଳରେ ଦତ୍ତାଜୀଙ୍କ ଚୟନକୁ ନେଇ ସେ ସମୟରେ ଅନେକ ବିବାଦ ଉଠିଥିଲା। ଭାରତୀୟ ଦଳର ମ୍ୟାନେଜର ଫତେସିଂହ ଗାଏକ୍ୱାଡଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ପାଇଁ ତାଙ୍କୁ ଭାରତୀୟ ଦଳରେ ଚୟନ କରାଯାଇଥିବା ନେଇ ଅଭିଯୋଗ ହୋଇଥାଏ। ତେବେ ଇଂଲଣ୍ଡ ସିରିଜ୍‌ରେ ତାଙ୍କ ବ୍ୟାଟିଂକୁ ଚମତ୍କାର ଭାବେ ବର୍ଣ୍ଣନା କରିଥିଲେ କ୍ରିଷ୍ଟୋଫର ମାର୍ଟିନ୍ ଜେଙ୍କିନ୍ସ। ଖାସ୍ କରି ସେ ଦତ୍ତାଜୀଙ୍କ କଭର ଡ୍ରାଇଭକୁ ପ୍ରଶଂସା କରିଥିଲେ।

# କିଟ୍ ଓଭରଅଲ୍ ଚାମ୍ପିୟନ, ଉତ୍କଳ ରନରଅପ୍

**ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ କଟକର ରେଭେନ୍ଶା ବିଶ୍ୱବିଦ୍ୟାଳୟ ପଡ଼ିଆରେ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୩–୨୪ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଭଲିବଲ, ଖୋ ଖୋ, ବାସ୍କେଟବଲ, କବାଡ଼ି, ହକି, କ୍ରିକେଟ, ଫୁଟବଲ ଆଦି ଆଉଟ୍‌ଡୋର ଗେମ୍ ଏବଂ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ଚେସ୍, କ୍ୟାରମ ଏବଂ ୱାର୍ଲ୍ଡ ଗେମ୍ସ ଆଦି ଇନ୍‌ଡୋର ଗେମ୍ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ମୋଟ ୩୭ଟି (ସରକାରୀ ଏବଂ ଘରୋଇ) ବିଶ୍ୱବିଦ୍ୟାଳୟ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ୮ଟି କ୍ରୀଡ଼ାରେ ଚାମ୍ପିୟନ ଓ ୫ଟିରେ ରନରଅପ୍ ହୋଇଛି। ଫଳରେ ଏହି ବିଶ୍ୱବିଦ୍ୟାଳୟ ଓଭରଅଲ୍ ଚାମ୍ପିୟନ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ୭ଟି ଲେଖାଏ ଇଭେଣ୍ଟରେ ଚାମ୍ପିୟନ ଓ ରନରଅପ୍ ହେବାର ସୌଭାଗ୍ୟ ପାଇଛି।

## ବିଭିନ୍ନ ଇଭେଣ୍ଟରେ ଚାମ୍ପିୟନ ଓ ରନରଅପ୍ ହୋଇଥିବା ଖେଳାଳି/ଦଳ

**ଚେସ୍ (ପୁରୁଷ):** ୧–ଫକୀର ମାଝି (କିଟ୍), ୨–ତୁଷାରକାନ୍ତ ସାହୁ (ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ)। **ମହିଳା:** ପ୍ରତ୍ୟୁଷା ପ୍ରିୟଦର୍ଶିନୀ (କିଟ୍), ଦୀପ୍ତିମୟୀ ସାହୁ (ଉତ୍କଳ)।
**ବ୍ୟାଡ୍‌ମିଣ୍ଟନ (ପୁରୁଷ ସିଙ୍ଗଲ୍ସ):** ଦେବଦତ୍ତ ବନୁଆ(ମା' ମାଣିକେଶ୍ୱରୀ), ଅରଭ ଦାସ (କିଟ୍)। **ପୁରୁଷ ଡବଲ୍ସ:** ସରୋଜ ଭୋଇ–ରାମ ଶଙ୍କର ମଲିକ (ସମ୍ବଲପୁର), ଅନୁଭବ ସାହୁ–ଧବଳେଶ୍ୱର ମେହେର(ରେଭେନ୍ଶା)। ମହିଳା ସିଙ୍ଗଲ୍ସ: ଶ୍ରୁତି ସ୍ୱାଇଁ(କିଟ୍), ମନଶା ମିଶ୍ର (ଉତ୍କଳ)। ମହିଳା ଡବଲ୍ସ: ଅନୁଜା ଦାସ ମହାପାତ୍ର–ହର୍ଷିତ ରାଉତ (କିଟ୍), ଲୋପାମୁଦ୍ରା ଦଳେଇ–ରେଜିଆ ସୁଲତାନ (ଉତ୍କଳ)।
**ଟେବୁଲ ଟେନିସ(ପୁରୁଷ ସିଙ୍ଗଲ୍ସ):** ସହିଲ ସୁମନ ଭୂୟାଁ (ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ), ଅଙ୍କୁର ବିଶ୍ୱାଳ(ସିଭି ରମଣ ବିଶ୍ୱବିଦ୍ୟାଳୟ)। **ମହିଳା ସିଙ୍ଗଲ୍ସ:** ସୁଶ୍ରୀ ପଟ୍ଟନାୟକ (ଉତ୍କଳ), ସ୍ୱୀକୃତି ଭଗତ (ରମାଦେବୀ ବିଶ୍ୱବିଦ୍ୟାଳୟ)।
**କ୍ୟାରମ(ପୁରୁଷ):** ସୌମ୍ୟ ରଞ୍ଜନ ତ୍ରିପାଠୀ(ମା' ମାଣିକେଶ୍ୱରୀ), ଅମିୟ ପ୍ରସାଦ ବାରିକ(ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର)। **ମହିଳା:** ଲୋପିତା ମହାନନ୍ଦ(ମା' ମାଣିକେଶ୍ୱରୀ), ଶୁଭଲକ୍ଷ୍ମୀ ସାହୁ (ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ)।
**ୱାର୍ଡ ଗେମ୍ (ପୁରୁଷ):** ଅରବିନ ରଥ (ରେଭେନ୍ଶା), ଶାଶ୍ୱତ ଶେଖର ବରାଳ (ମଧୁସୂଦନ ଲ' ବିଶ୍ୱବିଦ୍ୟାଳୟ)। **ମହିଳା:** ଇତିଶ୍ରୀ ସାହୁ (ରେଭେନ୍ଶା), ସୁପ୍ରିୟା ମଲିକ (ତ୍ରିମ୍ବ)।
**ଖୋ ଖୋ (ପୁରୁଷ):** ୧–କିଟ୍, ୨–ରେଭେନ୍ଶା। **ମହିଳା:** ୧–ଉତ୍କଳ, ୨–ଧରଣୀଧର।
**ଭଲିବଲ (ପୁରୁଷ):** ୧–କିଟ୍, ୨–ଉତ୍କଳ। **ମହିଳା:** ୧–କିଟ୍, ୨–ଉତ୍କଳ।
**ହକି (ପୁରୁଷ):** ୧–ଉତ୍କଳ, ୨–ସମ୍ବଲପୁର ବିଶ୍ୱବିଦ୍ୟାଳୟ। **ମହିଳା:** ୧–ସମ୍ବଲପୁର, ୨–କିଟ୍।
**ବାସ୍କେଟବଲ (ପୁରୁଷ):** ୧–ଉତ୍କଳ, ୨–କିଟ୍। **ମହିଳା:** ୧–ଉତ୍କଳ, ୨–କିଟ୍।
**କ୍ରିକେଟ (ପୁରୁଷ):** ୧–ଉତ୍କଳ, ୨–ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର। **ମହିଳା:** ୧–କିଟ୍, ୨–ଉତ୍କଳ।
**କବାଡ଼ି(ପୁରୁଷ):** ୧–ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ, ୨–ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ। **ମହିଳା:** ବ୍ରହ୍ମପୁର, ୨–କିଟ୍।
**ଫୁଟ୍‌ବଲ(ପୁରୁଷ):** ୧–ସମ୍ବଲପୁର, ୨–ଉତ୍କଳ। **ମହିଳା:** ୧–ଉତ୍କଳ, ୨–ସମ୍ବଲପୁର।


ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ହକିରେ ଚାମ୍ପିୟନ ହୋଇଥିବା ଟିମ୍ ବିଶ୍ୱାସ।


ମହିଳା ଓ ପୁରୁଷ ବିଭାଗରେ ଚାମ୍ପିୟନ କିଟ୍ ବିଶ୍ୱବିଦ୍ୟାଳୟ ଭଲିବଲ ଦଳ।

# 'ମଧୁର ବିନୟ ବଚନ, କହି ତୋଷିବ ପ୍ରାଣୀମନ'

■ ଯଶସ୍ୱିନୀ ପଟ୍ଟନାୟକ



ଆଜି ସରସ୍ୱତୀ ପୂଜା। ପିଲାମାନେ ମୁଁ ଜାଣିଛି ଏହି ପୂଜାକୁ ତୁମେମାନେ ଆଗ୍ରହ, ଭକ୍ତି ସହକାରେ ପାଳନ କରିଥାଅ, ମୁଁ ମଧ୍ୟ ତୁମପରି ବିଦ୍ୟାଳୟରେ ପଢୁଥିବାବେଳେ ଅନେକ ଖୁସି ଆଗ୍ରହର ସହ ପାଳନ କରୁଥିଲି। ସରସ୍ୱତୀ ପୂଜା ଆସିବ....ମାନେ ଢେର ଦିନ ପୂର୍ବରୁ ଆମେ ସବୁ ବଡ଼ ଖୁସିର ସହ ଅପେକ୍ଷା କରି ରହୁଥିଲୁ। ବିଦ୍ୟାଳୟ ଯିବୁ, ମା'ଙ୍କୁ ଆରାଧନା କରିବୁ, ଘରେ ନୂଆ ଡ୍ରେସ ହୋଇଥିବ, ବାରି ଓ ପଡ଼ିଶାଘରୁ ବଡ଼ି ଭୋରୁ ଫୁଲ ସବୁ ସଂଗ୍ରହ କରିଥିବୁ ଆଉ ଘର ତିଆରି ରାଶିଲଡୁ ବାରିର ଶ୍ରୀଫଳ ମାନେ ନଡ଼ିଆ ଏହି ସବୁ ଧରି ପାଠପଢ଼ା ବହି, ଖଡ଼ି ଆଉ ଝରାକଲମ ସହ ବିଦ୍ୟାଳୟମୁହାଁ ହୋଇଥାଉ। ମା'ସରସ୍ୱତୀଙ୍କ ଅନ୍ୟ ନାମ ବାଗ୍‌ଦେବୀ। ଧ୍ୱନି, ଶବ୍ଦ ବା ବାକ୍ୟ କହିବାର ମହାନ୍ ଶକ୍ତିଟି ଆମ ପାଖରେ ଯାହା ରହିଛି ତା'ର ନିୟନ୍ତା ହେଉଛନ୍ତି ଏହି ଶୁକ୍ଳବର୍ଣ୍ଣ ବସ୍ତ୍ର ପରିହିତା, ବୀଣାପୁସ୍ତକ ଧାରିଣୀ ମା'ସରସ୍ୱତୀ।

ମାଘ ଶୁକ୍ଳ ପଞ୍ଚମୀ ଅର୍ଥାତ୍ ଶ୍ରୀପଞ୍ଚମୀ ଦିନ ମାତା ସରସ୍ୱତୀଙ୍କ ପୂଜା କରାଯାଇଥାଏ। ଜ୍ଞାନ ଏବଂ ବାଣୀର ଦେବୀ ମାତା ସରସ୍ୱତୀ ଏହି ଦିନ ପ୍ରକଟ ହୋଇଥିବା ବେଦ ଓ ପୁରାଣରେ ବର୍ଣ୍ଣିତ। ସେଥିପାଇଁ ଏହି ଦିନକୁ ସରସ୍ୱତୀ ଜନ୍ମୋତ୍ସବ ଭାବେ ପାଳନ କରାଯାଇଥାଏ। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ସୃଷ୍ଟି ନିର୍ମାଣ ପରେ ଦେଖିଲେ ଯେ ତାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ସୃଷ୍ଟି ମୃତପ୍ରାୟ ଶାନ୍ତ ରହିଛି। ସୃଷ୍ଟିରେ କୌଣସି ସ୍ୱର କିମ୍ବା ବାଣୀ ନାହିଁ। ଉଦାସ ସୃଷ୍ଟିକୁ ଦେଖି ବ୍ରହ୍ମଦେବ ନିରାଶ ଏବଂ ଦୁଃଖୀ ହୋଇପଡ଼ିଲେ। ବ୍ରହ୍ମାଦେବ ପାଳନକର୍ତ୍ତା ଭଗବାନ ବିଷ୍ଣୁଙ୍କ ନିକଟକୁ ଗଲେ ଏବଂ ନିଜ ଉଦାସୀନ ସୃଷ୍ଟି ବିଷୟରେ କହିଲେ। ବ୍ରହ୍ମଦେବଙ୍କ କଥା ଶୁଣିବା ପରେ ଭଗବାନ ବିଷ୍ଣୁ ତାଙ୍କୁ ମାତା ସରସ୍ୱତୀଙ୍କ ଆହ୍ୱାନ କରିବାକୁ କହିଲେ। କେବଳ ମାତା ସରସ୍ୱତୀ ହିଁ ଏହି ସମସ୍ୟାର ସମାଧାନ କରିପାରିବେ ବୋଲି ଭଗବାନ ବିଷ୍ଣୁ କହିଲେ। ଭଗବାନ ବିଷ୍ଣୁଙ୍କ କଥନ ଅନୁଯାୟୀ ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଆହ୍ୱାନ କଲେ। ଦେବୀ ହାତରେ ବୀଣା ନେଇ ପ୍ରକଟ ହେଲେ। ବୀଣାରେ ସୃଷ୍ଟିର ସ୍ୱର ଭରିବା ଲାଗି ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଅନୁରୋଧ କଲେ। ଦେବୀ ସରସ୍ୱତୀ ବୀଣାର ତାରକୁ ଛୁଇଁବା କ୍ଷଣି ସେଥିରୁ 'ସା' ଶବ୍ଦ ଉତ୍ପନ୍ନ ହେଲା। ଏଥିରୁ ସଂଗୀତର ପ୍ରଥମ ସ୍ୱର ଜନ୍ମ ନେଲା। ସା' ସ୍ୱରର କମ୍ପନ ସହିତ ବ୍ରହ୍ମାଙ୍କ ମୂକ ସୃଷ୍ଟିରେ ଧ୍ୱନି ସଂଚରିତ ହେଲା। ବାୟୁ, ସାଗର, ପଶୁପକ୍ଷୀ ଏବଂ ଅନ୍ୟ ଜୀବଙ୍କୁ ବାଣୀ ମିଳିଗଲା। ନଦୀରେ କୁଳୁ କୁଳୁ ସ୍ୱର ଭରିଗଲା। ଏହା ଦେଖି ବ୍ରହ୍ମଦେବ ଅତ୍ୟନ୍ତ ପ୍ରସନ୍ନ ହେଲେ। ସେ ସରସ୍ୱତୀଙ୍କୁ ବାଣୀର ଦେବୀ ନାମରେ ସମ୍ବୋଧିତ କରିବା ସହ ବାଗେଶ୍ୱରୀ ନାମ ଦେଲେ। ହାତରେ ବୀଣା ଥିବା କାରଣରୁ ସେ ବୀଣାପାଣି ନାମରେ ଖ୍ୟାତ ହେଲେ। ମା'ସରସ୍ୱତୀ ହେଉଛନ୍ତି ବିଦ୍ୟା, ବୁଦ୍ଧି, ଜ୍ଞାନ ଓ ବାଣୀର ଅଧିଷ୍ଠାତ୍ରୀ ଦେବୀ।

ଭଗବତୀ ସରସ୍ୱତୀ ସତ୍‌ଗୁଣସମ୍ପନ୍ନ। ଏହାଙ୍କର ଅନେକ କାମ ରହିଛି। ଯେମିତି କି ବାକ୍, ବାଣୀ, ଗିରା, ଭାଷା, ଶରଦା, ବାବା, ବାଗୀଶ୍ୱରୀ, ବ୍ରାହ୍ମୀ, ସୋମଲତା ଓ ବାଗ୍‌ଦେବୀ ଇତ୍ୟାଦି। ପୁରାଣ ଅନୁସାରେ, ବ୍ରହ୍ମାସ୍ୱରୂପା, କାମଧେନୁ ତଥା ସମସ୍ତ ଦେବଙ୍କର ପ୍ରତିନିଧିତ୍ୱ କରିଥାନ୍ତି ବାଗ୍‌ଦେବୀ। ସେ ହେଉଛନ୍ତି ବିଦ୍ୟା, ବୁଦ୍ଧି ଓ ସରସ୍ୱତୀ। ମାଘମାସ ଶୁକ୍ଳପକ୍ଷ ବସନ୍ତ ପଞ୍ଚମୀ ତିଥିରେ ମା'ସରସ୍ୱତୀଙ୍କ ଅବତରଣ ହୋଇଥିଲା। ଏହି ତିଥିକୁ ବାଗୀଶ୍ୱରୀ ଜୟନ୍ତୀ ବା ଶ୍ରୀପଞ୍ଚମୀ ବୋଲି ମଧ୍ୟ କୁହାଯାଏ। ଏହି ଦିନ ବିଶେଷ ପୂଜାର୍ଚ୍ଚନା ତଥା ବ୍ରତୋତ୍ସବ ଦ୍ୱାରା ମା'ସରସ୍ୱତୀଙ୍କ ସାନ୍ନିଧ୍ୟ ଲାଭ କରିହୁଏ। ତେବେ ଏହି ପୂଜା କରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଶୁକ୍ଳ ଚତୁର୍ଥୀରୁ ବାଗୁପାସକ ସଂଯମ ଓ ନିୟମର ପାଳନ କରିବା ଉଚିତ। ଏହାପରେ ମାଘ ଶୁକ୍ଳ ପଞ୍ଚମୀର ପ୍ରାତଃକାଳରେ ବାଗ୍‌ଦେବୀଙ୍କୁ ଆହ୍ୱାନ କରାଯାଏ। ସରସ୍ୱତୀ ଦେବୀଙ୍କ ଏହି ବାର୍ଷିକ ପୂଜାରେ ଛୋଟ ପିଲାଙ୍କ ଅକ୍ଷର ଆରମ୍ଭ ଓ ବିଦ୍ୟାରମ୍ଭ କରାଯାଏ।

ସେ ଆମ କଣ୍ଠଦେଶରେ ବିରାଜମାନ କରି ଆମକୁ ବାଣୀ ବା ବାକ୍ୟ କହିବାର ଶକ୍ତି ପ୍ରଦାନ କରିଥାନ୍ତି। ଏଣୁ ମା'ଙ୍କର ଆରାଧନା କଲାବେଳେ ତୁମପରି ପିଲାମାନେ ଗାଇ ଉଠ ସରସ୍ୱତୀ ମା'କଣ୍ଠରେ ଥା, ବିଦ୍ୟା ନ ଆସିଲେ କହି ଦେଉଥା। ସବୁ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ହିଁ କଥା କହିବାର କ୍ଷମତା ହାସଲ କରିଛି। ଯଦିଓ କିଛି ଜୀବଜନ୍ତୁ ଅଛନ୍ତି କଥା କହିବା ଭଳି ଧ୍ୱନି ସୃଷ୍ଟି କରିପାରନ୍ତି, ତେବେ ମଣିଷ ପରି କେହି ଏଥିରେ ଧୁରନ୍ଧର ହୋଇପାରନ୍ତି ନାହିଁ। ସୁତରାଂ ବାଗ୍‌ଦେବୀଙ୍କର ତାଙ୍କ ସେହି ଶ୍ରେଷ୍ଠ ସନ୍ତାନ ପ୍ରତି ଅସୀମ କରୁଣା ରହିଛି କହିଲେ ଭୁଲ୍ ହେବନାହିଁ। ତେବେ ଏହି କରୁଣାର ଉପଯୋଗ ଆମେ କିପରି ଭାବେ କରୁଛେ ? ଆଜିକାର ସମୟରେ ଏହା ଚିନ୍ତା କରିବା ନିହାତି ଜରୁରୀ। ପଦିଏ ମଧୁର କଥା ଅନ୍ୟର କ୍ଳେଶ ହରଣ କରିଦେଉଥିବାବେଳେ ସେହି ପଦିଏ କଥା ଅନ୍ୟ ମନକୁ ବିଷାଦମୟ ତଥା ବିଷାକ୍ତମୟ କରିପାରେ। ଏହି କଥାରୁ ହିଁ ସୃଷ୍ଟି ହେଉଛି ଯାବତୀୟ କଳିତକରାଳ। ଏଣୁ ସନ୍ଥମାନେ କହିଯାଇଛନ୍ତି ବିନୟ ମଧୁର ବଚନ, କହି ତୋଷିବ ପ୍ରାଣୀମନ। ତେବେ ମଧୁର କଥା ସତ୍ୟ ଉପରେ ଆଧାରିତ ହୋଇଥିଲେ ତାହା ପ୍ରଭାବଶାଳୀ ହୋଇଥାଏ। ଏଣୁ ବିଜ୍ଞ, ସାଧୁସନ୍ଥମାନେ କଥାର ଅପବ୍ୟବହାର କରି ନ ଥାନ୍ତି। ଯାହା କହିଥାଆନ୍ତି ସତ୍ୟ ଉପରେ ଆଧାରିତ ହୋଇଥାଏ। ନିଜର ଶବ୍ଦ ଉପରେ ଏମାନେ ଏପରି ସିଦ୍ଧି ପ୍ରାପ୍ତ କରିଥାନ୍ତି ଯେ, ଯାହା କହନ୍ତି ତାହା ଫଳବତୀ ହୋଇଯାଏ। ଯାହାକୁ କୁହାଯାଏ ଆଶୀର୍ବଚନ। ଆମର ବିଶ୍ୱାସ ଅଛି ଯେ, ଯଦି କେଉଁ ଅସହାୟ, ବୟସ୍କଙ୍କୁ ନିଜର ସ୍ୱାର୍ଥ ହାସଲ ଲାଗି ହଇରାଣହରକତ କରୁ ତେବେ ସେମାନଙ୍କ ଯନ୍ତ୍ରଣାଦଗ୍ଧ ହୃଦୟର ଭାବ ଯେଉଁ ବାକ୍ୟ ରୂପେ ଉଚ୍ଚାରିତ ହୁଏ ତାହା ସତ୍ୟରେ ପରିଣତ ହୋଇଯାଏ ; ଯାହାକୁ ଅଭିଶାପ ଆଖ୍ୟା ଦିଆଯାଇଛି। ଶାସ୍ତ୍ରରେ ଶବ୍ଦକୁ ବ୍ରହ୍ମ ସହ ତୁଳନା କରାଯାଇଛି। ଯାହାର ଅଧିଷ୍ଠାତ୍ରୀ ହେଉଛନ୍ତି ମା'ସରସ୍ୱତୀ। ଏଣୁ ମା'କଳା ନିପୁଣା। ସବୁ କଳାକାର ମା'ଙ୍କୁ ଆରାଧନା କରି କଳା ସାଧନା କରିଥାନ୍ତି। ମା'ସନ୍ତୁଷ୍ଟ ହେଲେ କଳାକାରର ସାଧନା ସିଦ୍ଧ ହୋଇଥାଏ। ଏହି କ୍ରମରେ ଆମ ଓଡ଼ିଶାର ଝଙ୍କଡ଼ ଶାରଳା ପୀଠ କଳାକାରଙ୍କ ତୀର୍ଥ କ୍ଷେତ୍ର ଭାବେ ପରିଚିତ। ଏଠାରେ ମୁଖ୍ୟତଃ ପାଲାଗାୟକମାନେ ମା'ଶାରଳାଙ୍କର କରୁଣା ଭିକ୍ଷା କରିଥାନ୍ତି। ମା' ସନ୍ତୁଷ୍ଟ ହେଲେ ସେମାନେ ନିଜର କଳା ନିର୍ଭୁଲ୍ ଭାବେ ପରିବେଷଣ କରିବାର କ୍ଷମତା ହାସଲ କରିପାରନ୍ତି ବୋଲି କାହିଁ କେଉଁ କାଳରୁ ବିଶ୍ୱାସ ରହିଆସିଛି। ଆସନ୍ତୁ ସେହି ମହିମାମୟୀ ମା'ଙ୍କର ଜୟଗାନ କରିବା।

**-ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ**





































Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. $Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22) ^Mileage as per third party testing under standard conditions. **#HIPL stands for High Intensity Position Lamp.** **Finance offer is at the sole discretion of the Financier, subject to its respective T&Cs. Available at select dealerships.*Ex showroom price of Super Splendor Drum in Bhubaneswar.

**Authorized Dealers: Bhubaneswar:** Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, **Cuttack:** JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, **Angul:** Parbati Hero, Ph: 9289922902, **Balasore:** Neelam Hero, Ph: 9289922519, **Baripada:** Aditya Hero, Ph: 7799766370, **Bhadrak:** Sanjib Hero, Ph: 9289922608, **Chandikhol:** S. K. Hero, Ph: 9289922900, , **Jajpur Road:** Soumik Hero, Ph: 9289922611, **Jaleswar:** Sai Hero, Ph: 9289922844, **Jatni:** Vishal Hero, Ph: 9289922984, **Keonjhar:** Supreme Hero, Ph: 9289922182, **Nayagarh:** Bhagabati Hero, Ph: 9289922687, **Puri:** Sanjib Hero, Ph: 9289923107, **Behrampur:** Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, **Jeypore:** Supreme Hero, Ph: 9289922183, **Phulbani:** Narayani Hero, Ph: 9289922991, **Raygada:** Ajit Hero, Ph: 9289922819, **Bargarh:** Aakash Hero, Ph: 9289922181, **Bhawanipatna:** Arundhati Hero, Ph: 9289922837, **Bolangir:** Arundhati Hero, Ph: 9289923033, **Jharsuguda:** Vijaylaxmi Hero, Ph: 9289922595, **Rourkela:** Dua Hero, Ph: 9289922179, **Sambalpur:** Sri Shyam Hero, Ph: 9289922484, **Sonepur:** Jai Jawan Hero, Ph: 9289922800, **Sundergarh:** Robotech Hero, Ph: 9289923063, **Dhenkanal:** Som Hero, Ph: 9289922614, **Talcher:** Tarini Hero, Ph: 9289922736, **Authorized HeroSure Dealers: Bhubaneshwar:** Arundhati Motobikes ,Ph- 7682841658, **Rourkela:** Dua Motors, Ph- 6372753989.

WT.5683.2024ODI